# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଜୁନ୍ ୨୫/୨୦୨୦ (୨୦ ପୃଷ୍ଠା) | Rayagada, Thursday, June 25/2020 ★

୧୬ଶ ଭାଗ ୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଦ୍ରାବିଡ୍ ଭାରତର ଶ୍ରେଷ୍ଠ ଟେଷ୍ଟ ବ୍ୟାଟ୍ସମ୍ୟାନ**

ୱିଜଡେନ ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ଅନ୍‌ଲାଇନ୍ ଭୋଟିଂରେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ରାହୁଲ ଦ୍ରାବିଡ୍ ଭାରତର ଶ୍ରେଷ୍ଠ ଟେଷ୍ଟ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଛନ୍ତି।

୨୦

୦୮

**ସୁଶାନ୍ତ ସିଂଙ୍କୁ କାଟ୍ରିନାଙ୍କ ପ୍ରଶଂସା**

ଅଭିନେତା ସୁଶାନ୍ତ ସିଂଙ୍କୁ କ୍ୟାଟ୍ରିନା କୈଫ୍ ବେଶ୍ ପସନ୍ଦ କରନ୍ତି। ସେ ତାଙ୍କ ଅଭିନୀତ ଫିଲ୍ମ 'ଏମ୍‌ଏସ୍ ଧୋନି : ଦି ଅନ୍‌ଟୋଲ୍ଡ ଷ୍ଟୋରି'ର ବହୁତ ବଡ଼ ଫ୍ୟାନ୍ ବୋଲି କହିଛନ୍ତି।



# ବ୍ଲ୍ୟୁ-ହ୍ୱିଲ ହସ୍ପିଟାଲ ସିଲ୍

- ନିୟମ ଉଲ୍ଲଂଘନ ଅଭିଯୋଗ
- ଦିନକରେ ଭୁବନେଶ୍ୱରରେ ୧୬ ହସ୍ପିଟାଲ କର୍ମଚାରୀ ଚିହ୍ନଟ
- ରାଜ୍ୟରେ ୨୪ ଘଣ୍ଟାରେ ୨୮୨ ନୂଆ ଆକ୍ରାନ୍ତ
- ଗଞ୍ଜାମରେ ହଜାରେ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା
- ସୁସ୍ଥ ହେଲେ ଆଉ ୧୩୫

**ଭୁବନେଶ୍ୱର, ୨୪।୬(ବ୍ୟୁରୋ)**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି। ଦିନକୁ ଦିନ ଅଧିକରୁ ଅଧିକ କରୋନା ଯୋଦ୍ଧା ସଂକ୍ରମିତ ହେବାରେ ଲାଗିଛନ୍ତି। ଏବେ ହସ୍ପିଟାଲ ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଥିବାବେଳେ ଇତିମଧ୍ୟରେ ଆଗଧାଡ଼ିର ଯୋଦ୍ଧା କୁହାଯାଉଥିବା ବହୁ ଡାକ୍ତର ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହେଲେଣି। ରାଜଧାନୀ ଭୁବନେଶ୍ୱରରେ ଚିହ୍ନଟ ହେଉଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ହସ୍ପିଟାଲ କର୍ମଚାରୀ ରହିଥିବାବେଳେ ଏମାନଙ୍କ ସଂସ୍ପର୍ଶରେ ଆସି ବହୁ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ବିଶେଷକରି କୋଭିଡ୍-୧୯ ନିୟମ ଉଲ୍ଲଂଘନ କରାଯାଉଥିବାରୁ ହସ୍ପିଟାଲରେ ସଂକ୍ରମଣ ବଢ଼ୁଥିବା କୁହାଯାଉଛି। ଏହିକ୍ରମରେ ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ଥିବା ଘରୋଇ ବ୍ଲ୍ୟୁ-ହ୍ୱିଲ୍ ହସ୍ପିଟାଲ୍‌କୁ ବୁଧବାର ଭୁବନେଶ୍ୱର ମହାନଗର ନିଗମ(ବିଏମସି) ସିଲ୍ କରିଛି। ଏହାସହ ସମ୍ପୃକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଗତ ୨୦ ତାରିଖରେ ଏହି ଡାକ୍ତରଖାନାର ଜଣେ କର୍ମଚାରୀଙ୍କ ନମୁନା ପଜିଟିଭ୍ ଆସିଥିଲା। ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ଏବେ ମୋଟ ୨୭ଜଣ କର୍ମଚାରୀ



କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବିଳମ୍ବ ପଦକ୍ଷେପ ଯୋଗୁ ଆହୁରି ବହୁ କର୍ମଚାରୀ ଓ ରୋଗୀ ସଂକ୍ରମଣର ଶିକାର ହୋଇଥିବା ମଧ୍ୟ କୁହାଯାଉଛି। ଭୁବନେଶ୍ୱରରେ ଜୁନ୍ ୫ରେ ଏମ୍‌ସର ଜଣେ କର୍ମଚାରୀ କରୋନା ଚିହ୍ନଟ ହୋଇଥିଲେ। ଏହାପରଠାରୁ ସହରର ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରୁ ମୋଟ ୪୮ଜଣ କର୍ମଚାରୀ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇସାରିଲେଣି। ଅପରପକ୍ଷରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ୨୮୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୫୬ ଜଣଙ୍କୁ ସଙ୍ଗରୋଧ ☞ପୃଷ୍ଠା-୪

# ଥାନାରେ ରଖି ନାବାଳିକାଙ୍କୁ ବଳାତ୍କାର

## ଆଇଆଇସି ମୁଖ୍ୟ ଖଳନାୟକ

- ସରକାରୀ ଡାକ୍ତରଖାନାରେ ଗର୍ଭପାତ
- ଥାନା ଅଧିକାରୀଙ୍କ ସମେତ ୫ ଜଣଙ୍କ ନାମରେ ମାମଲା, ତଦନ୍ତ ଜାରି
- ନାବାଳିକାଙ୍କ ବୟାନ ରେକର୍ଡ କଲେ ଏଏସ୍‌ପି

**ସୁନ୍ଦରଗଡ଼, (ଡିଏନ୍‌ଏ)/ ରାଉରକେଲା ଅଫିସ,୨୪।୬**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝି ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଥାନା ଉପର ମହଲାରେ ରଖି ନିୟମିତ ବଳାତ୍କାର କରି ଆସୁଥିଲେ। ଯେତେବେଳେ ସମ୍ପୃକ୍ତ ନାବାଳିକା ଗର୍ଭବତୀ ହେବା ଜଣାପଡିଲା ଥାନା ବାବୁଙ୍କ ମୁଣ୍ଡ ଆଉ କାମ କଲାନି। ପାଖରେ ଥିବା ସରକାରୀ ପିଏଚ୍‌ସିରେ ପ୍ରଭାବ ପକାଇ ଗର୍ଭପାତ କରାଇଲେ। ଏହି ଘଟଣା ଏବେ ସମଗ୍ର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଏବଗା ଥାନାରେ ବୀରମିତ୍ରପୁର ଥାନା ଅଧିକାରୀ ମାଝି, ସହ ଅଭିଯୁକ୍ତ ଏସ୍‌ଆଇ ଦୋଳମଣି ନାୟକ ଓ ସରକାରୀ ଡାକ୍ତର, ଝିଅର ସାବତ ବାପା ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ନାମରେ ଏତଲା ଦେଇଛନ୍ତି। ଏନେଇ ଏକ ମାମଲା(ନଂ.୪୧/୨୦୨୦) ଧାରା ୩୨୫(୨)(ଏନ)/୩୭୬/୩୧୩/୬ପୋକ୍ସୋ ଆଇନରେ ରୁଜୁ କରାଯାଇଛି। ସେମାନଙ୍କ ମଧ୍ୟରୁ ସରକାରୀ ଡାକ୍ତର ଫେରାର ଥିବା ସୂଚନା ମିଳିଛି। ନାବାଳିକାଙ୍କ ବୟାନ ରେକର୍ଡ କରିଛନ୍ତି ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ। ବୁଧବାର ଏନେଇ ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ର ପରିସ୍ଥିତି



ଆଇଆଇସି ଆନନ୍ଦ ଚନ୍ଦ୍ର ମାଝି

ଅନୁଧ୍ୟାନ କରିଛନ୍ତି । ଜିଲାପାଳ ନିଖିଳ ପବନ କଲ୍ୟାଣ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୨୫ତାରିଖରେ ମେଳା ଦେଖିବାକୁ ସମ୍ପୃକ୍ତ ନାବାଳିକା ବୀରମିତ୍ରପୁର ଆସିଥିଲେ। ହେଲେ କରୋନା କଟକଣା ପାଇଁ ମେଳା ବନ୍ଦ ହୋଇ ଯାଇଥିଲା। ନାବାଳିକା ଜଣଙ୍କ କୌଣସି କାରଣରୁ ଆଉ ଗାଁକୁ ଫେରି ପାରି ନ ଥିଲେ। ବୀରମିତ୍ରପୁର ବସ୍‌ଷ୍ଟାଣ୍ଡ ପାଖରେ ସେ ବୁଲାବୁଲି କରୁଥିଲେ। ପାଟ୍ରୋଲିଂରେ ଥିବା ପୋଲିସ ତାଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ପରେ ଥାନାବାବୁ ନାବାଳିକାଙ୍କୁ ଥାନା ଉପର ମହଲାରେ ରଖିଥିଲେ। ସେଦିନ ଥାନା ଅଧିକାରୀ ଝିଅଟିକୁ ବଳାତ୍କାର କରିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ପରଦିନ ନାବାଳିକାଙ୍କୁ ତାଙ୍କ ଘରକୁ ନେଇ ଛାଡି ଦିଆଯାଇଥିଲା। ଏହା ପରେ ୩ମାସ କାଳ ନିୟମିତ ସମ୍ପୃକ୍ତ ନାବାଳିକାଙ୍କୁ ଥାନାକୁ ଡକା ଯାଉଥିଲା। ନିୟମିତ ଭାବେ ତାଙ୍କୁ ଥାନାର ଉପର ମହଲାରେ ରହିବାକୁ ଦିଆଯାଉଥିଲା। ଥାନା ବାବୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିବା ଅଭିଯୋଗ ହୋଇଛି।

ଗତ ୧୬ତାରିଖରେ ଝିଅଟି ନିଜର ଶାରୀରିକ ଅସୁସ୍ଥତା ନେଇ ବୀରମିତ୍ରପୁର ଡାକ୍ତରଖାନାକୁ ଆସିଥିଲେ। ଏକଥା ଜଣାପଡିବା ପରେ ଥାନାବାବୁ ଭୟଭୀତ ହୋଇ ତରବରିଆ ଭାବେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଇଥିବା ନାବାଳିକା ଜଣକ ତାଙ୍କ ବୟାନରେ କହିଛନ୍ତି। ଗର୍ଭପାତ ପରେ ତାଙ୍କୁ ଡ୍ରେସ ଓ ୨ହଜାର ଟଙ୍କା ଦେଇ ଛାଡି ଦିଆଯାଇଥିଲା। ହେଲେ ଘରକୁ ଫେରିବାର ଦିନକ ପରେ ନାବାଳିକାଙ୍କ ରକ୍ତସ୍ରାବ ବଢି ଯାଇଥିଲା। ଏମିତି ଅବସ୍ଥାରେ ତାଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍) ନେଇ ଆସିଥିଲେ। ଘଟଣା ପ୍ରଘଟ ପରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଓ ଚାଇଲ୍ଡ ଲାଇନକୁ ହସ୍ତକ୍ଷେପ କରିବାକୁ ପଡିଥିଲା। ଚାଇଲ୍ଡ ଲାଇନ ପାଖରେ ଏହି ୧୩ ବର୍ଷର ନାବାଳିକା ଜଣକ ନିଜର ଦୁଃଖ ଜଣାଇବା ପରେ ଘଟଣା ଲୋକ ଲୋଚନକୁ ଆସିଥିଲା।






# ଆର୍‌ବିଆଇ ପରିସରକୁ ଆସିଲା ସମବାୟ ବ୍ୟାଙ୍କ

- କେନ୍ଦ୍ର କ୍ୟାବିନେଟ୍ ଦେଲା ମଞ୍ଜୁରୀ
- ରିଜର୍ଭ ବ୍ୟାଙ୍କକୁ ମିଳିଲା ଅଧିକ କ୍ଷମତା

ନୂଆଦିଲ୍ଲୀ,୨୪।୬ : ସମବାୟ ବ୍ୟାଙ୍କଗୁଡ଼ିକର ପରିଚାଳନାକୁ ନେଇ ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ଦେଶରେ ଥିବା ୧୪୮୨ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଏବଂ ୫୮ ମଲ୍ଟି ଷ୍ଟେଟ କୋ-ଅପରେଟିଭ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ପରିସରକୁ ଆସିଛି। ସମବାୟ ବ୍ୟାଙ୍କଗୁଡ଼ିକ ଉପରେ ତତ୍ତ୍ୱାବଧାନ ରଖିବା ଲାଗି କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କକୁ ଅଧ୍ୟାଦେଶ ଦ୍ୱାରା ନୂଆ କ୍ଷମତା ପ୍ରଦାନ କରିଛନ୍ତି। ଘରୋଇ ବଜାରର ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ କ୍ଷେତ୍ରରେ ଯେଉଁ ଭଳି ଭାବେ କେନ୍ଦ୍ରୀୟ ବ୍ୟାଙ୍କ ନିୟମ ଲାଗୁ ହେଉଛି ବର୍ତ୍ତମାନ ସମବାୟ ବ୍ୟାଙ୍କଗୁଡ଼ିକ ଲାଗି ମଧ୍ୟ ଉକ୍ତ ନିୟମ ପରିସରକୁ ଆସିବେ। ବୁଧବାର ଖବରଦାତା କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ☞ପୃଷ୍ଠା-୪

**ଜନ୍ମବେଦିରେ ଲୀଳାମୟ**



**ଦିଲ୍ଲୀରେ ପେଟ୍ରୋଲଠାରୁ ଡିଜେଲ ମହଙ୍ଗା**

**୧୪ ପ୍ରକଳ୍ପ ପାଇଁ ୪,୫୧୪ ହେକ୍ଟର ଜଙ୍ଗଲ ବଳି**

☞ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ଲୋପ ପାଇବ ହାତୀବଂଶ

**ଆଜିର ମନ୍ତବ୍ୟ**

" ଏନ୍‌ସିପି ସୁପ୍ରିମୋ ଶରଦ ପାୱାର ରାଜନୈତିକ ଭାବେ ବିରୋଧୀ ହୋଇଥିଲେ ହେଁ ସେ ଆମର ଶତ୍ରୁ ନୁହନ୍ତି।

**-ଦେବେନ୍ଦ୍ର ଫଡନବିସ୍, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ**






ଉତ୍ତରପ୍ରଦେଶର ଉନ୍ନାଓ ଜିଲାରେ ବେଆଇନ ବାଲି ଚାଲାଣ କରୁଥିବା ମାଫିଆ ଗୋଷ୍ଠୀଙ୍କ ବିରୋଧରେ ସ୍ୱର ଉଠାଇଥିବା ଶୁଭମ୍ ମଣି ତ୍ରିପାଠୀ (୨୫) ନାମକ ଜଣେ ଖବରଦାତାଙ୍କୁ ଗୁଳିକରି ହତ୍ୟା କରାଯାଇଛି। କାନପୁରସ୍ଥିତ 'କମ୍ପୁ ମେଲ୍' ଖବରକାଗଜରେ ସେ କାର୍ଯ୍ୟ କରୁଥିଲେ। ଗଙ୍ଗାଘାଟ ଅଞ୍ଚଳରେ ସେ ଜଣେ ବନ୍ଧୁଙ୍କ ସହ ବାଇକ୍‌ରେ ଫେରୁଥିବାବେଳେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଟଳିପଡ଼ିଥିଲେ।

# ମହାକାଶ କାର୍ଯ୍ୟକ୍ରମରେ ଘରୋଇ କ୍ଷେତ୍ରକୁ ସୁଯୋଗ

**ନୂଆଦିଲ୍ଲୀ,୨୪।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକ ବସି ମହାକାଶ କ୍ଷେତ୍ରରେ ବଡ଼ ସଂସ୍କାର ଆଣିବା ଲାଗି ଐତିହାସିକ ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟର ଏହି ଅନୁମୋଦନ ଫଳରେ ମହାକାଶ ସମ୍ପତ୍ତି ସମସ୍ତଙ୍କ ପାଇଁ ମୁକ୍ତ ରହିବ ଏବଂ ମହାକାଶ କାର୍ଯ୍ୟକ୍ରମର ସବୁ ବିଭାଗରେ ଘରୋଇ ସେକ୍ଟର ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଏଥିପାଇଁ ଇଣ୍ଡିଆନ ନ୍ୟାଶନାଲ ସ୍ପେସ୍ ପ୍ରମୋଶନ ଆଣ୍ଡ ଅଥରାଇଜେଶନ (ଆଇଏନ୍-ସ୍ପେସ୍) ନାମରେ ନୂଆ ମହାକାଶ ବୋର୍ଡ ପ୍ରତିଷ୍ଠା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ଭାରତକୁ ଆତ୍ମନିର୍ଭର କରିବା ସହ ପ୍ରଯୁକ୍ତି କ୍ଷେତ୍ରରେ ଅତ୍ୟାଧୁନିକ କରାଇବା ନେଇ ପ୍ରଧାନମନ୍ତ୍ରୀଙ୍କର ସ୍ୱପ୍ନକୁ ସାକାର କରିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ନୂତନ ବୋର୍ଡ ଘରୋଇ କମ୍ପାନୀଗୁଡ଼ିକୁ ଭାରତୀୟ ମହାକାଶ ଭିତ୍ତିଭୂମି ବ୍ୟବହାର କରିବା ଲାଗି ସମାନ ସୁବିଧା ଯୋଗାଇଦେବ ବୋଲି ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଉତ୍ସାହପୂର୍ଣ୍ଣ ନୀତି ଏବଂ

## ଐତିହାସିକ ସଂସ୍କାରକୁ କ୍ୟାବିନେଟ ମଞ୍ଜୁରୀ



ଅନୁକୂଳ ନିୟାମକ ପରିବେଶ ମାଧ୍ୟମରେ ବୋର୍ଡ ଘରୋଇ ସଂସ୍ଥାଗୁଡ଼ିକର କାର୍ଯ୍ୟକୁ ମାର୍ଗଦର୍ଶନ ଦେବ। ତେବେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପୂର୍ବଭଳି କାର୍ଯ୍ୟ କରିବ ଏବଂ ନବଗଠିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟୁ ସ୍ପେସ୍ ଇଣ୍ଡିଆ ଲିଃ (ଏନ୍‌ଏସ୍‌ଆଇଏ)ର ଭୂମିକା ବଢ଼ିବ ବୋଲି ଜିତେନ୍ଦ୍ର କହିଛନ୍ତି। ସଂସ୍କାର ଫଳରେ ଇସ୍ରୋ ଗବେଷଣା ଓ ବିକାଶ କାର୍ଯ୍ୟ, ନୂତନ ପ୍ରଯୁକ୍ତି, ମହାକାଶକୁ ମାନବ ପ୍ରେରଣ କାର୍ଯ୍ୟକ୍ରମ ଉପରେ ଅଧିକ ଧ୍ୟାନ ଦେବ।

- ପ୍ରତିଷ୍ଠା ହେବ ନୂଆ ମହାକାଶ ବୋର୍ଡ ଆଇଏନ୍-ସ୍ପେସ୍
- ମହାକାଶକୁ ମାନବ ପ୍ରେରଣ କାର୍ଯ୍ୟକ୍ରମ ଉପରେ ଅଧିକ ଧ୍ୟାନଦେବ ଇସ୍ରୋ
- ପ୍ରଯୁକ୍ତି କ୍ଷେତ୍ରରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ବିଶ୍ୱ ପ୍ରଯୁକ୍ତିର ପାୱାରହାଉସ୍ ହୋଇପାରିବ ଭାରତ

ଗ୍ରହ ସମ୍ବନ୍ଧୀୟ କେତେକ ଆବିଷ୍କାର କାର୍ଯ୍ୟକ୍ରମରେ ଘରୋଇ ସେକ୍ଟରକୁ ମଧ୍ୟ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

ମହାକାଶ ସେକ୍ଟରରେ ସଫଳତା ହାସଲ କରିଥିବା ଅଳ୍ପ କେତୋଟି ଦେଶ ମଧ୍ୟରେ ଭାରତ ରହିଛି। ନୂଆ ସଂସ୍କାର ଫଳରେ ଏହି କ୍ଷେତ୍ରକୁ ଅଧିକ ଶକ୍ତି ଓ ଗତିଶୀଳତା ମିଳିବ, ଯାହା ଦେଶକୁ ମହାକାଶ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବାରେ ସହାୟକ ହେବ। ଏହା କେବଳ ମହାକାଶ ସେକ୍ଟରର ବିକାଶକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ବିଶ୍ୱ ମହାକାଶ ଅର୍ଥନୀତିରେ ଭାରତୀୟ ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାରେ ସହାୟକ ହୋଇପାରିବ। ଫଳରେ ପ୍ରଯୁକ୍ତି କ୍ଷେତ୍ରରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଭାରତ ବିଶ୍ୱ ପ୍ରଯୁକ୍ତିର ପାୱାରହାଉସ୍ ହୋଇପାରିବ।

## ୧୫ ହଜାର କୋଟିର ଭିତ୍ତିଭୂମି ପାଣ୍ଠି

**ନୂଆଦିଲ୍ଲୀ,୨୪।୬(ପି.ଟି.)**



ଗୋପାଳନ, କୁକୁଡ଼ା ଚାଷ ଏବଂ ମାଂସ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ଘରୋଇ ସଂସ୍ଥାଗୁଡ଼ିକ ନେଇଥିବା ଋଣ ଉପରେ ୩% ପର୍ଯ୍ୟନ୍ତ ସୁଧ ସରକାର ଭରଣା କରିବେ। ଏଥିପାଇଁ କେନ୍ଦ୍ର ସରକାର ୧୫,୦୦୦ କୋଟି ଟଙ୍କାର ଭିତ୍ତିଭୂମି ପାଣ୍ଠିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଦେଶରେ ଦୁଗ୍ଧ ଉତ୍ପାଦନ ଓ ରପ୍ତାନି ବଢ଼ାଇବା ସହ ୩୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି କୁହାଯାଉଛି। କରୋନା ଜନିତ ଲକ୍‌ଡାଉନ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ସହାୟତା କରିବା ଲାଗି କେନ୍ଦ୍ର ସରକାର ୨୦ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଥିଲେ। ନୂତନ ଭିତ୍ତିଭୂମି ପାଣ୍ଠି ତାହାର ଅଂଶବିଶେଷ ବୋଲି ପ୍ରାଣୀ ସମ୍ପଳ ମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି। ଡାଏରୀ, କୁକୁଡ଼ାପାଳନ ଓ ମାଂସ ପ୍ରକ୍ରିୟାକରଣ ଭିତ୍ତିଭୂମି ସ୍ଥାପନ କରୁଥିବା ଘରୋଇ ସଂସ୍ଥାକୁ ପ୍ରଥମ ଥର ପାଇଁ ଋଣ ଉପରେ ୩ ପ୍ରତିଶତ ପର୍ଯ୍ୟନ୍ତ ସୁଧ ସରକାର ଭରଣା କରିବେ ବୋଲି ସେ କହିଛନ୍ତି।

# ମୋଦିଙ୍କ ଉପରେ ୭୩ ପ୍ରତିଶତଙ୍କ ଆସ୍ଥା ରହିଛି

**ନୂଆଦିଲ୍ଲୀ,୨୪।୬(ଆଇଏଏନ୍‌ଏସ୍)**

## ଜାତୀୟ ସୁରକ୍ଷା ପ୍ରସଙ୍ଗ



ଭାରତ ଓ ଚାଇନା ମଧ୍ୟରେ ସୀମାକୁ ନେଇ ଉତ୍ତେଜନା ଲାଗି ରହିଥିବାବେଳେ ଭାରତର ପାଖାପାଖି ୭୩ ପ୍ରତିଶତ ଜନସାଧାରଣ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଆଇଏଏନ୍‌ଏସ୍-ସିଭୋଟର ସର୍ଭେ ଅନୁଯାୟୀ ବର୍ତ୍ତମାନର ସ୍ଥିତିକୁ ସମ୍ଭାଳିବାରେ ମୋଦି ଯଥେଷ୍ଟ ସମର୍ଥ ହେବେ ବୋଲି ୭୨.୬ ପ୍ରତିଶତ ମତ ଦେଇଛନ୍ତି। ମୋଦି କିଛିଟା ସମର୍ଥ ହୋଇପାରିବେ ବୋଲି ୧୬.୨ ପ୍ରତିଶତ କହିଥିବାବେଳେ ୧୧.୨ ପ୍ରତିଶତଙ୍କର ପ୍ରଧାନମନ୍ତ୍ରୀଙ୍କ ଉପରେ ଆସ୍ଥା ନାହିଁ। ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି, କମ୍ ଶିକ୍ଷା ଓ ଅଧିକ ରୋଜଗାର କରୁଥିବା ପୁରୁଷମାନେ ଜାତୀୟ ସୁରକ୍ଷା ନେଇ ମୋଦିଙ୍କ ଉପରେ ସର୍ବାଧିକ ଆସ୍ଥାପ୍ରକଟ କରିଛନ୍ତି। ଏନ୍‌ଡିଏର ୮୨.୬ ପ୍ରତିଶତ ଭୋଟର ମୋଦିଙ୍କ ଉପରେ ଆସ୍ଥା ରଖୁଥିବାବେଳେ ୫୧.୧ ପ୍ରତିଶତ ବିରୋଧୀ ଭୋଟର ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଉପରେ ଆସ୍ଥାବାନ ଅଛନ୍ତି। ଉଚ୍ଚଶିକ୍ଷିତ, ମୁସଲମାନ, ଶିଖ୍ ଏବଂ ୨୫ରୁ ୪୫ ବର୍ଷ ବୟସ ବର୍ଗର ଯୁବ ପିଢ଼ିଙ୍କର ମୋଦିଙ୍କ ଉପରେ ଆସ୍ଥା ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ କୂଟନୈତିକ ବିଫଳତା ଯୋଗୁ ସୀମାରେ ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଥିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଆସୁଥିବାବେଳେ ତାଙ୍କ ଉପରେ ଆସ୍ଥା ନ ଥିବା ୬୧ ପ୍ରତିଶତ କହିଛନ୍ତି। ଜାତୀୟ ସୁରକ୍ଷା ନେଇ ମାତ୍ର ୧୪.୪% ରାହୁଲଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି।

# ହାଜତରେ ବାପ-ପୁଅଙ୍କ ମୃତ୍ୟୁ

**ତୁତିକୋରିନ୍ (ତାମିଲନାଡୁ), ୨୪।୬**

## ରିପୋର୍ଟ ମାଗିଲେ ହାଇକୋର୍ଟ

ତାମିଲନାଡୁର ସଥନକୁଲମ୍ ପୋଲିସଷ୍ଟେଶନରେ ବାପା-ପୁଅଙ୍କ ହାତଜ ମୃତ୍ୟୁକୁ ନେଇ ପରିସ୍ଥିତି ସରଗରମ୍ ହୋଇପଡ଼ିଛି। ଏହାକୁ ବିରୋଧ କରି ବୁଧବାର ଜିଲାର ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ମାଡ୍ରାସ ହାଇକୋର୍ଟର ମଦୁରାଇ ଖଣ୍ଡପୀଠ ପକ୍ଷରୁ ଏନେଇ ରିପୋର୍ଟ ତଲବ କରାଯାଇଛି। ଜୁଲାଇ ୨୬ ସୁଦ୍ଧା ଏ ସମ୍ପର୍କୀତ ରିପୋର୍ଟ ଦାଖଲ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ପ୍ରଶାସନ ପକ୍ଷରୁ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ପୋଲିସ ହାଜରେ ପ୍ରାଣ ହରାଇଥିବା ବାପା-ପୁଅ ହେଲେ ପି. ଜୟରାଜ ଓ ଜେ. ଫେନିକ୍ସ। ଲକ୍‌ଡାଉନ୍ ବେଳେ ଏହି ଦୁଇ ବ୍ୟବସାୟୀ ମୋବାଇଲ ଦୋକାନ ଖୋଲିଥିବାରୁ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ଦୁହିଁଙ୍କୁ ହାଜରେ ରଖି ନିସ୍ଠୁର ମାଡ଼ ମାରିଥିବା ଅଭିଯୋଗ କରାଯାଇଥିଲା। ସବ୍‌ଜେଲରେ ଫେନିକ୍ସ ରକ୍ତାକ୍ତ ହେବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ କୋଭପଟ୍ଟି ହସ୍ପିଟାଲକୁ ନିଆଯାଇଥିଲା। ସୋମବାର ତାଙ୍କର ମୃତ୍ୟୁ ହୋଇଥିବାବେଳେ ମଙ୍ଗଳବାର ତାଙ୍କ ବାପାଙ୍କ ପ୍ରାଣ ଚାଲିଯାଇଥିଲା। ୨ ପୋଲିସ ଏସ୍‌ଆଇଙ୍କ ବିରୋଧରେ ହତ୍ୟା ମାମଲା ରୁଜୁକରିବା ଲାଗି ପରିବାର ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମୃତଦେହ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଛି। ଏହି ଘଟଣାକୁ ନେଇ ଡିଏମ୍‌କେ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ରାଜ୍ୟ ସରକାର ମୃତକଙ୍କ ପରିବାରକୁ ସହଯୋଗ କରନ୍ତୁ ବୋଲି ଏମ୍‌ପି କାନିମୋଝି ଦାବି କରିଛନ୍ତି।

## ଓବିସି କମିଶନଙ୍କ କାର୍ଯ୍ୟକାଳ ୬ ମାସ ବଢ଼ିଲା

ନୂଆଦିଲ୍ଲୀ,୨୪।୬(ପି.ଟି.): ଓବିସି କମିଶନଙ୍କ କାର୍ଯ୍ୟକାଳ ଆଉ ୬ ମାସ ବଢ଼ାଇବା ଲାଗି କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଅନ୍ୟାନ୍ୟ ପଛୁଆ ବର୍ଗ ସମ୍ପର୍କରେ ବିଭିନ୍ନ ସୁପାରିସ କରିବା ଲାଗି ଏହି କମିଶନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ କରୋନା ମହାମାରୀ ଯୋଗୁ କମିଶନଙ୍କ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଅନ୍ୟାନ୍ୟ ପ୍ରସଙ୍ଗ ବ୍ୟତୀତ ପଛୁଆ ବର୍ଗ ମଧ୍ୟରେ ଉପବର୍ଗଗୁଡ଼ିକର ଯାଞ୍ଚ କରିବା ଲାଗି କମିଶନଙ୍କୁ କୁହାଯାଇଥିଲା। କାର୍ଯ୍ୟ ଶେଷ ହୋଇ ନ ଥିବାରୁ କମିଶନଙ୍କ କାର୍ଯ୍ୟକାଳ ୨୦୨୧ ଜାନୁୟାରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ସୂଚନା ଦେଇଛନ୍ତି।

# ଭାରତର ସ୍ୱତନ୍ତ୍ର ବିମାନ ଉପରେ ଆମେରିକା କଟକଣା

**ୱାଶିଂଟନ,୨୪।୬**

କୋଭିଡ୍-୧୯ ଯୋଗୁ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିଥିବାବେଳେ ଆମେରିକାରେ ଅଟକି ରହିଥିବା ଭାରତୀୟଙ୍କୁ ଫେରାଇ ଆଣିବା ଲାଗି ଏୟାର ଇଣ୍ଡିଆ ସ୍ୱତନ୍ତ୍ର ବିମାନ ବ୍ୟବସ୍ଥା କରିଥିଲା। ଆମେରିକା ସରକାର ଏହା ଉପରେ କଟକଣା ଲଗାଇଛନ୍ତି। ଦୁଇଦେଶ ମଧ୍ୟରେ ରହିଥିବା ବିମାନ ଚଳାଚଳ ଚୁକ୍ତିନାମାର ଏହା ଉଲ୍ଲଂଘନ ବୋଲି ଆମେରିକା ଅଭିଯୋଗ କରିବା ସହ ଏହାକୁ ଅନୁଚିତ ଓ ଭେଦଭାବପୂର୍ଣ୍ଣ କାର୍ଯ୍ୟ ବୋଲି କହିଛି। ଆମେରିକାରେ ଅଟକି ରହିଥିବା ଭାରତୀୟ ନାଗରିକଙ୍କୁ ଆଣିବା ଲାଗି ଏୟାରଇଣ୍ଡିଆ ଚାର୍ଟାର୍ଡ ବିମାନ ବ୍ୟବସ୍ଥା କରିଥିବାବେଳେ ସାଧାରଣ ଲୋକଙ୍କୁ ମଧ୍ୟ ଟିକେଟ ବିକ୍ରି କରୁଥିଲା ବୋଲି ପରିବହନ ବିଭାଗ ଅଭିଯୋଗ କରିଛି। ଭାରତକୁ ଆମେରିକା ବିମାନ ଉଠାଣ ଉପରେ ଭାରତୀୟ ବିମାନ ଚଳାଚଳ କର୍ତ୍ତୃପକ୍ଷ ନିଷିଦ୍ଧାଦେଶ ଲଗାଇଥିବାରୁ ଏହା ଆମେରିକାର ଏୟାରଲାଇନ୍ସ ପାଇଁ ପ୍ରତିଯୋଗିତାଗତ କ୍ଷତି ପହଞ୍ଚାଇବ ବୋଲି ପରିବହନ ବିଭାଗ (ଡିଓଟି) ଅଭିଯୋଗ କରିଛି। ପ୍ରକୃତରେ ଏୟାର ଇଣ୍ଡିଆ ବିମାନ କେବଳ ଅଟକି ରହିଥିବା ଭାରତୀୟ ନାଗରିକଙ୍କୁ ନେବା ପାଇଁ ଆସୁନାହିଁ, ବରଂ ଅନ୍ୟ ଯାତ୍ରୀ ପରିବହନ ଉଦ୍ଦେଶ୍ୟରେ ଆସୁଥିବାରୁ କଟକଣା ଲାଗୁ କରାଯାଇଛି। ୩୦ ଦିନରେ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବିମାନ ଉଡ଼ାଣ ପକ୍ଷରୁ ଭାରତୀୟ ଏୟାରଲାଇନ୍ସଗୁଡ଼ିକୁ ଡିଓଟିରେ ଆବେଦନ କରିବାକୁ ପଡ଼ିବ। ଭାରତ ଆମେରିକା ବିମାନ ଉପରୁ କଟକଣା ଉଠାଇଲେ ୱାଶିଂଟନ ଲଗାଇଥିବା କଟକଣାର ପୁନର୍ବିଚାର କରିବ ବୋଲି ଡିଓଟି କହିଛି।

## ମେକ୍ସିକୋ ଭୂକମ୍ପରେ ୬ ମୃତ

**ମେକ୍ସିକୋ ସିଟି, ୨୪।୬**

ଦକ୍ଷିଣ ମେକ୍ସିକୋରେ ବୁଧବାର ସକାଳେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଛି। ଏଥିରେ ୬ ଜଣ ପ୍ରାଣ ହରାଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ପ୍ରାୟ ୫୦୦ ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ଭୂକମ୍ପ ଯୋଗୁ ବିଦ୍ୟୁତ ସରବରାହରେ ବ୍ୟାଘାତ ଘଟିବାରୁ ପ୍ରାୟ ୨୫ ଲକ୍ଷ ଲୋକ ଅନ୍ଧାରରେ ରହିଥଇବା ଜଣାପଡ଼ିଛି। ସାଲିନା କ୍ରୁଜ୍ ନିକଟସ୍ଥ ଏକ ତୈଳ ବିଶୋଧନାଗାରରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ହୁଆତୁଲ୍‌କୋ ରିସର୍ଟରେ ବ୍ୟାପକ କ୍ଷତି ହୋଇଥିବା ପ୍ରକାଶ। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୭.୪ ଥିବା ଜଣାପଡ଼ିଛି। ଏହା ପରେ ଶତାଧିକ ଥର ଭୂକମ୍ପ ଆସିଥିବା କୁହାଯାଇଛି। ଅନେକ କୋଠାରେ ଫାଟ ସୃଷ୍ଟି ହୋଇଛି। ଚର୍ଚ୍ଚ, ବ୍ରିଜ୍, ରାସ୍ତାଘାଟ ଆଦି ବିଶେଷ ଭାବେ କ୍ଷତି ହୋଇଛି।

## ପାକ୍ ବିମାନ ଦୁର୍ଘଟଣା ମନୁଷ୍ୟକୃତ ତ୍ରୁଟି

ଇସ୍‌ଲାମାବାଦ,୨୪।୬: ପାକିସ୍ତାନ ଏୟାରଲାଇନ୍ସର ଏକ ବିମାନ ଗତ ମାସରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୯୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପାଇଲଟ ଓ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍‌ର ତ୍ରୁଟି ଯୋଗୁ ଘଟିଥିଲା ବୋଲି ବୁଧବାର ପ୍ରକାଶିତ ରିପୋର୍ଟରୁ ଜଣାପଡିଛି। ମେ' ୨୨ରେ ପାକିସ୍ତାନ ବିମାନ କରାଚୀ ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ଏହାର ଦୁଇଟିଯାକ ଇଞ୍ଜିନ୍ ଅକାମୀ ହୋଇଯାଇଥିଲା। ପାଇଲଟ ଏବଂ କଣ୍ଟ୍ରୋଲର ମାନକ ନିୟମାବଳୀର ଅନୁପାଳନ କରି ନ ଥିଲେ ବୋଲି ବିମାନ ଚଳାଚଳ ମନ୍ତ୍ରୀ ଗୁଲାମ ସରୱାର ଖାନ୍ ପାର୍ଲାମେଣ୍ଟରେ କହିଛନ୍ତି। ବିମାନ ଅବତରଣ ବେଳେ ପାଇଲଟ ଦ୍ୱୟ କରୋନା ସମ୍ପର୍କରେ କଥା ହେଉଥିଲେ।

# ଭର୍ତ୍ତୃହରିଙ୍କୁ ମିଳିବ ସଂସଦରତ୍ନ ପୁରସ୍କାର

**ଚେନ୍ନାଇ, ୨୪।୬**

ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ପାର୍ଲାମେଣ୍ଟର ୧୦ ସଦସ୍ୟଙ୍କୁ ୨୦୨୦ର ସଂସଦରତ୍ନ ପୁରସ୍କାର ଦିଆଯିବ। ସପ୍ତଦଶ ଲୋକ ସଭାର ପ୍ରଥମ ବର୍ଷରେ ସେମାନଙ୍କ ବିଭିନ୍ନ କାର୍ଯ୍ୟଦକ୍ଷତାକୁ ଭିତ୍ତିକରି ଏଭଳି ସମ୍ମାନ ପ୍ରଦାନ କରାଯାଉଥିବା ପ୍ରାଇମ୍ ପଏଣ୍ଟ ଫାଉଣ୍ଡେଶନ ପକ୍ଷରୁ ବୁଧବାର ପ୍ରକାଶ କରାଯାଇଛି। ଏହି ପୁରସ୍କାର ଲୋକ ସଭାର ୮ ଓ ରାଜ୍ୟ ସଭାର ୨ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ପୂର୍ବତନ ରାଷ୍ଟ୍ରପତି ଡଃ. ଏ.ପି.ଜେ. ଅବଦୁଲ କଲାମ୍‌ଙ୍କ ପରାମର୍ଶକ୍ରମେ ପ୍ରାଇମ୍ ପଏଣ୍ଟ ଫାଉଣ୍ଡେଶନ ପକ୍ଷରୁ ୨୦୧୦ରୁ ସଂସଦରେ ସର୍ବୋତ୍କୃଷ୍ଟ କାର୍ଯ୍ୟଦକ୍ଷତା ଦେଖାଇଥିବା ସଦସ୍ୟଙ୍କୁ



ପୁରସ୍କୃତ କରାଯାଇଆସୁଛି। ଏହାର ପ୍ରଥମ ସଂସ୍କରଣ ଡଃ କଲାମ୍‌ଙ୍କ ଦ୍ୱାରା ୨୦୧୦ ମେ'ରେ କରାଯାଇଥିଲା।

ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ଅନ୍ୟ ଲୋକ ସଭା ସଦସ୍ୟମାନେ ହେଲେ ପି. ସି. ଗଡିଗୌଦର, ସୁପ୍ରିୟା ସୁଲେ, ସୁଭାଷ ରାମରାଓ ଭାମ୍ରେ, ଅମୋଲ ରାମସିଂ କୋହ୍ଲେ, ଶଶୀ ଥରୁର୍, ନିଶିକାନ୍ତ ଦୁବେ, ଅଜୟ ମିଶ୍ର ଓ ରାମ୍ ମୋହନ ନାଇଡୁ।

## ଲୋକ ସଭାର ୮ ଓ ରାଜ୍ୟ ସଭାର ୨ ସଦସ୍ୟ ମନୋନୀତ

ସେହିଭଳି ରାଜ୍ୟ ସଭାରୁ ସମାଜବାଦୀ ପାର୍ଟି ସାଂସଦ ବିଶ୍ୱମ୍ଭର ପ୍ରସାଦ ନିଶାଦ ଓ କଂଗ୍ରେସ ସାଂସଦ ଛାୟା ବର୍ମା ଏଥିଲାଗି ମନୋନୀତ ହୋଇଛନ୍ତି। ଚଳିତବର୍ଷ ପ୍ରଥମ ଥର ଲାଗି ରାଜ୍ୟ ସଭା ସଦସ୍ୟଙ୍କୁ ସ୍ଥାନ ମିଳିଛି। ଷୋଡ଼ଶ ଲୋକ ସଭାରେ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଦେଖାଇଥିବା ବିଜେଡିର କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ କେତେଜଣ ସାଂସଦଙ୍କୁ ସମ୍ମାନିତ କରାଯିବ। ପ୍ରକାଶଥାଉ କି, ପ୍ରତି ୫ ବର୍ଷରେ ଥରେ ଏହି ସମ୍ମାନ ପ୍ରଦାନ କରାଯାଇଥାଏ।





କୋଲକାତାରେ ଚଳନ୍ତା ଟ୍ରକ୍ ପଛପଟେ ବସି ମୋବାଇଲରେ କଥା ହେଉଛନ୍ତି ଜଣେ ଶ୍ରମିକ।

# ରୁଷିଆ ପରେଡ୍‌ରେ ଭାରତୀୟ ଯବାନ

**ମସ୍କୋ,୨୪।୬(ପି.ଟି.)**

ରୁଷିଆର ବିଜୟ ଦିବସ ପରେଡ୍‌ର ୭୫ତମ ବାର୍ଷିକୀ ଉତ୍ସବରେ ଭାରତୀୟ ସେନାର ୭୫ ଯବାନ ସାମିଲ ହୋଇଥିବାରୁ ସେ ଅତ୍ୟନ୍ତ ଗର୍ବିତ ବୋଲି ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟର ଆମନ୍ତ୍ରଣକ୍ରମେ ଉକ୍ତ ଉତ୍ସବରେ ଯୋଗଦେବା ପାଇଁ ରାଜନାଥ ୩ ଦିନିଆ ମସ୍କୋ ଗସ୍ତରେ ଯାଇଛନ୍ତି। ୧୯୪୧-୪୫ ଯୁଦ୍ଧରେ ସୋଭିଏଟ୍ ଜନସାଧାରଣଙ୍କର ବିଜୟର ୭୫ତମ ବାର୍ଷିକୀ ଅବସରରେ ମସ୍କୋର ରେଡ୍ ସ୍କୋୟାରରେ ବିଜୟ ଦିବସ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରୁଷିଆ ଓ ଭାରତ ସହ ଅନ୍ୟ ୧୭ଟି ଦେଶର ସୈନ୍ୟ ଅଂଶଗ୍ରହଣ କରିଥିଲେ।




ମସ୍କୋର ରେଡ୍ ସ୍କୋୟାରରେ ବିଜୟ ଦିବସ ପରେଡ୍‌ରେ ସାମିଲ ଭାରତୀୟ ଯବାନ।

# ପଶ୍ଚିମବଙ୍ଗରେ ଜୁଲାଇ ୩୧ ଯାଏ ଲକ୍‌ଡାଉନ

**ନୂଆଦିଲ୍ଲୀ, ୨୪।୬**

- ଦେଶରେ ୧୪,୮୮୪ ଜୀବନ ଗଲାଣି
- ୪.୭୧ ଲକ୍ଷରୁ ଅଧିକ ଲୋକ ଆକ୍ରାନ୍ତ
- ୭୩.୫ ଲକ୍ଷ ସାମ୍ପଲ ଟେଷ୍ଟ ହେଲାଣି
- ଦିନକରେ ୧୫ ହଜାରରୁ ଅଧିକ ନୂଆ ମାମଲା



ମହାମାରୀ କରୋନା ସମସ୍ତଙ୍କ ହୋସ୍ ଉଡ଼ାଇ ଦେଇଛି। ବିଶେଷ କରି ଗତ କିଛିଦିନ ହେବ ଦେଖାଦେଇଥିବା ଉଗ୍ର ସଂକ୍ରମଣ ସ୍ଥିତି ଯୋଗୁ ଦେଶରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ଅହେତୁକ ଭାବେ ବଢ଼ିବାରେ ଲାଗିଛି। ମଙ୍ଗଳବାର ୧୫,୬୬୫ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ବୁଧବାର ୧୫,୪୩୨ ହଜାର ନୂଆ ମାମଲା ଦେଖିବାକୁ ମିଳିଛି। ଦେଶରେ ୪.୭୧ ଲକ୍ଷରୁ ଅଧିକ କରୋନା ରୋଗୀ ରହିଥିବା ଜଣାପଡ଼ିଛି। ୧୪,୮୮୪ ଲୋକଙ୍କ ଜୀବନ ନେଲାଣି ଏହି ପ୍ରାଣଘାତୀ ଭୂତାଣୁ। ମହାରାଷ୍ଟ୍ର ପରେ ଏବେ ରାଜଧାନୀ ଦିଲ୍ଲୀ ଓ ତାମିଲନାଡୁ ସ୍ଥିତି ଜଟିଳ ହେବାରେ ଲାଗିଛି। ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୩୯ ହଜାର ଟପିଥିବାବେଳେ ୬,୫୩୧ ଜଣଙ୍କ ଜୀବନ ଗଲାଣି। ରାଜଧାନୀ ଦିଲ୍ଲୀରେ ୭୦ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଥିବାବେଳେ ତାମିଲନାଡୁରେ ସଂକ୍ରମିତଙ୍କ ସଂଖ୍ୟା ୬୭,୫୦୦ରେ ପହଞ୍ଚିଛି। ଏହି ଦୁଇଟି ରାଜ୍ୟରେ ମୃତ୍ୟୁସଂଖ୍ୟା ଯଥାକ୍ରମେ ୨,୩୬୫ ଓ ୮୬୬କୁ ବୃଦ୍ଧିପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ୩,୭୮୮ ଓ ତାମିଲନାଡୁରେ ୨, ୮୬୫ ନୂଆ ମାମଲା ଲୋକଲୋଚନକୁ ଆସିଛି।

ଦେଶରେ ବର୍ତ୍ତମାନ ସୁଦ୍ଧା ୨.୭୦ ଲକ୍ଷ ଲୋକ ସୁସ୍ଥ ହୋଇଥିବା ବେଳେ ଆକ୍ଟିଭ୍ ମାମଲା ୧. ୮୬ ଲକ୍ଷରୁ ଅଧିକ ରହିଛି। ପ୍ରବାସୀଙ୍କ ଆଗମନ ସହ ଲକ୍‌ଡାଉନ୍ ହଟିବା ଫଳରେ ଏଭଳି ଉଗ୍ର ସଂକ୍ରମଣ ଦେଖାଦେଇଥିବା କୁହାଯାଉଛି। ଭାରତରେ ଏପର୍ଯ୍ୟନ୍ତ ୭୩.୫ ଲକ୍ଷ ଲୋକଙ୍କ କରୋନା ପରୀକ୍ଷା କରାଯାଇଥିବା ଆଇସିଏମ୍‌ଆର୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଗୁଜରାଟ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ ସ୍ଥିତି ମଧ୍ୟ ଜଟିଳ ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗରେ ଲକ୍‌ଡାଉନ୍ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧିକରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେ ପର୍ଯ୍ୟନ୍ତ ସମସ୍ତ ସ୍କୁଲ, କଲେଜ ବନ୍ଦ ରହିବ ବୋଲି ସର୍ବଦଳୀୟ ବୈଠକ ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ପଶ୍ଚିମବଙ୍ଗରେ କରୋନା ୫୮୦ ଜଣଙ୍କ ଜୀବନ ନେଇଥିବା ବେଳେ ପ୍ରାୟ ୧୫ ହଜାର ସଂକ୍ରମିତ ଅଛନ୍ତି।

## ଟିଏମ୍‌ସି ବିଧାୟକଙ୍କ ମୃତ୍ୟୁ



**କୋଲକାତା,୨୪।୬**

କରୋନା ସଂକ୍ରମଣରେ ବୁଧବାର ସକାଳେ ଟିଏମ୍‌ସି ବିଧାୟକ ତାମୋନାସ୍ ଘୋଷ(୬୪)ଙ୍କ ପରଲୋକ ଘଟିଛି। ତାମୋନାସ୍‌ଙ୍କ ନମୁନା ରିପୋର୍ଟ କରୋନା ପଜିଟିଭ୍ ଆସିବା ପରେ ତାଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଫାଲତା ବିଧାନସଭା ଆସନରୁ ୩ ଥର ନିର୍ବାଚିତ ହୋଇଥିଲେ। ତାଙ୍କ ମୃତ୍ୟୁରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକବ୍ୟକ୍ତ କରିଛନ୍ତି। ଦଳକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମମତା କହିଛନ୍ତି।

**କରୋନା କ୍ଷେତ୍ରରେ ଖର୍ଚ୍ଚ ହୋଇପାରିବ ବିଧାୟକ ପାଣ୍ଠି**

ଭୁବନେଶ୍ୱର,୨୪।୬(ବ୍ୟୁରୋ): ରାଜ୍ୟ ସରକାର ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ପୂର୍ବ ନିୟମ ବାଦ୍ ଅନ୍ୟ କେତେଗୁଡ଼ିଏ କାର୍ଯ୍ୟରେ ବିଧାୟକ ପାଣ୍ଠି ବ୍ୟବହାର କରିହେବ ବୋଲି ଘୋଷଣା କରାଯାଇଛି। ଏବେ କରୋନା ମୁକାବିଲା ଲାଗି ଯେଉଁସବୁ ସ୍ଥାନରେ ଲୋକଙ୍କୁ କାମରେ ଲଗାଇବାର ଆବଶ୍ୟକତା ପଡିବ, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ କ୍ରୟ ସାମଗ୍ରୀ, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ପାଇଖାନା ନିର୍ମାଣ, ରୋଗୀଙ୍କ ପରିବହନ ଲାଗି ଆମ୍ବୁଲାନ୍ସ ଭଡାରେ ନେବା ସହିତ ଅନ୍ୟାନ୍ୟ ଗାଡି ବ୍ୟବହାର ଲାଗି ଅର୍ଥ, ଖାଦ୍ୟ ସାମଗ୍ରୀ, ସହିତ ସଫେଇ କାର୍ଯ୍ୟ, ୱାର୍ଡ ଜଗିବାକୁ ଗଜୁଆଲି ଆଦି ଲାଗି ଯେତେ ଅର୍ଥ ଖର୍ଚ୍ଚ କରିପାରିବେ।




# ଆଜି ହୀରାକୁଦ ଡ୍ୟାମ୍‌ରୁ ନିଷ୍କାସନ ହେବ ପ୍ରଥମ ବନ୍ୟାଜଳ

ସମ୍ବଲପୁର,୨୪।୬(ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ଗୁରୁବାର ଛଡ଼ାଯିବ। ପୂର୍ବାହ୍ନ ୧୦ଟା ପରେ ଯେକୌଣସି ସମୟରେ ଫାଟକ ଖୋଲାଯାଇ ପାରେ ବୋଲି ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏନେଇ ସମ୍ବଲପୁର ଜିଲା ସମେତ ମହାନଦୀ ତଟରେ ବସବାସ କରୁଥିବା ଜନସାଧାରଣଙ୍କୁ ଅବଗତ କରାଯାଇଛି। ମହାନଦୀକୁ ମାଛ ମାରିବା ପାଇଁ ଯାଉଥିବା ଲୋକଙ୍କୁ ବାରଣ କରଯାଇଛି।

ବୁଧବାର ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍‌ରେ ୬୧୭.୦୮ ଫୁଟ ଜଳସ୍ତର ରହିଥିଲା। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୪ହଜାର ୬୫୬ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୧୫ ହଜାର ୪୫୮ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ଫଳରେ ତଳମୁଣ୍ଡ ବେଲଗାଁରେ ୩୦ ହଜାର କ୍ୟୁସେକ୍, ପର୍ଥଲାରେ ୭୦.୩୯୬ କ୍ୟୁସେକ, ଖଇରମାଳରେ ୧,୨୧,୬୦୦ କ୍ୟୁସେକ, ବରମୁଳାରେ ୧ ଲକ୍ଷ ୧୧ ହଜାର ଓ ମୁଣ୍ଡଳିରେ ୩୭ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି।

ସୂଚନାଯୋଗ୍ୟ, ଚଳିତବର୍ଷ ଧାର୍ଯ୍ୟ ସମୟ ଜୁନ୍‌ରେ ମୌସୁମୀ ବର୍ଷା ହୋଇଛି। ତେଣୁ ଜଳସ୍ତର ବୃଦ୍ଧି ପାଇଛି। ତେଣୁ ବିଗତ କିଛି ବର୍ଷର ରେକର୍ଡ ଭାଙ୍ଗି ଜୁନ ମାସରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ମିଳିଥିବା ରିପୋର୍ଟ ଅନୁସାରେ ୧୯୫୪, ୧୯୬୧, ୧୯୬୩, ୧୯୬୪, ୧୯୭୦, ୧୯୭୧, ୧୯୭୭, ୧୯୮୦, ୧୯୮୬, ୧୯୯୩, ୧୯୯୪, ୧୯୯୮,୨୦୦୪ ଜୁନରେ ହୀରାକୁଦ ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା।




# ଜନ୍ମବେଦିରେ ଲୀଳାମୟ

ପୁରୀ ଅଫିସ,୨୪।୬


ଶ୍ରୀଜଗନ୍ନାଥଙ୍କୁ ଆଡ଼ପମଣ୍ଡପକୁ ବିଜେ କରି ନିଆଯାଉଛି।

- ଆଜିଠୁ ବାହାରିବ ଆଡ଼ପ ଅବଢ଼ା
- ଭକ୍ତଙ୍କୁ ମିଳିବନି ଆଡ଼ପ ଦର୍ଶନ

ଶେଷରେ ଲୀଳାମୟଙ୍କ ପୂରଣ ହୋଇଛି ଇଚ୍ଛା। ଜନ୍ମବେଦିରେ ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଶରଧାବାଲିରେ ଗୋଟିଏ ରାତି ଏବଂ ଗୋଟିଏ ଦିନ ରଥରେ ରହିଲେ ଜଗତଠାକୁର। କିନ୍ତୁ ଭକ୍ତଙ୍କ ପାଇଁ ନ ଥିଲା ଦର୍ଶନ ସୁଯୋଗ। ତେବେ ବୁଧବାର ସନ୍ଧ୍ୟାରେ ଗୋଟି ପହଣ୍ଡିରେ ଯାଇ ଆଡ଼ପମଣ୍ଡପରେ ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଜନ୍ମବେଦିରେ ଲୀଳା କରିବେ ଲୀଳାମୟ, ଆଉ ବାହାରିବ ଆଡ଼ପ ଅବଢ଼ା। ହେଲେ ଭକ୍ତଙ୍କୁ ମିଳିବନି ଆଡ଼ପ ଦର୍ଶନ। କାରଣ ଭକ୍ତ-ଭଗବାନଙ୍କ ମଧ୍ୟରେ କରୋନା ଟାଣିଛି ଲକ୍ଷ୍ମଣରେଖା।

ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅର୍ଥାତ୍ ମଙ୍ଗଳବାର ଭଉଣୀଭାଇଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ବାହାରିଥିଲେ କଳା ସାଆନ୍ତ। ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଥିଲା ରଥ। ସଞ୍ଜ ନଇଁବା ପୂର୍ବରୁ ଚତୁର୍ଦ୍ଧାବିଗ୍ରହ ପହଞ୍ଚି ଯାଇଥିଲେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ। ଶରଧାବାଲିରେ ଲାଗିଥିଲା ତିନିରଥ। ଦାରୁବିଗ୍ରହମାନେ ବୁଧବାର ଦିନତମାମ୍ ରଥାରୂଢ଼ ରହିଲେ। ରଥ ଉପରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ହେଲା। ମଙ୍ଗଳ ଆଳତିଠାରୁ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ଅପରାହ୍ନ ୫ଟା ମଧ୍ୟରେ ଶେଷ ହୋଇଥିଲା। ଏହାପରେ ଦାରୁଦେବତାଙ୍କ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ତିନିରଥରୁ ଘୋଡ଼ା ଫିଟାଯାଇ ବନ୍ଧା ଯାଇଥିଲା ଚାରମାଳ। ଅପରାହ୍ନ ୫ଟା ୨୭ରେ ପୁଷ୍ପାଞ୍ଜଳି ସରି ବାଜିଥିଲା ବିଜେ କାହାଳି। ୫ଟା ୩୫ରେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ଆଡ଼ପ ମଣ୍ଡପକୁ ବିଜେ ହୋଇଥିଲେ। ଅପରାହ୍ନ ୫ଟା ୫୫ରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଗୋଟି ପହଣ୍ଡିରେ ଆଡ଼ପ ମଣ୍ଡପ ନେଇଥିଲେ ସେବକ। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳୁହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ପରେ ସନ୍ଧ୍ୟା ସାଢେ ୬ଟାରେ ବଡ଼ଠାକୁର ଶ୍ରୀବଳଭଦ୍ର ଏବଂ ୭ଟା ୨୫ରେ ହଳଦୀମୁଖୀ ଦେବୀ ସୁଭଦ୍ରା ଜନ୍ମବେଦିକୁ ଗୋଟି ପହଣ୍ଡିରେ ବିଜେ କରିଥିଲେ। ଶେଷରେ ରାତି ୮ଟା ୫ରେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ରାତି ୮ଟା ୨୦ରେ ମହାପ୍ରଭୁ ସିଂହଦ୍ୱାର ଅତିକ୍ରମ କରି ଆଡ଼ପ ମଣ୍ଡପକୁ ବିଜେ କରିଥିଲେ। ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ସେଠାରେ ଠାକୁରମାନଙ୍କ ଟାହିଆ ଲାଗି ହୋଇଥିଲା। ପତି ମହାପାତ୍ର ସେବକ ଘଷା ଏବଂ ବିଡିଆ ମଣୋହୀ କରିବା ସହିତ କର୍ପୂର ଆଳତି କରିଥିଲେ। ଏହାପରେ ଗୋଟି ପହଣ୍ଡିରେ ଜଣକ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ।

ଗୁରୁବାରଠାରୁ ବାହାରିବ ଆଡ଼ପ ଅବଢ଼ା। ଗୁଣ୍ଡିଚା ମନ୍ଦିର ରୋଷଘରେ ପ୍ରସ୍ତୁତ ହେବ ଏହି ଅବଢ଼ା । କିନ୍ତୁ ମନ୍ଦିର ଭିତରକୁ ଭକ୍ତଙ୍କ ଦର୍ଶନ ବନ୍ଦ ଥିବାରୁ ପୂର୍ବରୁ ଯେଉଁଭଳି ଭାବେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁମାନେ ସୁଆର ସେବକଙ୍କ ସହ ଯୋଗାଯୋଗ କରି ପାଉଥିଲେ ଏଠି ମଧ୍ୟ ସେହିଭଳି ପାଇପାରିବେ। କିନ୍ତୁ କେହି ମନ୍ଦିର ଭିତରକୁ ଯାଇପାରିବେ ନାହିଁ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଗୁରୁବାର ଭୋର ୫ଟାରେ ଦ୍ୱାରଫିଟା ହୋଇ ଭିତର ଶୋଧ ସରିବା ପରେ ମଙ୍ଗଳ ଆଳତି ହେବ। ଏହାପରେ ଅନ୍ୟାନ୍ୟ ନୀତି ଚାଲି ପୂର୍ବାହ୍ନ ସାଢେ ୧୦ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ସକାଳ ଧୂପ ଏବଂ ସାଢେ ୧୨ଟାରୁ ଅପରାହ୍ନ ସାଢେ ୧ଟା ମଧ୍ୟରେ ଭୋଗମଣ୍ଡପ ସରିବ ବୋଲି ସମୟ ନିର୍ଘଣ୍ଟ ହୋଇଛି।

# ଦିଲ୍ଲୀରେ ପେଟ୍ରୋଲଠାରୁ ଡିଜେଲ ମହଙ୍ଗା

ନୂଆଦିଲ୍ଲୀ,୨୪।୬

**ଭାରତ ବଜାରରେ ପ୍ରଥମ**

ଘରୋଇ ବଜାରରେ ପ୍ରଥମ ଥର ପାଇଁ ପେଟ୍ରୋଲଠାରୁ ଡିଜେଲର ଦର ମହଙ୍ଗା ହୋଇଛି। ବୁଧବାର ଡିଜେଲ ଉପରେ ଲିଟର ପିଛା ଦର ୪୮ ପଇସା ବୃଦ୍ଧି ପାଇଛି। ସେହି ହିସାବରେ ପୂର୍ବ ତୁଳନାରେ ପେଟ୍ରୋଲ ଦର ମଧ୍ୟ ସ୍ଥିର ରହିଛି। ବର୍ତ୍ତମାନ ଡିଜେଲ ଦର କ୍ରମାଗତ ଭାବେ ବୃଦ୍ଧି ପାଇବା ଫଳରେ ଲିଟର ପିଛା ୧୦.୫୦ ଟଙ୍କା ବଢ଼ିଛି। ଏହାର ପ୍ରଭାବ ତୈଳ ବଜାର ଉପରେ ପଡୁଛି। ଏହି ଦର ବୃଦ୍ଧି ଫଳରେ ବୁଧବାର ନୂଆଦିଲ୍ଲୀରେ ପେଟ୍ରୋଲ ଦର ଅପରିବର୍ତ୍ତିତ ୭୯.୭୬ ଟଙ୍କା ଥିବା ବେଳେ ଡିଜେଲ ଦର ୭୯.୪୦ ଟଙ୍କାରୁ ବୃଦ୍ଧି ହୋଇ ୭୯.୮୮ ଟଙ୍କାରେ ପହଞ୍ଚିଛି। ଗତ ୧୮ଦିନ ମଧ୍ୟରେ ଦିଲ୍ଲୀରେ ପେଟ୍ରୋଲ ଉପରେ ଲିଟର ପିଛା ୯.୪୧ ଟଙ୍କା ଏବଂ ଡିଜେଲ ଉପରେ ୯.୫୮ ଟଙ୍କା ବଢ଼ିଛି। ସେହିଭଳି ଭୁବନେଶ୍ୱରର ପେଟ୍ରୋଲ ଲିଟର ପିଛା ୮୦.୩୧ ଟଙ୍କା ଓ ଡିଜେଲ ଲିଟର ପିଛା ୭୮.୦୪ ଟଙ୍କା ଛୁଇଁଛି। ଦେଶର କରୋନା ସଂକ୍ରମଣ ସମୟରେ କ୍ରମାଗତ ତେଲ ଦର ବୃଦ୍ଧି ସବୁ ବର୍ଗର ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ଗତ ୧୮ ଦିନ ମଧ୍ୟରେ ତେଲ ଦର ବୃଦ୍ଧି ପାଇ ଚାଲିଛି। ଅନ୍ତର୍ଜାତୀୟ ତୈଳ ବଜାରର ଦର ହ୍ରାସ ନ ହେବା ପର୍ଯ୍ୟନ୍ତ ତେଲ ଦର ବୃଦ୍ଧିରେ ରୋକ ଲାଗିବା ଅସମ୍ଭବ ବୋଲି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ସ୍ପଷ୍ଟ କରିଛନ୍ତି। କମ୍ପାନୀଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ପକ୍ଷରୁ ଲାଗୁ ହେଉଥିବା ବିଭିନ୍ନ ଶୁଳ୍କ ଯୋଗୁ ତେଲ ଦର ବୃଦ୍ଧି ହେଉଛି। ଚଳିତ ମାସ ଜୁନ ୭ ରୁ ଆଜି ପର୍ଯ୍ୟନ୍ତ (ବୁଧବାର) ଦେଶର ତେଲ ଦରରେ ବିରତି ଲାଗୁ ନାହିଁ। ଏହି ସମୟ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୮.୫୦ ଟଙ୍କା ଏବଂ ଡିଜେଲ ୧୦.୫୦ ଟଙ୍କା ବଢ଼ିଥିବା ଜଣାପଡ଼ିଛି।

# ଦୁଇଦିନ ବର୍ଷା ନାହିଁ

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ରାଜ୍ୟରେ ଦୁଇଦିନ ବର୍ଷା ହେବ ନାହିଁ। ପାଗ ଶୁଖିଲା ରହିବ। ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ। ମଧ୍ୟପ୍ରଦେଶ ଏବଂ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ୨୬ ତାରିଖରୁ ବର୍ଷା ପରିମାଣ ବଢ଼ିବ। ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

# ୧୪ ପ୍ରକଳ୍ପ ପାଇଁ ୪,୫୧୪ ହେକ୍ଟର ଜଙ୍ଗଲ ବଳି

ଭୁବନେଶ୍ୱର,୨୪।୬(ବ୍ୟୁରୋ)

**ପରିବେଶକୁ ବିପଦ ପ୍ରକଳ୍ପ**

- ଓଡ଼ିଶାରେ ଅଧିକ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି
- ୧୦ ମାସରେ ବଦଳିଛି ୧୧୪୬୭.୮୩ ହେକ୍ଟର ଜମିର କିସମ

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳି ପରିସ୍ଥିତିରେ ବୃକ୍ଷ ଓ ଜଙ୍ଗଲ ପରିବେଶକୁ ବଞ୍ଚାଇବା ଏକମାତ୍ର ବିକଳ୍ପ। ତେବେ ବିକାଶ ନାଁରେ ବିଭିନ୍ନ ପ୍ରକଳ୍ପ ପାଇଁ ଜଙ୍ଗଲ ସମ୍ପଦ ନଷ୍ଟ ହେବା ପରିବେଶ ଲାଗି ଭୟଙ୍କର ବିପଦ ସୃଷ୍ଟି କରିଚାଲିଛି। ଓଡ଼ିଶାରେ ପ୍ରତ୍ୟେକ ବର୍ଷ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ସମଗ୍ର ଦେଶରେ ଓଡ଼ିଶାରେ ଅଧିକ ଜଙ୍ଗଲ ସମ୍ପଦକୁ ନଷ୍ଟ କରାଯାଉଛି। ୨୦୧୯ ଜାନୁୟାରୀ ପହିଲାରୁ ନଭେମ୍ବର ୬ ଅର୍ଥାତ୍ ପ୍ରାୟ ୧୦ ମାସ ମଧ୍ୟରେ ଓଡ଼ିଶାରେ ସର୍ବାଧିକ ୪, ୫୧୪ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅନୁମତି ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ୨୦୧୯-୨୦ ବାର୍ଷିକ ରିପୋର୍ଟରେ ଏକଥା କୁହାଯାଇଛି।

ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଉପରୋକ୍ତ ୧୦ ମାସରେ ୨୨ ରାଜ୍ୟର ୧୧୪୬୭.୮୩ ହେକ୍ଟର (୧୧୪.୬୮ ବର୍ଗ କିଲୋମିଟର) ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରାଯାଇଛି। ଜଙ୍ଗଲ(ସଂରକ୍ଷଣ) ଆଇନ-୧୯୮୦ ଅନୁଯାୟୀ ଉକ୍ତ ସମୟ ମଧ୍ୟରେ ୯୩୨ଟି ପ୍ରକଳ୍ପ ଲାଗି ଏହି ସବୁ ଜଙ୍ଗଲ ଜମି ଧ୍ୱଂସ ପାଇଁ ପରିବେଶ ମନ୍ତ୍ରଣାଳୟ ଅନୁମତି ଦେଇଛି। ସେଥିରୁ ଓଡ଼ିଶାରେ ମାତ୍ର ୧୪ଟି ପ୍ରକଳ୍ପ ପାଇଁ ସର୍ବାଧିକ ୪, ୫୧୪ ହେକ୍ଟର ଜଙ୍ଗଲ ନଷ୍ଟ ପାଇଁ ଅନୁମତି ଦିଆଯାଇଛି। ଏହାପଛକୁ ତେଲଙ୍ଗାନାର ୧୧ ପ୍ରକଳ୍ପ ପାଇଁ ୨,୦୫୫ ହେକ୍ଟର, ଝାଡ଼ଖଣ୍ଡର ୧୧ ପ୍ରକଳ୍ପ ପାଇଁ ୮୬୯.୯୯ ହେକ୍ଟର, ମଧ୍ୟପ୍ରଦେଶର ୨୨୦ ପ୍ରକଳ୍ପ ପାଇଁ ୭୯୫.୩୬ ହେକ୍ଟର ଏବଂ ହରିୟାଣାର ୨୫୧ ପ୍ରକଳ୍ପ ପାଇଁ ୫୧୯.୫୩ ହେକ୍ଟର ଜଙ୍ଗଲକୁ ନଷ୍ଟ କରିବାକୁ ମନ୍ତ୍ରଣାଳୟ ଅନୁମତି ଦେଇଛି। ବିଶେଷ କରି ଜଳସେଚନ ପ୍ରକଳ୍ପ ଓ ଖଣି ପାଇଁ ଏତେ ପରିମାଣର ଜଙ୍ଗଲକୁ ନଷ୍ଟ କରିବାକୁ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ୨୪ ଜଳସେଚନ ପ୍ରକଳ୍ପ ପାଇଁ ୪,୨୮୭.୫୦ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିବର୍ତ୍ତନ କରାଯାଇଥିବାବେଳେ ୨୨ ଖଣି ପ୍ରକଳ୍ପ ପାଇଁ ୩,୮୪୬.୦୯ ହେକ୍ଟର ଜଙ୍ଗଲ ନଷ୍ଟ ହେବ। ସେହିପରି ୨୨୭ଟି ରାସ୍ତା ନିର୍ମାଣ ପାଇଁ ୧,୪୮୭.୮୨ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇଛି।

ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ରାଜ୍ୟକୁ ପରିବେଶ ମନ୍ତ୍ରଣାଳୟ ୩୬୧୬ଟି ପ୍ରକଳ୍ପ ପାଇଁ ୬୯,୪୧୪.୩୨ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ଅନୁମତି ଦେଇଛି। ଓଡ଼ିଶାରେ ୨୦୧୨-୧୩ରୁ ୨୦୧୯-୨୦ ମଧ୍ୟରେ ୨୬୬.୮ ଲକ୍ଷ ହେକ୍ଟର ଜଙ୍ଗଲ ଜମିକୁ ବିଭିନ୍ନ ପ୍ରକଳ୍ପ ପାଇଁ ନଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଜଙ୍ଗଲ ସୃଷ୍ଟି କରିବାକୁ କେନ୍ଦ୍ର ସରକାର ଓଡ଼ିଶାକୁ କ୍ଷତିପୂରଣ ବନୀକରଣ ପାଣ୍ଠି(କାମ୍ପା)ରୁ ୨୦୧୯-୨୦ରେ ୫,୯୩୩.୯୮ କୋଟି ଟଙ୍କା ଦେଇଥିବା ଜଣାପଡ଼ିଛି।

ବିଗତ ବର୍ଷଗୁଡ଼ିକୁ ଦେଖାଗଲେ, ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ବିପୁଳ ବୃକ୍ଷକୁ ବଳି ଦେବାକୁ ପଡ଼ିଛି। ୨୦୦୬ରୁ ୨୦୧୨ ମଧ୍ୟରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମି ନଷ୍ଟ କରାଯାଇଥିଲା। ସେହିପରି ୨୦୧୧-୧୨ରେ କେତେକ ପ୍ରକଳ୍ପ ପାଇଁ ୧୨.୨୭ ଲକ୍ଷ ବୃକ୍ଷକୁ ବଳି ଦେବାକୁ ପଡ଼ିଛି। ୨୦୧୩ ଜୁନ ସୁଦ୍ଧା ରାଜ୍ୟରେ ଖଣି ପାଇଁ ୧୮୦୭୭.୩୨୯ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଛି। ବିଭିନ୍ନ ଜିଲାରେ ରାଜ୍ୟ ସରକାର ଖଣି ଲିଜ ଧାରୀଙ୍କୁ ୫୨୦୪୦.୮୦୫ ହେକ୍ଟର ଜଙ୍ଗଲ ଜମି ଲିଜ ସୂତ୍ରରେ ଦେଇଛନ୍ତି। କେନ୍ଦୁଝର ଜିଲାରେ ସର୍ବାଧିକ ୭୯୮୦.୭୪୩ ହେକ୍ଟର ଜମି ଲିଜ୍‌ରେ ଦିଆଯାଇଥିବା ବେଳେ ସୁନ୍ଦରଗଡ ଜିଲାରେ ୪୭୧୪.୧୦୫୧୪ ହେକ୍ଟର, ଅନୁଗୋଳ ଜିଲାରେ ୧୭୩୪.୭୮୪ ହେକ୍ଟର ଏବଂ କୋରାପୁଟ ଜିଲାରେ ୧୦୩୨ ହେକ୍ଟର ଜଙ୍ଗଲ ଜମିକୁ ଲିଜ୍ ଆକାରରେ ଦିଆଯାଇଛି।

ଏତେ ଧ୍ୱଂସ ହେବା ପରେ ଓଡ଼ିଶାରେ ଜଙ୍ଗଲ ପରିମାଣ ଅଧିକ ରହିଥିବା ଜଙ୍ଗଲ ଓ ପରିବେଶ ବିଭାଗ କହୁଛି। ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୦ ଫେବୃୟାରୀ ୨୫ରେ ବିଧାନସଭାକୁ ଦେଇଥିବା ରିପୋର୍ଟ ଅନୁଯାୟୀ, ୨୦୧୯ ସୁଦ୍ଧା ରାଜ୍ୟରେ ୫୧ ହଜାର ୬୧୯ ବର୍ଗ କି.ମି. ଜଙ୍ଗଲ ଥିବା କଥା କହିଛନ୍ତି। ଖାଲି ସେତିକି ନୁହେଁ, ୨୦୧୭ ତୁଳନାରେ ୨୦୧୯ରେ ୨୭୪ ବର୍ଗ କି.ମି ଜଙ୍ଗଲ ବଢ଼ିଥିବା ସେ ଦର୍ଶାଇଛନ୍ତି। ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ୨୦୧୯ ଆକଳନ ଅନୁଯାୟୀ ରାଜ୍ୟରେ ଜଙ୍ଗଲ ଆଚ୍ଛାଦନ ପରିମାଣ ୫୧ ହଜାର ୬୧୯ କି.ମି. ଏବଂ ବୃକ୍ଷ ଆଚ୍ଛାଦନ ପରିମାଣ ୪ ହଜାର ୬୪୮ ବର୍ଗ କି.ମି ରହିଛି। ଏ ସବୁକୁ ମିଶାଇ ରାଜ୍ୟରେ ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ ପରିମାଣ ୫୬ ହଜାର ୨୬୭ ବର୍ଗ କି.ମି ରହିଥିବା ସେ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଶୁଭଶ୍ରୀ
ପରିବାରବର୍ଗ


ନୀଳାଞ୍ଚଳ
ପରିବାରବର୍ଗ


ଅଂଶୀକା
ପରିବାରବର୍ଗ


ମିହିର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଇରାନରେ ବଳି ପଡୁଛନ୍ତି ମହିଳା

**ଭାରତୀୟ ସମାଜ ତଥା ନ୍ୟାୟ ବ୍ୟବସ୍ଥାରେ ହତ୍ୟାକୁ ଜଘନ୍ୟ ଅପରାଧ ବୋଲି ବିବେଚନା କରାଯାଏ। ହେଲେ ଇରାନରେ ପରିବାରର ମହିଳା ସଦସ୍ୟଙ୍କୁ ହତ୍ୟା କରିବା ନିନ୍ଦନୀୟ ନୁହେଁ, ବରଂ ଗର୍ବ ଓ ସମ୍ମାନର କଥା। ଏଠାରେ ଆଇନର ମାପଦଣ୍ଡ ଏମିତି ଯେ, ଦୋଷୀ ଧରାପଡ଼ିଗଲେ ବି ଅତି ସହଜରେ ଖସିଯାଇପାରିବେ। ଏଭଳି ନିଷ୍ଠୁର ଆଇନ ବିରୋଧରେ ଏବେ ସ୍ୱର ଜୋର୍ ହେବାରେ ଲାଗିଥିବାବେଳେ ଚାପରେ ପଡ଼ିଛନ୍ତି ଇରାନ ସରକାର।**

## ଅନରକିଲିଂକୁ ପ୍ରୋତ୍ସାହନ ଦେଉଛି ଆଇନର ଗଳାବାଟ



> ଇରାନରେ ଅଧିକାଂଶ 'ଅନର କିଲିଂ' ମାମଲା ସାମ୍ନାକୁ ଆସି ନ ଥାଏ। ଏପରି ହତ୍ୟାକାଣ୍ଡରେ ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ହିରୋ ବୋଲି ବିବେଚନା କରାଯାଏ। ଏପରି କି ଘଟଣାରେ ଘରର ମା', ଭଉଣୀଙ୍କ ନୀରବ ସମର୍ଥନ ମଧ୍ୟ ରହିଥାଏ।
> **-ସରବାନୋ ବହରାଫ୍, ବରିଷ୍ଠ ଆଇନଜୀବୀ**

ନୂଆଦିଲ୍ଲୀ: ପୁରୁଷ ପ୍ରାଧାନ୍ୟ ଇରାନରେ 'ଓମେନ କିଲିଂ' ବା ମହିଳାଙ୍କୁ ହତ୍ୟା ଏକ ସାଧାରଣ କଥା। ଗତ ମାସରେ ୩ ଯୁବତୀଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ପରେ ଦେଶର ଚେଇଁ ଶୋଇଥିବା ସଭ୍ୟ ସମାଜର ନିଦ ଭାଙ୍ଗିଛି। ଅଭିଯୁକ୍ତ ରାଜା ଅସରଫୀ ଜଣେ ଆଇନଜୀବୀଙ୍କ ପରାମର୍ଶ କରିବା ପରେ ଜାଣିବାକୁ ପାଇଲେ ଯେ, ଦେଶରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପ୍ରତି ସେଭଳି କଠୋର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ନାହିଁ। ଏହାପରେ ସେ ନିଜର ୧୪ ବର୍ଷୀୟା ଝିଅକୁ ଅମାନୁଷିକ ଭାବେ ହତ୍ୟା କରିଦେଲେ। ଯୁବତୀଙ୍କ ଭୁଲ କେବଳ ଏହା ଥିଲା ଯେ, ସେ ରାତିରେ ବିଳମ୍ବରେ ଘରକୁ ଫେରିଥିଲେ। ଏହା ଭାତହାଣ୍ଡିରୁ ଗୋଟିଏ ଭଳି ଏକ ଦୃଷ୍ଟାନ୍ତ। ଇରାନରେ ଦୈନିକ ଏପରି ଅନେକ ଘଟଣା ଘଟୁଛି। ହେଲେ କୋହଳ ଆଇନର ଗଳାବାଟ ଦେଇ ଅଭିଯୁକ୍ତମାନେ ଅତି ସହଜରେ ଖସିଯାଉଛନ୍ତି। ଏବେ ଏପରି ଘଟଣାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଲେଣି। କେତେଜଣ ଏମିତି ବି କଟାକ୍ଷ ଆରମ୍ଭ କଲେଣି 'ଇରାନରେ ପୁରୁଷଙ୍କୁ ହତ୍ୟା କରିବାକୁ ଲାଇସେନ୍ସ ମିଳିଯାଇଛି'।

ଇରାନ ସମାଜରେ ମହିଳାଙ୍କ ସ୍ୱାଧୀନତାକୁ ଅତିମାତ୍ରାରେ ସଙ୍କୁଚିତ କରିଦିଆଯାଇଛି। ଏଠାରେ ପ୍ରେମ ବିବାହ, ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ, କୌଣସି କାରଣରୁ ଘରକୁ ବିଳମ୍ବରେ ଫେରିବା, ବାଲ୍ୟ ବିବାହ ଏବଂ ଆରେଞ୍ଜ ମ୍ୟାରେଜ ଉପରେ ପ୍ରଶ୍ନ ଉଠାଇବା ଭଳି ଘଟଣାକୁ ସମ୍ମାନହାନି ବୋଲି ବିଚାର କରାଯାଉଛି। କେବଳ ଏତିକି ନୁହେଁ, ଯଦି କୌଣସି ଯୁବତୀ ବା ମହିଳା ବଳାତ୍କାରର ଶିକାର ହୁଅନ୍ତି ତେବେ ତାଙ୍କୁ ସମବେଦନା ତ ମିଳେନାହିଁ, ଓଲଟା ହତ୍ୟାର ଶିକାର ହେବାକୁ ପଡ଼େ। ପୁରୁଷଙ୍କ କଠୋରପନ୍ଥୀ ନୀତି, ମହିଳାଙ୍କୁ ନେଇ ରହିଥିବା ଭାବନା, ଧାର୍ମିକ କଟକଣା, ଶିକ୍ଷାର ଅଭାବ, କୋହଳ ଆଇନ ହିଁ 'ଓମେନ କିଲିଂ'କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରୋତ୍ସାହିତ କରୁଥିବା ଜଣାପଡ଼ିଛି।

ଇରାନ ବାର୍ କାଉନସିଲ ପକ୍ଷରୁ ମିଳିଥିବା ଏକ ତଥ୍ୟ ଅନୁଯାୟୀ, ଦେଶର ମୋଟ ହତ୍ୟା ମାମଲା ଭିତରୁ କେବଳ ୨୦% ହେଉଛି ଅନରକିଲିଂ। ହତ୍ୟା ମାମଲାକୁ ବିଚାର କଲେ ଏହା ଏକ ବଡ଼ ଭାଗ। କୁର୍ଦ୍ଦିଶ, ଆରବ, ଲୋରୀ, ବଲୁଚୀ, ତୁର୍କୀ ଭାଷାଭାଷୀ ସଂଖ୍ୟାଲଘୁ ଆଦିବାସୀ ସମ୍ପ୍ରଦାୟରେ ଏହା ବେଶି। ସେହିପରି କୁର୍ଦ୍ଦିସ୍ତାନ, ଇଲମ ଭଳି ଅଞ୍ଚଳରେ ସମ୍ମାନ ପାଇଁ ମହିଳାଙ୍କୁ ମାରିଦେବା ମାମୁଲି କଥା। ଏହି ନିୟମରେ ସୁଧାର ଦାବି କରୁଥିବା ସ୍ୱେଚ୍ଛାସେବୀଙ୍କ କହିବା କଥା, ଘରୋଇ ହିଂସା ସମ୍ପର୍କିତ ଆଇନରେ ପରିବର୍ତ୍ତନ ଲାଗି ଦୀର୍ଘ ୮ ବର୍ଷ ହେଲା ଉଦ୍ୟମ ଚାଲିଛି। ହେଲେ ଆନ୍ତରିକତା ଅଭାବରୁ ଏହା ସେମିତି ଅଟକି ରହିଛି। ଅନରକିଲିଂ ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ଅପରାଧୀଙ୍କୁ ସର୍ବନିମ୍ନ ୩ ଏବଂ ସର୍ବାଧିକ ୧୦ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିବ। ଏପରି ସ୍ପର୍ଶକାତର ଘଟଣାକୁ ନେଇ ଇରାନ ସରକାର କାହିଁକି ଚୁପ୍ ବୋଲି ବିଶ୍ୱବ୍ୟାପୀ ପ୍ରତିକ୍ରିୟା ଦେଖାଦେଲାଣି। ଏ ସମ୍ପର୍କରେ ଦେଶର ସର୍ବୋଚ୍ଚ ନେତା ଅଲ୍ଲି ଖମନେଇ ଟୁଇଟରରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏଭଳି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି।

### ସିଭିଲ କୋଡ୍‌ରେ ବିରୋଧାଭାସ

ଇରାନ ସିଭିଲ କୋଡ୍‌ର ଆର୍ଟିକଲ ୧୦୪୩ ଅନୁଯାୟୀ, କୁମାରୀତ୍ୱ ହରାଇ ନ ଥିବା କୌଣସି ଯୁବତୀଙ୍କୁ ବିବାହ କରିବା ପୂର୍ବରୁ ଘରର ବରିଷ୍ଠଙ୍କ ସହମତି ନେବା ଅନିବାର୍ଯ୍ୟ। ଏହା ନ କଲେ ବାପାଙ୍କୁ ଦଣ୍ଡ ଦେବା ଅଧିକାର ମିଳିଛି। ଆର୍ଟିକଲ ୧୦୪୧ରେ କୁହାଯାଇଛି, ସାବାଳିକା ହେବା ପୂର୍ବରୁ ଅଭିଭାବକ ଚାହିଁଲେ ନିଜ ଝିଅର ବିବାହ କରାଇପାରିବେ। ହେଲେ ଏହି ନିଷ୍ପତ୍ତି ସମୁଦାୟଙ୍କ ହିତରେ ଥିବା ଦରକାର। ଧାରା ୧୨୧୦(୧) ଅନୁଯାୟୀ, ଇରାନରେ ଜଣେ ପୁରୁଷଙ୍କ ପାଇଁ ସାବାଳକ ହେବା ବୟସ ସୀମା ୧୫ ରଖାଯାଇଛି। ୨୦୦୨ ଯାଏ ଯୁବତୀଙ୍କ କ୍ଷେତ୍ରରେ ଏହା ୯ ବର୍ଷ ଧାର୍ଯ୍ୟଥିଲା। ୨୦୦୨ରେ ଆଇନରେ ସଂଶୋଧନ ପରେ ଏହା ୧୩ ହୋଇଛି। କେବଳ ଏତିକି ନୁହେଁ, ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ସାମାଜିକ, ସାଂସ୍କୃତିକ, ରାଜନୈତିକ ସମାନତା କଥା କୁହାଯାଇଥିବାବେଳେ ବାସ୍ତବରେ ଏହା ଆକାଶ ପାତାଳ ତଫାତ୍।

# ଫରେଷ୍ଟ କଲୋନୀରେ ଭୟଙ୍କର ବିସ୍ଫୋରଣ


ବିସ୍ଫୋରଣରେ କ୍ଷତିଗ୍ରସ୍ତ କ୍ୱାର୍ଟର୍ସ।

- ହାତୀ ଘଉଡ଼ାଇବାକୁ ରଖାଯାଇଥିଲା ବୋମା
- ୨୦୦ ମିଟର ଉଡ଼ିଲା କ୍ୱାର୍ଟର୍ସ ଆଜବେଷ୍ଟସ୍
- ହାତୀ ସ୍କ୍ୱାଡ୍ କର୍ମଚାରୀ ଗୁରୁତର
- ବାଇକ୍ ଭାଙ୍ଗିଲା, ପୋଲିସର ତନାଘନା

ଢେଙ୍କାନାଳ ଅଫିସ, ୨୪।୬

ଢେଙ୍କାନାଳ ସହର ଗଣେଶ ବଜାର ନିକଟ ଫରେଷ୍ଟ କଲୋନୀର ଏକ କ୍ୱାର୍ଟର୍ସରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ଭୟଙ୍କର ବିସ୍ଫୋରଣ ହୋଇଛି। ହାତୀ ଘଉଡ଼ାଇବାକୁ ରଖାଯାଇଥିବା ବୋମା ଫୁଟି ଘରର ଆଜବେଷ୍ଟସ୍ ଉଡ଼ିଯିବା ସହ କାନ୍ଥ ଓ କଂକ୍ରିଟ୍ ପିଲର ଭୁଶୁଡ଼ି ପଡ଼ିଛି। ଘର ଭିତରେ ଥିବା ଏକ ବୁଲେଟ୍ ମଧ୍ୟ ଭାଙ୍ଗିରୁଜି ଯାଇଛି। ଘଟଣାସ୍ଥଳରେ ଉପସ୍ଥିତ ହାତୀ ସ୍କ୍ୱାଡ୍ କର୍ମଚାରୀ ତଥା ଦେଉଳସାହି ଅଞ୍ଚଳର ଦୈତାରି ସାମଲଙ୍କ ପୁଅ ସୁଜିତ (୪୦) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ରେଞ୍ଜର ଧରିତ୍ରୀ ମୁର୍ମୁଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ କେସ୍ ନଂ. ୨୭୨/୨୦, ଦଫା ୨୮୬, ୩୩୭, ୩୩୮, ୪୨୭ ଆଇପିସି ଏବଂ ୯ବି ଇଣ୍ଡିଆନ୍ ଏକ୍ସପ୍ଲୋସିଭ୍ ଆକ୍ଟରେ ମାମଲା ରୁଜୁ ହୋଇଛି।

ଫରେଷ୍ଟ କଲୋନୀରେ ଗୋଟିଏ ଧାଡ଼ିରେ ଦୁଇଟି ସରକାରୀ ବାସଭବନ ଏକାଠି ଲାଗି ରହିଛି। ସେଥିରୁ ଗୋଟିଏରେ ଜଣେ କର୍ମଚାରୀ ସପରିବାର ରହୁଛନ୍ତି। ଅନ୍ୟଟି ଖାଲି ପଡ଼ିଥିବାରୁ ଉକ୍ତ ଘରେ ହାତୀ ଘଉଡ଼ାଇବା ଲାଗି ଉଦ୍ଦିଷ୍ଟ ବୋମା ସମେତ କେତେକ ଆସବାବପତ୍ର ରଖାଯାଇଥିଲା। ଏହି ଘର ସମ୍ମୁଖରେ ଥିବା ଅନ୍ୟ କ୍ୱାର୍ଟର୍ସଗୁଡ଼ିକରେ କର୍ମଚାରୀମାନେ ପରିବାର ସହ ରହୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜଣେ ଫରେଷ୍ଟରଙ୍କୁ ସରକାରୀ କ୍ୱାର୍ଟର୍ସ ଆଲର୍ଟମେଣ୍ଟ ହୋଇଛି। ନୂତନ ଘରେ ପୂଜାର୍ଚ୍ଚନା ଲାଗି ବୋମା ଥିବା ଘରୁ ଟେବୁଲ, ଚୌକି ନିଆଯାଇଥିଲା। ଏହାକୁ ପୁନର୍ବାର ଆଣି ରଖାଯାଉଥିବାବେଳେ କୌଣସି କାରଣରୁ ବିସ୍ଫୋରଣ ହୋଇଥିଲା। ଏଥିରେ ସୁଜିତ ଗୁରୁତର ହୋଇଥିବା ବେଳେ ବାହାରେ ଥିବା ଅନ୍ୟ ଦୁଇଜଣ ହାତୀ ସ୍କ୍ୱାଡ୍ କର୍ମଚାରୀ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ବିସ୍ଫୋରଣ ପରେ ଆଜବେଷ୍ଟସ୍ ଖଣ୍ଡଗୁଡ଼ିକ ୨୦୦ ମିଟର ଯାଏ ଛିଟିକି ପଡ଼ିଥିଲା। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ଘଟଣାର ପ୍ରତ୍ୟକ୍ଷଦର୍ଶୀ ନୃସିଂହ ଚରଣ ବେହେରା କହିଛନ୍ତି। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଡିଏଫ୍ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ମାଜିଷ୍ଟ୍ରେଟ ଭାବେ ତହସିଲଦାର ଲକ୍ଷ୍ମୀଧର ରାଉତ, ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଦଳ, ବୋମା ନିଷ୍କ୍ରିୟ ସ୍କ୍ୱାଡ୍ ଘର ଭିତରେ ଯାଞ୍ଚ କରିବା ସହ ଅଫୁଟା ବୋମାଗୁଡ଼ିକୁ ନିଷ୍କ୍ରିୟ କରିଥିଲେ। ସରକାରୀ କ୍ୱାର୍ଟର୍ସରେ ବିପଜ୍ଜନକ ଭାବେ ବିସ୍ଫୋରକ ରଖାଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଡିଏଫ୍ଓ କୁହନ୍ତି, ବିସ୍ଫୋରଣର କାରଣ ଅସ୍ପଷ୍ଟ ରହିଛି। ଗୁରୁତର ହାତୀ ସ୍କ୍ୱାଡ୍ କର୍ମଚାରୀ ସୁସ୍ଥ ହେବା ପରେ ଏହା ସ୍ପଷ୍ଟ ହେବ। ଘର ଭିତରେ କିଛି ପରିମାଣର ହାତୀ ଘଉଡ଼ାଇବା ପାଇଁ ଉଦ୍ଦିଷ୍ଟ ବୋମା ରହିଥିଲା। ଏ ନେଇ ପୋଲିସ ଓ ଅଗ୍ନିଶମ ସଂସ୍ଥାକୁ ଅବଗତ କରାଯାଇଥିବା ଡିଏଫ୍ଓ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କେନ୍ଦ୍ରସ୍ଥ ଚନ୍ଦ୍ର ହେତୁ ପାରିବାରିକ ଓ କର୍ମକ୍ଷେତ୍ର ପ୍ରତି ବିଭିନ୍ନ ପ୍ରକାର ସମସ୍ୟା ଆସିଲେ ମଧ୍ୟ ଦୃଢ଼ହସ୍ତରେ ତାହା ଦମନ କରିବାରେ ସମର୍ଥ ହେବେ। କାରଣ ଏହି ଦିଗ ପ୍ରତି ଧ୍ୟାନ ଦେଲେ ନିଜ ଲୋକମାନେ ସନ୍ଦେହ ପରିସରକୁ ଆସିଯିବେ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବାରୁ ଆରକ୍ଷୀ ସମ୍ପର୍କିତ ବିବାଦୀୟ ଘଟଣାର ଅବସାନ ଘଟିବ।

**ବୃଷ** ଶନିଙ୍କ ଦୃଷ୍ଟିରେ ଚନ୍ଦ୍ର ଯୋଗୁ ମାନସିକ ଅସ୍ଥିରତା ଲାଗିରହିବା କାରଣରୁ ପ୍ରତ୍ୟେକ କାର୍ଯ୍ୟାବଳୀର ଠିକ୍ ସମୀକ୍ଷା କରିପାରିବେ ନାହିଁ। ବ୍ୟବସାୟ, ବାଣିଜ୍ୟ ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ କିଛିଟା ଖର୍ଚ୍ଚାନ୍ତ କରାଇ କାମ ହାସଲରେ ସହାୟକ ହେବ। ଅନ୍ୟ କଥାରେ ପ୍ରଭାବିତ ହୋଇ ସହକର୍ମୀଟିର ମନୋଭାବ ବଦଳିଯାଇପାରେ।

**ମିଥୁନ** ଆଜି ବୁଧଗ୍ରହ ଚନ୍ଦ୍ର ନକ୍ଷତ୍ରରେ ରହିଥିବାରୁ ଆପଣ ନିଜ ଘର କାମ ସାଙ୍ଗକୁ ବନ୍ଧୁମାନଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଭିତରେ କରିବାକୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅର୍ଥଲାଭ ହେବା ସହ ଯାତ୍ରାରେ ସଫଳତା ପାଇବେ,କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ପଡ଼ିବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ।

**କର୍କଟ** ଆଜି କର୍ମାଧିପ ଭାଗ୍ୟସ୍ଥ ହେତୁ ଏତେଦୂର ବ୍ୟସ୍ତ ରହିବେ ଯେ-ଭଲରୂପେ ଖାଇବାକୁ ମଧ୍ୟ ସମୟ ପାଇବେ ନାହିଁ। ରାଜନୈତିକ କାର୍ଯ୍ୟ,ବିବାଦୀୟ ସ୍ଥିତି,ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ବ୍ୟସ୍ତ ରହିବେ। ଆକସ୍ମିକ କେତେକ କାରଣକୁ କେନ୍ଦ୍ରକରି ବାଣିଜ୍ୟ,ବ୍ୟବସାୟ ,ପରିବହନ, ବାଧାପ୍ରାପ୍ତ ହୋଇପାରେ।

**ସିଂହ** ଆପଣଙ୍କ ଧୈର୍ଯ୍ୟ, ଯୁକ୍ତିଯୁକ୍ତ କଥା ପରିସ୍ଥିତିକୁ ସମ୍ଭାଳିବାରେ ସାହାଯ୍ୟ କରିବ। ମଘା ନକ୍ଷତ୍ର ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ସ୍ତ୍ରୀଙ୍କ ପକ୍ଷରୁ ସମସ୍ୟା ଆସିପାରେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସାଙ୍ଗ ସାଥୀମାନେ ହିଁ ପରୋକ୍ଷ କ୍ଷତି ସାଧନରେ ଲିପ୍ତ ରହିପାରନ୍ତି।

**କନ୍ୟା** ଶାରୀରିକ ସୁସ୍ଥତା ବ୍ୟାହତ ହେବା ସହିତ ଶିକ୍ଷା, ଲେଖାପଢ଼ା, ସନ୍ତାନଙ୍କ କ୍ଷେତ୍ରରେ ମଧ୍ୟ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ଚିତ୍ରା ନକ୍ଷତ୍ର ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ଭାବୁଥିବା କାମଟିକୁ ଶେଷ କରିପାରିବା କ୍ଷେତ୍ରରେ ସମସ୍ୟାର ସାମ୍ନା କରିବାକୁ ପଡ଼ିବ।

**ତୁଳା** ବକ୍ରୀ ଶୁକ୍ରଙ୍କ କାରଣରୁ ଆପଣଙ୍କ ସୁବିଧା ଓ ଅସୁବିଧାର ସମୀକ୍ଷା କରି ଘର ଲୋକଙ୍କ ବ୍ୟସ୍ତ ଓ ବିବ୍ରତକୁ ଲକ୍ଷ୍ୟକରି ମନ ଅଶାନ୍ତ ରହିବ। ସାଧାରଣ କଥାକୁ କେନ୍ଦ୍ରକରି ଅଧସ୍ତନ କର୍ମଚାରୀ ସମସ୍ୟାକୁ ବୃଦ୍ଧି କରିବେ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ସମସ୍ୟା ସୃଷ୍ଟି କରିବ।

**ବିଛା** ପରିବାରରେ ଭୁଲ୍ ବୁଝାମଣା ମଧ୍ୟ ମାନସିକ ସ୍ଥିରତା କ୍ଷୁଣ୍ଣ କରିବ। ଅନାବଶ୍ୟକ ଖର୍ଚ୍ଚରୁ ପରିବାରରେ ମତଭେଦ ତୀବ୍ର ହୋଇପାରେ। ସାମାଜିକ ସ୍ତରରେ ସମ୍ପର୍କ ବୃଦ୍ଧି ପାଇଲେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ତାହାର ପଥରୋଧ କରିବ। ଶତ୍ରୁମାନେ ସମସ୍ୟା ସୃଷ୍ଟି କଲେ ମଧ୍ୟ ତାହା କାମ ସକାଶେ ଅନ୍ତରାୟ ହୋଇ ନ ପାରେ।

**ଧନୁ** ଅଷ୍ଟମସ୍ଥ ଚନ୍ଦ୍ର ପାପଗ୍ରହ ଦୃଷ୍ଟିରେ ଅସାବଧାନତା କିମ୍ବା ଅନ୍ୟମନସ୍କ ରହିବା ହେତୁ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। ତଥାପି ଉତ୍ତରାଷାଢ଼ା ନକ୍ଷତ୍ର କର୍ମକ୍ଷେତ୍ରରେ ହେଉ କିମ୍ବା ନିଜ ପରିସରରେ କର୍ମଦକ୍ଷତାରୁ ପ୍ରତିଷ୍ଠିତ ହେବେ। ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ମକର** ମାନସିକ ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ କ'ଣ କରିବେ କିମ୍ବା କ'ଣ ନ କରିବେ କିଛି ଠିକ୍ କରି ପାରିବେ ନାହିଁ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଖୁସି ରହିବାର ସୁଯୋଗ ପାଇବେ। ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ ଓ ସହଯୋଗ କାରଣରୁ ସଭାସମିତି,ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**କୁମ୍ଭ** ସମସ୍ୟା ସଙ୍ଗରେ ଲଢ଼େଇ କରି ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଯାନ୍ତ୍ରିକ ତ୍ରୁଟି କାରଣରୁ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ହେବ ନାହିଁ। ଶିଳ୍ପ,ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଟି ଏକପ୍ରକାର ଭଲରେ ଅତିବାହିତ ହେବ। ସାଧାରଣ ପରିଶ୍ରମରେ ଏବଂ ସହକର୍ମୀମାନଙ୍କ ସୌହାର୍ଦ୍ଦ୍ୟରୁ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। ନିକଟ ସମ୍ପର୍କୀୟଙ୍କଠାରୁ ପରାମର୍ଶ ନେବା ଭଲ ହେବ, ଯାହାକି ଆପଣଙ୍କ କାମରେ ଆସିପାରେ।

ଆଜି ଆଷାଢ଼ ଶୁକ୍ଳ ଚତୁର୍ଥୀଯୁକ୍ତ ୫ମୀ ଗୁରୁବାର,ଜୁନ୍ ୨୫ ତାରିଖ,ରାଶି ନକ୍ଷତ୍ର-ଦିବା ଘ.୧୨।୨୬ ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ,ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅପରାହ୍ନ ଘ.୦୩।୪୬ ଗତେ ଘ.୦୬।୨୫ମଧ୍ୟେ, ସନ୍ଧ୍ୟା ଘ.୦୭।୦୮ ଗତେ ଘ.୦୯।୧୮ମଧ୍ୟେ,ରାତ୍ର ଘ.୧୨।୧୧ ଗତେ ଘ.୦୨।୨୦ମଧ୍ୟେ,ଘ.୦୩।୪୭ ଗତେ ଘ.୦୫।୧୩ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୧୩ ଗତେ ଘ.୦୬।୦୬ ମଧ୍ୟେ,ଘ.୦୯।୩୭ ଗତେ ଘ.୧୧।୨୨ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୨୮ ଗତେ ଘ.୦୩।୦୭ ମଧ୍ୟେ ରାହୁକାଳ।।

## ଆର୍‌ବିଆଇ ପରିସରକୁ ...

ଜାଭଡେକର କହିଛନ୍ତି ଯେ, ଦେଶ ମଧ୍ୟରେ ସମବାୟ ବ୍ୟାଙ୍କଗୁଡ଼ିକର ପରିସର ବହୁତ ବଡ଼ ରହିଛି। ୧୫୪୦ ସମବାୟ ବ୍ୟାଙ୍କରେ ୮.୬ କୋଟି ଜମାକାରୀ ରହିଛନ୍ତି। ଏମାନଙ୍କର ମୋଟ ଜମାପୁଞ୍ଜି ୪.୮୪ ଲକ୍ଷ କୋଟି ଟଙ୍କା ରହିଛି। ସମବାୟ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ଅଧୀନକୁ ଆସିବା ପରେ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ଏହି ବ୍ୟାଙ୍କଗୁଡ଼ିକ ପ୍ରତି ଗ୍ରାହକଙ୍କର ବିଶ୍ୱସନୀୟତା ବଢ଼ିବ ବୋଲି ଜାଭଡେକର ମତ ପ୍ରକାଶ କରିଛନ୍ତି। ନୂଆ ନିୟମ ମୁତାବକ ରିଜର୍ଭ ବ୍ୟାଙ୍କ ଏହି ବ୍ୟାଙ୍କଗୁଡ଼ିକର ଅଡିଟିଂ ଏବଂ ପରିଚାଳନା କ୍ଷେତ୍ରରେ ଅଧିକ କ୍ଷମତା ଲାଭ କରିବ। ନିୟାମକ ଦୃଷ୍ଟିକୋଣରୁ ବ୍ୟାଙ୍କଗୁଡ଼ିକରେ ସର୍ବୋତ୍ତମ ପରିଚାଳନା ପ୍ରାକ୍ଟିସ ଆଣିବା ଲାଗି କେନ୍ଦ୍ର ସରକାର ପୂର୍ବରୁ କହିଥିଲେ। ସମବାୟ ବ୍ୟାଙ୍କଗୁଡ଼ିକର ପରିଚାଳନାରେ ବିଗତ ଦିନଗୁଡ଼ିକରେ ଉଠିଥିବା ପ୍ରଶ୍ନବାଚୀ ଆଧାରରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା

### ପ୍ରଥମ ପୃଷ୍ଠାରୁ...

ଜଣାପଡ଼ିଛି। ନୂଆ କ୍ଷମତା ଦ୍ୱାରା ରିଜର୍ଭ ବ୍ୟାଙ୍କ ସମବାୟ ବ୍ୟାଙ୍କଗୁଡ଼ିକର ବୋର୍ଡକୁ ପୁନର୍ଗଠନ ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିପାରିବ ବୋଲି ଜଣାପଡ଼ିଛି। ଏହାବାଦ ଜାଭଡେକର କ୍ୟାବିନେଟ୍‌ର ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଦ୍ରା ଲୋନ୍‌କୁ ନେଇ ସେ କହିଛନ୍ତି ଯେ, ମୁଦ୍ରାର ଶିଶୁ ଋଣ ବର୍ଗରେ ହିତାଧିକାରୀଙ୍କୁ ୨% ସୁଧ ରିହାତି ମିଳିବ। ଶିଶୁ ଋଣ ଯୋଜନାରେ ୯.୩୫ କୋଟି ହିତାଧିକାରୀଙ୍କୁ ଏହି ନିଷ୍ପତ୍ତି ଦ୍ୱାରା ଲାଭ ମିଳିବ। ଚଳିତ ବର୍ଷ ଜୁନ୍ ପହିଲାରୁ ଏହା କାର୍ଯ୍ୟକାରୀ ହେବାକୁ ଥିବା ବେଳେ ୨୦୨୧ ମେ ମାସ ଯାଏ ଏହାର ଅବଧି ରହିବ।

## classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ଧଉଳିଠାରେ ଘରବାରି **boundary plot 1650sqft. କୁ sqft-1400 ରେ ବିକ୍ରିହେବ। 7991052183.** D-69121

Litigation free Residential Plot, Patia & Low Cost. Firmhouse land available. 8 3 2 8 8 1 1 4 1 1 , 9861971879. D-69120

**to-let**

2BHK flat with parking at Lingipur rent family. Contact: 7894381416. D-59952

**healthcare**

Full body herbal massage with refreshment expert therapist. 7381239385, 06742540855. D-69285

Rejuvenate and Ayurvedic full body massage by smart therapist. 9114402304. D-69289

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69287

Herbal full body massage by smart / expert therapist. Contact: 8338067247. D-69288

Ayurvedic full body massage Ladies and Gents. Contact- 9861064981. D-69516

Experience full body massage with us (expert). Call: 7377048581, 06742597822. D-69284

Newly open full body massage SPA in Bhubaneswar. Contact: 7205058838. D-69283

**AFFIDAVIT**

By virtue of an affidavit sworn before the Notary Public, Sonepur I Lalit Mohan Jagadala, S/o. Abihotra Jagadala, R/o At- Shripura, P.O.- Dharmasala, P.S.- Biramaharajpur, Dist.- Subarnapur do hereby declare that I have changed my surname from Lalit Mohan Jagadala to Lalit Mohan Jena. Henceforth, I shall be known as Lalit Mohan Jena instead of Lalit Mohan Jagadal for all official and non offical purpose. Lalit Mohan Jena, Deponent. D-17572

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବ୍ଲ୍ୟୁ-ହ୍ୱିଲ ହସ୍ପିଟାଲ ...

କେନ୍ଦ୍ରରୁ ଠାବ କରାଯାଇଛି ଓ ବାକି ୨୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଏହି ସମସ୍ତ ସ୍ଥାନୀୟ ଆକ୍ରାନ୍ତ ହେଉଛନ୍ତି ଖୋର୍ଦ୍ଧା ଜିଲାର। ୧୯ଜଣ ଭୁବନେଶ୍ୱରର ହୋଇଥିବାବେଳେ ୧୬ଜଣ ହେଉଛନ୍ତି ଏକ ଘରୋଇ ଡାକ୍ତରଖାନା କର୍ମଚାରୀ (୩ ପୁରୁଷ ଓ ୧୩ ମହିଳା)।

ଆଉ ୨ ଲୋକାଲ କେସ୍ ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରର ବୋଲି ଜଣାପଡିଛି। ଫଳରେ ଏହି ସଂକ୍ରମିତ ହସ୍ପିଟାଲ କର୍ମଚାରୀଙ୍କୁ ନେଇ ଏବେ ସରକାର ଓ ସହରବାସୀଙ୍କ ଚିନ୍ତା ବଢ଼ିଛି। ଅନ୍ୟପକ୍ଷରେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଗଜପତି ଓ ଗଞ୍ଜାମ ଜିଲାରୁ ସର୍ବାଧିକ ୭୬ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ଫଳରେ ଗଞ୍ଜାମ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦୩୧ରେ ପହଞ୍ଚିଛି। ସେହିଭଳି ଖୋର୍ଦ୍ଧା ଜିଲାରୁ ୨୬, ଝାରସୁଗୁଡ଼ାରୁ ୨୩, କନ୍ଧମାଳରୁ ୧୭, ସମ୍ବଲପୁରରୁ ୧୩, ଜଗତ୍‌ସିଂହପୁରରୁ ୧୧, ପୁରୀରୁ ୯, ମୟୂରଭଞ୍ଜ, ଯାଜପୁରରୁ ୬ଜଣ ଲେଖାଏ, କଟକରୁ ୪, ବାଲେଶ୍ୱରରୁ ୩, ଅନୁଗୋଳ, ସୁନ୍ଦରଗଡ଼, ବଲାଙ୍ଗୀର, କୋରାପୁଟ ଓ ନୟାଗଡ଼ରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୮ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେପଟେ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଛନ୍ତି ଆଉ ୧୩୫ଜଣ। ଗଞ୍ଜାମରୁ ୪୯ଜଣ ଥିବାବେଳେ ଖୋର୍ଦ୍ଧାରୁ ୧୯, କଳାହାଣ୍ଡିରୁ ୧୬, ଜଗତ୍‌ସିଂହପୁରରୁ ୧୪, ବାଲେଶ୍ୱରରୁ ୭, କଟକରୁ ୬, ଅନୁଗୋଳ, ଯାଜପୁର ଓ ପୁରୀରୁ ୪ଜଣ ଲେଖାଏ, ସୁନ୍ଦରଗଡ଼ ୩, କେନ୍ଦୁଝର ଓ କେନ୍ଦ୍ରାପଡ଼ାରୁ ୨ଜଣ ଲେଖାଏ, ବରଗଡ଼, ଭଦ୍ରକ, ଝାରସୁଗୁଡ଼ା, ମୟୂରଭଞ୍ଜ ଓ ସମ୍ବଲପୁରରୁ ଜଣେ ଲେଖାଏ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ବର୍ତ୍ତମାନ ୪୧୨୩ଜଣ ସୁସ୍ଥ ହୋଇଥିବାବେଳେ ୧୬୦୫ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ଗଞ୍ଜାମ: ୧୦ ଦିନ ଲୋକଙ୍କୁ ସରକାରୀ କାର୍ଯ୍ୟାଳୟ ମନା

**ଛତ୍ରପୁର,୨୪।୬(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରିକି କେତେଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ମଧ୍ୟ କରୋନା ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ବୁଧବାରଠାରୁ ୧୦ ଦିନ ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଟୁଇଟରରେ ଏହା ଜଣାଇଛନ୍ତି। ଏଥିସହ ସଂକ୍ରମିତ ଅଧିକାରୀମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## କ୍ୟାନ୍ସର ହସ୍ପିଟାଲରେ କରୋନା

କଟକ ଅଫିସ୍,୨୪।୬: କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କଠାରେ କରୋନା ପଜିଟିଭ ବାହାରିଛି। ରୋଗୀ ଜଣକ ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ହୋଇଥିବା ବେଳେ ହସ୍ପିଟାଲରେ ତାଙ୍କର କେମୋଥେରାପି ଚାଲିଥିଲା। ଗତ ସୋମବାର ସେ କେମୋଥେରାପି ୱାର୍ଡରେ ଭର୍ତ୍ତି ହେବା ପରେ ତାଙ୍କର ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ବୁଧବାର ତାଙ୍କର ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ୍ ଥିବା ଜଣାପଡ଼ିଛି। ଏହାପରେ ତାଙ୍କୁ କିମ୍ସ କୋଭିଡ୍ ହସ୍ପିଟାଲକୁ ପଠାଯିବା ବ୍ୟବସ୍ଥା ହୋଇଥିବା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଲଳାଟେନ୍ଦୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସେ ଚିକିତ୍ସିତ ହେଉଥିବା ୱାର୍ଡର ଆଉ ୨ ଜଣ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ସହ ୱାର୍ଡ ସାନିଟାଇଜ୍ କରାଯାଇଛି। ସପ୍ତାହକ ପରେ ଏହି ହସ୍ପିଟାଲର ଡାକ୍ତର, ଷ୍ଟାଫ୍ ନର୍ସଙ୍କ ସ୍ୱାବ୍ ପରୀକ୍ଷା କରାଯିବ। ଉଲ୍ଲେଖଯୋଗ୍ୟ ଯେ, କରୋନା ମହାମାରୀ ସମୟରେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରୁ ୫୦୬ଟି ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ପ୍ରଥମଥର ପାଇଁ ସ୍ୱାବ୍ ଟେଷ୍ଟ ପଜିଟିଭ୍ ଆସିଛି।

## ଓଡ଼ିଶାରେ ପୁଣି ହେବ ଆଣ୍ଟିବଡି ଟେଷ୍ଟ

ଭୁବନେଶ୍ୱର, ୨୪।୬(ବ୍ୟୁରୋ): ଓଡ଼ିଶାରେ ପୁଣି ଆଣ୍ଟିବଡି ଟେଷ୍ଟ ହେବ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଆସନ୍ତା ସପ୍ତାହରେ ଓଡ଼ିଶାରେ ପହଞ୍ଚିବ ଆଣ୍ଟିବଡି ଟେଷ୍ଟ କିଟ୍। ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍ଆର୍) ଦ୍ୱାରା ଅନୁମୋଦିତ ଏହି କିଟ୍ ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍ଆର୍‌ସି)ରେ ପହଞ୍ଚିବ ବୋଲି ବୁଧବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ(ଆଇଏଲ୍ଏସ୍)ର ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି। ଘରକୁ ଘର ହେଉଥିବା ସର୍ଭେରେ ଏହାର ବ୍ୟବହାର କରାଯିବ। ଓଡ଼ିଶାରେ ଏପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିଲେ ମଧ୍ୟ ଆଗାମୀ ସ୍ଥିତିରେ କିଭଳି ଏହି ଟେଷ୍ଟିଂ କରାଯିବ ସେନେଇ ଯୋଜନା ପ୍ରସ୍ତୁତ ହେବ। ଏବେ ରାଜ୍ୟରେ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ବହୁ କରୋନା ଯୋଦ୍ଧା ଅଛନ୍ତି। ତେଣୁ ଅଧିକ ସତର୍କ ହେବାକୁ ପଡ଼ିବ ବୋଲି ପରିଡ଼ା କହିଛନ୍ତି।

## ସଂକ୍ଷେପରେ

### ବିକ୍ରିରେ ଅଲ୍ଟୋର ସଫଳତା

**ଭୁବନେଶ୍ୱର,୨୪।୬:** ମାରୁତି ସୁଜୁକି ଅଲ୍ଟୋ କ୍ରମାଗତ ଭାବେ ୧୬ ବର୍ଷ ଧରି ଭାରତର ସର୍ବାଧିକ ବିକ୍ରି ହେଉଥିବା କାରର ମାନ୍ୟତା ହାସଲ କରିଛି। କମ୍ପାନୀର ଏହି ମଡେଲ ଗ୍ରାହକଙ୍କ ପାଇଁ ପ୍ରଥମ ପସନ୍ଦର କାର ଭାବେ ନିଜର ସ୍ଥାନ ବଜାୟ ରଖିଛି। ଉକ୍ତ ଗାଡିରେ ଅପଡେଟେଡ ସୁରକ୍ଷା ଫିଚର ସହିତ କମ୍ପାକ୍ଟ ଡିଜାଇନ ଓ ସହଜ ପରିଚାଳନା ଏବଂ ଉଚ୍ଚ ଇନ୍ଧନ ଦକ୍ଷତା ରହିଛି। ଫଳରେ ଏହା ଅଲ୍ଟୋକୁ କ୍ରେତାଙ୍କର ସର୍ବାଧିକ ପସନ୍ଦ ଓ ବିକଳ୍ପରେ ପରିଣତ କରିପାରିଛି। ସେପ୍ଟେମ୍ବର ୨୦୦୦ମସିହାରେ ବଜାରକୁ ଆସିଥିବା ଏହି ମଡେଲ ୨୦୦୪ରେ ଭାରତ ବଜାରରେ ସର୍ବାଧିକ ବିକ୍ରି ହେଉଥିବା କାରରେ ପରିଣତ ହୋଇଥିଲା। ଗତ ୧୬ ବର୍ଷ ହେବ ଏହାର ଚାହିଦା କ୍ରମାଗତ ବୃଦ୍ଧି ପାଇ ଚାଲିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।


### ଜିଓରେ ଫେସ୍‌ବୁକ୍ ଅଂଶଧନ ହାସଲକୁ ସିସିଆଇ ମଞ୍ଜୁରୀ

**ନୂଆଦିଲ୍ଲୀ,୨୪।୬ :** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଜିଓ ପ୍ଲାଟ୍‌ଫର୍ମରେ ଫେସ୍‌ବୁକ୍ ୯.୯୯% ଅଂଶଧନ ହାସଲ କରିଛି। ଏହାକୁ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ପକ୍ଷରୁ ବୁଧବାର ମଞ୍ଜୁରୀ ପ୍ରଦାନ କରାଯାଇଛି। ଏପ୍ରିଲରେ ରିଲାଏନ୍ସ ଏବଂ ଫେସ୍‌ବୁକ୍ ମଧ୍ୟରେ ୫.୭ ବିଲିୟନ ଡଲାର(୪୩,୫୭୪ କୋଟି) ଟଙ୍କାର ଡିଲ୍ ହୋଇଥିଲା। ଦେଶର ଟେକ୍ନୋଲୋଜି କ୍ଷେତ୍ରରେ ଏହା ଏକ ସର୍ବବୃହତ ଡିଲ୍ ବୋଲି କୁହାଯାଉଛି।

# ଜଟିଳ ହେଉଛି ବିଶ୍ୱ ବଜାର ସ୍ଥିତି

**ୱାଶିଂଟନ,୨୪।୬**

ବିଶ୍ୱ ବଜାର ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ବଜାର ପ୍ରଭାବିତ ହୋଇ ରହିଛି। ହେଲେ ମାନ୍ଦାବସ୍ଥାର ପ୍ରଭାବ ଯେତିକି ରହିବ ବୋଲି ଆକଳନ କରାଯାଇଥିଲା ତା'ଠାରୁ ସ୍ଥିତି ଏବେ ଅଧିକ ଜଟିଳ ହେଉଥିବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ବୁଧବାର ଏହାର ରିପୋର୍ଟରେ ଉଲ୍ଲେଖ କରିଛି। ଏହି ଏଜେନ୍ସି ପୂର୍ବରୁ ଯାହା ପୂର୍ବାନୁମାନ କରିଥିବା ତା'ଠାରୁ ବଜାରକୁ ଅଧିକ କ୍ଷତି ସହିବାକୁ ପଡୁଥିବା କୁହାଯାଇଛି। କରୋନା ମହାମାରୀ ବଜାରରେ ଅନିଶ୍ଚିତତାକୁ ବଢ଼ାଇଥିବା ବେଳେ ବିଶ୍ୱ ଅର୍ଥ ବ୍ୟବସ୍ଥାକୁ ଏହା ଦ୍ୱାରା ଶକ୍ତ ଧକ୍କା ଲାଗିଛି। ଏହି ଭାଇରସ୍ କବଳରୁ ମୁକ୍ତ ହୋଇ ପୁଣି ଥରେ ଛିଡ଼ାହେବାକୁ ବିଶ୍ୱ ବଜାରର ବାଣିଜ୍ୟ ବର୍ତ୍ତମାନ ଉଦ୍ୟମ ଜାରି ରଖିଥିବା କୁହାଯାଇଛି।



**ଆଶଙ୍କା ପ୍ରକଟ କଲା ଆଇଏମ୍ଏଫ୍**

କରୋନା ପାଇଁ କରାଯାଇଥିବା ଲକ୍‌ଡାଉନ କଟକଣାକୁ ବର୍ତ୍ତମାନ ଧୀରେ ଧୀରେ କୋହଳ କରାଯାଉଛି। ହେଲେ କରୋନା ମାମଲା ବଢ଼ି ଚାଲିଥିବା ବେଳେ ଏହାକୁ ଭଲ କରିବା ଲାଗି ଠୋସ୍ ଭ୍ୟାକ୍ସିନ ଏବେ ଯାଏ ଆସିନାହିଁ। ବଜାର କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଗ୍ରେଟ୍ ଡିପ୍ରେସନ ପରଠାରୁ ବର୍ତ୍ତମାନର ସ୍ଥିତି ସବୁଠାରୁ ଖରାପ। ଏହା ଦ୍ୱାରା ଅର୍ଥ ବ୍ୟବସ୍ଥାର ଗତି ମନ୍ଥର ହୋଇଯାଇଛି। ଅଭିବୃଦ୍ଧି ସାଂଘାତିକ ଭାବେ ଖସୁଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆଇଏମ୍ଏଫ୍ ଏହାର ୱାର୍ଲଡ ଇକୋନୋମିକ ଆଉଟଲୁକ୍‌ରେ କହିଛି ଯେ, ବିଶ୍ୱ ଅର୍ଥ ବ୍ୟବସ୍ଥା ଚଳିତ ଆର୍ଥିକ ବର୍ଷ ୪.୯% ଖସିଯିବ। ଏହା ପ୍ରାୟ ୩% ଖସିବ ବୋଲି ଏହା ଏପ୍ରିଲ ପୂର୍ବାନୁମାନରେ କହିଥିଲା, ଯାହାକୁ ବର୍ତ୍ତମାନ ପରିବର୍ତ୍ତନ କରିଛି। ବର୍ତ୍ତମାନ ସାମାଜିକ ଦୂରତ୍ୱ ନିୟମ ରଖି ସବୁ କାର୍ଯ୍ୟ ସମ୍ପାଦନ ହେଉଛି। ବାଣିଜ୍ୟଗୁଡିକ ବର୍ତ୍ତମାନ ପୂର୍ବ ସ୍ଥିତିକୁ ଫେରି ପାରି ନାହାନ୍ତି। ବୃହତ୍ତ ମାତ୍ରାରେ ନିଯୁକ୍ତି ହ୍ରାସ ହେଉଥିବା ଦେଖାଯାଉଛି। ଏଭଳି ସ୍ଥିତିକୁ ବିଚାର କଲେ ବିଶ୍ୱ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରିବା ଧାରା ବହୁତ ଧୀର ରହିଛି। ୨୦୨୧ରେ ବିଶ୍ୱ ଅର୍ଥ ବ୍ୟବସ୍ଥା ୫.୪% ରହିବା ନେଇ ଏହା ପୂର୍ବାନୁମାନ କରିଛି।

ଆମେରିକା ଅର୍ଥ ବ୍ୟବସ୍ଥା ଏହି ସମୟରେ ୮% ଖସିବ ବୋଲି କୁହାଯାଇଛି। ଏହା ଆସନ୍ତା ବର୍ଷ ୪.୫% ଅଭିବୃଦ୍ଧି ହାସଲ କରିବ। ସେହିଭଳି ୟୁରୋଜୋନ୍‌ରେ ରହିଥିବା ଅର୍ଥ ବ୍ୟବସ୍ଥାଗୁଡିକର ଅଭିବୃଦ୍ଧି ଚଳିତ ବର୍ଷ ୧୦.୨% ଖସିବ। ଆସନ୍ତା ବର୍ଷ ଏହା ୬% ବୃଦ୍ଧି ଘଟିବ। ସେହିଭଳି ଚାଇନା ଅର୍ଥ ବ୍ୟବସ୍ଥା ଚଳିତ ବର୍ଷ ୧% ଏବଂ ଆସନ୍ତା ବର୍ଷ ୮.୨% ଅଭିବୃଦ୍ଧି ହାସଲ କରିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କରୋନା ଯୋଗୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ବିଶ୍ୱ ବାଣିଜ୍ୟ କାରବାର ୩.୫% ଖସିବା ନେଇ ଆଶଙ୍କା କରାଯାଉଛି। ବିଶ୍ୱ ସ୍ତରରେ ଏହି ସମୟରେ ବାଣିଜ୍ୟ କାରବାର ଗଭୀର ଭାବେ କ୍ଷତିଗ୍ରସ୍ତ ହେବ ବୋଲି ବିଶ୍ୱ ବାଣିଜ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଛି। ପ୍ରଥମ ତ୍ରୈମାସରେ ସାମଗ୍ରୀ କାରବାର ୩% ଏବଂ ଦ୍ୱିତୀୟ ତ୍ରୈମାସରେ ଏହା ୧୮.୫% ଖସିବ ବୋଲି ଆଶଙ୍କା କରାଯାଇଛି।

# ଭାରତର ଜିଡିପି ୪.୫% ଖସିଯିବ

**ନୂଆଦିଲ୍ଲୀ,୨୪।୬:** ଚଳିତ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ନକାରାତ୍ମକ ରହିବ। ଅର୍ଥାତ୍ ଏହି ସମୟରେ ଅଭିବୃଦ୍ଧି ଗଭୀର ଭାବେ ଖସିଯିବ। ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୪.୫% ଖସିଯିବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହି ଏଜେନ୍ସି ଏପ୍ରିଲରେ କରିଥିବା ପୂର୍ବାନୁମାନରେ କହିଥିଲା ଯେ, ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୧.୯% ରହିବ। ହେଲେ ବର୍ତ୍ତମାନ ଏଥିରେ ହ୍ରାସ କରିଥିବା ଜଣାପଡ଼ିଛି। ବର୍ତ୍ତମାନ କୋଭିଡ୍ ୧୯ ଜନିତ ଲକ୍‌ଡାଉନ ପାଇଁ ଘରୋଇ ବଜାର ଗଭୀର ଭାବେ ପ୍ରଭାବିତ ହୋଇଛି। ବର୍ତ୍ତମାନ କରୋନା ସ୍ଥିତି ଆହୁରି ବଢୁଥିବାରୁ ବଜାରର ସ୍ଥିତି ଠିକ୍ ହୋଇପାରୁନାହିଁ। ଆର୍ଥିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଫେରିବାକୁ ଅସୁବିଧା ସୃଷ୍ଟି ହେଉଛି। ଏହି ଏଜେନ୍ସି ପକ୍ଷରୁ କରାଯାଇଥିବା ଅଭିବୃଦ୍ଧି ପୂର୍ବାନୁମାନ ମୁତାବକ ଭାରତର ଅଭିବୃଦ୍ଧି କିଛି ଦଶନ୍ଧି ତଳକୁ ଖସିଯିବ ବୋଲି ଜଣାପଡିଛି। ଆଇଏମ୍ଏଫ୍ ଏହାର ୱାର୍ଲଡ ଇକୋନୋମିକ ଆଉଟଲୁକ୍‌ରେ କହିଛି ଯେ, ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ହାର ୬% ରହିବ। ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକର ଜିଡିପି ଅଭିବୃଦ୍ଧି ଏହି ସମୟରେ ୩% ଏବଂ ବିଶ୍ୱ ବଜାରର ଜିଡିପି ୪.୯% ଖସିବ। ସେହିଭଳି ଅନ୍ୟ




ଏଜେନ୍ସିଗୁଡିକ ମଧ୍ୟ ଭାରତର ଅଭିବୃଦ୍ଧି ହ୍ରାସ ହେବାକୁ ନେଇ ପୂର୍ବାନୁମାନ କରିଛନ୍ତି। ଓଇସିଡି କହିଛି ଯେ, ଭାରତରେ -୩.୭ରୁ -୭% ଅଭିବୃଦ୍ଧି ରହିବ। ସେହିଭଳି ବର୍ନଷ୍ଟେଇନ -୭, ଗୋଲ୍ଡମ୍ୟାନ ସ୍ୟାଚ୍ -୫%, ନୋମୋରା -୫%, ଫିଚ୍ ରେଟିଂସ -୫, ଇକ୍ରା -୫%, କ୍ରିସିଲ -୫%, ଇଣ୍ଡିଆ ରେଟିଂସ -୫.୩%, ସିଆଇଆଇ ୧%, ମୁଡିସ୍ -୪%, ୱାର୍ଲଡ ବ୍ୟାଙ୍କ -୩.୨% ଏବଂ ଏଡିବି -୪% ଅଭିବୃଦ୍ଧି ରହିବ ବୋଲି କହିଛି।

# ହିନ୍ଦୁଜା ପରିବାରରେ ସମ୍ପତ୍ତି ବିବାଦ

**ନୂଆଦିଲ୍ଲୀ,୨୪।୬ :** ବ୍ରିଟେନର ହିନ୍ଦୁଜା ଗ୍ରୁପ୍‌ର ଜଡ଼ିତ ଭାଇଙ୍କ ମଧ୍ୟରେ ସମ୍ପତ୍ତି ବିବାଦ ଦେଖାଯାଇଛି। ଏହି ବିବାଦ ବର୍ତ୍ତମାନ ବ୍ରିଟେନର ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି। ଏହି ପରିବାର ବ୍ରିଟେନର ବିଲିୟନେୟାରଙ୍କ ତାଲିକାରେ ରହିଛି। ପରିବାରର ସଂରକ୍ଷକ କୁହାଯାଉଥିବା ୮୪ ବର୍ଷୀୟ ଶ୍ରୀଚନ୍ଦ ପରମାନନ୍ଦ ହିନ୍ଦୁଜା ମାମଲାକୁ ଅଦାଲତ ଯାଏ ନେଇଥିବା କୁହାଯାଉଛି। ସେ ତାଙ୍କ ଭାଇ ଜି.ପି. ହିନ୍ଦୁଜା(୮୦), ପି.ପି. ହିନ୍ଦୁଜା(୭୫)ଏବଂ ଏ.ପି. ହିନ୍ଦୁଜା (୬୯)ଙ୍କ ବିରୋଧରେ ମକଦମା ଦାୟର କରିଛନ୍ତି। ଏହି ମାମଲା ୨୦୧୪ର ଏକ ଚିଠିକୁ ନେଇ ହୋଇଛି। ଚିଠିର ବୈଧତା ଏବଂ ପ୍ରଭାବ ଆଧାରରେ ଏହା ହୋଇଥିବା ଜଣାପଡିଛି। ଚିଠିରେ କୁହାଯାଇଛି ଯେ, ସବୁ ଭାଇ ଜଣେ ଅନ୍ୟ ଜଣକ ଲାଗି ନିର୍ବାହକ ନିଯୁକ୍ତ ହୋଇଛନ୍ତି। କୌଣସି ଜଣେ ଭାଇ ନାମରେ ରହିଥିବା ସମ୍ପତ୍ତି ଉପରେ ୪ ଜଣଙ୍କର ହକ୍ ରହିବ। ୨୦୧୪ର ଅନ୍ୟ ଏକ ଚିଠିର ଏହି ବିବାଦ ସହ ସମ୍ପର୍କ ରହିଛି। ଏହି ଦସ୍ତାବିଜଗୁଡିକୁ ଆଇନଗତ ଭାବେ ଅଣପ୍ରଭାବୀ ଘୋଷିତ କରିବା ଲାଗି ଶ୍ରୀଚନ୍ଦ ପରମାନନ୍ଦ ହିନ୍ଦୁଜା ଆବେଦନ କରିଛନ୍ତି।

# ନୂଆ ହୋମ୍ ଆପ୍ଲାଏନ୍ସ ଆଣିଲା ତୋଷିବା

**ନୂଆଦିଲ୍ଲୀ,୨୪।୬ :** ଜାପାନ ଭିତ୍ତିକ ପ୍ରମୁଖ କମ୍ପାନୀ ତୋଷିବା ପକ୍ଷରୁ ବଜାରକୁ ନୂଆ ହୋମ୍ ଆପ୍ଲାଏନ୍ସର ୨୦୨୦-୨୧ ରେଞ୍ଜ ପ୍ରବେଶ କରାଯାଇଛି। ଭର୍ଚୁଆଲ ଇଭେଣ୍ଟ ଦ୍ୱାରା କମ୍ପାନୀ ଏହାର ପ୍ରଡକ୍ଟ ଉନ୍ମୋଚନ କରିଛି। ନୂଆ ଉତ୍ପାଦ ଶୃଙ୍ଖଳା ମଧ୍ୟରେ ମଲ୍ଟି ଡୋର ରେଫ୍ରିଜରେଟର, ଟପ୍ ଫ୍ରିଜର, ୱାଶର ଡ୍ରାୟର, ଫ୍ରଣ୍ଟ ଲୋଡିଂ,ଟପ୍ ଲୋଡିଂ ୱାଶିଂ ମେଶିନ ଏବଂ ୱାଟର ପ୍ୟୁରିଫାୟର ଭଳି ପ୍ରଡକ୍ଟ ଏହା ମଧ୍ୟରେ ସାମିଲ ରହିଛି। ଗ୍ରାହକଙ୍କୁ ଅତ୍ୟାଧୁନିକ ଟେକ୍ନୋଲୋଜି




ଏବଂ ଉଚ୍ଚ ଗୁଣବତ୍ତା ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ତୋଷିବା ସର୍ବଦା ଯୋଗଦାନ ରଖି ଆସିଛି ବୋଲି କମ୍ପାନୀର ହୋମ୍ ଆପ୍ଲାଏନ୍ସ ବିଜ୍‌ନେସ ଉପସଭାପତି ପ୍ରଣବ ମହାନ୍ତି ସୂଚନା ଦେଇଛନ୍ତି। ନୂଆ ରେଞ୍ଜର ପ୍ରଡକ୍ଟ ବଜାରକୁ ଆଣିବା ସହ ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖାଯାଇଛି। କମ୍ପାନୀ ଏହାର ପ୍ରତିବଦ୍ଧତାକୁ ଧ୍ୟାନରେ ରଖି ପ୍ରଡକ୍ଟଗୁଡିକୁ ତୋଷିବା ଗ୍ଲୋବାଲ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ କରୁଛି।

## ରାଜ୍ୟ

# ଜଣେ ମୃତ, ୨୦ ଆହତ

**ପ୍ରବାସୀଙ୍କୁ ନେଇ ଯାଉଥିବା ବସ୍ ଦୁର୍ଘଟଣା**

**ସିମୁଳିଆ,୨୪।୬(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସିମୁଳିଆ ଥାନା ଜାମଖାଡି ଛକରେ ପ୍ରବାସୀଙ୍କୁ ନେଇ ଯାଉଥିବା ଏକ ବସ୍ ବୁଧବାର ସକାଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚେନ୍ନାଇରୁ ୪୦ ପ୍ରବାସୀଙ୍କୁ ନେଇ ବସ୍‌ଟି ପାଟନା ଯାଉଥିବାବେଳେ ରାସ୍ତାରେ ଅଟକି ରହିଥିବା ଏକ ଟ୍ରକ୍ ପଛରେ ଧକ୍କା ଦେଇଥିଲା। ମୃତକ ଜଣକ ବସ୍ ହେଲପର ବୋଲି ସୂଚନା ମିଳିଥିବା ବେଳେ ତାଙ୍କ ପରିଚୟ ଜଣାପଡ଼ି ନାହିଁ। ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୁସ୍ଥ ପ୍ରବାସୀଙ୍କୁ ଅନ୍ୟ ଏକ ବସ୍‌ରେ ପାଟନା ପଠାଯାଇଛି।

# ୧୦ ଅଧିକାରୀ, ୩ ସରପଞ୍ଚଙ୍କ ନାଁରେ ମାମଲା ରୁଜୁ ନିର୍ଦ୍ଦେଶ

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ହଡ଼ପ ଘଟଣା**

**ବାରିପଦା ଅଫିସ, ୨୪।୬:** ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ଅଧୀନ ବରେହିପାଣି, ଗୁଡୁଗୁଡ଼ିଆ ଓ ଧଳବଣୀ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ହଡ଼ପ ଘଟଣାରେ ୧୦ ସରକାରୀ ଅଧିକାରୀ ଓ ୩ ସରପଞ୍ଚଙ୍କ ନାମରେ ମାମଲା ରୁଜୁ ପାଇଁ ଜିଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶ ଦେଇଛନ୍ତି। ଚିଠି ନଂ. ୬୦୦୯/୧୭।୬।୨୦୨୦ରେ ସ୍ଥାନୀୟ ବିଡିଓଙ୍କୁ ଏତଲା ଦେବା ପାଇଁ ଜିଲାପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ବରେହିପାଣି, ଗୁଡୁଗୁଡ଼ିଆ ଓ ଧଳବଣୀ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରାସ୍ତା କାମ ନ କରି ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ପିଡି ଡିଆର୍‌ଡିଏଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ଜିଲାପାଳ ଭରଦ୍ୱାଜ ବରେହିପାଣି ପଞ୍ଚାୟତ ସରପଞ୍ଚ ଜୁଝେର ବାଇସିଂ, ଗୁଡୁଗୁଡ଼ିଆ ସରପଞ୍ଚ ମାଲାରାମ ହୋ ଏବଂ ଧଳବଣୀ ସରପଞ୍ଚ ସବିତା ନାଏକଙ୍କ ସମେତ ଯଶିପୁର ବ୍ଲକ ଏସିପି(ଆସିଷ୍ଟାଣ୍ଟ କମ୍ପ୍ୟୁଟର ପ୍ରୋଗ୍ରାମର) ଜିତେନ୍ଦ୍ର ମହାନ୍ତ, କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ନାଏକ, ବରେହିପାଣି ପଞ୍ଚାୟତର ପୂର୍ବତନ ପିଇଓ(ପଞ୍ଚାୟତ ନିର୍ବାହୀ ଅଧିକାରୀ) ବେଣୁଧର ନାୟକ, ଗୁଡୁଗୁଡ଼ିଆ ପଞ୍ଚାୟତ ପିଇଓ ସନ୍ତୋଷ କୁମାର ଦାଶ, ଧଳବଣି ପଞ୍ଚାୟତ ପିଇଓ ମଙ୍ଗିଲାଲ ହୋ, ବରେହିପାଣି ଜିଆର୍‌ଏସ୍ ରବୀନ୍ଦ୍ର ନାଥ ଚାକି, ଧଳବଣି ଜିଆର୍‌ଏସ୍ ଦେବାଶିଷ ମାରାଣ୍ଡି, ଗୁଡୁଗୁଡିଆ ଜିଆର୍‌ଏସ୍ ସଞ୍ଜୀବ କୁମାର ଡରାଇ, ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ ଆସିଷ୍ଟାଣ୍ଟ ଗୁରୁଚରଣ ଦାସ ଏବଂ ଶଶୀଭୂଷଣ ନାୟକଙ୍କ ନାମରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବଳାତ୍କାର ଅଭିଯୋଗ ଆଣି ମାନବାଧିକାର କମିଶନଙ୍କୁ ଭେଟିଲା ଭାଜପା

**ଭୁବନେଶ୍ୱର,୨୪।୬(ବ୍ୟୁରୋ):** ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ଏହାର ଏକ ଦୃଷ୍ଟାନ୍ତ ମାଲକାନଗିରିରୁ ଆସିଛି। ମେ ୭ରେ ମାଲକାନଗିରି ପୋଲିସ କ୍ୟାଣ୍ଟିନରେ ଜଣେ ଆଦିବାସୀ ମହିଳାଙ୍କ ସହ ବଳାତ୍କାର ହୋଇଥିବା ଭାଜପା ଅଭିଯୋଗ କରିଛି। ଭାଜପା ଅଭିଯୋଗ ଅନୁଯାୟୀ, ମହିଳାଙ୍କୁ ବଳାତ୍କାର ପରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ଅବସ୍ଥା ଖରାପ ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ନେବା ରାସ୍ତାରେ ମୃତ୍ୟୁ ହୋଇଥିଲା। ପୀଡ଼ିତା ସ୍ୱାମୀଙ୍କ କହିବାନୁଯାୟୀ, ତାଙ୍କ ସ୍ତ୍ରୀ ଅଚେତ ଥିଲେ । ଦେହରେ କ୍ଷତ ଚିହ୍ନ ଥିଲା। ସ୍ୱାମୀ ଏନେଇ ଅଭିଯୋଗ କରିଥିଲେ। ଘଟଣାକୁ ଡେଢ଼ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ପୋଲିସ ଚୁପ୍ ରହିଛି ବୋଲି ଭାଜପା ଅଭିଯୋଗ କରିଛି। ଘଟଣା ବିରୋଧରେ ପ୍ରତିବାଦ କରି ରାଜ୍ୟ ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ୩ ଦଫା ଦାବି ଜଣାଇଛନ୍ତି। ସେହିପରି ସମାନ ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ମଧ୍ୟ ଅଭିଯୋଗ ଆଣିଥିଲେ।


**PARADIP PORT TRUST**

**e-TENDERING NOTICE**

Online tenders in three bid system i.e (1) EMD Bid (2) Technical Bid (3) Price Bid are invited from manufacturers/authorized dealers for supply & installation of **125 KVA DG Set (Make-Cummins/Greaves/ Kirloskar).** The last date and time of submission of the tender is **17.15 Hours on Dt.13/07/2020.** For details, log on to website **https://eprocure.gov.in/eprocure/app**

Sr. Dy. Materials Manager

PPT/PR/94/20-21, Dt.24/06/2020

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

(A Government of Odisha Undertaking)

O/o the Dy. General Manager (Elect.) EHT (Construction) Division, Bhubaneswar

Tel.: 0674-2545078(O), E-mail: ehtc.div.bbs@optcl.co.in **CIN: U40102OR2004SGC007553**

**TENDER CALL NOTICE No.-EHTC.DIV.BBS/01-2020-21**

Sealed tenders are invited from the bidders having valid PAN, GSTN No., Labour license for **"Annual Maintenance Contract Cleaning, Up-keeping and sanitation works of Circle, Division and Sub-division (Sub-division - I, II & Pratapsasan) Office, Office Periphery and Approach Road Under EHT (C) Division, Bhubaneswar". Cost of the Tender Paper:** (Non-refundable) Rs.2,000/- + GST @ 12% GST, **EMD : 1% amounting Rs.3,840/- to be submitted in the shape of bank draft** from nationalized bank. Selling of Tender documents will be commenced from **Dt.26.06.2020** to **Dt.15.07.2020** (11:00 AM to 05:00 PM except on holidays). **Last Date for Submission of Tender:** Dt.15.07.2020 (up to 03:00 PM except on holidays). **Date of Opening of Tender:** Dt.15.07.2020 at 04:00PM. For details, please visit our website **www.optcl.co.in. Addendum/Corrigendum, if any, will be published in the official website www.optcl.co.in of OPTCL only.**

Sd/- Dy. General Manager (Elect.)

Please connect us: optcl.odisha optcl_odisha energyodisha

**OFFICE OF THE PRINCIPAL, B.R.M. COLLEGE, BHUBAN**

**Letter No. 247/20** **Dated: 24.06.20**

Sealed quotations are invited from Regd. Supplier/Firms/ Authorized Dealers for procurement of the Laboratory Equipments/ Chemicals of Science Departments of the College. For details of specifications, terms and conditions please visit the website **www.brmcollege.org.in** or Telephone No. 9437426555, e-mail: **bajiroutmemorialcollege@gmail.com**.

**Sd./- Principal, B.R.M. College, Bhuban**

**ODISHA HYDRO POWER CORPORATION LTD**

CIN: U40101OR1995SGC003963

(GOVERNMENT OF ODISHA UNDERTAKING)

**OFFICE OF THE SR. GENERAL MANAGER (EL.)**

CHIPLIMA HYDRO ELECTRIC PROJECT, CHIPLIMA

At/P.O – CHIPLIMA– 768026, DIST-SAMBALPUR (ODISHA)

WEB: www.ohpcltd.com (0663) 2460661,

No. CAD-204 Email-hpschiplima@yahoo.in, Fax No. (0663) 2460505

**No.-CHEP/TW-159 (Vol.-II)/1788** **Date: 24.06.2020**

**TENDER CALL NOTICE NO.-CHEP-03/2020-21**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned works from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Sl. No. | Description | Cost of Tender Paper (Non-refundable) | Estimated Cost / EMD (Refundable) |
|---|---|---|---|
| 1 | Renovation of Record Room for Finance Wing at SGM Office, CHEP, Chiplima | Rs.472/- (Rs.400/- + GST @18%) | Rs.60,634/- EMD=Rs.610/- |
| 2 | Cleaning of Shrub Jungle at Power Channel Road from RD 23000ft. to RD 83000ft. of CHEP, Chiplima | Rs.472/- (Rs.400/- + GST @18%) | Rs.45,217/- EMD=Rs.460/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.29.06.2020 up to 12:30 PM of dtd.08.07.2020.**

OIPR-04006/11/0003/2021 **Sd/- Unit Head, CHEP, Chiplima**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 13 ରେ ପ୍ଲଟ ନଂ - 13-2F/560 ଟିକୁ ଶ୍ରୀ ଚନ୍ଦ୍ରଭାନୁ ପଣ୍ଡା, ପିତା - ଦର୍ଶନୀ ପଣ୍ଡା, ସା - ଦାମୋଦରପୁର, ପୋ - ଦୋଳଗ୍ରାମ, ଥା - ବିଞ୍ଝାରପୁର, ଜିଲ୍ଲା - ଯାଜପୁର ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଚନ୍ଦ୍ରଭାନୁ ପଣ୍ଡା ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସରସ୍ୱତୀ ସୁତାର, ସ୍ୱାମୀ - ଦିଲ୍ଲୀପ କୁମାର ସୁତାର, ସା/ପୋ - ନସଲପୁର, ଥା - ନୂଆହାଟ, ଜିଲ୍ଲା - ଭଦ୍ରକ - 756118ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି । ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସଚିବ

**The Odisha Small Industries Corporation Ltd.**

( A Government of Odisha Undertaking) )

*(An ISO:9001:2008 certified Govt.Company)*

**Industrial Estate, Madhupatna, CUTTACK – 753 010. Odisha.**

**Tel No. : 0671-2341204 ,2342816 Fax : 0671-2341875/2342561**

e-mail: osicltd@gmail.com,osicmd@gmail.com, website: osicltd.in

**TENDER CALL NOTICE**

Ref No. 2459 Dt. 22.06.2020

The Managing Director, OSIC Ltd., Cuttack invites tender from MSMEs duly empanelled with OSIC for execution of works as mentioned below. The bidding agency can bid for all or any no. of works described herein.

1. Supply and Installation of Biometric face detection devices with software & CCTV cameras at different locations under BDA, Bhubaneswar.
2. Supply and Installation of Solar Street Light in Dalijora Range of Cuttack Forest Division under Programme Expenditure during 2020-21.
3. Supply and Installation of Solar Street Light in Forest Fringe villages/ remote villages under DFO, Boudh.

| | |
|---|---|
| Period of availabilty of tender document | 24.06.2020 to 08.07.2020 up to 4.00 PM |
| Last date of submission of tender | 08.07.2020 at 4.30 PM |
| Date of opening of tender | 09.07.2020 at 3.00 PM(if the day is declared as holiday the tender will be opened on next working day) |
| Validity of Tender | 90 Calendar days from the Last date of submission of tender. |
| Tender Bid Cost | **Rs. 5000.00** |

The detailed tender call notice can be downloaded from the OSIC website www.osicltd.in . The tender for the work is to be dropped in the tender box present in the office of the MD, OSIC Ltd, Cuttack or shall be received by Regd. Post/Speed Post/Courier within the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Any corrigendum/changes/modifications will appear in OSIC Ltd. website www.osicltd.in only.

**MANAGING DIRECTOR**

**PANCHAYAT SAMITI, CHITRAKONDA**

**TENDER CALL NOTICE No. /2020-21**

**No. /2020** **Date: 06.2020**

The Block Development Officer, Chitrakonda invites Percentage Sealed Tender with full confromity with Tender Call Notice from the Registered Contractor of State PWD/MI/Irrigation/Rural works/CPWD for the following works to be eventually drawn in PWD F-2 agreement as detailed below.

| Sl. No. | Name of the Work | Scheme | Estimated Cost in Rs. | Tender Value put to tender in Rs. | Class of Contractor | Cost of Tender Paper | EMD 1% (In Rs.) | Time of Completion in Calendar Months |
|---|---|---|---|---|---|---|---|---|
| 1 | Const. of Road and Drain from Punjabi Chowk to Daily Market | 2019-20 | 2000000/- | 1785714/- | C & D | 6000/- | 17857/- | 4 (Four) Months |
| 2 | Development of Rural Hat at Jantapai | 2019-20 | 1500000/- | 1339286/- | C & D | 6000/- | 13393/- | 4 (Four) Months |
| 3 | Development of Rural Hat at Palankrai | 2019-20 | 1500000/- | 1339286/- | C & D | 6000/- | 13393/- | 4 (Four) Months |
| 4 | Development of Rural hat at Petal | 2019-20 | 2000000/- | 1785714/- | C & D | 6000/- | 17857/- | 4 (Four) Months |
| 5 | Const. of 10 KL Capacity ESRT at New Block Office, Chitrakonda | 2019-20 | 1400000/- | 1400000/- | C & D | 6000/- | 14000/- | 4 (Four) Months |

1. The tender papers will be sold on payment of cost (Non-refundable) in shape of Bank Draft drawn at any Nationalized Bank in favour of Block Development Officer, Chitrakonda from Dt.26.06.2020 to 01.07.2020 (excluding the holidays) during office hour (from 10 A.M. to 5 P.M.) only in the Office of the BDO, Chitrakonda. Sealed tender paper will be received from Dt.26.06.2020 to 05.07.2020 upto 5 P.M. on the working day only in the Office of the BDO, Chitrakonda through Registered Post/Speed Post only. The tender paper received after the stipulated time will not be considered. No tender paper will be received by Hand or by Courier Service. The tender papers shall be opened on Dt.08.07.2020 at 11 A.M. onward in the office chamber of BDO, Chitrakonda in presence of the Bidders or their authorized representatives having written authorization for the purpose.

   The tender is to be submitted with AFFIDAVIT, E.M.D., Signed DTCN, Attested Copies of Registration Certificate, PAN Card, valid GST Clearance Certificate, T&P list and Similar Work Experience Certificate/Relevant Certificate issued from the Competent Authority. Detailed Work Programme, No Relation Certificate, Caste Certificate and other documents required as per the relevant clauses of the DTCN along with the tender paper and furnish the originals of the above said documents during opening of the tender before the Tendering Authority.

   The authority reserves the right to accept or reject the tender without mentioning any reason thereof.
2. The Tender Call Notice also available in Dist. website i.e. **www.malkangiri.nic.in** during Dt.24.06.2020 to 03.07.2020.

**Sd./- Block Development Officer, Chitrakonda**

**OFFICE OF THE COLLECTOR & DISTRICT MAGISTRATE, BALANGIR**

**(SOCIAL WELFARE SECTION)**

**TENDER CALL NOTICE FOR ENGAGEMENT OF TRANSPORTING AGENT FOR THE YEAR 2020-21 UNDER SNP IN BALANGIR DISTRICT**

No.1033/DSWO Dt.24.06.2020

1. Tender from intending Firms/Transport Contractor(s)/ Agent(s) eligible as per the conditions specified in the tender documents, for transportation of food stuff from FCI Godown to different Anganwadi Centres for the year 2020-21.
2. Tender papers required for the tender can be obtained from the Office of D.S.W.O., Balangir on payment of Rs.10000/- (non-refundable) in cash on any working day from the date of publication of this notice till 8.7.2020 during office hour or the documents can be downloaded from internet available in our website.
3. Tender documents shall be submitted by Speed Post/ Registered Post/ Drop Box in the DSWO, Balangir on or before 5.00 P.M. of 9.7.2020.
4. Tender papers must be accompanied with the money receipt and other relevant documents as mentioned in the form. Failure to comply the instruction specified there on or non-submission of any of the documents specified, the bid shall summarily be rejected.
5. Tender shall be opened on 10.7.2020 at 11.00 A.M. in the Office of Collector, Balangir and the bidders are at liberty to attend.
6. Undersigned reserves the right to award the tender and reject any or all the tender documents without assigning any reason thereof.
7. Details of this tender is also available in the Notice Board of official website **http://balangir.nic.in**.

By Order of Collector, Balangir

**Sd./-District Social Welfare Officer**

**Balangir**

ସବୁ କୁତ୍ସିତ ଓ ଖରାପ କଥା ପଛରେ ଗୋଟିଏ ସୌନ୍ଦର୍ଯ୍ୟ ଲୁଚି ରହିଛି ଏବଂ ତାହା ପ୍ରକାଶିତ ହେବାକୁ ଚେଷ୍ଟା କରୁଛି। ତୁମକୁ ଏହି କଥା ଭଲ ଲାଗିବା ଉଚିତ। ... ଏହା ହିଁ ତୁମର ସ୍ୱପ୍ନ ଓ ଆକାଂକ୍ଷାର ବିଷୟବସ୍ତୁ ହେବା ଉଚିତ। -ଶ୍ରୀମା

# ଲୋପ ପାଇବ ହାତୀବଂଶ



ମାନେକା ଗାନ୍ଧୀ

ନିକଟରେ କେରଳରେ ହାତଡିଆରି ବୋମା ଦ୍ୱାରା ଓ ଛତିଶଗଡ଼ରେ ପାଣିଗାତରେ ବିଷ ଢାଳି ହାତୀମାନଙ୍କୁ ମରାଯାଇଛି। ଏହା ନିଃସନ୍ଦେହ ଯେ ଭାରତରେ ହାତୀମାନେ ବହୁସଂଖ୍ୟାରେ ମରୁଛନ୍ତି ଏବଂ ସେମାନଙ୍କର ତ୍ରାଣକର୍ତ୍ତା କେହି ନାହାନ୍ତି। ସାତବର୍ଷ ଧରି ସୁପ୍ରିମ୍‌କୋର୍ଟରେ ହାତୀ ସୁରକ୍ଷା ସମ୍ପର୍କିତ ମାମଲାର ଶୁଣାଣି ନ ହୋଇ ପଡ଼ିରହିଛି। ଏହାର ଶୁଣାଣି ହୋଇଥିଲେ ହଜାର ହଜାର ହାତୀଙ୍କ ଜୀବନ ରକ୍ଷା ହୋଇଥାନ୍ତା। କିନ୍ତୁ ଜାଲିକାଟୁ ମାମଲାରେ କୋର୍ଟ ଅତିଶୀଘ୍ର ରାୟ ପ୍ରଦାନ କରିଥିବା ବେଳେ ଏହି ପ୍ରଜାତିକୁ ବଞ୍ଚାଇବା ପାଇଁ ସମୟ ପାଇ ନାହାନ୍ତି।

ହାତୀମାନଙ୍କର ଚଲାପଥ ନଷ୍ଟ ହେବା ଫଳରେ ସେମାନଙ୍କର ମୃତ୍ୟୁ ଘଟୁଛି। ସେମାନଙ୍କ ପଲଗୁଡ଼ିକ ବିଭାଜିତ ହୋଇଯାଉଛନ୍ତି। ସେମାନେ ପିଇବାକୁ ପାଣି ଏବଂ ଖାଇବାକୁ ଯଥେଷ୍ଟ ଗଛପତ୍ର ପାଉନାହାନ୍ତି। ଫଳରେ ଖାଦ୍ୟ ଓ ଜଳ ଅନ୍ୱେଷଣରେ ଚାଷଖେତ ଓ ଗାଁଗଣ୍ଡାକୁ ଆସି ଗ୍ରାମବାସୀଙ୍କ ଗୁଳି ଓ ବିଷର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କୁ ଜଙ୍ଗଲ ବିଭାଗ ଦ୍ୱାରା ବି କାବୁ କରି ପିଟି ପିଟି ହତ୍ୟା କରାଯାଉଛି। ଭାରତରେ ବର୍ତ୍ତମାନ ୨୦,୦୦୦ରୁ କମ୍ ହାତୀ ଏବଂ ୮୦୦ରୁ କମ୍ ଦନ୍ତା ରହିଛନ୍ତି। କେବଳ ଗୋଟିଏ ସପ୍ତାହରେ ଆମେ ୮ଟି ହାତୀଙ୍କୁ ହରାଇଛୁ, ସେଥିମଧ୍ୟରୁ ଦୁଇଟି ହେଉଛନ୍ତି ଦନ୍ତା। ତଥାପି ଆମେ ସେମାନଙ୍କୁ ହତ୍ୟା କରିବା ଜାରି ରଖିଛୁ। କେରଳ ଓ ଓଡ଼ିଶା ହାତୀ ମୃତ୍ୟୁରେ ଶୀର୍ଷରେ ରହିଛି ଏବଂ ଏହି ଦୁଇଟି ରାଜ୍ୟରେ ପ୍ରତିବର୍ଷ ଅନେକ ଡଜନ ହାତୀଙ୍କର ମୃତ୍ୟୁ ହେଉଛି। ଓଡ଼ିଶାରେ ରେଳଗାଡ଼ି ଦୁର୍ଘଟଣାରେ ଏବଂ ଜଙ୍ଗଲ ବିଭାଗ ଦ୍ୱାରା ପିଟଣା ଖାଇ ହାତୀ ମରୁଛନ୍ତି। ରେଳପଥ କେତେ ବର୍ଷ ଭିତରେ ଶହ ଶହ ହାତୀଙ୍କୁ ହତ୍ୟା କରିଛି। କେରଳରେ ସେମାନେ ମାଡ଼ମାରି, ଅନାହାରରେ ରଖି ଏବଂ ତଳେ ପଡ଼ି ମରିବା ପର୍ଯ୍ୟନ୍ତ ଉତ୍ତପ୍ତ ଖରାରେ ପରେଡ୍ କରାଇ ହାତୀମାନଙ୍କୁ ହତ୍ୟା କରନ୍ତି। ୨୦ ବର୍ଷରୁ କମ୍ ଅନେକ ଛୋଟ ହାତୀଙ୍କୁ ମାସମାସ ଧରି ଲୁହାଶିକୁଳି ଦ୍ୱାରା ଖୁଣ୍ଟରେ ବାନ୍ଧି ରଖିବା ଯୋଗୁ ସେମାନେ ମୃତ୍ୟୁବରଣ କରନ୍ତି। କେରଳର ବହୁ ସଂଖ୍ୟକ ବୀମାଭୁକ୍ତ ହାତୀଙ୍କୁ ପାଣିରେ ବୁଡ଼ାଇ କିମ୍ବା ତାଙ୍କ ଦେହରେ ଜାଣିଶୁଣି କଳଙ୍କିଲଗା ଲୁହା କଣ୍ଟା ଫୁଟାଇ ମାରି ଦିଆଯାଏ। ଏମାନଙ୍କ ମଧ୍ୟରୁ ଅନେକ ହାତୀ କେରଳର ନୁହନ୍ତି। ସେମାନଙ୍କୁ ବେଆଇନ ଭାବେ ଆସାମ ଜଙ୍ଗଲରୁ ଧରି ପରେ କେରଳର ଘରୋଇ ମାଲିକମାନଙ୍କୁ ବିକ୍ରି କରାଯାଇଥାଏ। ବର୍ତ୍ତମାନ ଛତିଶଗଡ଼ରେ ୬ଟି ହାତୀଙ୍କୁ ହତ୍ୟା କରାଯାଇଛି (୨୦୧୮ରୁ ଏପର୍ଯ୍ୟନ୍ତ ୬୮ ହାତୀଙ୍କୁ ମରାଗଲାଣି)। ଗ୍ରାମବାସୀମାନେ ଜାଣିଶୁଣି ପୋଖରୀ ପାଣିରେ କୀଟନାଶକ ଢାଳି ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କୁ ମାରୁଛନ୍ତି। ଏହାଦ୍ୱାରା ସମସ୍ତ ବନ୍ୟଜନ୍ତୁ ମରିବେ ଏବଂ ବୋଧହୁଏ ମଣିଷମାନେ ବି ବାଦ୍ ପଡ଼ିବେ ନାହିଁ। ଆଉ ଦଶବର୍ଷ ମଧ୍ୟରେ ଆମେ ହାତୀ ଦେଖିବାକୁ ପାଇବା ନାହିଁ। ତା'ପରେ ତା'ର ଅସଲ ପରିଣତି ଆମକୁ ଭୋଗିବାକୁ ପଡ଼ିବ।

ହାତୀ ଦୂର ଦୂର ସ୍ଥାନରେ ବୀଜବିକ୍ଷେପ କରି ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲ ସୃଷ୍ଟି କରିବାରେ ସାହାଯ୍ୟ କରେ। ବୀଜବିକ୍ଷେପ ପାଇଁ ଗଛ ସେମାନଙ୍କ ଫଳର ଭୋଜନକାରୀଙ୍କ ଉପରେ ନିର୍ଭର କରେ, ଯେହେତୁ ମଞ୍ଜି ସେମାନଙ୍କ ପେଟରେ ହଜମ ନ ହୋଇ ମଳ ସହିତ ବାହାରି ବିଭିନ୍ନ ଦୂର ଦୂର ସ୍ଥାନରେ ପଡ଼ିଥାଏ ଏବଂ ଅନୁକୂଳ ପରିବେଶ ପାଇଲେ ଗଜା ହୋଇ ଗଛରେ ପରିଣତ ହୋଇଥାଏ। ମା' ଗଛଠାରୁ ମଞ୍ଜି ଦୂରରେ ପଡ଼ିଲେ ହିଁ ଗଛ ହେବାର ସମ୍ଭାବନା ଥାଏ ଏବଂ ମା' ଗଛ ମୂଳରେ ପଡ଼ିଲେ ଗଛ ହୁଏ ନାହିଁ ବା ହେଲେ ବଢ଼େ ନାହିଁ।

୩୦୦ ବର୍ଷ ପୂର୍ବେ ଡୋଡୋ ପକ୍ଷୀ ବିଲୁପ୍ତ ହେବାପରେ ମରିସସ୍‌କୁ ତା'ର ସମ୍ପୂର୍ଣ୍ଣ ବାଣିଜ୍ୟ ଓ ସଂସ୍କୃତିରେ ପରିବର୍ତ୍ତନ କରିବାକୁ ପଡ଼ିଥିଲା। ସେହିପରି ହାତୀ ସଂଖ୍ୟା ହ୍ରାସ ପାଉଥିବାରୁ ଭାରତୀୟମାନେ ଆଗକୁ ଏହାଦ୍ୱାରା ପ୍ରଭାବିତ ହେବେ। ଯେମିତି ହାତୀମାନେ ସଫା ହୋଇଯିବେ, ସେମିତି ଅନେକ ଗଛ ବି ପଦା ହୋଇଯିବେ। ଏହା ହେଉଛି ଫରେଷ୍ଟ ଇକୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟର ମେ ମାସରେ ପ୍ରକାଶିତ ଏକ ଅଧ୍ୟୟନର ବାର୍ତ୍ତା। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏକ ଡଜନରୁ ଅଧିକ ହାତୀ-ନିର୍ଭରଶୀଳ ବୃକ୍ଷ ପ୍ରଜାତିର ସଂଖ୍ୟା ସେମାନଙ୍କ ଇକୋସିଷ୍ଟମରୁ ହାତୀବଂଶ ଲୋପ ପାଇବା ପରେ ବ୍ୟାପକଭାବେ ହ୍ରାସ ପାଇଛି। ଫଳ ପ୍ରଦାନକାରୀ ବୃକ୍ଷଗୁଡ଼ିକ ବୀଜବିକ୍ଷେପର ପ୍ରାଥମିକ ମାଧ୍ୟମ ଭାବରେ ଜଙ୍ଗଲୀ ହାତୀ ଉପରେ ନିର୍ଭର କରନ୍ତି। ଏହି ପ୍ରକ୍ରିୟାକୁ କୁହାଯାଏ ମେଗା ଫନାଲ୍ ଡିସ୍‌ପର୍ସାଲ ସିଣ୍ଡ୍ରୋମ୍। ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋର ସାଲୋଙ୍ଗା ନ୍ୟାଶନାଲ ପାର୍କରେ ଏହି ଅଧ୍ୟୟନ କରାଯାଇଥିଲା, ଯେଉଁଠାରେ ଗତ କିଛି ଦଶନ୍ଧି ମଧ୍ୟରେ ୯୮%ରୁ ଅଧିକ ହାତୀ ଶିକାରୀଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି।

ଏହି ଗଛଗୁଡ଼ିକ ମଧ୍ୟରୁ ଅଧିକାଂଶ ପାଇଁ ହାତୀ ଦୁଇଟି ମୁଖ୍ୟ ଭୂମିକା ଗ୍ରହଣ କରନ୍ତି। ସେମାନେ ଗଛର ଫଳ ଖାଇ ବ୍ୟାପକ ଅଞ୍ଚଳରେ ବୁଲନ୍ତି ଏବଂ ସେମାନଙ୍କ ଗୋବର ମାଧ୍ୟମରେ ବୀଜବିକ୍ଷେପ କରନ୍ତି। ଅନୁସନ୍ଧାନରୁ ଜଣାପଡିଛି ଯେ, ହାତୀର ପେଟରେ ଥିବା ଏସିଡ୍ ଦ୍ୱାରା ନରମ ହୋଇଥିବା ମଞ୍ଜି ଅନ୍ୟ ମଞ୍ଜି ଅପେକ୍ଷା ବହୁତ ଶୀଘ୍ର ଗଜା ହୋଇଥାଏ। ଦଶନ୍ଧି ଦଶନ୍ଧି ଧରି ଫଳଗଛଗୁଡିକ ହାତୀମାନଙ୍କ ସହିତ ସ୍ୱତନ୍ତ୍ର ସହଭାଗିତା ସୃଷ୍ଟି କରିଛନ୍ତି ଏବଂ ଯଦି ସେମାନେ ଲୋପ ପାଇଯାଆନ୍ତି ତେବେ ଏହି ପ୍ରଜାତିର ଗଛଗୁଡିକ ପାଇଁ ବଂଶବୃଦ୍ଧିକୁ ନିଶ୍ଚିତ କରିବାକୁ ଅନ୍ୟ କୌଣସି ଅଂଶୀଦାର ନାହାନ୍ତି। ଏହି ହାତୀ-ନିର୍ଭରଶୀଳ ଗଛଗୁଡିକ ଲୋପ ପାଇଲେ ତାହାର ବ୍ୟାପକ ପାରିବେଶିକ ପ୍ରଭାବ ଦେଖିବାକୁ ମିଳିବ। କାରଣ ସେମାନେ ଅନେକ ତୃଣଭୋଜୀ ପ୍ରାଣୀ, ପକ୍ଷୀ, କୀଟପତଙ୍ଗ ଏବଂ ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ଖାଦ୍ୟ ଯୋଗାଇଥାନ୍ତି। ଏହି ଗଛଗୁଡିକ ଲୋପ ପାଇଲେ ଉକ୍ତ ପ୍ରାଣୀ, ପକ୍ଷୀ ଓ କୀଟପତଙ୍ଗ ବିଲୋପ ପାଇଯିବେ।

ଏହି ଗଛଗୁଡିକ ମଧ୍ୟରୁ ଅନେକ ପାରମ୍ପରିକ ଔଷଧ ପାଇଁ ବହୁ ପୂର୍ବରୁ ବ୍ୟବହୃତ ହୋଇଆସୁଛି। ଆଧୁନିକ ବିଜ୍ଞାନରେ ସେମାନଙ୍କର ଉପକାରିତା ବୁଝିବା ପାଇଁ ପର୍ଯ୍ୟାପ୍ତ ଗବେଷଣା କରାଯାଇ ନାହିଁ। ଆମେ ସେମାନଙ୍କ ଔଷଧୀୟ ମୂଲ୍ୟ ବୁଝିବା ପୂର୍ବରୁ ବହୁ ବିଳମ୍ବ ହୋଇ ନ ଯାଉ ଏବଂ ତା' ପୂର୍ବରୁ ବୃକ୍ଷଗୁଡ଼ିକ ବିଲୁପ୍ତ ହୋଇ ନ ଯାଉ। ଉଦାହରଣ ସ୍ୱରୂପ, ବେଲ (Aegle marmelos) ଏବଂ ଏହାର ଭାଇ କଇଥ ଏକମାତ୍ର ଗଛ ଯାହା ଗ୍ୟାଷ୍ଟ୍ରିକ୍ ଅଲସର ଭଲ କରିଥାଏ। କ୍ରନିକ୍ ତରଳ ଝାଡ଼ା, ନାଳଝାଡ଼ା, ଶ୍ୱାସରୋଗ, ଜଣ୍ଡିସ୍, ରକ୍ତହୀନତା ଓ ମଧୁମେହ ଆଦି ରୋଗର ଚିକିତ୍ସାରେ ମଧ ବେଲ ବ୍ୟବହୃତ ହୁଏ। ହାତୀବଂଶ ଲୋପ ପାଇଲେ ଆମେ ହରାଇବାକୁ ଥିବା ଅନେକ ଗଛ ମଧ୍ୟରୁ ଏହା ଗୋଟିଏ। ଆଉ ଗୋଟିଏ ଗଛ ହେଉଛି ଏଲିଫ୍ୟାଣ୍ଟ ଆପ୍‌ଲ ବା ଓଉ (Dillenia indica)। ପାଶ୍ଚାତ୍ୟ ଔଷଧ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରାୟତଃ ଦୁର୍ଲଭ। ସେମାନେ ଉପରୋକ୍ତ ଗଛଗୁଡ଼ିକ ପରି ସ୍ଥାନୀୟ ଉଦ୍ଭିଦଗୁଡ଼ିକୁ ପାରମ୍ପରିକ ଭାବେ ଔଷଧରୂପେ ବ୍ୟବହାର କରିଥାନ୍ତି, ଯାହାର ଗୁଣାଗୁଣ ଆଧୁନିକ ବିଜ୍ଞାନ ଏପର୍ଯ୍ୟନ୍ତ ଜାଣିପାରି ନାହିଁ।

ଯଦି ହାତୀବଂଶ ଜଙ୍ଗଲରୁ ଲୋପ ପାଇଯାନ୍ତି ତେବେ ଅନେକ ଉଦ୍ଭିଦ ପ୍ରଜାତି ଲୋପ ପାଇଯିବେ। ଗବେଷକମାନେ ଦର୍ଶାଇଛନ୍ତି ଯେ, ହାତୀ ଦ୍ୱାରା ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ମଞ୍ଜିରୁ ନୂତନ ଉଦ୍ଭିଦ ଜନ୍ମି ଜଙ୍ଗଲ ସୃଷ୍ଟି ହୋଇଥାଏ। ସାଧାରଣ ଅବସ୍ଥାରେ ମଞ୍ଜିଗୁଡିକର ମାତ୍ର ୧୫ ପ୍ରତିଶତରୁ କମ୍ ପରିପକ୍ୱ ଗଛରେ ପରିଣତ ହୁଏ, କିନ୍ତୁ ହାତୀର ପେଟ ଭିତରକୁ ଯାଇ ହଜମ ନ ହୋଇ ମଳବାଟେ ବାହାରିଥିବା ମଞ୍ଜି ଗଜା ହୋଇ ବଡ଼ ଗଛରେ ପରିଣତ ହେବାର ସମ୍ଭାବନା ୫୦ ପ୍ରତିଶତରୁ ଅଧିକ। ହାତୀବଂଶ ହ୍ରାସ ବା ଲୋପ ପାଇବା ଯୋଗୁ ପ୍ରଭାବିତ ହୋଇଥିବା କେତେକ ଉଦ୍ଭିଦ ବଂଶ (Plant Family) ହେଉଛି: ଫାବାସିୟା, ମାଲ୍‌ଭାସିୟା, ସାପୋଟାସିଆ, ପୋଏସିଆ, ମୋରାସିଆ ଏବଂ ଇଉଫୋର୍ବିଏସିଆ।

ତାଞ୍ଜାନିଆର ସେରେଙ୍ଗେଟି ସମତଳ ପରି ଆଫ୍ରିକୀୟ ସାଭାନ୍ନାରେ ହାତୀମାନେ ଏକ ପ୍ରମୁଖ ସହାୟକ ପ୍ରଜାତି ଅଟନ୍ତି। ହାତୀମାନେ ସାଭାନ୍ନାରେ ବଢୁଥିବା ବୁଦାଳିଆ ଗଛ ଓ ଆକାଶିଆ ପରି ଛୋଟ ଗଛ ଖାଇଥାନ୍ତି। ହାତୀମାନଙ୍କର ଏପରି ଖାଇବା ଯୋଗୁ ସାଭାନ୍ନା ଜଙ୍ଗଲ ନ ହୋଇ ଏକ ତୃଣଭୂମି ହୋଇ ରହିଛି। ହାତୀ ଗଛସଂଖ୍ୟାକୁ ନିୟନ୍ତ୍ରଣ କରିବା ସହିତ ଘାସ ବଢ଼ିବାରେ ସାହାଯ୍ୟ କରିଥାଏ ଏବଂ ଆଣ୍ଟିଲୋପ୍, ୱାଇଲ୍‌ଡେବିଷ୍ଟ (ବୃହତ୍ ଆଫ୍ରିକୀୟ ଆଣ୍ଟିଲୋପ୍ ବିଶେଷ) ଓ ଜେବ୍ରା ଭଳି ତୃଣଭୋଜୀ ପ୍ରାଣୀଙ୍କ ଜୀବନନିର୍ବାହ ସହଜ ହୋଇଥାଏ। ମୂଷା ଓ ଚୁଚୁନ୍ଦ୍ରା ପରି ଛୋଟ ଛୋଟ ପ୍ରାଣୀ ସାଭାନ୍ନାର ଉଷ୍ମ, ଶୁଖିଲା ମାଟିରେ ଗାତ ଖୋଳି ରହନ୍ତି। ସିଂହ ଓ ହେଟା ପରି ମାଂସାଶୀ ପ୍ରାଣୀମାନେ ଶିକାର ପାଇଁ ସାଭାନ୍ନା ଉପରେ ନିର୍ଭର କରନ୍ତି।

ହାତୀମାନେ ଜଙ୍ଗଲ ଦେଇ କରିଡର (ଚଲାପଥ) ସୃଷ୍ଟି କରି ବିନାଶର ରାସ୍ତାଠାରୁ ଦୂରରେ ରହନ୍ତି। ପାଣି ପିଇବା ପାଇଁ ସେମାନେ ଶୁଖିଲା ନଦୀ ଶଯ୍ୟାରେ ଗଭୀର ଗାତ ଖୋଳନ୍ତି। ଏ ଉଭୟ କାର୍ଯ୍ୟ ଅତ୍ୟନ୍ତ ଲାଭଦାୟକ। ହାତୀ ଚଲାପଥଗୁଡିକ ଜଙ୍ଗଲ ନିଆଁକୁ ବ୍ୟାପିବାରୁ ରୋକିଥାଏ ଏବଂ ଗଭୀର ଗର୍ତ୍ତଗୁଡିକ ଅନ୍ୟ ପ୍ରାଣୀମାନଙ୍କ ପାଇଁ ଜଳ ଉତ୍ସ ସୃଷ୍ଟି କରିଥାଏ। ସେମାନେ ବାଲାନାଇଟ୍ ଗଛର ମଞ୍ଜିଗୁଡିକ ଏଣେତେଣେ ପକାଇ ଗଛର ବଂଶବୃଦ୍ଧିରେ ସାହାଯ୍ୟ କରିଥାନ୍ତି, ଯାହା ଆଫ୍ରିକାର କେତେକ ଅଞ୍ଚଳରେ ଦୁର୍ଭିକ୍ଷ ସମୟରେ ଖାଦ୍ୟ ଭାବରେ ବ୍ୟବହୃତ ହୁଏ।

ବୋଧହୁଏ ଆମେ ହେଉଛୁ ଶେଷ ପିଢ଼ି ଯେଉଁମାନେ ହାତୀମାନଙ୍କୁ ଜଙ୍ଗଲରେ ଦେଖିବାକୁ ପାଉଛୁ। ୨୦୦୦ ମସିହା ପରେ ଯେଉଁମାନେ ଜନ୍ମହୋଇଛନ୍ତି ସେମାନେ ଆଗାମୀ ଦିନରେ କେବଳ ଚିଡ଼ିଆଖାନାରେ, ପ୍ରାଣୀ ଉଦ୍ୟାନରେ କିମ୍ବା ମନ୍ଦିରରେ ଏକାକୀ ଶୃଙ୍ଖଳିତ ପ୍ରାଣୀକୁ ଦେଖିବାକୁ ପାଇବେ, ଯେଉଁମାନେ ଧୈର୍ଯ୍ୟର ସହିତ ନିଜର ମୃତ୍ୟୁକୁ ଅପେକ୍ଷା କରିଥିବେ।

Email: gandhim@nic.in

# ଶିଶୁଙ୍କୁ ବିପଦ ବେଶି



ଅଭିମନ୍ୟୁ ଧଳ

ଦଶବର୍ଷରୁ କମ୍ ବୟସର ଶିଶୁମାନଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନେ ସହଜରେ କରୋନା ମହାମାରୀରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି। ଏଭଳି ପରିସ୍ଥିତିରେ ସେମାନଙ୍କର ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। କରୋନା ଭୂତାଣୁ ଯୋଗୁ ସମଗ୍ର ବିଶ୍ୱରେ ଟିକାକରଣ କାର୍ଯ୍ୟକ୍ରମ ପ୍ରଭାବିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ୟୁନିସେଫ୍‌ର ଏକ ରିପୋର୍ଟ ଅନୁସାରେ ଏହି ସମସ୍ୟା ମଧ୍ୟରେ ବିଶ୍ୱର ଆଠ କୋଟି ଶିଶୁ ଭୟଙ୍କର ରୋଗ କବଳକୁ ଆସି ପାରନ୍ତି। ଅନେକ ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି ଯେ, ତୁରନ୍ତ କାର୍ଯ୍ୟକ୍ରମ ଆରମ୍ଭ ନ କଲେ ହଇଜା, ରୋଟା ଭାଇରସ, ଡିପ୍‌ଥେରିଆ ଭଳି ବେମାରି ଯୋଗୁ ହେବାକୁ ଥିବା ମୃତ୍ୟୁସଂଖ୍ୟା କରୋନାଠାରୁ ବଳିଯିବ। କେତେକ ଦେଶରେ ମିଳିମିଳା ଓ ପୋଲିଓ ଡ୍ରପ୍ କାର୍ଯ୍ୟକ୍ରମକୁ ରୋକାଯାଇଛି। ଏହା ବିକଶିତ ଦେଶରେ ମଧ ଦେଖାଯାଉଛି। ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ୍ ପ୍ରିଭେନସନ୍ସ ପ୍ରକାଶ କରିଛି ଯେ, ନ୍ୟୁୟର୍କ ସିଟିରେ ଛଅ ସପ୍ତାହ ଲକ୍‌ଡାଉନ୍ ଯୋଗୁ ଗତବର୍ଷ ତୁଳନାରେ ପିଲାଙ୍କୁ ଦିଆଯାଉଥିବା ଡୋଜ୍‌ରେ ୬୩% ହ୍ରାସ ଦେଖାଦେଇଛି। ମାତାପିତା ପିଲାକୁ ମେଡିକାଲ ନେବା ପାଇଁ ଡରୁଛନ୍ତି ଏବଂ ଅନ୍ୟପକ୍ଷରେ ସ୍ୱାସ୍ଥ୍ୟକର୍ମୀମାନେ କୋଭିଡ୍-୧୯ ବିରୋଧରେ ଲଢ଼େଇ ଜାରି ରଖିଥିବାରୁ ସେମାନଙ୍କ ପାଖରେ ସମୟ ନାହିଁ।

କୋଭିଡ୍-୧୯ ବିଶ୍ୱସାରା ତା'ର କାୟା ବିସ୍ତାର କରିଥିବାରୁ ଧୀରେଧୀରେ ଶିଶୁମାନଙ୍କ ଅଧିକାର କ୍ଷୁଣ୍ଣ ହେଉଥିବା ଅଭିଯୋଗ ଆସିଛି। ଏହି ମହାମାରୀ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ଦୁର୍ବଳ କରିପକାଉଛି। ଫଳସ୍ୱରୂପ ଆଗାମୀ ଛଅମାସ ଭିତରେ ବିଶ୍ୱରେ ଦିନକୁ ଆହୁରି ଅଧିକ ୬,୦୦୦ ଶିଶୁ ମୃତ୍ୟୁମୁଖରେ ପଡ଼ିବେ ବୋଲି ୟୁନିସେଫ୍ ସତର୍କ କରାଇ ଦେଇଛି। ଆକଳନ ଅନୁଯାୟୀ ନିଜର ପଞ୍ଚମ ଜନ୍ମଦିନ ଦେଖିବା ପୂର୍ବରୁ ଏତେ ସଂଖ୍ୟକ ଶିଶୁ ଆରପାରିକୁ ଚାଲିଯାଇଥିବେ। ଦଶନ୍ଧି ଦଶନ୍ଧି ଧରି କେବେ ଏହିଭଳି ପରିସ୍ଥିତି ଉପୁଜି ନ ଥିଲା ବୋଲି ୟୁନିସେଫ୍ ଚିନ୍ତା ପ୍ରକଟ କରିଛି। ଯେଉଁ ସମୟରେ ଏକ ମୁକ୍ତବିହଙ୍ଗ ସମ ହସିଖେଳି ସାଙ୍ଗମେଳରେ ସମୟ ବିତାଇବା କଥା, ସେହି ସମୟରେ ମାସ ମାସ ଧରି ଗୃହବନ୍ଦୀ ହୋଇ ରହିବାରୁ ସେମାନେ ଏକ ପ୍ରକାର ମାନସିକ ଚାପରେ ଅଛନ୍ତି।

୧୧୮ଟି ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶରେ ଆଗାମୀ ୬ ମାସ ମଧ୍ୟରେ ନିୟମିତ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ୧୨ ଲକ୍ଷ ଶିଶୁ ଆଖିବୁଜିବାର ଆଶଙ୍କା ରହିଛି। ଲକ୍‌ଡାଉନ୍ ସ୍ଥିତି ଯୋଗୁ ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ ଥିବାବେଳେ, ଘରର ମୁରବିମାନେ କାମ ନ ପାଇ ଘରେ ବସି ରହିଥିବାରୁ କୋଟି କୋଟି ଶିଶୁଙ୍କର ଏହି ସ୍ୱାସ୍ଥ୍ୟ ସମସ୍ୟା ଦିନକୁ ଦିନ ସେମାନଙ୍କ ଅଧିକାରକୁ କ୍ଷୁଣ୍ଣ କରିବାରେ ଲାଗିଛି। ଭାରତରେ ପ୍ରାୟ ଏହି ସମୟ ଭିତରେ ଅବାଞ୍ଛିତ ୯୦ ଲକ୍ଷ ଶିଶୁ ଜନ୍ମ ନେବେ। ଏହାର କାରଣ ଗର୍ଭନିରୋଧ ବଟିକାର ଅଭାବ ବା ଅପହଞ୍ଚ।

ୟୁନିସେଫ୍ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁସାରେ କରୋନା ସଂକ୍ରମଣଜନିତ ଆର୍ଥିକ ଦୁଃସ୍ଥିତି କାରଣରୁ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକର ଏହିବର୍ଷ ଶେଷସୁଦ୍ଧା ଯେତିକି ନୂଆ ଗରିବ ପରିବାର ସୃଷ୍ଟି ହେବ, ସେଥିରେ ୮୬ ନିୟୁତ ଶିଶୁ ଦାରିଦ୍ର୍ୟ ମୁହଁକୁ ଠେଲି ହୋଇଯିବେ। ପୃଥିବୀରେ ଦରିଦ୍ର ପରିବାରର ଶିଶୁମାନଙ୍କ ସଂଖ୍ୟା ୯୭୨ ନିୟୁତ ହୋଇଯିବ। ପୃଥିବୀର ପ୍ରାୟ ସମସ୍ତ ଦେଶରେ ତାଲାବନ୍ଦ ପଦକ୍ଷେପ ନିଆଯାଇଥିବାରୁ ଆର୍ଥିକ ଦୁଃସ୍ଥିତି ଉଗ୍ରରୂପ ଧାରଣ କରିଛି। ଏହାଦ୍ୱାରା ମଧ୍ୟମ ଓ ନିମ୍ନ ଆୟକାରୀ ଦେଶର ଲୋକେ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଏହାର କାରଣ ହେଉଛି ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକ ନାଗରିକମାନଙ୍କ ପାଇଁ ଅଜସ୍ର ଅର୍ଥ ଆର୍ଥିକ ସହାୟତା ରୂପେ ପ୍ରଦାନ କରୁଥିବା ବେଳେ ନିମ୍ନ ଓ ମଧ୍ୟମ ଆୟକାରୀ ରାଷ୍ଟ୍ରଗୁଡ଼ିକ ସେଭଳି କରିବାରେ ସମର୍ଥ ହୋଇପାରୁ ନାହାନ୍ତି। ସାଧାରଣତଃ ଦେଖିବାକୁ ମିଳିଥାଏ ଯେ ଏହି ବର୍ଗର ରାଷ୍ଟ୍ରଗୁଡ଼ିକ ପ୍ରମୁଖ ଭାବେ ଅତ୍ୟନ୍ତ ଜନବହୁଳ। ତେଣୁ ସେସବୁ ଦେଶର ଆର୍ଥିକ ସ୍ଥିତି ଅତ୍ୟନ୍ତ ସଙ୍କଟଜନକ ହୋଇପଡ଼ିଛି।

ଭାରତକୁ ଏହି ମହାମାରୀ ଆକ୍ରମଣ ବହୁଳ ଭାବେ ପ୍ରଭାବିତ କରିଛି। ତା' ସଙ୍ଗକୁ ପ୍ରାକୃତିକ ବିପର୍ଯ୍ୟୟ, ବାତ୍ୟା ଓ ପଙ୍ଗପାଳ ଆକ୍ରମଣ ସମସ୍ୟାକୁ ବଢ଼ାଇଦେଇଛି। ଧୀରେ ଧୀରେ ତାଲାବନ୍ଦ କୋହଳ ହେଲାଣି। ଆମ ଦେଶରେ ମୃତ୍ୟୁହାର କମ୍ ଓ ଆରୋଗ୍ୟ ହାର ଅଧିକ ଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ସମୟରେ କରୋନା ଭୟ ପିଲାମାନଙ୍କ ଉପରେ ଅଧିକ ରହିବା ସ୍ୱାଭାବିକ। ଏମାନେ ଆମ ଦେଶର ଭବିଷ୍ୟତ। ସରକାର ସମୟୋଚିତ ପଦକ୍ଷେପ ଗ୍ରହଣ ନ କଲେ ସେମାନଙ୍କର ଭବିଷ୍ୟତ ଅନ୍ଧକାର ଆଡକୁ ଚାଲିଯିବାର ଆଶଙ୍କା ଦେଖାଦେଇଛି।

ଓସଙ୍ଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ- ୯୮୬୧୦୪୮୦୫୨

## ଏଇ ଭାରତରେ

ଅନେକ ଦୋକାନୀ ସେମାନଙ୍କ ଦୋକାନ ସମ୍ମୁଖରେ 'ଗରାଖ ଈଶ୍ୱର' ବୋଲି ଲେଖୁଥିବାବେଳେ ସେଭଳି ଭାବର ବିଶ୍ୱାସ ପ୍ରକଟ କରିବା ଲକ୍ଷ୍ୟ କରାଯାଏନି। କିନ୍ତୁ ମିଜୋରାମ ରାଜଧାନୀଠାରୁ ୬୫ କି.ମି ଦୂର ଶେଲିଂ ରାଜପଥ କଡ଼ରେ ଥିବା ଦୋକାନୀମାନେ ସେମାନଙ୍କ ଗରାଖମାନଙ୍କୁ ଈଶ୍ୱର ମଣିଥାନ୍ତି। ସେମାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ପ୍ରକଟ କରି ଦୋକାନରେ କେହି ଦୋକାନୀ ରହନ୍ତିନି। ମୁଖ୍ୟତଃ କୃଷକମାନେ ହିଁ ଏହି ଦୋକାନଗୁଡ଼ିକର ମାଲିକ। ଏହାକୁ 'ନଘା ଲାଉ ଦ୍ୱାର କଲଚର ଅଫ୍ ମିଜୋରାମ' ଅର୍ଥାତ୍ ବିନା ଦୋକାନୀରେ ଦୋକାନ' ବୋଲି କୁହାଯାଏ। ରାଜପଥ କଡ଼ ଆଦିବାସୀ ଗାଁଗୁଡ଼ିକରେ ଏହି ପରମ୍ପରା ବହୁ ଦିନରୁ ଚଳିଆସୁଛି। କୃଷକମାନେ ବାଉଁଶରେ ଦୋକାନ କରିଥାନ୍ତି। ପ୍ରତିଦିନ ସକାଳେ ସେମାନେ ପରିବା, ଫଳ, ଶୁଖୁଆ, ସ୍ୱାଦିଷ୍ଟ ଗେଣ୍ଡା ଓ ଫଳରସ ବୋତଲ ଏଥିରେ ରଖନ୍ତି। ଏକ ସାଇନ୍‌ବୋର୍ଡରେ ପ୍ରତ୍ୟେକ ଜିନିଷର ନାମ ଓ ତା' ମୂଲ୍ୟ ଚକ୍‌ରେ ଲେଖି ଦୋକାନରେ ଝୁଲାଇଦେଇ ଚାଷ ଖେତକୁ ଚାଲିଯାଆନ୍ତି। ଲୋକମାନେ ଦୋକାନକୁ ଆସନ୍ତି ଓ ଆବଶ୍ୟକ ଜନିଷ ନିଅନ୍ତି। ଦୋକାନରୁ ଜିନିଷ ନେବା ପରେ ମୂଲ୍ୟସୂଚୀରୁ ମୂଲ୍ୟ ଦେଖି ଦେୟ ଦେକାନରେ ଥିବା ଜମା ବାକ୍ସରେ ରଖିଦିଅନ୍ତି। ସେଥିରେ ବି କିଛି ଖୁଚୁରା ଥାଏ ଓ ଲୋକମାନଙ୍କର ଯାହା ଫେରିପାଇବାର ଥିବ ତାହାକୁ ସେଥିରୁ ନେଇଥାନ୍ତି। ସେମାନେ ସାଧୁତାର ପରିଚୟ ପ୍ରଦାନ କରିଥାନ୍ତି। କେବେ ବି କୃଷକମାନଙ୍କୁ ଠକନ୍ତିନି।

## ଚିରନ୍ତନୀ

ଗାଇଲ ଗୀତ
ଥରାଇ ତନୁ
ଗାଇଲ ଗୁଣୁ ଗୁଣୁ!
ଆମ୍ରବନେ ନୂପୁର ରୁଣୁଝୁଣୁ! (ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | C | | A | | | | | | 7 | | |
| 2 | | D | | | 0 | | | | | | 7 | 5 | 4 | |
| 6 | | | | A | | | 9 | 3 | 5 | | | | B | |
| | | | | | | | 8 | D | | 6 | 4 | | C | |
| | 1 | | 7 | D | E | 4 | | | | | | | | |
| | C | 9 | 6 | 3 | | | D | 8 | 2 | | A | | | |
| | 7 | | | 9 | 1 | | 4 | 2 | | | D | | | |
| A | 4 | | 5 | 8 | 2 | | C | | 6 | | | | | |
| | | | | | | E | | | | 1 | | | 9 | |
| | 8 | | | | D | 5 | | 0 | | E | | | 6 | |
| | A | | | | | | 1 | E | | 3 | 5 | | | |
| | | B | | | 6 | 0 | | | | 9 | | | | D |
| | | | 2 | | | | | | | D | | E | | C |
| 1 | | | | 5 | C | B | | 6 | 0 | | | | | 8 |
| 5 | | | | | 7 | 9 | | | E | C | | | | |


ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | E | 0 | B | 2 | 6 | 9 | 1 | D | 7 | 4 | C | 5 | 3 | 8 |
| 6 | D | 5 | C | 1 | A | 7 | 0 | E | 8 | 3 | 9 | 4 | B | 2 |
| B | 9 | C | 5 | 4 | D | 3 | A | 8 | 2 | 1 | E | 6 | 0 | 7 |
| 7 | 3 | 2 | 8 | E | 0 | 4 | C | 6 | D | B | 5 | 9 | A | 1 |
| 1 | 8 | 4 | 3 | 9 | 7 | 5 | 2 | B | 0 | A | 6 | C | E | D |
| 0 | C | 8 | 6 | 7 | 2 | E | B | 3 | 1 | D | 4 | A | 9 | 5 |
| 5 | 1 | B | 9 | A | 3 | C | 6 | 7 | E | 2 | 8 | 0 | D | 4 |
| 3 | A | E | 4 | 8 | 5 | 0 | D | 1 | 9 | 6 | 7 | B | 2 | C |
| D | 6 | 9 | 0 | C | B | 8 | 4 | 2 | A | 5 | 3 | 7 | 1 | E |
| 2 | 4 | 7 | 1 | D | E | A | 9 | 5 | B | C | 0 | 8 | 6 | 3 |
| C | 7 | 1 | 2 | 6 | 4 | B | 5 | A | 3 | 0 | D | E | 8 | 9 |
| E | B | 6 | D | 3 | 9 | 2 | 8 | C | 5 | 7 | A | 1 | 4 | 0 |
| 8 | 5 | D | A | B | C | 1 | E | 0 | 4 | 9 | 2 | 3 | 7 | 6 |
| 9 | 0 | A | 7 | 5 | 8 | D | 3 | 4 | 6 | E | 1 | 2 | C | B |
| 4 | 2 | 3 | E | 0 | 1 | 6 | 7 | 9 | C | 8 | B | D | 5 | A |

ଗତକାଲିର ଉତ୍ତର

# ଅନ୍‌ଲାଇନ ଶିକ୍ଷାର ସମୀକ୍ଷା ଲୋଡ଼ା



ରାଜୀବ କୁମାର ନାୟକ

କରୋନା ସଂକ୍ରମଣକୁ ରୋକିବା ସକାଶେ ଭାରତରେ ମାର୍ଚ୍ଚ ଶେଷ ସପ୍ତାହରୁ ଲକ୍‌ଡାଉନ୍ ଘୋଷଣା ହେବା ଫଳରେ ଏହାର ପ୍ରଭାବ ବିଦ୍ୟାଳୟର ପାଠପଢ଼ା ଉପରେ ପଡ଼ିଛି। ଓଡ଼ିଶାର ପ୍ରାଥମିକ ଶିକ୍ଷାରେ ଏଇ କିଛିବର୍ଷ ହେଲା ଶିକ୍ଷାବର୍ଷ ପ୍ରାୟତଃ ଫେବୃୟାରୀ-ମାର୍ଚ୍ଚରେ ଶେଷ ହୋଇ ଏପ୍ରିଲଠାରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଛି। ଏହାଦ୍ୱାରା ପିଲାମାନଙ୍କର ଖାତାବହି ସମ୍ବନ୍ଧୀୟ ଅଭାବ ଅସୁବିଧା ଗ୍ରୀଷ୍ମାବକାଶ ପୂର୍ବରୁ ପ୍ରାୟତଃ ସମାଧାନ ହୋଇ ପାଠପଢ଼ା କିଛିମାତ୍ରାରେ ଆରମ୍ଭ ହୋଇପାରୁଛି ଏବଂ ସେମାନେ ଛୁଟିର ସଦ୍‌ବ୍ୟବହାର କରିବା ସକାଶେ ଯତ୍ନଶୀଳ ହେଉଛନ୍ତି। ଚଳିତବର୍ଷ କରୋନା ସଂକ୍ରମଣର ଭୟାବହତାକୁ ଆଖି ଆଗରେ ରଖି ସରକାର ବିଦ୍ୟାଳୟ ସବୁ ବନ୍ଦ କରି ଦେଇଛନ୍ତି ଏବଂ ଅନ୍‌ଲାଇନ ପାଠପଢ଼ା ଭଳି ଏକ ଅଭିନବ ପ୍ରୟାସର ଶୁଭାରମ୍ଭ କରିଛନ୍ତି। ଓଡିଶା ଶିକ୍ଷା ସଂଯୋଗ ନାମରେ କାର୍ଯ୍ୟକାରୀ ଏହି ପ୍ରୟାସରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲା ନିଜନିଜ ଆଣ୍ଡ୍ରଏଡ ସେଟରେ ବ୍ଲକ୍‌ସ୍ତରରେ ପରିଚାଳିତ ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ଏବଂ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ମଧୁ ଆପ୍ ଡାଉନଲୋଡ୍ କରି ଅନ୍‌ଲାଇନରେ ଯାହା ଯାହା ପଢାଯିବ ଘରେ ବସି ଦେଖିପାରିବେ ଏବଂ ମେସେଜ ପଠାଇ ସନ୍ଦେହ ଦୂର କରିପାରିବେ। ଯେଉଁ ସ୍ଥାନରେ ମୋବାଇଲ ତଥା ଇଣ୍ଟରନେଟର ସୁବିଧା ନାହିଁ ଜଣେ କରି ଶିକ୍ଷକ ଗୋଟିଏ ଗୋଟିଏ ଗାଁକୁ ଯାଇ ସାମାଜିକ ଦୂରତା ବଜାୟ ପୂର୍ବକ ପିଲାଙ୍କୁ ସହାୟତା ପ୍ରଦାନ କରିବେ। କେନ୍ଦ୍ର ସରକାରଙ୍କ ତରଫରୁ ଇଂଲିଶ ମାଧ୍ୟମ ବିଦ୍ୟାଳୟ ସକାଶେ ଅନୁରୂପ ଭାବରେ ଦୀକ୍ଷାଆପ୍‌ର ଶୁଭାରମ୍ଭ କରାଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଟିଭି ମାଧ୍ୟମରେ ବି ନାନା ବିଷୟରେ ଶିକ୍ଷାଦାନର ସିଧା ପ୍ରସାରଣ କରାଯାଉଛି। କିନ୍ତୁ ଏହାର କାର୍ଯ୍ୟକାରିତାକୁ ନେଇ ଥିବା ଅସୁବିଧା ବିଷୟରେ ସମୀକ୍ଷା କରାଯିବା ଆବଶ୍ୟକ।

ପ୍ରଥମତଃ ଆମେ ଜାଣିଛୁ ସରକାରଙ୍କ ଯେତେ ବିଦ୍ୟାଳୟ ସେତେ ନୀତି। ତେଣୁ ଏହି ପଦକ୍ଷେପରେ ସରକାର ତାଙ୍କ ଅଧୀନରେ ଥିବା ଯେଉଁ ସମସ୍ତ ଆଶ୍ରମ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଏବଂ ଅବଶିଷ୍ଟ ସରକାରୀ ବିଦ୍ୟାଳୟକୁ ଏଥିରେ ସାମିଲ କରିଛନ୍ତି ସବୁଠି ସମାନ ସୁବିଧା ନାହିଁ। କେଉଁଠି ଗୋଟିଏ ଶିକ୍ଷକରେ ବିଦ୍ୟାଳୟ ଚାଲୁଥିବା ବେଳେ କେଉଁଠି ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ନାହାନ୍ତି। ତେଣୁ ଗାଁ ଗାଁ ଯାଇ ପିଲାଙ୍କୁ ଅନ୍‌ଲାଇନ ପାଠ୍ୟକ୍ରମ ସମ୍ବନ୍ଧରେ ସହାୟତା ପ୍ରଦାନ କରିବା ସହଜ ନୁହେଁ। କାରଣ ଗୋଟିଏ ବିଦ୍ୟାଳୟକୁ ଅନେକ ଗାଁରୁ ପିଲା ପଢିବାକୁ ଆସୁଥିବାବେଳେ ଗୋଟିଏ ଗାଁରେ ଅନେକ ଶ୍ରେଣୀର ପିଲା ପଢୁଛନ୍ତି। ଆହୁରି ମଧ୍ୟ ଏବେ ସମସ୍ତ ବିଦ୍ୟାଳୟ ବନ୍ଦ ଥିବାରୁ ଗାଁରେ ଯଦି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲରେ ପଢିବାର ବ୍ୟବସ୍ଥା ଅଛି, ସେ ଗାଁରୁ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଅନ୍ୟ ସ୍କୁଲକୁ ଯାଉଥିବେ। ପୁଣି ବିଷୟଭିତ୍ତିକ ଶିକ୍ଷକ ନ ହେଲେ ସହାୟତା ପ୍ରଦାନ କରିବାରେ ଅସୁବିଧା ପରିଲକ୍ଷିତ ହେବ। ଉଚ୍ଚପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟ ପରିସର ଅଧିକ ଏବଂ ଆଶ୍ରମ ବିଦ୍ୟାଳୟ କ୍ଷେତ୍ରରେ ଦେଖିଲେ ଏହାର ପରିସର ଆହୁରି ଅଧିକ। ତେଣୁ ଯେଉଁ ଶିକ୍ଷକମାନଙ୍କର ଆଗରୁ ପିଲାଙ୍କ ସହିତ ପରିଚୟ ନ ଥିବ ସେ ତା' ପାଖକୁ ଗଲେ ବିଦ୍ୟାର୍ଥୀ ତାଙ୍କୁ କେତେମାତ୍ରାରେ ଗ୍ରହଣ କରିବ? ଦ୍ୱିତୀୟତଃ ଅଧିକାଂଶଙ୍କ ପାଖରେ ମୋବାଇଲ ନାହିଁ, ଯାହା ପାଖରେ ଅଛି ଆଣ୍ଡ୍ରଏଡ ସେଟ ନାହିଁ, ଜାଗା ଭେଦରେ ଇଣ୍ଟର୍‌ନେଟ ଠିକ ଭାବରେ ଆସୁନାହିଁ। ଏପରି କି ଅନେକ ପାହାଡିଆ ତଥା ଆଦିବାସୀ ଅଧ୍ୟୁଷିତ ଇଲାକାରେ ଏହି ସେବା ଆଦୌ ଉପଲବ୍ଧ ହେଉ ନାହିଁ। ଯେଉଁଠି ସବୁ ସୁବିଧା ଅଛି ଅତିରିକ୍ତ ସେଟ ନ ଥିବା ଫଳରେ ବାପା ବା ମାଆ କାମ ନାଁରେ ବାହାରକୁ ଚାଲିଗଲେ ପିଲାଟି ଏହି ସୁବିଧାରୁ ବଞ୍ଚିତ ହେଉଛି।

ବାସ୍ତବରେ ଦେଖିଲେ ବିଦ୍ୟାର୍ଥୀମାନଙ୍କ ପାଖରେ ବ୍ୟକ୍ତିଗତ ଭାବରେ ପ୍ରାୟତଃ ମୋବାଇଲ ସେଟ ନ ଥାଏ। ତେଣୁ ତାଙ୍କୁ ମାତାପିତାଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ। ମୋବାଇଲ ମିଳିଲେ ମଧ୍ୟ ତାହାର ସଦ୍‌ବ୍ୟବହାର ପିଲା କରିବେ କି ନା ସନ୍ଦେହ। ତୃତୀୟତଃ ସବୁ ଅଭିଭାବକଙ୍କ ଆର୍ଥିକ ଅବସ୍ଥା ସମାନ ନ ଥିବା କାରଣରୁ ମୋବାଇଲ ଫୋନ ଖଣ୍ଡେ ମଧ୍ୟ ନ ଥିବା କିଛି ଅସମ୍ଭବ ନୁହେଁ। ଯେଉଁଠି ତଥ୍ୟ କହୁଛି ମଧ୍ୟାହ୍ନଭୋଜନ ଫଳରେ ବିଦ୍ୟାଳୟରେ ଉପସ୍ଥାନ ବଢିଛି ସେଠି ଜୀବନ ଜୀବିକା ପାଇଁ ଅହରହ ସଂଗ୍ରାମରତ ମଣିଷ ଆଣ୍ଡ୍ରଏଡ ସେଟ ଥିବା ମୋବାଇଲ ଏବଂ ତହିଁରେ ପୁଣି ଇଣ୍ଟର୍‌ନେଟ ସୁବିଧା ବାସ୍ତବିକ ଆକାଶ କୁସୁମ ଚିଲିକା ମାଛ ସଦୃଶ। ପ୍ରାପ୍ତ ସୂଚନା ଅନୁଯାୟୀ, ଖୋର୍ଦ୍ଧା ଭଳି ସହରି ଛାପ ଥିବା ଜିଲାରେ ୪୦ ପ୍ରତିଶତ ବିଦ୍ୟାର୍ଥୀ ଯଦି ଏହି ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥାରେ ସାମିଲ ହେବାରେ ସଫଳ ହୋଇଛନ୍ତି ତେବେ କନ୍ଧମାଳ, ମାଲକାନଗିରି ଭଳି ଜିଲାର କେତେ ପିଲା ଏଥିରେ ସାମିଲ ହୋଇଥିବେ ତାହା ଚିନ୍ତାଜନକ ବିଷୟ। ଏହାବାଦ୍ ଯେଉଁମାନେ ଏବେ ଏହି ସୁବିଧାରୁ ବଞ୍ଚିତ ହେବେ ସେମାନେ ନିଶ୍ଚୟ ପାଠପଢାରେ ପଛରେ ପଡିବେ, ଯାହା କି ବିଦ୍ୟାଳୟ ଖୋଲିଲା ପରେ ଜଣାପଡ଼ିବ। ବିଦ୍ୟାଳୟ ଖୋଲିଲା ପରେ ଯଦି ସରକାର ଏହି ପିଲାଙ୍କ ସକାଶେ ଅତିରିକ୍ତ କ୍ଲାସ୍ କରିବେ ତା'ହେଲେ ଏବେ ଛୁଟିରେ ଏହା କାର୍ଯ୍ୟକାରୀ କରିବାରେ କି ଲାଭ ରହିଲା ବରଂ ପିଲାମାନେ ପାଠ ବହି ବାଦ୍ ନିଜସ୍ୱ ଉଦ୍ୟମରେ କିଛି ଆନୁଷଙ୍ଗିକ ପୁସ୍ତକ, ଗପବହି ଇତ୍ୟାଦି ପଢିବାର ସୁଯୋଗ ପାଇ ପାରିଥାନ୍ତେ। ଆହୁରି ମଧ୍ୟ ସରକାର ଯେତେ ବାରଣ କଲେ ମଧ୍ୟ ଗାଁଠାରୁ ସହର ପର୍ଯ୍ୟନ୍ତ ଅଳ୍ପେ ବହୁତେ ଟିଉସନ ଆରମ୍ଭ ହୋଇ ସାରିଲାଣି। ତେଣୁ ଯେଉଁମାନେ ଅଭାବ ଅସୁବିଧାରେ କାଳାତିପାତ କରୁଛନ୍ତି ସେମାନେ ହିଁ ଅସଲରେ ଏହି ସମସ୍ତ ସୁବିଧାରୁ ବଞ୍ଚିତ। ଆଉ ବିଦ୍ୟାଳୟର ଦୈନନ୍ଦିନ ପାଠପଢାରେ ଯେଉଁଠି ବ୍ଲକ୍ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ ଭଳି ତଦାରଖ ବ୍ୟବସ୍ଥା ଥିବା ସତ୍ତ୍ୱେ ଦୀର୍ଘବର୍ଷ ହେଲା ଅଭିଭାବକ ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇନେଇ ବେସରକାରୀ ବିଦ୍ୟାଳୟରେ ପିଲାଙ୍କୁ ଭର୍ତ୍ତି କରିବାରେ ଲାଗିଛନ୍ତି, ସେଠି ବିନା ତଦାରଖରେ ଏହି ଯୋଜନା କେତେ ଫଳପ୍ରଦ ହେବ ତାହା ସନ୍ଦେହର ବିଷୟ। ଆନନ୍ଦମୟ ଶିକ୍ଷା ସକାଶେ ଦୀର୍ଘଦିନ ଏତେ ପରୀକ୍ଷା ନିରୀକ୍ଷା ଚାଲିଥିବା ବେଳେ ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥା ବିଦ୍ୟାର୍ଥୀଙ୍କ ମଧ୍ୟରେ ପାଚେରି ହୋଇ ଛିଡା ନ ହେଉ, ବୋଝ ହୋଇ ନ ରହୁ। ଆଉ ନାହିଁ ମାମୁଁଠାରୁ ମାମୁଁଟିଏ ଯେମିତି ହେଉ ପଛେ ଥିବା ଭଲ ଭଳି ସରକାର ଆରମ୍ଭ କରିଥିବା ଏହି ପଦକ୍ଷେପ ଯଦିଓ ଏକ ପ୍ରଶଂସନୀୟ ପଦକ୍ଷେପ ଭଳି ମନେହେଉଛି ଅସଲରେ ଯଦି ଏହା ବୈଷମ୍ୟ ସୃଷ୍ଟିକଲା ତା'ହେଲେ ସର୍ବଶିକ୍ଷା, ସମଗ୍ର ଶିକ୍ଷା ଭଳି ସରକାରଙ୍କ ସ୍ଲୋଗାନ ସ୍ଲୋଗାନରେ ରହିଯିବ। ତେଣୁ ସରକାର ଓଡିଶାର ଜନଜୀବନ, ଭୌଗୋଳିକ ଅବସ୍ଥିତି ଇତ୍ୟାଦିକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଅନ୍ୟଥା ଗୋଦରା କୋଡ଼େ ଯେତେ ମାଡ଼େ ସେତେ ହେବା ଯାହା ସାର ହେବ। ତେଣୁ ସରକାର କାଳବିଳମ୍ବ ନ କରି ଏହି ଯୋଜନାକୁ ସମୀକ୍ଷା କରିବା ଆବଶ୍ୟକ।

ପଦରପଡ଼ା, ବୌଦ୍ଧ, ମୋ-୯୪୩୭୫୬୭୧୮୧୩

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜୁନ୍ ୧୯୯୫

- ନିଶା ଔଷଧର ଚୋରା କାରବାର ଅଞ୍ଚଳ ଭାବେ ଜଣାଶୁଣା ଦକ୍ଷିଣ-ପଶ୍ଚିମ ଚାଇନାରେ ୫୬ ଜଣ ନିଶା ଔଷଧର ଚୋରା କାରବାରକାରୀଙ୍କୁ ଫାଶି ଦିଆଯାଇଛି।
- ବାଂଲାଦେଶର ପ୍ରଳୟଙ୍କରୀ ବନ୍ୟାରେ ୭୧ ଜଣଙ୍କ ପ୍ରାଣହାନି।
- ପୋଲିଓ ପ୍ରତିଷେଧକ ଟିକାର ଉଦ୍ଭାବକ ଜୋନାସ ସାଲକ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### କରୋନାଗ୍ରସ୍ତ ରେଳ କର୍ମଚାରୀ

ମହାଶୟ,

ଭୟାବହ କରୋନା ପାଇଁ କେନ୍ଦ୍ର ସରକାର କିଛିଦିନ ରେଳସେବା ବନ୍ଦ କରିଦେଲେ। ପରବର୍ତ୍ତୀ ସମୟରେ ଶ୍ରମିକ ଏକ୍ସପ୍ରେସ ଓ ଯେଉଁ କିଛି ସ୍ୱତନ୍ତ୍ର ରେଳଗାଡ଼ି ଚାଲିଲା ସେଥିରେ ନିୟୋଜିତ ଟିଟିଇ ବା ଅନ୍ୟ ରେଳ କର୍ମଚାରୀମାନେ, ଯେଉଁମାନେ କି ପ୍ରତ୍ୟକ୍ଷ ଭାବେ ଲୋକମାନଙ୍କ ସଂସ୍ପର୍ଶରେ ଆସୁଛନ୍ତି, ସେମାନେ ସେମାନଙ୍କ ରୋଗ ସମ୍ବନ୍ଧରେ ଜାଣିବାର ଉପାୟ ହିଁ ନ ଥାଏ। ସମଗ୍ର ରେଳବାଇରେ ବିଶେଷକରି ଓଡ଼ିଶାରେ ଥିବା ପୂର୍ବତଟ ରେଳପଥ ସରକାରଙ୍କୁ ସର୍ବାଧିକ ରାଜସ୍ୱ ଦେଇଥାଏ। କିନ୍ତୁ ରେଳ କର୍ମଚାରୀଙ୍କୁ ଅସୁରକ୍ଷିତ ଭାବେ ଉଚ୍ଚକର୍ତ୍ତୃପକ୍ଷ ମୃତ୍ୟୁକୁ ସାମ୍ନା କରିବା ପାଇଁ ଯେପରି ଛାଡି ଦେଉଛନ୍ତି। ଏହାର ପରିଣତି ସ୍ୱରୂପ ୫୨ବର୍ଷୀୟ ଟ୍ରେନ ସୁପରିଟେଣ୍ଡେଣ୍ଟ ହରିହର ଲେଙ୍କା କରୋନା ସଂକ୍ରମିତ ହୋଇ ଅକାଳରେ ମଲେ। ଏହାପାଇଁ ଦାୟୀ କିଏ? ସରକାର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ ପ୍ରଭୃତିଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରି ସହଯୋଗର ବ୍ୟବସ୍ଥା କରିଥିବାବେଳେ ରେଳକର୍ମଚାରୀମାନଙ୍କୁ କ'ଣ ପାଇଁ ସେଥିରୁ ବଞ୍ଚିତ କରିଛନ୍ତି? ସରକାରଙ୍କ ଘୋଷଣା ମୁତାବକ ସେମାନଙ୍କୁ ପିପିଇ ୟୁନିଫର୍ମ ମିଳୁନାହିଁ। ଆଗକୁ କେତେ ଟିଟିଇ ଓ ରେଳକର୍ମଚାରୀ ଏହାର ଶିକାର ହେବେ କିଏ କହିବ?

ଶ୍ୟାମସୁନ୍ଦର ସାମଲ, ବଉଳଛକ, ବିଡ଼ାନାସୀ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜେଲରେ ବିସ୍ଫୋରକ ରୂପ ନେବ କରୋନା

## ସଂକ୍ଷେପରେ

### ଚିନ୍ତା ବଢ଼ାଇଲେ କରୋନା ଆକ୍ରାନ୍ତ ଡାକ୍ତର

**କଟକ ଅଫିସ,୨୪।୬:** କଟକ ଶ୍ରୀରାମ ଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ମେଡିସିନ୍ ବିଭାଗର ଜଣେ ଡାକ୍ତର କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଛନ୍ତି। ସେ ଚିହ୍ନଟ ହେବା ପରେ କେବଳ ମେଡିସିନ ବିଭାଗ ନୁହେଁ, ସଂପୂର୍ଣ୍ଣ ମେଡିକାଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଡାକ୍ତରଙ୍କ ଘର କାଠଗୋଲା ସାହିରେ। ତାଙ୍କ ବାପା ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଗତ ୨୦ ତାରିଖରେ ଡାକ୍ତର ଜଣକ କାର୍ଯ୍ୟରେ ଯୋଗଦେଇ ବିଭାଗରେ ରୋଗୀ ଦେଖିଥିଲେ। ତାଙ୍କର ନର୍ସିଂହୋମ୍ ମଧ ଖୋଲା ରଖି ରୋଗୀ ଚିକିତ୍ସା କରିଛନ୍ତି। ଉଭୟ ମେଡିକାଲ ଓ ନର୍ସିଂହୋମ୍‌କୁ ବିଭିନ୍ନ ସମୟରେ ମେଡିସିନ ରିପ୍ରେଜେଣ୍ଟେଟିଭ୍‌ମାନେ ଯାଇଛନ୍ତି। ଏଥିସହ ବିଭିନ୍ନ ସମୟରେ ମେଡିକାଲର ବିଭିନ୍ନ ଜାଗାକୁ ଯିବା ସହ ଅନେକ ଡାକ୍ତର ଏବଂ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଛନ୍ତି। ଏବେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ସମସ୍ତେ ଭୟରେ ରହିଛନ୍ତି। ଡାକ୍ତରଙ୍କ ସଂସ୍ପର୍ଶରେ କେଉଁମାନେ ଆସିଥିଲେ, ତାହାର ତନାଘନା ଚାଲିଛି। ଅପରପକ୍ଷେ ଦନ୍ତ ଚିକିତ୍ସା ବିଭାଗର ଆକ୍ରାନ୍ତ ଡାକ୍ତର ଛାତ୍ରଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଛି।

ତ୍ରିନାଥ ମହାନ୍ତି
**ଭୁବନେଶ୍ୱର,୨୪।୬ (ବ୍ୟୁରୋ)**

ଓଡ଼ିଶା ଜେଲ୍‌ରେ ପଶିଲାଣି ମହାମାରୀ କରୋନା। ପୁରୀ, ରାଉରକେଲା ଓ ବ୍ରହ୍ମପୁର ଜେଲ୍‌ର ୧୦ କଏଦୀଙ୍କଠାରେ କୋଭିଡ୍-୧୯ ପଜିଟିଭ୍ ଠାବ ପରେ ଜେଲ୍‌ରେ ଏବେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହାସତ୍ତ୍ୱେ ଏଯାଏ ସମସ୍ତ କଏଦୀ ଓ କର୍ମଚାରୀଙ୍କର କୋଭିଡ୍ ପରୀକ୍ଷା ହୋଇନାହିଁ। କେବଳ ମାସ୍କ ଓ ସାନିଟାଇଜର ଧରାଇ ଦାୟିତ୍ୱ ସାରିଛି ଜେଲ୍ ବିଭାଗ। ପୋଲିସ ଉପରେ ସବୁକିଛି ଛାଡ଼ିଦେଇ ଅଚିନ୍ତାରେ ରହୁଛନ୍ତି ଅଧିକାରୀ। ଧରିତ୍ରୀ ପକ୍ଷରୁ ରାଜ୍ୟର ଦୁଇ ପ୍ରମୁଖ ଝାରପଡ଼ା ଓ ଚୌଦ୍ୱାର ଜେଲ୍‌ରେ କରୋନା ସ୍ଥିତିର ଅନୁସନ୍ଧାନବେଳେ ଏପରି ଅବ୍ୟବସ୍ଥା ନଜରକୁ ଆସିଛି। ରାଜ୍ୟ ଜେଲ୍ ବିଭାଗର ଏଭଳି ଢିଲା ପଦକ୍ଷେପ ଆଗାମୀ ଦିନରେ ବିସ୍ଫୋରକ ସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି।

ହସ୍ତଗତ ସୂଚନାନୁସାରେ, ଜେଲ କର୍ତ୍ତୃପକ୍ଷ ନୂଆ କଏଦୀଙ୍କ ସ୍ୱାବ୍ ପରୀକ୍ଷା ନ କରି ପୋଲିସ ଉପରେ ଭରସା କରୁଛନ୍ତି। କାରଣ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋଭିଡ଼ ପରୀକ୍ଷା କରାଇ କୋର୍ଟ ଚାଲାଣ କରୁଛି। ତେଣୁ ଅଭିଯୁକ୍ତ ଜଣକ ଜେଲ୍ ଆସିଲେ କେବଳ ଥର୍ମାଲ ସ୍କ୍ରିନିଂ ଛଡ଼ା ତାଙ୍କର ଆଉ କୌଣସି ପରୀକ୍ଷା କରାଯାଉ ନାହିଁ। ଅନ୍ୟପକ୍ଷରେ ପୂର୍ବରୁ




- ସମସ୍ତ କଏଦୀ, କର୍ମଚାରୀଙ୍କର ହେଉନି କୋଭିଡ୍ ପରୀକ୍ଷା
- ଆକ୍ରାନ୍ତ ହୋଇସାରିଲେଣି ୩ ଜେଲ୍‌ର ୧୦ କଏଦୀ
- ଝାରପଡ଼ା ଓ ଚୌଦ୍ୱାର ଜେଲ୍‌ର ସ୍ଥିତିକୁ ନେଇ ଅଧିକ ଆଶଙ୍କା

ନିଆଯାଇଥିବା ସ୍ୱାବ୍ ରିପୋର୍ଟ ୩ଦିନ ପରେ ଆସିବାବେଳକୁ ତାଙ୍କ ସଂସ୍ପର୍ଶରେ ଆସି ଅନ୍ୟ କଏଦୀ ଓ କର୍ମଚାରୀମାନେ ସଂକ୍ରମିତ ହେବାର ସମ୍ଭାବନା ରହୁଛି। ଏପଟେ କଏଦୀମାନେ ମିଳିମିଶି ଖାଉଥିବା ନେଇ ଜେଲ୍ କର୍ତ୍ତୃପକ୍ଷ ନିଜେ କହୁଛନ୍ତି। ଫଳରେ ଏସବୁ କାରଣରୁ ରାଜ୍ୟରେ ବିଭିନ୍ନ ଜେଲ୍‌ରେ ଏବେ ସଂକ୍ରମଣ ବ୍ୟାପିବାର ବାଟ ଫିଟିଯାଇଛି। ଏ ସମ୍ପର୍କରେ ଜେଲ ଡିଜି ସନ୍ତୋଷ ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଛନ୍ତି, ଜେଲକୁ ଆସୁଥିବା ନୂଆ କଏଦୀଙ୍କୁ ପୋଲିସ କରୋନା ପରୀକ୍ଷା କରୁଛି। କିନ୍ତୁ ଆମେ ତାଙ୍କୁ ଜେଲରେ ଏକ ସ୍ୱତନ୍ତ୍ର ସେଲ୍‌ରେ ରଖୁଛୁ। ସେମାନଙ୍କୁ କାହା ସଂସ୍ପର୍ଶରେ ଆସିବାକୁ ଦିଆଯାଉ ନାହିଁ। ସମସ୍ତଙ୍କୁ ଅଲଗା ଅଲଗା ସେଲ୍‌ରେ ରଖାଯାଉଛି। ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ କୋଭିଡ୍ ପରୀକ୍ଷା କରୁଛୁ। ରିପୋର୍ଟ ପଜିଟିଭ୍ ଆସିଲେ ଚିକିତ୍ସା ପାଇଁ ତାଙ୍କୁ କୋର୍ଟ ଜାମିନ ଦେଉଛନ୍ତି। ସେ ସୁସ୍ଥ ହେବା ପରେ ପୁଣି ତାଙ୍କୁ ଜେଲକୁ ଅଣାଯାଉଛି। ତେବେ ଜେଲରେ ରହୁଥିବା କଏଦୀ ଓ କର୍ମଚାରୀଙ୍କୁ କରୋନା ସଂକ୍ରମଣ ନ ହେବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିବା ସେ କହୁଥିବାବେଳେ ବାସ୍ତବତା କିନ୍ତୁ ଭିନ୍ନ ରହୁଛି। ରାଜ୍ୟର ଜେଲ୍‌ରେ କୋଭିଡ୍ ପରିଚାଳନା ସ୍ଥିତିକୁ ଦେଖିଲେ ବହୁ ବ୍ୟତିକ୍ରମ ନଜରକୁ ଆସୁଛି। ରାଜ୍ୟରେ କଏଦୀଙ୍କୁ କରୋନା ହେବା ପୂର୍ବରୁ ଦେଶର ବହୁ ଘଟଣା ସତର୍କ ଘଣ୍ଟି ବଜାଇଛି। ମୁମ୍ବାଇ ଆର୍ଥରରୋଡ୍ ଜେଲ୍‌ରେ ୧୮୧ଜଣ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ଦିଲ୍ଲୀ ତିହାର ଜେଲ୍‌ର ଜଣେ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଅନ୍ୟ କର୍ମଚାରୀ ମଧ ସଂକ୍ରମିତ ହୋଇଛନ୍ତି। ଚେନ୍ନାଇର କୁଡ୍ଡୁଲୋର ଜେଲ୍‌ର ୪ଜଣ ସଂକ୍ରମିତ ହୋଇଥିବାବେଳେ ଦିଲ୍ଲୀ ମାଣ୍ଡୋଲୀ ଜେଲ୍‌ର ଜଣେ କଏଦୀଙ୍କର ମୁଣ୍ଡ ନେଇଛି କରୋନା। ହେଲେ ଓଡ଼ିଶା ଜେଲ୍ ବିଭାଗ ଆବଶ୍ୟକ ପଦକ୍ଷେପ ନେଇ ନ ଥିବା ଅନୁସନ୍ଧାନରୁ ଜଣାପଡିଛି। ବର୍ତ୍ତମାନ ରାଜ୍ୟରେ ୯୦ ଜେଲ୍ ରହିଥିବାବେଳେ କେତେକ ଜେଲ୍‌ରେ କଏଦୀଙ୍କ ସଂଖ୍ୟା କ୍ଷମତାଠାରୁ ଅଧିକ ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମେ' ୨୫ ମଧ୍ୟରେ ରାଜ୍ୟର ବିଭିନ୍ନ ଜେଲ୍‌ରୁ ୭୨୩୫ଜଣ କଏଦୀଙ୍କୁ ଖଲାସ କରାଯାଇଥିବାବେଳେ ସଂକ୍ରମଣ ଏଡ଼ାଇବାକୁ ବାସ୍ତବମୁଖୀ ପଦକ୍ଷେପ ନିଆଯାଇ ନାହିଁ। କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସୁରକ୍ଷା କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମି ନାହିଁ। ଝାରପଡ଼ା ଜେଲରେ କଏଦୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କୌଣସି ସ୍ଥାୟୀ ଡାକ୍ତର ନାହାନ୍ତି। ଜଣେ ଠିକା ଡାକ୍ତର ନିଯୁକ୍ତ ହୋଇଥିଲେ ମଧ ଏଯାଏ କାର୍ଯ୍ୟରେ ଯୋଗଦେଇନାହାନ୍ତି। କଏଦୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁନି। କେବଳ ଥର୍ମାଲ ସ୍କ୍ରିନିଂ କରାଯାଉଥିବାରୁ ସଂକ୍ରମିତଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନି।

ଜେଲ ବିଭାଗର ତଥ୍ୟ ଅନୁସାରେ, ଝାରପଡ଼ା ଜେଲରେ ୭୪୯ କଏଦୀ ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ମାର୍ଚ୍ଚରେ ୮୨୦ଜଣ ରହିଥିଲେ। କରୋନା ପାଇଁ କର୍ତ୍ତୃପକ୍ଷ ୭୦ଜଣ କଏଦୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ସେହିଭଳି ଚୌଦ୍ୱାର ଜେଲରେ ୯୬୧ ବଦଳରେ ୯୭୪ଜଣ ଅନ୍ତେବାସୀ ରହିଥିବାରୁ ୧୦୦ ଜଣଙ୍କୁ ଅନ୍ୟ ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଏହାସହ ପ୍ରତିଦିନ ନୂଆ କଏଦୀ ଆସୁଛନ୍ତି ଓ ଆଉ କେତେଜଣ ମଧ ଖଲାସ ହେଉଛନ୍ତି। ତେବେ ସେମାନଙ୍କର କେବଳ ଥର୍ମାଲ ସ୍କ୍ରିନିଂ କରାଯାଇଥିବାରୁ କଏଦୀ ଓ କର୍ମଚାରୀମାନେ ଆଶଙ୍କା ଭିତରେ ରହୁଛନ୍ତି। କାରଣ ଥର୍ମାଲ ସ୍କ୍ରିନିଂରେ କେବଳ କେତେକ ଲକ୍ଷଣ ଜଣାପଡିଥାଏ। ମାତ୍ର ଭାରତରେ ଚିହ୍ନଟ ହୋଇଥିବା ୮୫ ପ୍ରତିଶତ କରୋନା ଆକ୍ରାନ୍ତଙ୍କ କ୍ଷେତ୍ରରେ ଲକ୍ଷଣ ଜଣାପଡ଼ି ନ ଥିଲା। ଓଡ଼ିଶାରେ ମଧ ଏଭଳି ବହୁ ଆକ୍ରାନ୍ତ ଚିହ୍ନଟ ହେବା ପୂର୍ବରୁ ସେମାନଙ୍କଠାରେ କୌଣସି ଲକ୍ଷଣ ଦେଖାଯାଇ ନାହିଁ। ତେଣୁ କେବଳ ଥର୍ମାଲ ସ୍କ୍ରିନିଂ ଆଗକୁ ବିପଦକୁ ଡାକି ଆଣିପାରେ। ଅନ୍ୟପକ୍ଷରେ ତଦାରଖ ସମୟରେ କର୍ମଚାରୀମାନେ ମଧ ଏକଦୀଙ୍କ ସଂସ୍ପର୍ଶରେ ଆସୁଛନ୍ତି। ଏହାଛଡ଼ା କର୍ମଚାରୀମାନେ ବାହାରେ ବୁଲାବୁଲି କରିବା ସହ ନିଜ ପରିବାର ଲୋକଙ୍କ ସହ ମିଳାମିଶା କରି ଜେଲ ଭିତରକୁ ଯାଉଛନ୍ତି। ସେହିଭଳି ଏମାନଙ୍କ ଦ୍ୱାରା ଜେଲ୍ ଓ ବାହାରେ ମଧ ସଂକ୍ରମଣ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଏବେ ଜେଲ୍‌ଗୁଡ଼ିକରେ ବହୁ ପଦବୀ ଖାଲି ରହିଥିବାରୁ ଦାୟିତ୍ୱରେ ରହୁଥିବା କର୍ମଚାରୀ ସଂକ୍ରମିତ ହେଲେ ସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି। ତେଣୁ ଜେଲ୍ ପରିସରରେ କଟକଣାକୁ କଡାକଡି ପାଳନ କରାଯିବା ସହ ସମସ୍ତ କଏଦୀ ଓ କର୍ମଚାରୀଙ୍କର କୋଭିଡ୍ ପରୀକ୍ଷାର ଜରୁରୀ ଆବଶ୍ୟକତା ରହିଛି।

# ଘରେ ଥାଇ କରୋନାରେ ମରୁଛନ୍ତି ବୟସ୍କ

**ଭୁବନେଶ୍ୱର, ୨୪।୬(ବ୍ୟୁରୋ)**

### ପୁଣି ସତର୍କ କଲେ ବାଗ୍‌ଚୀ

ଘରେ ଥାଇ ବି କରୋନାରେ ମରୁଛନ୍ତି ବହୁ ବୟସ୍କ ବ୍ୟକ୍ତି। ଏନେଇ ରାଜ୍ୟବାସୀଙ୍କୁ ପୁଣି ସତର୍କ କରାଇଛନ୍ତି ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ। ସେ କହିଛନ୍ତି, ବୟସ୍କ ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ ଓ ମୃତ୍ୟୁର ସମ୍ଭାବନା ଅଧିକ ରହିଛି। କାରଣ ବୟସ ବଢ଼ିଲେ ରୋଗ ପ୍ରତିରୋଧକ ଶକ୍ତି କମେ ଓ ବିଭିନ୍ନ ରୋଗ ହୁଏ। ବିଶେଷ କରି ମଧୁମେହ, ରକ୍ତଚାପ, ଶ୍ୱାସଜନିତ ରୋଗ ହୋଇଥାଏ। ଏହି ଦୁଇଟି କାରଣ ଯୋଗୁ ମୃତ୍ୟୁର ସମ୍ଭାବନା ମାତ୍ରା ବଢ଼ିଯାଇଥାଏ। ଏକ ଉଦାହରଣ ଦେଇ ସେ କହିଲେ, ଭାରତରେ ମେ' ୨୨ ପର୍ଯ୍ୟନ୍ତ ୩୪୩୫ଜଣଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ୭୩ ପ୍ରତିଶତଙ୍କଠାରେ ଏକାଧିକ ରୋଗର ଲକ୍ଷଣ ଥିଲା ଓ ୫୦ ପ୍ରତିଶତ ଲୋକଙ୍କ ବୟସ ୬୦ ବର୍ଷରୁ ଅଧିକ ଥିଲା। ସେହିପରି ଓଡ଼ିଶାରେ ଜୁନ୍ ୨୪ ସୁଦ୍ଧା ୨୪ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ୧୭ଜଣଙ୍କ ମୃତ୍ୟୁର ପ୍ରାଥମିକ କାରଣ ଥିଲା କୋଭିଡ୍-୧୯। ଆଉ ୭ଜଣ ଆକ୍ରାନ୍ତଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ତେବେ କରୋନାରେ ମରିଥିବା ୧୭ଜଣଙ୍କ ମଧ୍ୟରୁ ୬୦ବର୍ଷରୁ ଊର୍ଦ୍ଧ୍ୱ ହେଉଛନ୍ତି ୫୦ ପ୍ରତିଶତ ବା ୯ ଜଣ। ସେହିଭଳି ଏକାଧିକ ରୋଗରେ ପୀଡିତ ଥିବା ବ୍ୟକ୍ତି ଥିଲେ ୧୧ଜଣ। ତେବେ ୬ଜଣଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରି ନ ଥିଲା। ଓଡ଼ିଶାରେ ଏକାଧିକ ମୃତ ବ୍ୟକ୍ତି ଘରୁ ହିଁ ବାହାରି ନାହାନ୍ତି। ସେମାନଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରି ମଧ ନାହିଁ। ଅଥଚ ସେମାନେ ସଂକ୍ରମିତ ହେଲେ ଓ କଷ୍ଟ ପାଇ ଶେଷରେ ତାଙ୍କର ମୃତ୍ୟୁ ଘଟିଲା। ଏହାର କାରଣ ଦର୍ଶାଇବାକୁ ଯାଇ ବାଗ୍‌ଚୀ କହିଲେ, ମୃତ ବ୍ୟକ୍ତିଙ୍କ ନିଜ ପରିବାରର କେହି ସଦସ୍ୟ ନିୟମ ନ ମାନି ବାହାରକୁ ଗଲେ ଓ କରୋନାକୁ କୁଣିଆ କରି ଘରକୁ ଆଣିଲେ। ନିଜେ ସଂକ୍ରମିତ ହୋଇ ଭଲ ହେଲେ, କିନ୍ତୁ ଘରର ବୟସ୍କ ବ୍ୟକ୍ତିଙ୍କ ଜୀବନ ଚାଲିଗଲା। ବର୍ତ୍ତମାନ ଘରେ ଯେଉଁ ବୟସ୍କ ବ୍ୟକ୍ତି ରହୁଛନ୍ତି, ସେମାନଙ୍କ ଉପରେ ସର୍ବାଧିକ ପ୍ରଭାବ ପଡୁଛି। କୋଭିଡ୍-୧୯ର ସଂକ୍ରମଣ ଫୁସ୍‌ଫୁସ୍‌କୁ ସବୁଦିନ ପାଇଁ କ୍ଷତିଗ୍ରସ୍ତ କରିଦିଏ। ଶରୀରର ଅନ୍ୟ ଅଙ୍ଗକୁ ମଧ ଆକ୍ରାନ୍ତ କରିଥାଏ। ଏହିସବୁ ରୋଗରୁ ବୟସ୍କଙ୍କୁ ରକ୍ଷା କରିବା ପାଇଁ ସେମାନଙ୍କ ଯତ୍ନ ନେବା ନିମନ୍ତେ ସେ ୧୦ଟି ପରାମର୍ଶ ଦେଇଥିଲେ। ପରିବାରର କୌଣସି ସଦସ୍ୟ ବୟସ୍କଙ୍କ ପାଖକୁ ଗଲେ ମାସ୍କ ପିନ୍ଧନ୍ତୁ ଓ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ବାଗ୍‌ଚୀ କହିଛନ୍ତି।

# ହୋମ୍ କ୍ୱାରାଣ୍ଟାଇନ୍ ଅର୍ଥ ପାରିବାରିକ ପୁନର୍ମିଳନ ନୁହେଁ

**ଭୁବନେଶ୍ୱର, ୨୪।୬(ବ୍ୟୁରୋ):** ରାଜ୍ୟର କରୋନା ସ୍ଥିତି ସମ୍ପର୍କରେ ବୁଧବାର ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ। ବୟସ୍କ ବ୍ୟକ୍ତିଙ୍କୁ କିପରି ସୁରକ୍ଷା ଦିଆଯିବ ସେ ବିଷୟରେ କହିବା ସହିତ ହୋମ୍ କ୍ୱାରାଣ୍ଟାଇନ ବା ଗୃହ ସଙ୍ଗରୋଧ ନିୟମ ଭାଙ୍ଗୁଥିବା ଲୋକଙ୍କୁ ମଧ ଚେତାବନୀ ଦେଇଛନ୍ତି। ଗ୍ରାମାଞ୍ଚଳ ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀମାନେ ନିୟମ ମାନିଛନ୍ତି। କିନ୍ତୁ ସହରାଞ୍ଚଳରେ ଗୃହ ସଙ୍ଗରୋଧ ସମସ୍ୟା ରହିଛି। ସେ କହିଲେ, ଓଡ଼ିଶାକୁ ଏବେ ୫ଲକ୍ଷ ୭୫ହଜାର ପ୍ରବାସୀ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମାଞ୍ଚଳର, ଯେଉଁମାନେ ୬,୭୯୮ଟି ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଅନେକ ଘରକୁ ଫେରିଥିବାବେଳେ ଆଉ କିଛି ରହିଛନ୍ତି। କାଁ ଭାଁ ଛାଡ଼ିଦେଲେ ଏମାନେ ନିୟମ ମାନିଛନ୍ତି। କିନ୍ତୁ ସହରାଞ୍ଚଳରେ ଏଭଳି ସଙ୍ଗରୋଧ କେନ୍ଦ୍ର ଗଠନ କରିବା ସମ୍ଭବ ନୁହେଁ। ଏହାଛଡ଼ା ଅନେକ ଲୋକଙ୍କର ଅଲଗା ରହିବା ପାଇଁ ଜାଗା ଅଛି ଓ ସାମର୍ଥ୍ୟ ମଧ ରହିଛି। ସେଥିପାଇଁ ସରକାର ହୋମ୍ କ୍ୱାରାଣ୍ଟାଇନ ପାଇଁ ଅନୁମତି ଦେଇଛନ୍ତି। କିନ୍ତୁ ଏହାକୁ ଅନେକ ପାଳନ କରୁନାହାନ୍ତି। ହୋମ୍ କ୍ୱାରାଣ୍ଟାଇନ୍‌ର ଅର୍ଥ ପାରିବାରିକ ପୁନର୍ମିଳନ ନୁହେଁ। ହୋମ୍ କ୍ୱାରାଣ୍ଟାଇନ ନିୟମକୁ କଡ଼ାକଡ଼ି ପାଳନ କରନ୍ତୁ। ନିୟମ ଭାଙ୍ଗି ପରିବାର ସଦସ୍ୟଙ୍କୁ ବିପଦରେ ପକାନ୍ତୁନି ବୋଲି ସେ କହିଛନ୍ତି। ଗୃହ ସଙ୍ଗରୋଧରେ ରହିଲେ ଅଲଗା ଘରେ ନିଜ କୋଠରିରେ ରହିବେ। ପରିବାରର ମାତ୍ର ଜଣେ ସଦସ୍ୟ ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କ କଥା ବୁଝିବେ। ଗୃହ ସଙ୍ଗରୋଧକୁ ପାରିବାରିକ ପୁନର୍ମିଳନ କଲେ ଭୟଙ୍କର ସ୍ଥିତି ଉପୁଜିବ। ବୟସ୍କ, ଶିଶୁ ଓ ଗର୍ଭବତୀଙ୍କ ଠାରୁ ଦୂରତ୍ୱ ଅବଲମ୍ବନ କରିବା ସହିତ ସାଙ୍ଗସାଥୀ, ବନ୍ଧୁ, କୁଟୁମ୍ବଙ୍କ ସାଙ୍ଗରେ ଦେଖା ନ ହେବା ପାଇଁ ବାଗ୍‌ଚୀ ପରାମର୍ଶ ଦେଇଛନ୍ତି।

# ଲୋକାୟୁକ୍ତ ତଥ୍ୟ ପାଇବାକୁ ୱେବ୍‌ସାଇଟ୍ ଲୋକାର୍ପିତ

**ଭୁବନେଶ୍ୱର,୨୪।୬(ବ୍ୟୁରୋ):** ଲୋକାୟୁକ୍ତ ଓଡ଼ିଶାଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଲୋକାୟୁକ୍ତଙ୍କ ସରକାରୀ ୱେବ୍‌ସାଇଟ୍ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲୋକାୟୁକ୍ତ ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଅଜିତ ସିଂହଙ୍କ ଦ୍ୱାରା ଏହି ୱେବ୍‌ସାଇଟ୍ http://lokayukta.odisha.gov.in ଲୋକାର୍ପିତ କରାଯାଇଛି। ଉତ୍ସବରେ ଲୋକାୟୁକ୍ତ, ଓଡ଼ିଶାଙ୍କ ସଦସ୍ୟ ନ୍ୟାୟମୂର୍ତ୍ତି ବିଜୟ କୁମାର ନାୟକ, ଦେବବ୍ରତ ସ୍ୱାଇଁ, ରାଜେନ୍ଦ୍ର ପ୍ରସାଦ ଶର୍ମା, ଲୋକାୟୁକ୍ତଙ୍କ ସଚିବ ମାନସ କୁମାର ତ୍ରିପାଠୀ, ଏନ୍‌ଆଇସି, ଭୁବନେଶ୍ୱରର ବୈଷୟିକ ନିର୍ଦ୍ଦେଶକ ହରପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୱେବ୍‌ସାଇଟ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ଜନସାଧାରଣ ଲୋକାୟୁକ୍ତ, ଓଡ଼ିଶାଙ୍କ କାର୍ଯ୍ୟ ସମ୍ବନ୍ଧରେ ସବିଶେଷ ସୂଚନା ପାଇବା ସହ ଅଭିଯୋଗକାରୀଙ୍କ ଦ୍ୱାରା ଦାଏର କରାଯାଇଥିବା ଅଭିଯୋଗର ସ୍ଥିତାବସ୍ଥା ଏବଂ ଲୋକାୟୁକ୍ତଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆଦେଶ ସମ୍ପର୍କରେ ତଥ୍ୟ ପାଇପାରିବେ। ଏତଦ୍ ବ୍ୟତୀତ ଲୋକାୟୁକ୍ତଙ୍କ ନିକଟରେ ଦାଏର ହୋଇଥିବା ଅଭିଯୋଗଗୁଡ଼ିକର ଶୁଣାଣି ଜାଣିବା ସମ୍ବନ୍ଧରେ ଅଭିଯୋଗକାରୀ ଏବଂ ପ୍ରତିପକ୍ଷମାନେ ତଥ୍ୟ ଜାଣିପାରିବେ। ଏହି ୱେବ୍‌ସାଇଟ୍‌କୁ ଜନସାଧାରଣ ବ୍ୟବହାରକରି ଆବଶ୍ୟକ ତଥ୍ୟ ପାଇପାରିବେ। ଏନ୍‌ଆଇସି, ଭୁବନେଶ୍ୱରଙ୍କ ଦ୍ୱାରା ଏହି ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି।

**OFFICE OF THE DIVISIONAL FOREST OFFICER**
**PARALAKHEMUNDI FOREST DIVISION**
Contact No. 9437079579, E-mail: dfo_pkd@yahoo.com

**Sub:** Tender Call Notice for supply of Vermicompost/ Bio-fertilizer & Insecticides (Neem Based) under IGC, GMM, CAMPA & MGNREGS plantations raised in Paralakhemundi Forest Division.

No. MM-39: Sealed tenders are invited from reputed Agencies/Individuals separately for supply of good quality Vermicompost/Bio-fertilizer & Insecticides (Neem Based) at various locations in Paralakhemundi Forest Division during the year 2020-21. The seaprate tender application forms shall be obtained from the O/o. The DFO, Paralakhemundi Forest Division on working days from **10 A.M. to 5 P.M.** from **19.06.2020 to 29.06.2020 on payment of Rs.200/-** each in shape of non-refundable Demand Draft drawn in favour of Divisional Forest Officer, Paralakhemundi Forest Division payable at Paralakhemundi. The last date for submission of sealed tender by Regd. Post/Speed Post/By Hand is **30.06.2020 upto 5 P.M.** Only the Technical Bids shall be opened in the **afternoon of 01.07.2020** in presence of the bidder or his authorized representatives in the Office of the undersigned. The financial bids shall be tentatively opened after evaluation of the technical bids by the tender selection committee. Final selection of the bidder shall be done based on quality and cost of the materials. The undersigned reserves the right to reject any or all tender without assigning any reason thereof.

**Sd./- Divisional Forest Officer**
**Paralakhemundi Division**
OIPR-08050/11/0005/2021

**omfed** www.omfed.com
**The Odisha State Co-operative Milk Producers' Federation Limited**
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417
Fax No. 0674-2540974, Email ID: omfed@yahoo.com

**TENDER FOR REFRIGERATED ICE-CREAM VAN/INSULATED MILK VAN/ROAD MILK TANKER**

No. CAD-200: OMFED invites sealed Techno-Commercial offer in separate envelope from Manufacturer/Authorized Distributor/Authorized Dealer of TATA/Mahnidra/ Ashok Leyland/Eicher make for supply of:
01. 03 (Three) Nos. of Refrigerated Ice Cream Van of 1500 Liter Capacity (Chasis with Refrigerated Body).
02. 02 (Two) Nos. of Insulated Milk Van of 1500 Liter Capacity (Chasis with Insulated Body).
03. 02 (Two) Nos. of Road Milk Tanker of 2000 Liter Capacity (Single Compartment).
All other information such as Tender Document, Cost of Tender Paper, Date and time of receiving and opening of tender can be downloaded from the OMFED **website: www.omfed.com**. The management reserves the right to accept or reject any or all the bid document or part thereof without assinging any reason.

**Dy. Manager (Project)**
**OIPR-06063/11/0016/2021**

**SOUTHCO UTILITY**
**OFFICE OF THE SUPERINTENDING ENGINEER**
ELECTRICAL CIRCLE, BHANJANAGAR, TEL.-(06821) 240335 (O), FAX-242400
E Mail ID:- circlehead.bhanjanagar@southcoodisha.com
Letter No.:894(12) Date:24.06.2020

**E-Tender Notice No.01/2020-21/26.06.2020 SOUTHCO UTILITY / BHANJANAGAR CIRCLE**

For and on behalf of Southco Utility, sealed tenders in duplicate on two part bidding systems are invited from bidders having valid HT Electrical Licence complying with the terms and conditions laid in the tender documents of the following works.
**Work-I: For shifting of HT & LT, overhead lines & S/S from Ambagaon UP School campus under Manamunda electrical section of Boudh Electrical Division under 100% Deposit Scheme.**
**Work-II: Shifting of HT & LT, overhead lines & S/S from Lukapada UPS campus under Manamunda electrical section of Boudh Electrical Division under 100% Deposit Scheme.**
The interested bidders would be required to enrol themselves on the tender portal www.tenderwizard.com/SOUTHCO. Complete set of bidding documents will be available in www.tenderwizard.com/SOUTHCO portal from **Dt.26.06.2020 from 11.00 A.M.** onwards (as per e-tender schedule). Interested bidders may visit Southco's official website: www.southcoodisha.com or www.tenderwizard.com/SOUTHCO for detail specification.
Any addendum/corrigendum to this e-tender notice shall be uploaded in the website only.
Issue of online tender document (bid sheet) : From 26.06.2020 (11.00 A.M.) upto 02.07.2020 (01.00 P.M.)
Last date for submission of online tender : Upto dt.02.07.2020 (05.00 P.M.).
Submission of tender (Hard copy) : Upto dt.03.07.2020 (01.00 P.M.)
Opening of Techno-commercial bid (Part-I) : On dt.03.07.2020 on or after 03.00 P.M.
Southco Utility reserves the right to alter the tendered quantity and reject/accept any or all tenders or split the tender among tenders without assigning any reason thereof.

**Sd./-Superintending Engineer (Elect)**
**Electrical Circle, Bhanjanagar**

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଚାନ୍ଦବାଲି**
**OFFICE OF THE NOTIFIED AREA COUNCIL, CHANDBALI**
PIN - 756133 (Odisha)
Letter No. 1598 Dt.24.06.20

**TENDER CALL NOTICE**

Sealed tenders are invited by the undersigned from the Manufacturer/Agencies/Authorized Dealers for purchase of the following sanitation equipment good/articles as mentioned below. The tenderer should quote their rate inclusive of all taxes, transportation and installation charge. The tenderer should submit the valid copy of GST, Registration Certificate, PAN Card accompained with an EMD cost Rs.2000/- (Two thousand) only in shape of Money Receipt/Demand Draft in favour of Executive Officer, Chandbali NAC with the tender paper cost Rs.500/- (Five Hundred) only and the same will be available from **Dt.25.06.20 to 04.07.20** during office hour except holidays. The tenders should reach before the undersigned on or before through Regd. Post/Speed Post/in person in the office upto **Date 08.07.20 at 11 A.M.** and the same will be opened at **1 PM** in the presence of supplier their authorized agents if any. Tender received after scheduled date and time not to be entrained.
The authority reserves the right to reject any or all tenders without assigning any reason thereof.
**NAME OF THE ITEMS:** 1. Bleaching Powder, 2. Lime Powder, 3. Phenyl, 4. Safety Shoes, 5. Gloves, 6. Mask, 7. Safety Helmet, 8. Types of Fawda with Handle (Hoe, Mattock), 9. Belcha (Spade, Shovel), 10. Coconut Broom (Long Handle), 11. Laptop with Mouse, 12. Xerox Paper, 13. Rack, 14. Flex Banner.

**Sd./- Executive Officer, Chandbali NAC**

See Career Appointment on every **Wednesday & Saturday**

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GLOBAL FINANCE LIMITED**
(Reg. No. KA08FGD557S113)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**INDIA NETWORK**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**BIJAY FINANCE**
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**DHANLAXMI BANK LTD.** REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**OCPL** Odisha Coal and Power Limited
**ODISHA COAL AND POWER LTD.**
(A GOVT. OF ODISHA COMPANY)
Corporate Office: Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 /2300664
Site Office: Near Indian Oil Petrol Pump, At/P.O.- Hemgir, PIN-770013, Sundargarh, Odisha

**NOTICE INVITING TENDER**

NIT No: OCPL/SITE/SER-17/2020 Date: 25.06.2020
Sealed bids in prescribed format are invited from Manufacturers/Suppliers/Agencies for following job.

| Sl. No. | Name of the work | Cost of Tender Paper | BID Security | Last date of Sale of Tender Document | Date of Submission/ Opening |
|---|---|---|---|---|---|
| 1 | Supply, Installation, Testing and Commissioning of Solar Back up for One Number 03 HP Submersible Pump at OCPL's Site Office, Hemgir, Sundargarh, Odisha | Rs. 1,180/- (Rupees One Thousand One Hundred Eighty Only) inclusive of GST @ 18% | Rs.2000/- (Rupees Two Thousand Only) | 06/07/2020 | 03:00 PM on 14/07/2020<br>03.30 PM on 14/07/2020 |

Interested agencies may download the RFP document from our website, i.e **www.ocpl.org.in**. Any further clarifications may please be addressed to the undersigned at the above address or by email to: **sudhakar.sinha@ocpl.org.in**.
Tel -7608008703 (M) Sd./- Sr. Manager (Commercial & Contracts.), OCPL

No. O-133:-
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, SUNDARGARH**
**E-Procurement Notice, Online – RWSESNG –03 of 2020-21 Letter No.1118/Dtd.19.06.2020**
**E-mail address-serw_sundargarh@yahoo.com**

1. Type of the Work: Road with Bridge Work (DMF)
2. Total No. of works: 1 No. of Work (Percentage Rate Tender)
3. Estimated cost: Rs.789.60 Lakh
4. Class of contractor: 'Special' Class & 'Super' Class
5. Period of completion: Twenty-four Calendar Months
6. Cost of tender paper: The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required: The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Exemption from EMD is permissible as per codal provisions of Govt. of Odisha.
8. APS: Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of the Divisional Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder, otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder.
9. GST: Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor's bill as tax deduction at source (TDS) as per rule.
10. Other details:

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-03 of 2020-21 | 01.07.2020 11:00 AM | 22.07.2020 3:00 PM | 21.07.2020 3:00 PM | 28.07.2020 11:00 AM | Will be intimated separately |

Further details can be seen from the website **www.tendersodisha.gov.in**
N.B: Corrigendum if any may be seen in this website: **www.tendersodisha.gov.in**
Authority reserves the right to reject any or all the tenders without assigning any reasons thereof.
**Sd./- Superintending Engineer, Rural Works Circle, Sundargarh**
OIPR-25133/11/0003/2021

# ୨ଥର ହେବ କରୋନା ଟେଷ୍ଟ

■ରଥଯାତ୍ରାରେ ସମ୍ପୃକ୍ତ ସମସ୍ତଙ୍କର ହେବ ଟେଷ୍ଟ

■ସମଗ୍ର ପୁରୀ ସହରକୁ ବିଶୋଧନ କରାଯିବ

ପୁରୀ ଅଫିସ,୨୪ା୬

ସୁପ୍ରିମକୋର୍ଟଙ୍କ ସର୍ତ୍ତମୂଳକ ଅନୁମତିରେ ପୁରୀ ବଡ଼ଦାଣ୍ଡରେ ରଥ ଗଡ଼ିଲା। ବିନାଭକ୍ତ ମେଳରେ ଚତୁର୍ଦ୍ଧାମୂର୍ତ୍ତି ଜନ୍ମବେଦିରେ ପହଞ୍ଚିଲେ। ରଥଯାତ୍ରା ସମୟରେ ବିଶେଷକରି କୋଭିଡ୍ ସଂକ୍ରମଣ ଯେପରି ନ ବ୍ୟାପିବ ତାହା ଉପରେ ଗୁରୁତ୍ୱ ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ରଥଯାତ୍ରା ଦିନ ଜଣେ ସେବାୟତ ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନ ଚିନ୍ତାରେ ପଡ଼ିଯାଇଛି। ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଘୋଷଯାତ୍ରାକୁ କିପରି ସମ୍ପୂର୍ଣ୍ଣ ସଂକ୍ରମଣ ଶୂନ୍ୟ ରଖାଯିବ ସେ ନେଇ ପ୍ରଶାସନ ପଦକ୍ଷେପ ଆରମ୍ଭ କରିଦେଇଛି। ଯେଉଁ ସେବାୟତଙ୍କ କୋଭିଡ୍ ଟେଷ୍ଟ କରାଯାଇଛି ସେମାନଙ୍କର ଆଉ ଥରେ ଟେଷ୍ଟ କରାଯିବ। ଏପରି କି ରଥ ଯାତ୍ରାରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସମ୍ପୃକ୍ତ ସମସ୍ତ ପୋଲିସ, ପୌର ଅଧିକାରୀ ଏବଂ ସଫେଇ କର୍ମଚାରୀଙ୍କ ମଧ୍ୟ କୋଭିଡ୍ ଟେଷ୍ଟ କରାଯିବ। ଯେଉଁମାନଙ୍କ ଟେଷ୍ଟ ହୋଇନାହିଁ ସେମାନଙ୍କର ୨ଥର ଟେଷ୍ଟ କରାଯିବ। ଏଥିସହ ସମଗ୍ର ପୁରୀ ସହରକୁ ବିଶୋଧନ କରାଯିବ। ଆହୁରି ୫ହଜାର ମାସ୍କ ସେବାୟତ ପରିବାର ମଧ୍ୟରେ ବଣ୍ଟାଯିବ। ବୁଧବାର ସର୍କିଟ ହାଉସରେ କୋଭିଡ୍-୧୯କୁ ନେଇ ଅନୁଷ୍ଠିତ ଜରୁରୀ ବୈଠକରେ ଏଭଳି ଅନେକ ନିଷ୍ପତ୍ତି ନିଆଯାଇଛି।

ବୈଠକ ପରେ ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ଅଧକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଖୁବ୍ କମ୍ ସମୟ ମଧ୍ୟରେ ଅନୁମତି ମିଳିଥିଲେ ମଧ୍ୟ ସମସ୍ତଙ୍କ ପ୍ରଚେଷ୍ଟା ଯୋଗୁ ଶାନ୍ତିଶୃଙ୍ଖଳାର ସହ ତିନିରଥ ନିର୍ଦ୍ଧାରିତ ସମୟ ପୂର୍ବରୁ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଛନ୍ତି। କିନ୍ତୁ ଏବେ କୋଭିଡ୍ ସଂକ୍ରମଣ ଏକ ପ୍ରକାର ଚ୍ୟାଲେଞ୍ଜ ହୋଇଛି। ସଂକ୍ରମଣ ଯେପରି ନ ବ୍ୟାପେ ସେଥିପ୍ରତି ସୁପ୍ରିମ୍‌କୋର୍ଟଙ୍କ କଡ଼ା ନିର୍ଦ୍ଦେଶ ରହିଛି। ଜଣେ ସେବାୟତ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେବାୟତଙ୍କ ପୁଣି ୨ରାଉଣ୍ଡ କରୋନା ଟେଷ୍ଟ କରାଯିବ। ଆଗକୁ ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ରହିଛି। ଏଥିରେ ହଜାର ହଜାର ସେବାୟତ, ଶ୍ରୀମନ୍ଦିର କର୍ମଚାରୀ, ପୋଲିସ ଏବଂ ବିଭିନ୍ନ ବିଭାଗର କର୍ମଚାରୀ ସାମିଲ ହେବେ। ତେଣୁ ସମସ୍ତଙ୍କର କୋଭିଡ୍ ଟେଷ୍ଟ ହେବ। ସେବାୟତଙ୍କ ଭଳି ଯେଉଁମାନେ ସିଧାସଳଖ ରଥଯାତ୍ରା ସହ ସମ୍ପୃକ୍ତ ସେମାନଙ୍କ ଦୁଇଥର ଟେଷ୍ଟ କରାଯିବ। ଗୁରୁବାର ସନ୍ଧ୍ୟାରେ ଛତିଶା ନିଯୋଗର ବୈଠକ ବସିବ। ନିଯୋଗର ଜଣେ ହେଲେ ବି ସଦସ୍ୟ ଯେପରି ଟେଷ୍ଟରୁ ବାଦ୍ ନ ପଡ଼ନ୍ତି ସମସ୍ତ ନିଯୋଗ ସଭାପତି ଏବଂ ସମ୍ପାଦକଙ୍କୁ କୁହାଯିବ। ଗୁରୁବାରଠାରୁ ଗୋଟିଏ ରାଉଣ୍ଡ ଟେଷ୍ଟିଂ ଆରମ୍ଭ ହେବ। ପୂର୍ବରୁ ୮୦୦ ଏବଂ ଗତ ସୋମବାର ପ୍ରାୟ ୧୨୦୦ ସେବାୟତଙ୍କ ଟେଷ୍ଟ କରାଯାଇଥିଲା। ପୁଣି ଦୁଇରୁ ଅଢେଇ ହଜାର ସେବାୟତଙ୍କ ଟେଷ୍ଟ ହେବ। ଯେଉଁମାନଙ୍କର ପୂର୍ବରୁ ଟେଷ୍ଟ ହୋଇଛି ସେମାନଙ୍କର ଆଉ ଥରେ ଲେଖାଏ ହେବ ଏବଂ ଅନ୍ୟମାନଙ୍କ ୨ଥର ଟେଷ୍ଟ କରାଯିବ। ସେବାୟତଙ୍କୁ ଛାଡ଼ି ଦେଢ ହଜାର ପୋଲିସ କର୍ମଚାରୀ, ମନ୍ଦିର କାର୍ଯ୍ୟାଳୟ କର୍ମଚାରୀଙ୍କ ସମେତ ଜେଟିପି, ସଫେଇ କର୍ମଚାରୀ ଏମିତି ସମସ୍ତଙ୍କୁ ମିଶାଇଲେ ପ୍ରାୟ ୫/୬ ହଜାର ବ୍ୟକ୍ତିଙ୍କ କୋଭିଡ୍ ଟେଷ୍ଟ କରାଯିବ ବୋଲି ମହାପାତ୍ର କହିଛନ୍ତି। ଦିନକୁ ପ୍ରାୟ ହଜାରେ ଟେଷ୍ଟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଆବଶ୍ୟକ କ୍ୟାମ୍ପ କରାଯିବା ସହ ସଙ୍ଗରୋଧ ସୁବିଧା ବୃଦ୍ଧି ହେବ। ରଥ ଦକ୍ଷିଣ ମୋଡ଼ରେ ସାମିଲ ହେବାକୁ ଥିବା ପୋଲିସ କର୍ମଚାରୀଙ୍କର ମଧ୍ୟ ପରୀକ୍ଷା କରାଯିବ। ୨୮ ତାରିଖ ପୂର୍ବରୁ ଯେଉଁମାନଙ୍କ ରିପୋର୍ଟ ନେଗେଟିଭ ଆସିବ ସେମାନେ ହିଁ କେବଳ ଦକ୍ଷିଣ ମୋଡ଼ କରିବେ। ସମଗ୍ର ପୁରୀ ସହରକୁ ବିଶୋଧନ କରାଯିବ। ବିଶେଷକରି ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ଗଳିକନ୍ଦି ରାସ୍ତା ସାନିଟାଇଜ ହେବ। ସଙ୍ଗରୋଧ ସୁବିଧାକୁ ବୃଦ୍ଧି କରିବା ନିମନ୍ତେ ଆବଶ୍ୟକ ପଡ଼ିଲେ ୪/୫ଟି ହୋଟେଲର ୪୦୦/୫୦୦ ରୁମ୍ ନିଆଯିବ। ଯାହାର ଲକ୍ଷଣ ଦେଖାଯିବ ତାଙ୍କୁ ଏବଂ ତାଙ୍କର ପଜିଟିଭ ଆସିଲେ ତାଙ୍କ ପରିବାରକୁ ଏଠାରେ ରଖାଯାଇପାରିବ ବୋଲି ପରିଚାଳନା କମିଟି କାର୍ଯ୍ୟକାରୀ ଅଧକ୍ଷ କହିଛନ୍ତି।

### ସେବାୟତ ପରିବାରରେ ବଣ୍ଟାଯିବ ୫ ହଜାର ମାସ୍କ

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ସୂଚନା ଅନୁସାରେ ବୟନିକାକୁ ଆଉ ୫ ହଜାର ମାସ୍କ ଦେବା ପାଇଁ ଅର୍ଡର ଦିଆଯାଇଛି। ପ୍ରତ୍ୟେକ ସେବାୟତ ପରିବାରକୁ ପୁଣି ୨ଟି ଲେଖାଏ ମାସ୍କ ଦିଆଯିବ। ଏପରି କି ସବୁ ସେବାୟତ ପରିବାରକୁ ସାନିଟାଇଜର ଯୋଗାଇବା ଲାଗି ବ୍ୟବସ୍ଥା କରିଛୁ। ସେହିପରି କେବଳ ସେବାୟତ ପରିବାର ସଦସ୍ୟଙ୍କ ପାଇଁ ସ୍ୱତନ୍ତ୍ର ଭାବେ ୨ଟି ହେଲ୍‌ଥ ସେଣ୍ଟର ଖୋଲାଯିବ। ଏଥିରେ ମେଡିସିନ ସ୍ପେଶାଲିଷ୍ଟ, ଏମ୍‌ବିବିଏସ୍ ଡାକ୍ତର, କର୍ମଚାରୀ ଏବଂ ଔଷଧ ବ୍ୟବସ୍ଥା କରାଯିବ। ଏତଦ୍‌ବ୍ୟତୀତ ସେବାୟତ ପରିବାରକୁ କରୋନା ସଚେତନତା ବିଷୟରେ ଅବଗତ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ରଥଯାତ୍ରାର ସଫଳତା ପାଇଁ ପ୍ରଶଂସା କଲେ ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ,୨୪ା୬

ମହାମାରୀ କରୋନା ପାଇଁ ଶେଷ ମୁହୂର୍ତ୍ତରେ ପୁରୀ ରଥଯାତ୍ରାକୁ ସର୍ତ୍ତମୂଳକ ଅନୁମତି ମିଳିଲା। କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ ସହ ଭକ୍ତଶୂନ୍ୟ ରଥଯାତ୍ରା କରିବା ଲାଗି ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ତେବେ ମଙ୍ଗଳବାର ବେଶ୍ ଶାନ୍ତିଶୃଙ୍ଖଳାର ସହ ମହାପ୍ରଭୁଙ୍କ ରଥଯାତ୍ରା ସମ୍ପନ୍ନ ହୋଇଛି। ଏଥିପାଇଁ ବେଶ୍ ଖୁସି ବ୍ୟକ୍ତ କରିବା ସହ ରଥଯାତ୍ରା ସଫଳତାରେ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରଶଂସା କରିଛନ୍ତି ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଗଦ୍‌ଗୁରୁ କହିଛନ୍ତି, ରଥଯାତ୍ରା ମହୋତ୍ସବ ଅବସରରେ ଭକ୍ତମାନେ ଭଗବାନଙ୍କ ଖୁସିରେ ମୁଁ ଖୁସିର ପରିଚୟ ଦେଲେ। ତାହା ସବୁଠୁ ପ୍ରଶଂସନୀୟ। ଓଡ଼ିଶାବାସୀଙ୍କ ଭାବନା ଥିଲା ଆମେ ଟେଲିଭିଜନ ମାଧ୍ୟମରେ ଦର୍ଶନ କରିପାରୁ ବା ନ କରିପାରୁ କିନ୍ତୁ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନିର୍ବିଘ୍ନରେ ହେଉ। ଆଉ ତାହା ହିଁ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଏବଂ ସହାୟକ ବିଚାରପତି ଉଚିତ ସମୟରେ ଅନୁକୂଳ ନିର୍ଣ୍ଣୟ ପ୍ରଦାନ କରି ବିଶ୍ୱସ୍ତରରେ ଭକ୍ତମାନଙ୍କ ପାଇଁ ଅନୁକରଣୀୟ ଆଦର୍ଶ ପ୍ରସ୍ତୁତ କରିଛନ୍ତି। ଏତଦ୍‌ବ୍ୟତୀତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଶୁଭ କାମନା ବ୍ୟକ୍ତ କରି ଭକ୍ତଙ୍କୁ ଉତ୍ସାହିତ କରିଛନ୍ତି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି। ଜିଲା ପ୍ରଶାସନ, ଗଜପତି ମହାରାଜା ଏବଂ ନ୍ୟାୟାଳୟରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କୁ ବି ଜଗଦ୍‌ଗୁରୁ ପ୍ରଶଂସା କରିଛନ୍ତି।

## ପୋଲିସ କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ

**ପୁରୀ ଅଫିସ,୨୪ା୬:** ରଥଯାତ୍ରାରେ ନିୟୋଜିତ ଜଣେ ସେବାୟତ କରୋନା ପଜିଟିଭ ଚିହ୍ନଟ ପରେ ପ୍ରଶାସନ ଅଧିକ ଚିନ୍ତିତ ହୋଇପଡ଼ିଛି। ରଥଯାତ୍ରାରେ ସାମିଲ ସମସ୍ତ ପୋଲିସ କର୍ମଚାରୀଙ୍କ କରୋନା ଟେଷ୍ଟ ଲାଗି ନିଷ୍ପତ୍ତି ହୋଇଛି। ବୁଧବାର ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ପୋଲିସ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ପ୍ରଥମ ଦିନରେ ପ୍ରାୟ ୧୦ଟି ଟିମ୍‌ର ୫୦୦ପୋଲିସ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବାବେଳେ ବଳକା କର୍ମଚାରୀଙ୍କ ଗୁରୁବାର କରାଯିବ ବୋଲି ସୂଚନା ମିଳିଛି। ଯେଉଁମାନଙ୍କ ରିପୋର୍ଟ ନେଗେଟିଭ୍ ବାହାରିବ ସେମାନେ ରଥ ଦକ୍ଷିଣମୋଡ଼ କରିବା ସହ ରଥଯାତ୍ରାରେ ଡ୍ୟୁଟିରେ ସାମିଲ ରହିବେ।

## ସଂକ୍ଷେପରେ

### ଦିନକ ପରେ କେନ୍ଦ୍ର,ରାଜ୍ୟ ବିରୋଧରେ ରାସ୍ତାକୁ ଓହ୍ଲାଇବେ ୧୩ ବିରୋଧୀ ଦଳ

**ଭୁବନେଶ୍ୱର,୨୪ା୬(ବ୍ୟୁରୋ):** ପୂର୍ବ ଘୋଷଣା ମୁତାବକ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବା ଲାଗି ୧୩ ବିରୋଧୀ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବୁଧବାର ଏକ ବୈଠକରେ ଏକାଠି ହୋଇ ୨୬ରେ କରୋନା ପରିଚାଳନାରେ ବିଫଳତା ବିରୋଧରେ ଏବଂ ଲୋକଙ୍କ ଜୀବନ ଜୀବିକା ସୁରକ୍ଷା ଦାବିରେ ରାଜ୍ୟସ୍ତରୀୟ ପ୍ରତିବାଦ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ଶୁକ୍ରବାର ୧୧ଟାରେ ଭୁବନେଶ୍ୱରସ୍ଥିତ ମାଷ୍ଟର କ୍ୟାଣ୍ଟିନ୍‌ରେ ମିଳିତ ପ୍ରତିବାଦ ପ୍ରଦର୍ଶନ କରିବେ। ଏତଦ୍‌ବ୍ୟତୀତ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରି ଦାବିପତ୍ର ମଧ୍ୟ ଦେବେ। ବୈଠକରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମ୍‌ଏଲ୍) ଲିବରେଶନ, ସମାଜବାଦୀ ପାର୍ଟି, ଆମ୍ ଆଦ୍‌ମୀ ପାର୍ଟି, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ, ସିପିଆଇ(ଏମ୍‌ଏଲ୍) ରେଡ୍ ଷ୍ଟାର, ରାଷ୍ଟ୍ରୀୟ ଜନତା ଦଳ, କଳିଙ୍ଗ ସେନା ଏନ୍‌ସିପି, ବହୁଜନ ସମାଜ ପାର୍ଟି, ସମୃଦ୍ଧ ଓଡ଼ିଶା ପ୍ରମୁଖ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ।

### ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ପ୍ରାଥମିକତା

**ଭୁବନେଶ୍ୱର,୨୪ା୬(ବ୍ୟୁରୋ):** ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷା କୃଷି ଉପରେ ନିର୍ଭରଶୀଳ। ରାଜ୍ୟରେ ଖରିଫ୍ ଚାଷ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସମବାୟ ଓ କୃଷି ବିଭାଗ ସମନ୍ୱୟରେ ଚାଷୀଙ୍କୁ ବିହନ, ସାର ଓ ଅନ୍ୟ କୃଷି ସାମଗ୍ରୀ ଯୋଗାଇ ଦିଆଯାଉଛି ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଫସଲ ଋଣ ଯୋଗାଣ କ୍ଷେତ୍ରରେ ନୂତନ ଚାଷୀ ଏବଂ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। କୃଷିମନ୍ତ୍ରୀ ଅରୁଣ ସାହୁ ଚଳିତ ଖରିଫ ଫସଲରେ ଅଣଧାନ ଉପରେ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି। କୃଷି ଭବନରେ ବୁଧବାର ଆୟୋଜିତ ଉଚ୍ଚସ୍ତରୀୟ ବୈଠକରେ ଉଭୟ ବିଭାଗର ସମନ୍ୱୟ ଉପରେ ଦୁଇ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଦୁଇ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ମିଳିତଭାବେ କାର୍ଯ୍ୟକରି ତୃଣମୂଳସ୍ତରରେ ଚାଷୀଙ୍କ ସମସ୍ୟାର ସମାଧାନ କରିବେ ବୋଲି ସମନ୍ୱୟ ବୈଠକରେ ନିଷ୍ପତ୍ତି ହୋଇଛି। ଚାଷୀଙ୍କୁ ଉନ୍ନତମାନର ବିହନ, ସାର, ଖରିଫ ଫସଲ ଋଣ ଯୋଗାଣ, ଫସଲ ବୀମା ଏବଂ କୃଷିଜାତ ଦ୍ରବ୍ୟର ବିକ୍ରିବଟା, ରବି ଫସଲ ସଂଗ୍ରହ ଉପରେ ବିସ୍ତୃତଭାବେ ଆଲୋଚନା ହୋଇଛି। ଫସଲ ଋଣ ଯୋଗାଣ କ୍ଷେତ୍ରରେ ନୂତନ ଚାଷୀଙ୍କୁ ଅଗ୍ରାଧିକାର ଦେବା, ମୋଟ ଫସଲ ଋଣର ୧୦ ପ୍ରତିଶତ ଯୋଗାଇଦେବା ପାଇଁ ସମବାୟ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସମବାୟ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଏଥିସହିତ ବାଣିଜ୍ୟିକ ବ୍ୟାଙ୍କଗୁଡିକ କୃଷି କ୍ଷେତ୍ରରେ ଅଧିକ ଋଣ ଯୋଗାଇଦେବାର ଆବଶ୍ୟକତା ଦୃଷ୍ଟିରୁ ଏ ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି।

## ସବୁ ପଞ୍ଚାୟତରେ ନିର୍ମାଣ ହେବ ପଞ୍ଚାୟତ ଭବନ

**ପଞ୍ଚଦଶ ଅର୍ଥ କମିଶନରେ ମିଳିବ ୨୦ ଲକ୍ଷ**

ଭୁବନେଶ୍ୱର,୨୪ା୬(ବ୍ୟୁରୋ)

କରୋନା ଯୋଗୁ ବିଭିନ୍ନ ରାଜ୍ୟରେ ଥିବା ଶ୍ରମିକମାନେ ନିଜ ରାଜ୍ୟକୁ ଫେରି ଯାଇଛନ୍ତି। କାମ ଧନ୍ଦା ହରାଇ ବସି ରହିଛନ୍ତି। ସେମାନଙ୍କ ଦକ୍ଷତାକୁ ଦେଖି ନିଯୁକ୍ତି ସୃଷ୍ଟି କରିବା ଲାଗି ପଞ୍ଚାୟତସ୍ତରରେ ଭିତ୍ତିଭୂମି ସୁଦୃଢ଼ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମପଞ୍ଚାୟତ ଭବନ ନିର୍ମାଣ କରାଯିବ। ଯେଉଁ ପଞ୍ଚାୟତରେ ପଞ୍ଚାୟତ ଭବନ ନ ଥିବ ସେଠାରେ ନିର୍ମାଣ କରାଯିବ। ଏଥିପାଇଁ ପଞ୍ଚଦଶ ଅର୍ଥ କମିଶନ ସୁପାରିସ ଅନୁଯାୟ ୨୦୨୦-୨୧ ପାଇଁ ଅର୍ଥ ପ୍ରଦାନ କରାଯିବ। ପ୍ରତ୍ୟେକ ଭବନ ନିର୍ମାଣ ଲାଗି ୨୦ ଲକ୍ଷ ଟଙ୍କା ଅର୍ଥ କମିଶନ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରୁ ଏହି ଅର୍ଥ ପ୍ରଦାନ କରାଯିବ। ଏ ନେଇ ପଞ୍ଚାୟତି ରାଜ ମନ୍ତ୍ରଣାଳୟ ସଚିବ ରାଜ୍ୟ ସରକାରଙ୍କୁ ଅବଗତ କରାଇଛନ୍ତି। କୁଶଳୀ ଶ୍ରମିକମାନଙ୍କୁ ପଞ୍ଚାୟତ ଭବନ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରାଯାଇ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯିବ। କରୋନାକୁ ଦୃଷ୍ଟିରେ ରଖି ସ୍କୁଲ ଓ କଲେଜ ଘରଗୁଡ଼ିକୁ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଛି। ତେବେ ଶିକ୍ଷାନୁଷ୍ଠାନ ଆସନ୍ତା ଅଗଷ୍ଟରେ ଖୋଲିବ। ସେଗୁଡିକୁ ଅଧିକ ଦିନ ପାଇଁ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇ ପାରିବ ନାହିଁ। ଏଭଳି କ୍ଷେତ୍ରରେ ଗ୍ରାମ ପଞ୍ଚାୟତ ଭବନଗୁଡ଼ିକୁ କ୍ୱାରାଣ୍ଟାଇନ୍ ସେଣ୍ଟର ଭାବେ ବ୍ୟବହାର କରାଯିବ। ଦେଶର ୬୦ ହଜାର ପଞ୍ଚାୟତରେ ନିଜସ୍ୱ ପଞ୍ଚାୟତ ଭବନ ନାହିଁ।

## ଛାତ୍ର ବିଜେଡିର ଜୀବନବିନ୍ଦୁ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪ା୬(ବ୍ୟୁରୋ)



ଭୁବନେଶ୍ୱର ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ଜୀବନବିନ୍ଦୁ କାର୍ଯ୍ୟକ୍ରମ।

ସମଗ୍ର ରାଜ୍ୟରେ କରୋନା ମହାମାରୀରେ ରକ୍ତାଭାବ ଦୂର କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଛାତ୍ର ବିଜେଡି ପକ୍ଷରୁ ବୁଧବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ସ୍ୱରୂପ ଛାତ୍ର ବିଜେଡି କରୋନା ମୁକାବିଲାରେ ପ୍ରମୁଖ ଭୂମିକା ନେଇଛି। ବିଜୁ ଛାତ୍ର ଜନତା ଦଳ ସଭାପତି ରାଣା ପ୍ରତାପ ପାତ୍ରଙ୍କ ନେତୃତ୍ୱରେ ବିଜେଡି ରାଜ୍ୟ କାର୍ଯ୍ୟାଳୟ ଠାରେ ବୁଧବାର ଠାରୁ ସପ୍ତାହେ ପର୍ଯ୍ୟନ୍ତ ରକ୍ତଦାନ ଶିବିର ଆୟୋଜନ କରାଯିବ। ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଥମେ ରକ୍ତଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ ନାୟକ ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ସେନାପତି, ସସ୍ମିତ ରଞ୍ଜନ ପଟ୍ଟନାୟକ, ଅସୀତ ସାମଲ, ସମ୍ପାଦକ ପ୍ରମୋଦ ପାତ୍ର, ଦୀପକ ସାହୁ, ସିଦ୍ଧାର୍ଥ ସାମଲ, ସାଙ୍ଗଠନିକ ସମ୍ପାଦକ ସ୍ନେହାଶିଷ ଜେନାଙ୍କ ସମେତ ବହୁ ଛାତ୍ର ନେତା ଯୋଗ ଦେଇ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।

## ସୁଶାନ୍ତ ସିଂଙ୍କୁ କ୍ୟାଟ୍ରିନାଙ୍କ ପ୍ରଶଂସା




**ମୁମ୍ବାଇ:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ଏବେ ଆଉ ଆମ ଗହଣରେ ନାହାନ୍ତି ସତ। କିନ୍ତୁ ଏହି ଛୋଟ ଫିଲ୍ମ କ୍ୟାରିୟର ଭିତରେ ସେ ତାଙ୍କର ଅନେକ ଫ୍ୟାନ୍ ଫଲୋୟର୍ସଙ୍କୁ ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ମୃତ୍ୟୁ ପରେ ଏବେ ବଲିଉଡ୍‌ରେ ନେପୋଟିଜମ୍, ଗ୍ରୁପିଜମ୍‌କୁ ନେଇ ଝଡ଼ ସୃଷ୍ଟି ହୋଇଛି ସତ କିନ୍ତୁ ବଲିଉଡ୍‌ର ବହୁ ଅଭିନେତା ଅଭିନେତ୍ରୀ ତାଙ୍କ ଆକ୍ଟିଂକୁ ପ୍ରଶଂସା କରନ୍ତି ଏବଂ କରୁଥିବେ ମଧ୍ୟ। ସେମାନଙ୍କ ମଧ୍ୟରୁ ଜଣେ ଅଭିନେତ୍ରୀ ହେଲେ କ୍ୟାଟ୍ରିନା କୈଫ୍। ସେ ସୁଶାନ୍ତଙ୍କ କାମକୁ ବେଶ୍ ପସନ୍ଦ କରନ୍ତି। ସେ ସୁଶାନ୍ତଙ୍କ ଅଭିନୀତ ଫିଲ୍ମ 'ଏମ୍‌ଏସ୍ ଧୋନି : ଦି ଅନ୍‌ଟୋଲ୍ଡ ଷ୍ଟୋରୀ'ର ବହୁତ ବଡ଼ ଫ୍ୟାନ୍। ସେ ଏହି ଫିଲ୍ମ ପାଇଁ ସୁଶାନ୍ତଙ୍କୁ କେବେ ଭୁଲି ପାରିବେ ନାହିଁ ବୋଲି ଏକ ଭିଡିଓରେ କହିଥିଲେ। ସେ ଏକ ଲାଇଭ୍ ସେଶନ୍‌ରେ ମଧ କହିଥିଲେ, ସେ ଜଣେ ବହୁତ ଭଲ ଅଭିନେତା। ସୁଯୋଗ ମିଳିଲେ ମୁଁ ତାଙ୍କ ସହ ନିଶ୍ଚୟ କାମ କରିବାକୁ ଚାହିଁବି। ଏବେ ସେହି ଭିଡିଓଟି ଭାଇରାଲ ହେବାରେ ଲାଗିଛି। ଗୋଟିଏ ପଟେ ବଲିଉଡ୍‌ର ଆଲିଆ, ସୋନମ ଭଳି ଅଭିନେତ୍ରୀ ତାଙ୍କୁ ଚିହ୍ନି ନ ଥିବା କହୁଥିବାବେଳେ ଫ୍ୟାନ୍‌ମାନେ ଉତ୍ତ୍ୟକ୍ତ ହୋଇ ଇନ୍‌ଷ୍ଟାରୁ ସେମାନଙ୍କୁ ଅନ୍‌ଫଲୋ କରିଛନ୍ତି। କ୍ୟାଟ୍ରିନାଙ୍କର ଫ୍ୟାନ୍, ଫଲୋୟର୍ସମାନେ ବର୍ତ୍ତମାନ ବଢ଼ିବାରେ ଲାଗିଛନ୍ତି। ସେମାନେ ସୁଶାନ୍ତଙ୍କୁ ବେଶ୍ ପସନ୍ଦ କରନ୍ତି। ପ୍ରକାଶ ଥାଉ କି, ଜୁନ ୧୪ ତାରିଖରେ ମୁମ୍ବାଇ ସ୍ଥିତ ବାନ୍ଦ୍ରା ବାସଭବନରେ ସୁଶାନ୍ତ ସିଂ ରାଜପୁତ ଫାଶ ଲଗାଇ ଆତ୍ମହତ୍ୟା କରିଥିଲେ। ଫ୍ୟାନ୍‌ମାନେ ଏହି ଖବରକୁ ସହଜରେ ଗ୍ରହଣ କରିପାରି ନ ଥିବାବେଳେ ବହୁ ଅଭିନେତା ଅଭିନେତ୍ରୀ ମଧ୍ୟ ତାଙ୍କୁ ମନେ ପକାଉଛନ୍ତି।

## ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାହାଘର

ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୨୪ା୬ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ତେଲେନପାଲିରେ ଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)ରେ ବୁଧବାର ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଛି। ତେଲେନପାଲି ସରପଞ୍ଚ କୁନ୍ତଳା ମାଝି ଓ ତାଙ୍କ ସ୍ୱାମୀ ହେମସାଗର ମାଝି ମା'ବାପା ଭାବେ ଏହି ପ୍ରେମୀଯୁଗଳଙ୍କ ବିବାହ କରାଇଛନ୍ତି। ତେଲେନପାଲି ଗ୍ରାମର ଜୀବର୍ଦ୍ଧନ ବିଶି (୨୮) ଓ ବାଗଡିଆ ଗ୍ରାମର ଟେଭା ମାଝି (୨୨) ପରସ୍ପରକୁ ଭଲ ପାଉଥିଲେ। ଉଭୟେ ଗୋଟିଏ ଜାତିର ଓ ସମ୍ପର୍କୀୟ ହୋଇଥିବା ସତ୍ତ୍ୱେ ସେମାନଙ୍କ ବିବାହକୁ ଘର ଲୋକେ ସ୍ୱୀକୃତି ଦେଇ ନ ଥିଲେ। ଫଳରେ ଲକ୍‌ଡାଉନ୍ ପୂର୍ବରୁ ସେମାନେ ଘରୁ ପଳାଇ ଆସି ରାଜ୍ୟ ବାହାରକୁ ଚାଲିଯାଇଥିଲେ। ସେଠାରୁ ଫେରିବା ପରେ ତେଲେନପାଲି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ। ସେମାନେ ବିବାହ କରିବାକୁ ଚାହୁଛନ୍ତି ବୋଲି ସରପଞ୍ଚ ଓ ଅନ୍ୟମାନଙ୍କୁ କହିବା ପରେ ବୁଧବାର ସେମାନଙ୍କ ବିବାହ ଉତ୍ସବ ଲାଗି ଆୟୋଜନ କରାଯାଇଥିଲା। ଏହି ବିବାହ ଉତ୍ସବରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଆଶା, ଅଙ୍ଗନୱାଡି କର୍ମୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲଳିତ ମାଝି, ଯୋଗାଣ ସହାୟକ ପ୍ରତାପ ବେହେରା, ଶିକ୍ଷକ ଗୋଲାପ ବିଶି, ଚୂଡାମଣି ପଟେଲ ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କ୍ୱାରାଣ୍ଟାଇନ୍ ଅବଧି ଶେଷ କରିଥିବାରୁ ନବ ଦମ୍ପତି ସେମାନଙ୍କ ଘରକୁ ଫେରିଛନ୍ତି।


ତେଲେନପାଲି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ନବଦମ୍ପତି।

## ବସୁଧା ଯୋଜନା: ହିତାଧିକାରୀଙ୍କଠାରୁ ଟଙ୍କା ହରିଲୁଟ୍

**ଯାଜପୁର ଜିଲାର ବ୍ୟାସନଗର, ଯାଜପୁର ପୌରାଞ୍ଚଳ**

■ରାଶନକାର୍ଡଧାରୀଙ୍କଠାରୁ ୨-୩ ହଜାର ଟଙ୍କା ଆଦାୟ ଅଭିଯୋଗ

■କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଇଞ୍ଜିନିୟର-ଇନ୍-ଚିଫଙ୍କ ଚେତାବନୀ


ଅଧାପନ୍ତରିଆ ବସୁଧା ଯୋଜନା।

ଯାଜପୁର ଅଫିସ/ଯାଜପୁର ରୋଡ୍, ୨୪ା୬ (ଡି.ଏନ୍.ଏ.)

ବସୁଧା ଯୋଜନାରେ ଯାଜପୁର ଜିଲା ବ୍ୟାସନଗର ଓ ଟାଉନ ପୌରାଞ୍ଚଳର ରାଶନକାର୍ଡଧାରୀ ଓ ସାଧାରଣ ଲୋକଙ୍କ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଯୋଜନା ଜନସ୍ୱାସ୍ଥ୍ୟ ବିଭାଗ(ପିଏଚଡି) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବେଳେ ରାଶନକାର୍ଡଧାରୀଙ୍କୁ ମାଗଣାରେ ପାନୀୟ ଜଳ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀ କଡା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳର କେତେଜଣ ରାଶନକାର୍ଡଧାରୀଙ୍କଠାରୁ ପ୍ରାୟ ୨-୩ ହଜାର ଟଙ୍କା ଲେଖାଏ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ଦୁଇ ପୌରାଞ୍ଚଳରୁ ବିପୁଳ ପରିମାଣର ଅର୍ଥ ହରିଲୁଟ ହେଉଥିବା ଚର୍ଚ୍ଚା ହେଉଛି। ଏହାବାଦ ଅଧିକାଂଶ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବାରୁ ବିଶୁଦ୍ଧ ପାନୀୟ ଜଳ ପାଇବା ନେଇ ସ୍ଥାନୀୟ ହିତାଧିକାରୀମାନେ ଆଶା ହରାଇଛନ୍ତି।

ସହରାଞ୍ଚଳର ପ୍ରତ୍ୟେକ ଘରକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୨୦୧୯ ଜୁନରେ ବସୁଧା ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହି ଯୋଜନାରେ ବ୍ୟାସନଗର ପୌରାଞ୍ଚଳର ୩୩୪୪ ହିତାଧିକାରୀଙ୍କୁ ସାମିଲ କରିବାକୁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଏ ପର୍ଯ୍ୟନ୍ତ ପାଖାପାଖି ୫୨୦ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଯାଜପୁର ଟାଉନ ପୌରାଞ୍ଚଳରେ ଧାର୍ଯ୍ୟ ୪୦୬୮ ପ୍ରକଳ୍ପରୁ ମାତ୍ର ୪୧୦ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଇଛି। ବସୁଧା ଯୋଜନାରେ ରାଶନକାର୍ଡଧାରୀଙ୍କୁ ବିନା ମୂଲ୍ୟରେ ସାମିଲ କରିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ଅନ୍ୟମାନଙ୍କଠାରୁ ୩୬୦୦ ଟଙ୍କା ଆବଶ୍ୟକ ବିଲ୍ ଦେଇ କିସ୍ତି ଅନୁଯାୟୀ ଆଦାୟ କରାଯିବ। ଏଥିରେ ହିତାଧିକାରୀଙ୍କୁ ଆବଶ୍ୟକ ପାଇପ ସହ ଅନ୍ୟାନ୍ୟ ସାମଗ୍ରୀ ମାଗଣାରେ ଯୋଗାଇ ଦିଆଯିବ। ବ୍ୟାସନଗର ପୌରାଞ୍ଚଳ ପାଇଁ ସସ୍ମିତ ପରିଡା ଓ ଯାଜପୁର ପୌରାଞ୍ଚଳ ପାଇଁ ଗଦାଧର ନାୟକଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। କିନ୍ତୁ ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳର କେତେଜଣ ରାଶନକାର୍ଡଧାରୀଙ୍କଠାରୁ ଟଙ୍କା ଆଦାୟ କରାଯାଇଥିବା ବେଳେ ପ୍ରାୟ ୩/୪ ମିଟର ପାଇପ ବିଛାଇ ଅଧାପନ୍ତରିଆ ଅବସ୍ଥାରେ ଛାଡି ଦିଆଯାଇଥିବା ଦେଖାଯାଇଛି। ବ୍ୟାସନଗର ପୌରାଞ୍ଚଳର ରାଶନକାର୍ଡଧାରୀ ପ୍ରମିଳା ପାତ୍ର, ସାରଥି ପାତ୍ର, ଅକ୍ଷୟ ପାତ୍ର ପ୍ରମୁଖ କହିଛନ୍ତି, ପାଇପ ଯୋଗାଣ ପାଇଁ ଠିକାଦାରଙ୍କ କର୍ମଚାରୀମାନେ ୨ ହଜାର ଟଙ୍କା ଲେଖାଏଁ ନେଇଛନ୍ତି। ଅଥଚ ପାଇପ ସଂଯୋଗ କରାଯାଇନି। ଏପରିକି ଟଙ୍କା ନେଇଥିବା ବାବଦରେ କୌଣସି ବିଲ ସେମାନେ ଦେଇନାହାନ୍ତି। ଅନୁରୂପ ଭାବେ ଯାଜପୁର ପୌରାଞ୍ଚଳର ରାଶନକାର୍ଡଧାରୀଙ୍କଠାରୁ ମଧ୍ୟ ଟଙ୍କା ଆଦାୟ କରାଯାଇଥିବା ବେଳେ ବିଲ ଦିଆଯାଇ ନ ଥିବା ଜଣେ ହିତାଧିକାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଇଞ୍ଜିନିୟର-ଇନ୍-ଚିଫ ତାଙ୍କ ପତ୍ର ସଂଖ୍ୟା ୨୮୬୭/୪।୩।୨୦୨୦ରେ ହିତାଧିକାରୀଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ ହେଉଥିବା ଉଦାହରଣ ଦେଇ ସମ୍ପୃକ୍ତ ନିର୍ବାହୀଯନ୍ତ୍ରୀ ଓ ଠିକାଦାରମାନଙ୍କୁ ଚେତାବନୀ ଦେଇଥିଲେ। ମୋ ସରକାରରେ ଅଭିଯୋଗ ହେବାପରେ ଭୁବନେଶ୍ୱର ୱାଟକୋ ପୋଖରୀପୁଟ ସେକ୍ସନ, ବଲାଙ୍ଗୀର ଜିଲା ଟିଟିଲାଗଡ ସେକ୍ସନ, ଖୋର୍ଦ୍ଧା ସେକ୍ସନ ଓ ରାୟଗଡା ଜିଲା ଗୁଣୁପୁର ସେକ୍ସନରେ ଜଣେ ଲେଖାଏଁ କର୍ମଚାରୀଙ୍କୁ ଏଭଳି ବେଆଇନ ଅର୍ଥ ଆଦାୟ ଅଭିଯୋଗରେ ଗିରଫ ହେବା ସହ ସେମାନଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି ବୋଲି ଇଞ୍ଜିନିୟର-ଇନ୍-ଚିଫ ତାଙ୍କ ପତ୍ରରେ ସୂଚନା ଦେଇଥିଲେ। ତେଣୁ ଏଭଳି ଅଭିଯୋଗ ଆସିଲେ ସମ୍ପୃକ୍ତ ଠିକାଦାର ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କଡା ଚେତାବନୀ ଦେଇଛନ୍ତି। ତେବେ ଯାଜପୁର ଜିଲା ବ୍ୟାସନଗର ଓ ଯାଜପୁର ପୌରାଞ୍ଚଳରେ ବେଆଇନ ଟଙ୍କା ଆଦାୟ ହେଉଥିବାର ଅଭିଯୋଗ ହୋଇଥିଲେ ହେଁ ବିଭାଗସ୍ତରରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ପିଏଚ୍‌ଡି ଏସଡିଓ କ୍ଷେତ୍ରମୋହନ ସାହୁଙ୍କୁ ପଚାରିବାରେ ବସୁଧା ଯୋଜନାରେ ବେଆଇନ ଅର୍ଥ ଆଦାୟ ହେଉଥିବା ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ହେଲେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## କ ବି ତା



### ଚାହା

ହିନ୍ଦୀ ପଦାବଳୀ: ଅନୁବାଦ: **ମୃଣାଳ**

॥୧॥
**ବା**ସ୍... ତୋ' ସ୍ମୃତି ହିଁ ସାଙ୍ଗରେ ଅଛି ମୋର
ନହେଲେ ଏକୁଟିଆ ବସି କିଏ ଚାହା ପିଏ ?
॥୨॥
ଆଜି ଶବ୍ଦଙ୍କୁ ସଂଜ ଚାହା ଆସରକୁ
ଡାକିଛି ମୁଁ.../ ସେମାନେ ଆସିଲେ
ଗଜଲ୍‌ଟିଏ ବି ତିଆରି ହୋଇପାରେ।
॥୩॥
ଠିକ୍ କରିଥିଲି ତାଙ୍କ ହାତତିଆରି ଚାହା
ଆଉ ପିଇବିନି।
ହେଲେ ତାଙ୍କୁ ଦେଖିଲି
ଆଉ ଶବ୍ଦମାନେ ବିଦ୍ରୋହ କରି ବସିଲେ
॥୪॥
କେବେ ଚାହା-ଆସରକୁ ଆସ
କଥା ହେବା।
ତୁମେ ଆଖିରେ କଥା କହିବ
ମୁଁ ଆଖିରେ ଶୁଣିବି।
॥୫॥
ଚାହା ପିଆଲାରୁ ଉଡୁଥିବା ଧୂଆଁରେ ମୋତେ
ତୋ' ଚେହେରା ଦିଶିଯାଏ
ତୋ' ଚେହେରା ଦେଖୁଦେଖୁ
ସବୁବେଳେ ଚାହା ମୋର ଶୀତଳେଇ ଯାଏ।
॥୬॥
ଶ୍ୟାମଳ ରଙ୍ଗକୁ ଅଣଦେଖା କରନି।
ମୁଁ ଦେଖିଛି କ୍ଷୀରଠୁଁ ଲୋକେ ଚାହା
ବେଶି ପସନ୍ଦ କରନ୍ତି।



॥୭॥
ଅଳେଇଚର ମହକ ଘୋଡ଼େଇ ହୋଇ
ଅଦାର ଶୃଙ୍ଗାର ରସରେ ସଜେଇ ହୋଇ
କେଟ୍‌ଲିର ଏରୁଣ୍ଡିବନ୍ଧ ଡେଇଁ
ପିଆଲାର ସବାରିରେ ବସିଛି।
କୁଆଡ଼େ ଧାଇଁ ପଳଉଛୁରେ ସମୟ
ଆ, ବସ୍।
ଚାହା କପେ ପିଇକି ଯା'।

*- ସଞ୍ଚାର ମାର୍ଗ, ଢେଙ୍କାନାଳ*

### ଏକାଏକା ଅନ୍ତରଙ୍ଗ

**ଚକ୍ରପାଣି ପରିଚ୍ଛା**

**ତ**ମ ଠିକଣା ତ ମୋ' ପାଖରେ ନାହିଁ
ଥା'ନ୍ତା ଯଦି
ପଠେଇ ଦିଅନ୍ତି।
ମୋର ସବୁତକ ଅନ୍ତରଙ୍ଗ ଦୁଃଖ
ତମ ପାଖକୁ।

ମଝି ସମୁଦ୍ରରେ
ଏକାଏକା ନାବିକ
ମାପୁଚି ସମୁଦ୍ରର ଗଭୀରତା
ଏବଂ ଆକାଶର ଉଚ୍ଚତା।

କାହା କପାଳରେ ତ ଲେଖା ନ ଥାଏ
ନିଜ ଠିକଣା
ଅନ୍ଧ ଡାକବାଲା
ଖୋଜୁଚି ସାହି, ବସ୍ତି, ଜନପଦ
ବନ୍ଦ୍ ଲଫାପା ଭିତରୁ
ତମ ଠିକଣା।

ଅଡୁଆ ସୂତାଖିଅ ପରି
ଛନ୍ଦଣିମନ୍ଦଣି ରାସ୍ତା
ନିରୀହ ପିମ୍ପୁଡ଼ି
ଘୁରୁଚି ନିଜ ପରିଧିରେ
ଯୋଉଠି ଠିଆ
ସେଇଠି ଆରମ୍ଭ, ସେଇଠି ଶେଷ।

ମୃଗୁଣୀ ଆଖିରେ
ବ୍ୟାଧର ନାଁ, ଗାଁ, ଘର ଠିକଣା
ବିବଶ ବ୍ୟାଧ
ବନ୍ଦୀ ଏବେ
ମୃଗୁଣୀର ମୁଗ୍ଧ ଆଲିଙ୍ଗନରେ।

ତମଯାଏ ପହଞ୍ଚିବା
ଖାଲି ଗୋଟେ ବାହାନା
ତମ ଠିକଣା ମାର୍ଫତରେ।

*- ବୈପାରିଗୁଡ଼ା, କୋରାପୁଟ*




ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ

**ଅବଲୋକନ**

ମହାକବି ସାରଳା ଦାସ ନିଜର ତୃତୀୟ ରଚନା ଭାବେ 'ଭାଗବତ'କୁ ଚିହ୍ନିତ କରିଛନ୍ତି। ତାଙ୍କର ପ୍ରଥମ ରଚନା 'ରାମାୟଣ' ଓ ଦ୍ୱିତୀୟ 'ମହାଭାରତ'। କେହିକେହି 'ଚଣ୍ଡୀପୁରାଣ'କୁ 'ଭାଗବତ' ବୋଲି ମତ ଦିଅନ୍ତି। ଲକ୍ଷ୍ମୀକାନ୍ତ ତ୍ରିପାଠୀ କିନ୍ତୁ କହନ୍ତି ଭିନ୍ନ କଥା। ତାଙ୍କ ମତରେ 'ଭାରତ ହରିବଂଶ' ହିଁ ସାରଳା ବିରଚିତ 'ଭାଗବତ', ଯାହା ଏଯାବତ୍ ଅପ୍ରକାଶିତ...

# ଆଲୋକ ଅପେକ୍ଷାରେ 'ଭାରତ ହରିବଂଶ'



**ଚ**ଣ୍ଡୀପୁରାଣରେ ସାରଳା ଦାସ ଉଲ୍ଲେଖ କରିଛନ୍ତି ଯେ ସେ ପ୍ରଥମରେ ରାମାୟଣ, ଦ୍ୱିତୀୟରେ ମହାଭାରତ ଓ ତୃତୀୟରେ ଭାଗବତ ରଚନା କରିଥିଲେ। ରାମାୟଣ ହୁଏତ ବିଲଙ୍କା ବା ବିଚିତ୍ର ମଧ୍ୟରୁ ଗୋଟିଏ ହୋଇପାରେ, ମାତ୍ର ଚଣ୍ଡୀପୁରାଣକୁ ଗବେଷକମାନେ କାହିଁକି ଯେ ଦେବୀ ଭାଗବତ ବୋଲି କହିଥାଆନ୍ତି, ତାହା ମୋତେ ଆଶ୍ଚର୍ଯ୍ୟ କରିଥାଏ। ଚଣ୍ଡୀ ପୁରାଣରେ ଚଣ୍ଡ ମୁଣ୍ଡ, ଶୁମ୍ଭ ନିଶୁମ୍ଭ, ମହିଷାସୁର ଇତ୍ୟାଦିଙ୍କର କଥା ରହିଛି ମାତ୍ର ସଂସ୍କୃତ ଦେବୀ ଭାଗବତ ପୁରାଣରେ ଏପରି କୌଣସି ବିଷୟ ଚର୍ଚ୍ଚା କରାଯାଇ ନାହିଁ। ତାହାହେଲେ ଚଣ୍ଡୀ ପୁରାଣକୁ କାହିଁକି ଭାଗବତ ବୋଲି କୁହାଯିବ ?

ଭାରତ ହରିବଂଶ ସହିତ କିନ୍ତୁ ଭାଗବତର ଅନେକ ସାମ୍ୟ ରହିଛି। ଏଥିରେ କଂସର ଜନ୍ମଠାରୁ ବିଷୟବସ୍ତୁ ଆରମ୍ଭ ହୋଇଛି। ତା'ପରେ ଶ୍ରୀକୃଷ୍ଣଙ୍କର ଜନ୍ମ, ଗୋପରେ ଲୀଳାଠାରୁ ଆରମ୍ଭ କରି କଂସ ବଧ, ରୁକ୍ମିଣୀ ପରିଣୟ, ଜରାସନ୍ଧ ସହିତ ଯୁଦ୍ଧ, ଦ୍ୱାରକାରେ ଗୃହ ନିର୍ମାଣ ଓ ହସ୍ତିନାପୁର ଗମନ ଇତ୍ୟାଦି ବିଷୟ ଭାରତ ହରିବଂଶରେ ବର୍ଣ୍ଣିତ ହୋଇଛି। ଭାଗବତର ଦଶମ ସ୍କନ୍ଧରେ ଥିବା ଗୋପଲୀଳା ଓ ଦ୍ୱାରକାଲୀଳାର ବିଷୟବସ୍ତୁକୁ ସେ ଭାରତ ହରିବଂଶର ବିଷୟବସ୍ତୁ ଭାବରେ ଗ୍ରହଣ କରିଛନ୍ତି। ଚଣ୍ଡୀ ପୁରାଣରେ ତୃତୀୟରେ ଭାଗବତ ରଚନା କରିଛନ୍ତି ବୋଲି କହିଲାବେଳେ କବି ବୋଧହୁଏ ଭାରତ ହରିବଂଶର କଥା କହିବାକୁ ଚାହିଁଛନ୍ତି।

ତେବେ, କଥାହେଲା- ଏହି ଗ୍ରନ୍ଥଟିକୁ ସାରଳା ଦାସ ରଚନା କରିଛନ୍ତି କି ନାହିଁ! ଗ୍ରନ୍ଥର ଭଣିତାରେ ବାରମ୍ବାର କବି ନିଜକୁ ସାରଳା ଦାସ ଭାବେ ପରିଚୟ ଦେଇଛନ୍ତି। ଭଣିତାରେ ଆଉ କାହାରି ନାମ ନ ଥିବା ଯୋଗୁଁ ଆମେ ନିର୍ଦ୍ୱନ୍ଦ୍ୱରେ ଏହା ସାରଳା ଦାସଙ୍କ ରଚନା ବୋଲି ଗ୍ରହଣ କରିନେବା। କାରଣ ଏତେ ବଡ଼ କାବ୍ୟକୁ ଅନ୍ୟ ନାମରେ ଭଣିତା କରିବାର କୌଣସି ପ୍ରମାଣ ଅନ୍ତତଃ ଓଡ଼ିଆ ସାହିତ୍ୟରେ ଉପଲବ୍ଧ ନୁହେଁ। ଗ୍ରନ୍ଥର ଛତ୍ରେ ଛତ୍ରେ ପୁଣି ସାରଳା ଦାସଙ୍କ ରଚନା ଶୈଳୀର ନମୁନା।

ସାରଳା ଦାସଙ୍କ ବୈଶିଷ୍ଟ୍ୟ ହେଲା- ସେ କାହାକୁ ଅନୁସରଣ କରନ୍ତି ନାହିଁ। ସଂସ୍କୃତ ସାହିତ୍ୟ ତା' ବାଟରେ ଥାଏ ତ ସେ ନିଜେ ଗୋଟେ ବାଟ ପ୍ରସ୍ତୁତ କରିନିଅନ୍ତି। ଗୋଟେ ଉଦାହରଣ ଦେଖନ୍ତୁ- ଜଣେ ଋଷି ଅପୁତ୍ରିକ ହୋଇ ମୃତ୍ୟୁବରଣ କଲେ। ଯମଦୂତମାନେ ତାକୁ ଯମଙ୍କ ନିକଟରେ ପହଞ୍ଚାଇ ଦେବାପରେ ଯମ ନିଜେ ଋଷିଙ୍କ ସହ ବାର୍ତ୍ତାଳାପ କଲେ। ଯମ କହିଲେ- ଋଷିବର! ତୁମର ଯେ ପୁତ୍ର ସନ୍ତାନ ନାହିଁ, ତୁମେ ବିବାହ କଲନାହିଁ କାହିଁକି? ଋଷି- 'ବିବାହ କରିଥିଲି, ମାତ୍ର ସନ୍ତାନ ଜନ୍ମ ହେଲେନାହିଁ।' ଯମ- 'ତେବେ ଆଉ ଗୋଟିଏ ବିବାହ କରିପାରିଥାଆନ୍ତ।' ଋଷି- 'ଆଉ ଗୋଟିଏ ବିବାହ କରିଥିଲି, ତାଙ୍କଠାରୁ ବି ସନ୍ତାନ ଉତ୍ପତ୍ତି ହେଲାନାହିଁ।' ଯମ- 'ପୁଣି ଆଉ ଗୋଟିଏ ବି ବିବାହ କରିପାରିଥାଆନ୍ତ?' ଋଷି- 'ତିନି ଚାରୋଟି ବିବାହ କରିଥିଲି, ମାତ୍ର କାହାରି ନିକଟରୁ ସନ୍ତାନ ଜନ୍ମ ହେଲେନାହିଁ।' ଯମ- 'ନିଜ ସ୍ତ୍ରୀକୁ ଛାଡ଼ି ପରସ୍ତ୍ରୀ ନିକଟକୁ ମଧ୍ୟ ଯାଇପାରିଥାଆନ୍ତ?' ଋଷି- 'ତାହା ମଧ୍ୟ ଯାଇଥିଲି, ମାତ୍ର ସେଠାରେ ବି ସନ୍ତାନ ଉତ୍ପତ୍ତି ହେଲାନାହିଁ।' ଯମ- 'ନିଜ ସ୍ତ୍ରୀ ସହିତ ପରପୁରୁଷକୁ ଆଣି ରମଣ କରାଇ ପାରିଥାଆନ୍ତ?' ଋଷି- 'ତାହା ମଧ୍ୟ କରିଥିଲି, ମାତ୍ର ସେଥିରେ ବି କିଛି ଲାଭ ହେଲାନାହିଁ।' ଯମ- 'ଯଦି ସେ ସବୁରେ କିଛି ଲାଭ ନ ହେଲା, ଅନ୍ୟ କାହାଠାରୁ ପିଲା ଆଣି ପାଳନ କରି ପାରିଥାଆନ୍ତ?' ଋଷି- 'ତାହା ମଧ୍ୟ କରିଥିଲି। ମାତ୍ର ପିଲାଟି କୈଶୋର ଅବସ୍ଥାରେ ପ୍ରାଣ ତ୍ୟାଗକଲା।' ଏତେ ସବୁ ଶୁଣି ସାରିବା ପରେ ଯମ ଋଷିଙ୍କୁ ଛାଡ଼ିଦେଲେ। ଯା, ସଂସାରରେ ଅନ୍ୟ ରୂପ ନେଇ ଜନ୍ମଗ୍ରହଣ କର। ସନ୍ତାନ ଜନ୍ମକରି ପୁଣି ମୋ' ନିକଟକୁ ଫେରିଆ।

ସାରଳା ମହାଭାରତ ପରି ଭାରତ ହରିବଂଶ ଲୋକକାହାଣୀରେ ଗୁମ୍ଫିତ ହୋଇ ରହିଛି। ଏଥିରେ କେହି ଆଦର୍ଶ ଚରିତ୍ର ନୁହନ୍ତି, ବରଂ ସବୁ ବାସ୍ତବ। ଏଠି ପାଣ୍ଡବ ଭାଇମାନଙ୍କ ମଧ୍ୟରେ ଯୁଦ୍ଧ ଲାଗେ, ଦ୍ରୋଣ ତାଙ୍କର ବିମାତାକୁ ହରଣ କରନ୍ତି, ଅର୍ଜୁନ ବାରମ୍ବାର ଧନୁ ଛାଡ଼ନ୍ତି, ଭଉଣୀ ଭାଇକୁ ରତି ଭିକ୍ଷା କରେ, ଈଶ୍ୱର ଏଠାରେ ମଣିଷ ହୋଇଯାଆନ୍ତି।

ଭାରତ ହରିବଂଶ ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ। ଘରେ ଘରେ ପାଠ କରାଯିବା ପାଇଁ ଏହାକୁ ସଂକ୍ଷେପ କରି ସାରଳା ଦାସ ରଚନା କରିଛନ୍ତି। ଏହି ଗ୍ରନ୍ଥ ପ୍ରକାଶ ପାଇଲେ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଉଜ୍ଜ୍ୱଳ ନକ୍ଷତ୍ର ପରି ଯେ ଉଦ୍‌ଭାସିତ ହେବ, ଏଥିରେ ସନ୍ଦେହ ନାହିଁ।

ମୋ:୯୪୩୭୨୯୪୮୬୯

---

## କାଳ କାଳକୁ



"ସେଇ ବହି ଭଲ ବହି, ଯାହା ତୁମକୁ ତୁମେ ଜାଣିଥିବା କଥା କହିଥାଏ।"

-ଜର୍ଜ ଅର୍‌ୱେଲ୍

**ଜର୍ଜ ଅର୍‌ୱେଲ୍‌**ଙ୍କ ଜନ୍ମ ଭାରତରେ, ୨୫ ଜୁନ୍ ୧୯୦୩ରେ, ବଙ୍ଗର ମୋତିହାରୀରେ। ଯକ୍ଷ୍ମା ପୀଡ଼ିତ ହୋଇ ଚିକିତ୍ସାଧୀନ ଥିବା ଅବସ୍ଥାରେ ୨୧ ଜାନୁୟାରୀ ୧୯୫୦ରେ ତାଙ୍କର ପରଲୋକ ଘଟିଥିଲା ଲଣ୍ଡନର ଏକ ଡାକ୍ତରଖାନାରେ। ଏହି ଖ୍ୟାତନାମା ଲେଖକ ତାଙ୍କର 'ଆନିମାଲ୍ ଫାର୍ମ'(୧୯୪୫) ଓ 'ନାଇନ୍‌ଟିନ୍ ଏଇଟ୍‌ଫୋର୍'(୧୯୪୯) ଉପନ୍ୟାସ ପାଇଁ ଥିଲେ ବିଶ୍ୱପ୍ରସିଦ୍ଧ। ତାଙ୍କର ପ୍ରକୃତ ନାମ ଏରିକ୍ ଆର୍ଥର ବ୍ଲେୟାର୍। ଅନେକଙ୍କୁ ଅଜଣା ଯେ 'ଆନିମାଲ୍ ଫାର୍ମ'ର ବିକ୍ରିଲବ୍ଧ ଅର୍ଥରେ ଜୁରାର ହେବ୍ରିଡିନ୍ ଦ୍ୱୀପରେ ସେ କିଣିଥିବା ଏକ ଏକଣା ଘରେ ବସି ଲେଖିଥିଲେ '1984' ଉପନ୍ୟାସର ଶେଷ କେଇ ପୃଷ୍ଠା।

**ମିନିଗଳ୍ପ**

## ପ୍ରଶ୍ନ

**ରାଧାରାଣୀ ତ୍ରିପାଠୀ**

ସେତେବେଳେ ତୋ' ସ୍ତ୍ରୀ ମୋ' କାନରେ ଫିସ୍ ଫିସ୍ କିଛି କଥା କହିଲା। କଥା ତ ନୁହେଁ ଗରମ ଗରମ ସୀସା ଢାଳି ଦେଉଥିଲା ଯେମିତି ମୋ' କର୍ଣ୍ଣ ଗହ୍ୱରରେ।

**ତୋ**ତେ ମୋତେ ସାଥୀରେ ଦେଖିଲେ ହଠାତ୍ ସାରା ସଂସାରର ଦୃଷ୍ଟି ମୋ' ଉପରେ ନିକ୍ଷିପ୍ତ ହୋଇଯାଏ। ସମାଜର ସହସ୍ର ଆଖିରେ ଅୟୁତ ପ୍ରଶ୍ନ ଲହଡ଼ି ଭାଙ୍ଗେ। ଏଇ ଯେମିତି ତୋ' ମୋ' ସମ୍ପର୍କର ସୃଷ୍ଟି କେବେଠୁ? ତୋର ମୋର ସମ୍ପର୍କ କ'ଣ? ତୋ' ମୋ' ସମ୍ପର୍କର ସଂଜ୍ଞା କ'ଣ? ବ୍ଲା ବ୍ଲା ବ୍ଲା...।

ଏମିତିକି ତୋ' ଧର୍ମପତ୍ନୀ ବି ବାଦ୍ ପଡ଼ିନି ଏଇ ପ୍ରଶ୍ନଜାଲରୁ। ତୋର ମନେଥିବ ସେଦିନ ଯାତ୍ରାପଦାରେ ତୁ ତୋ' ସ୍ତ୍ରୀ ଆଉ ମୋ' ପାଇଁ ଦି'ଟା ଆଇସ୍‌କ୍ରିମ୍ ଧରି ପହଞ୍ଚିଲୁ। ତାକୁ ତା' ପସନ୍ଦର ମଲାଇ ଆଇସ୍‌କ୍ରିମ୍ ଦେଇସାରି ମୋତେ କହିଥିଲୁ, ଏଇ ନେ' ତୋ' ଫେବୋରାଇଟ୍ ଷ୍ଟ୍ରବେରୀ ଫ୍ଲେବର। ମୁଁ ଖୁସିରେ ତାକୁ ତୋ' ହାତରୁ ନେଉ ନେଉ କହି ପକାଇଲି- ଥେଙ୍କ୍ୟୁ! ଆରେ ଏ ଯାଏଁ ତୋର ମନେ ଅଛି ତା'ହେଲେ ମୋର ପସନ୍ଦ ନାପସନ୍ଦ। ସେତେବେଳେ ତୋ' ସ୍ତ୍ରୀ ମୋ' କାନରେ ଫିସ୍‌ଫିସ୍ କିଛି କଥା କହିଲା। କଥା ତ ନୁହେଁ ଗରମ ଗରମ ସୀସା ଢାଳି ଦେଉଥିଲା ଯେମିତି ମୋ' କର୍ଣ୍ଣ ଗହ୍ୱରରେ। ତା'ର ପ୍ରଶ୍ନ ଥିଲା ତୁମେ ମୋ' ସ୍ୱାମୀଙ୍କ ପ୍ରେମିକା ନା? ସତ କହୁଛି ସେତେବେଳେ ମୁଁ ଖାଉଥିବା ଷ୍ଟ୍ରବେରୀ ଫ୍ଲେବର ଆଇସ୍‌କ୍ରିମ୍‌ର ମିଠା ସ୍ୱାଦ, ମୋତେ କଲରାର ସ୍ୱାଦଠୁ ଆହୁରି ଅଧିକ ପିତା ଫିଲ୍ ହେଉଥିଲା।

ବେଳେବେଳେ ଏମିତିକା ପ୍ରଶ୍ନବାଣରେ ମୁଁ ଆକ୍ରାମାକ୍ରା ହୋଇପଡ଼େ।

ତେବେ, ତୋତେ ଆଜି ମୋର କେବଳ ଗୋଟିଏ ପ୍ରଶ୍ନ...। ତୁ ବି କ'ଣ କେବେ ମୋ' ଭଳି ସମାଜର ଏମିତି ଦୁନିଆ ପ୍ରଶ୍ନର ସାମ୍ନାସାମ୍ନି ହୋଇଛୁ?



ମୋ: ୮୨୪୯୮୦୭୨୬୭

**ପୁସ୍ତକ ପରିଚୟ**

### କବିତାଞ୍ଜଳି

**କବି:** ନିର୍ମଳ ଚନ୍ଦ୍ର ସାମଲ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଂକରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ. ୧୮୦/-

ବିବିଧ ଜୀବନାନୁଭୂତିକୁ ନେଇ ରଚିତ ମୋଟ ୮୨ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। 'ମୋ ମନର କବିତା' ଶିରୋନାମରେ ଲିଖିତ ଏକ ଗଦ୍ୟରେ କବି ଲେଖିଛନ୍ତି: "ଘଟଣାବହୁଳ ସମସ୍ୟା ମୋର କବିପ୍ରାଣକୁ ଆନ୍ଦୋଳିତ କରିଛି। କବିତା ମାଧ୍ୟମରେ ସେହି ଚିତ୍ର ଆଙ୍କିବା ସହ ସେ ସବୁରେ ପରିବର୍ତ୍ତନ ଆଣିବାର ଆଶାବାଦରେ କବିତାଗୁଡ଼ିକୁ ରଚନା କରିଛି।" ଗ୍ରନ୍ଥରେ ଥିବା କବିତାଗୁଡ଼ିକ ମଧ୍ୟରୁ କେତେକ ଦେବଦେବୀଙ୍କ ବନ୍ଦନା, କେତେକ ପୌରାଣିକ ଚରିତ୍ର ଆଧାରିତ (ଯଥା: କର୍ଣ୍ଣ, ଶବରୀ, ବିଦୁର ଇତ୍ୟାଦି) ଓ କିଛି କବିତା ଐତିହାସିକ ଚରିତ୍ରଙ୍କୁ ନେଇ (ଯଥା: ସୁଭାଷ ବୋଷ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ବାଜି ରାଉତ ଓ ଗୋପବନ୍ଧୁ ଆଦି)। ପରିବେଶକୁ ନେଇ ଏକାଧିକ କବିତା ମଧ୍ୟ ପୁସ୍ତକ ଅନ୍ତର୍ଭୁକ୍ତ। ସାମାଜିକ ସମ୍ବନ୍ଧକୁ ନେଇ କେତେକ ଉପଲବ୍ଧି କବିତାର ରୂପ ନେଇଛି ବହିଟିରେ। କବିତାଗୁଡ଼ିକର ଭାଷା ସରଳ, ଛନ୍ଦାୟିତ ଓ ପ୍ରତ୍ୟେକ କବିତା ଜଗତ କଲ୍ୟାଣ ଅନ୍ତର୍ଦୃଷ୍ଟିରେ ପୁଷ୍ଟ। ସାହିତ୍ୟରୁ ଆଶ୍ୱାସନା ଖୋଜୁଥିବା ପାଠିକାପାଠକଙ୍କ ପାଇଁ ବହିଟିର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି।





### ବୃହତ୍ ଦାର୍ଢ୍ୟତା ଭକ୍ତି

**ଲେଖକ:** ଭକ୍ତକବି ରାମ ଦାସ
**ପ୍ରକାଶକ:** ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ
**ନୂତନ ସଂସ୍କରଣ:** ୨୦୨୦, ମୂଲ୍ୟ: ଟ ୩୫୦/-





ଆଲୋଚ୍ୟ ଗ୍ରନ୍ଥରେ ମୋଟ ୫୫ଜଣ ଭକ୍ତଙ୍କର ଜୀବନୀ ଭାଗବତର ନବାକ୍ଷରୀ ବୃତ୍ତରେ ରଚିତ ହୋଇ ରୂପ ପାଇଛି। ଏସବୁ ଜୀବନୀ ପୁରାଣ, ଇତିହାସ ଓ କିମ୍ବଦନ୍ତୀରୁ ଆହରିତ। ଗ୍ରନ୍ଥଟିର ମୁଖବନ୍ଧ ଲେଖିଛନ୍ତି ପ୍ରଫେସର ବୈଷ୍ଣବ ଚରଣ ସାମଲ। ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କର 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ରେ ରାମଦାସଙ୍କୁ ସହଜିଆ ଧର୍ମର ଉଦ୍‌ଗାତା ମନେକରି ସମାଲୋଚନା କରିଥିଲେ ବି ପ୍ରଫେସର ସାମଲ ଦୃଢ଼ ଯୁକ୍ତି ଦ୍ୱାରା ଏହି ଭକ୍ତକବିଙ୍କୁ ଶ୍ରୀଜଗନ୍ନାଥ ମୈତ୍ରୀ ଧର୍ମର ସମର୍ଥକ ଭାବେ ଅଭିହିତ କରିଛନ୍ତି। ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ' ଓ ଈଶ୍ୱର ଦାସଙ୍କ 'ଚୈତନ୍ୟ ଚରିତାମୃତ ଗ୍ରନ୍ଥ'ଠାରୁ ଅଧିକ ଲୋକପ୍ରିୟ ସାବ୍ୟସ୍ତ ହୋଇଥିବା ଏ ଗ୍ରନ୍ଥଟି ତା'ର ନୂତନ ସଂସ୍କରଣ ଦ୍ୱାରା ଓଡ଼ିଶାର ଘରେ ଘରେ ପହଞ୍ଚି ପାରିବ ବୋଲି ଆଶା।

---

# ମଣିଷର ଅସହାୟତାର ମୁଁ ରୂପକାର

**ସୃଜନ-ସ୍ମୃତି**



କ୍ଷୀରୋଦ ଦାସ

କ୍ଷୀରୋଦ ଦାସଙ୍କ ଜନ୍ମ ୧୯୬୫ରେ, ଜଗତ୍‌ସିଂହପୁର ଜିଲାର ବାଲିଆତୁବି ଗାଁରେ। ପ୍ରଥମ ଗଳ୍ପ ସଂକଳନ 'ଅସୁସ୍ଥ ସମୟ' ୧୯୯୯ରେ ପ୍ରକାଶିତ। 'ମୂକ ରାଜଜେମା', 'ଭୋକ', 'ସତସତିକା ଖେଳ', 'କାଠ କଣ୍ଢେଇ', 'ମୁଠାଏ ଦୀର୍ଘଶ୍ୱାସ' ଓ 'ନବଘନର ଘର' ଭଳି ବହୁପଠିତ ଗଳ୍ପଗ୍ରନ୍ଥର ଏହି ସ୍ରଷ୍ଟା ସମନିଷ୍ଠାରେ ଉପନ୍ୟାସରେ ବି ମାତବର...

**ସ**ଞ୍ଜ ପରଠାରୁ ବୋଉର ଲୁଗାକାନି ଧରି ମୁଁ ଲୁଙ୍ଗୁରୁ ପୁଙ୍ଗୁରୁ ହେଉଥାଏ। ଉଦ୍ଦେଶ୍ୟ, ବୋଉ ମୋ' ପାଖରେ ଶୋଇଲେ ଗପ କହିବ। ବୋଉର ତ ଅନେକ କାମ। ରାତି ପହଡ଼େ ବେଳକୁ ଆମକୁ ଖାଇବାକୁ ଦେଇ, ନିଜେ ଖାଇ, ଘରର ସବୁ କାମ ସାରି ଅପା ଓ ମୋ' ମଝିରେ ଶୋଇପଡ଼େ ଏବଂ ଆମ ଦୁଇ ଭାଇ ଭଉଣୀଙ୍କୁ କୋଳକୁ ଆଉଜାଇ ନେଇ ଆରମ୍ଭ କରେ-

ଗୋଟିଏ ରାଇଜରେ ଜଣେ ରାଜାର ଦିବ୍ୟ ସୁନ୍ଦରୀ କନିଆଟିଏ ଥିଲା। ଦିନେ ରାଜଜେମା ତା' ସଖୀମାନଙ୍କ ସାଙ୍ଗରେ ରାଜ ଉଦିଆନରେ ବୁଲୁଥିଲା ବେଳେ ମହାବଳ ରାକ୍ଷସଟାଏ କୁଆଡୁ ଆସି ରାଜଜେମାକୁ କାନ୍ଧରେ ବସାଇ ଚାଲିଗଲା...

ଭୟରେ ମୋ' ଛାତି ସେତେବେଳକୁ ଧାଏଁ ଧାଏଁ ଉଠ୍‌ପଡ଼ ହେଉଥାଏ। ରାଜଜେମା ପାଇଁ ଛାତି ଭିତରଟା କୋରି ହୋଇଯାଉଥାଏ ପ୍ରଚଣ୍ଡ ଦୁଃଖରେ। ଦୁଇ ଆଖିରେ ଲୁହ ଜକେଇ ଆସୁଥାଏ। ଅପା ସେତେବେଳକୁ ନିଘୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଥାଏ। ବୋଉର ଆଖିପତା ବି ନିଦରେ ଲାଗି ଆସୁଥାଏ। ତାକୁ ଟିକେ ହଲାଇ ଦେଇ ମୁଁ ଭୟାର୍ତ୍ତ ସ୍ୱରରେ ଡାକେ- "ବୋଉ... ଏ ବୋଉ!"

"ଉଁ, କ'ଣ ହେଲା?- ବୋଉ ନିଦୁଆ କଣ୍ଠରେ ପଚାରେ।"

"ସେଇ ଭୟଙ୍କର ରାକ୍ଷସଟା ରାଜକୁମାରୀକୁ କାମୁଡ଼ାକାମୁଡ଼ି କରିବନି ତ! ତାକୁ ଆଣି ରାଜଉଆସରେ ତା' ବାପା ବୋଉଙ୍କ ପାଖରେ ଛାଡ଼ିଦେଇ ଯିବ ଟି!"

ବୋଉ ମୋତେ ତା' ଉଷୁମ କୋଳ ଭିତରକୁ ଟାଣି ନେଇ କୁହେ "କୋଉଠି ଥେଲୁ ଓଲା ମାଧିଆ ଛେରୁଆଟା କେଜାଣି! ଇରେ ସିଏ କ'ଣ ସତସତିକା ରାଜଜେମା ନା ସତସତିକା ରାକ୍ଷସ?" ଗପର କଥା ପରା! ତୁ' ଆମର ଶୋଇପଡ଼। କାଲିକୁ ଟୁଆଁଟୁଇଁ କଥା ନହେଲେ ଶୁଆଶାରୀ କଥା ନହେଲେ କଲୁରୀବେଣ୍ଟ କଥା କହିବି...

ଏତକ କହିସାରି ବୋଉ ଶୋଇପଡ଼େ। ଗପ ଶୁଣୁଶୁଣୁ ଅଧାରୁ ଅପା ବି ଶୋଇପଡ଼େ। ଦୁଃଖୀ ରାଜଜେମାର କଷ୍ଟ ଓ ଅସହାୟତା କଥା ଭାଳିଭାଳି ରାତି ପାହିଯାଏ ସିନା, ମୁଁ କିନ୍ତୁ ଶୋଇପାରେନା।

କାହିଁକି ଶୋଇପାରେନା?

ସେଇ ଭାଳି ହେବାର, ଅପରର ଦୁଃଖ କଷ୍ଟରେ ନିଜ ମନ ଓ ଛାତିକୁ ଭାରାକ୍ରାନ୍ତ କରିବାର ଯେଉଁ ଅବବୋଧ ଟିକକ ବିଧାତା ଖଞ୍ଜି ଦେଇଛନ୍ତି ମୋ' ଛାତିରେ, ସେଇଥିପାଇଁ ଆଜି ମୋର ଏ ଦଶା। ସେଇ ଦଶା ମୋତେ ଯେବେ ଅଥୟ କରେ, କଳବଳ କରେ, ଅଣନିଃଶ୍ୱାସୀ କରେ, ମଣିଷର ଅମଣିଷପଣିଆ, ଅସହାୟତା ମତେ ଯେବେ ମ୍ରିୟମାଣ କରେ, ଠିକ୍ ସେହି ସମୟରେ ମୁଁ ଆଶ୍ରା ଲୋଡ଼େ କଲମର।

ଆଜିକୁ ଠିକ୍ ତିରିଶ ବର୍ଷ ତଳର ଗୋଟେ ଘଟଣା ଅବା ଦୁର୍ଘଟଣା, ଯାହା ମୋ' ଛାତି ଭିତରେ ସୃଷ୍ଟି କରିଥିଲା ଏକ ଭୂମିକମ୍ପ, ଶରୀରର କୋଣ ଅନୁକୋଣରେ ବିଞ୍ଚି ଦେଇଥିଲା ରାଶିରାଶି ଦୁଃଖ, ମୋ' ଅନ୍ତରାତ୍ମାକୁ କ୍ଷତବିକ୍ଷତ କରିଥିଲା ଏବଂ ସେଇ କ୍ଷତରୁ ସୃଷ୍ଟି ହୋଇଥିଲା 'ଯନ୍ତ୍ରଣା'। ହଁ, ମୋର ପ୍ରଥମ ଗଳ୍ପ "ଯନ୍ତ୍ରଣା", ଯାହା ୧୯୯୦ ମସିହା 'ଧରିତ୍ରୀ'ର ରବିବାସରୀୟ ସାହିତ୍ୟ ପୃଷ୍ଠାରେ ପ୍ରକାଶିତ ହୋଇଥିଲା। ତା' ପରର ଯାତ୍ରା ଦୀର୍ଘ ତିନି ଦଶନ୍ଧିର ସାରସ୍ୱତ ଯାତ୍ରା ପଥରେ ଅନ୍ଧାର ଯେତିକି, ଆଲୋକ ବି ସେତିକି। ତିକ୍ତତା ଯେତିକି, ମଧୁରତା ବି ସେତିକି। ମୁଁ ନିଜକୁ ବେଳେବେଳେ ଅଭିନନ୍ଦନ ଜଣାଏ ଯେ ଏ ଜୀବନକାଳ ଭିତରେ ମୁଁ କେବେ ପଦପଦବୀ, ଧନ, ପ୍ରତିଷ୍ଠା ପଛରେ ଧାଇଁ ନାହିଁ। ଅସାର ଏ ସଂସାରରୁ ବିଦାୟ ନେବାବେଳେ ଏଇ ଟିକକ ସାନ୍ତ୍ୱନା ଯଥେଷ୍ଟ ହେବଯେ, ଅଳୀକ ଏ ପରମାୟୁଟା ବୋଧହୁଏ ସଂପୂର୍ଣ୍ଣ ବୃଥା ଯାଇ ନାହିଁ!

ମୋ: ୯୪୩୭୧୬୩୦୦୨

## ସଂକ୍ଷେପରେ

### ୪ ପଜିଟିଭ୍ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୨୪।୬:** ଖୋର୍ଦ୍ଧା ଜିଲାରେ (ଭୁବନେଶ୍ୱରକୁ ବାଦ୍ ଦେଇ) ବୁଧବାର ୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଟାଙ୍ଗୀ ବ୍ଲକରୁ ସର୍ବାଧିକ ୩ଜଣ ଚିହ୍ନଟ ହୋଇଥିବାବେଳେ ଅନ୍ୟ ଜଣେ ଜଟଣୀର ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଟାଙ୍ଗୀ ବ୍ଲକରୁ ଚିହ୍ନଟଙ୍କ ମଧ୍ୟରୁ ଜଣେ ୩୪ ବର୍ଷୀୟ ପୁରୁଷ ଏବଂ ସେ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣାପଡ଼ିଛି। ସେ ଘରୋଇ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ଅନ୍ୟ ୪୧ବର୍ଷୀୟ ପୁରୁଷ ଜଣକ ସାଉଦିଆରବରୁ ଫେରିଥିବାବେଳେ ଅନ୍ୟ ଜଣେ ଦିଲ୍ଲୀରୁ ଫେରି ଟିଏମ୍‌ସିରେ ରହିଥିଲେ। ଜଟଣୀରୁ ଚିହ୍ନଟ ଜଣେ ୨୮ ବର୍ଷୀୟା ମହିଳା ଘରୋଇ କ୍ୱାରାଣ୍ଟାଇନ୍‌ରେ ଥିଲେ ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ସମସ୍ତ ଆକ୍ରାନ୍ତଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ୍ ମେଡିକାଲକୁ ପଠାଇ ଦିଆଯାଇଛି। ସେହିପରି ବୁଧବାର ଜିଲାର ୯ଟି ସ୍ୱାବ୍ ସଂଗ୍ରହ କେନ୍ଦ୍ରରୁ ୧୩୬ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଇଛି।

### କୋଣାର୍କରେ ପ୍ରଥମଥର ୪ ପଜିଟିଭ୍

**କୋଣାର୍କ,୨୪।୬(ଡି.ଏନ୍.ଏ):** କୋଣାର୍କରେ ପ୍ରଥମଥର ୪ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛି। କୋଣାର୍କ ଏନଏସିରେ ୩ଜଣ ଓ ଏହି ଥାନା ଅନ୍ତର୍ଗତ ବନାଖଣ୍ଡି ପଞ୍ଚାୟତ ମାଙ୍କରଗୋରଡି ଗ୍ରାମର ୧ଜଣ ପ୍ରବାସୀ ବୋଲି ଜଣାପଡ଼ିଛି। ୧୩ନଂ ୱାର୍ଡ ବେରୁହଁ ଗ୍ରାମର ୨ଜଣ ଏବଂ ଅନ୍ୟ ଜଣେ ୨୬ବର୍ଷର ଯୁବକ(ସିକ୍ୟୁରିଟ ଗାର୍ଡ)ପଜିଟିଭ ରିପୋର୍ଟ ଆସିବା ପରେ ସେମାନଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲ ପଠାଯାଇଥିବା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ କହିଛନ୍ତି। ନିକଟରେ ମହାରାଷ୍ଟ୍ରରୁ ବେରୁହଁ ଗ୍ରାମର ବାପା, ମା ଓ ଦୁଇ ବର୍ଷର ଝିଅ ଫେରି ୧୭ତାରିଖରେ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ସ୍ୱାବ ଟେଷ୍ଟ ପରେ ବାପା ଓ ଝିଅର ପଜିଟିଭ ରିପୋର୍ଟ ଆସିଥିଲା। ସେହିଭଳି ମୁମ୍ବାଇରୁ ଆସିଥିବା ଯୁବକ ରିଂରୋଡରେ ଏକ ଘରୋଇ ଲଜ୍‌ରେ ପେଡ କ୍ୱାରାଣ୍ଟାଇନରେ ରହିଥିଲେ। ଯୁବକ ଜଣକ ଆଇଓଏଫର ସିକ୍ୟୁରିଟ ଗାର୍ଡ ଭାବେ କାର୍ଯ୍ୟରତ ଥିବା ଜଣାପଡିଛି। ତାଙ୍କ ସ୍ୱାବ ରିପୋର୍ଟ ପଜିଟିଭ ବାହାରିବା ପରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଦେଖାଦେଇଛି। ଏହି ଯୁବକଙ୍କ ସଂସ୍ପର୍ଶରେ ଆଇଓଏଫ୍‌ର କର୍ମଚାରୀ ଓ ଲଜର କର୍ମଚାରୀ ଅଛନ୍ତି କି ନାହିଁ ତାହା ଏବେ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ପଜିଟିଭ ଚିହ୍ନଟଙ୍କୁ ଭୁବନେଶ୍ୱର ପଠାଯିବା ପରେ ତୁରନ୍ତ କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ପକ୍ଷରୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଘରୋଇ ଲଜ ପରିସର ସାନିଟାଇଜ କରାଯାଇଛି।


ରଥରୁ ଶ୍ରୀବଳଭଦ୍ରଙ୍କୁ ପହଣ୍ଡି ବିଜେ କରି ଆଡ଼ପ ମଣ୍ଡପକୁ ନିଆଯାଉଛି।


ମା' ସୁଭଦ୍ରାଙ୍କୁ ପହଣ୍ଡି କରାଯାଉଛି।


ସେବାୟତମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରି ନେଉଛନ୍ତି।


ଶ୍ରୀସୁଦର୍ଶନଙ୍କୁ ସେବାୟତମାନେ ଆଡ଼ପ ମଣ୍ଡପକୁ ନେଉଛନ୍ତି।


ମଦନମୋହନଙ୍କୁ ଆଡ଼ପ ମଣ୍ଡପକୁ ନିଆଯାଉଛି।


ମହାପ୍ରଭୁଙ୍କ ସ୍ନାନ ନିମନ୍ତେ ଗାଧୁଆ କୁଣ୍ଡକୁ ନିଆଯାଉଛି।

# ଶ୍ରୀଦେବୀଙ୍କୁ ମହାପ୍ରଭୁ ଦେଇଯାନ୍ତି କଳମ ଶାଗ

ପୁରୀ ଅଫିସ,୨୪।୬

ଘୋଷଯାତ୍ରାରେ ବାହାରିଥିବା ଦାରୁଦିଅଁ ଏବେ ଆଡ଼ପ ମଣ୍ଡପରେ। ଏପଟେ ଶ୍ରୀମନ୍ଦିର ଖାଁ ଖାଁ। ଏମିତି ବି ୩ ମାସରୁ ଊର୍ଦ୍ଧ୍ୱ ହେଲାଣି କରୋନା ପାଇଁ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। ରନ୍ଧାଯାଉନି ଷାଠିଏ ପଉଟି। ଫାଙ୍କା ପଡ଼ିଛି ଶ୍ରୀମନ୍ଦିର ଆନନ୍ଦ ବଜାର। ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଏବଂ ଶ୍ରୀସୁଦର୍ଶନଙ୍କୁ ସାଥିରେ ଧରି କାଳିଆ ଠାକୁର ଏବେ ଜନ୍ମବେଦିରେ ଲୀଳା କରୁଛନ୍ତି। ଜଗତର କଲ୍ୟାଣ କଥା ଚିନ୍ତା କରୁଥିବା କୋଟିପ୍ରାଣର ଦେବତା କିନ୍ତୁ ତାଙ୍କ ପରିଜନଙ୍କ ଦାୟିତ୍ୱ ଭୁଲି ଯାଇନାହାନ୍ତି। ସବୁବେଳେ ଘର କଥା ବୁଝୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ଘର ଛାଡ଼ିବା ବେଳେ ଅର୍ଦ୍ଧାଙ୍ଗିନୀ କିପରି ଚଳିବେ ସେ ବ୍ୟବସ୍ଥା କରିଛନ୍ତି।

### ନିଆରା ପରମ୍ପରା

ଶ୍ରୀଦେବୀଙ୍କ ଚଳିବା ପାଇଁ ଚାଙ୍ଗୁଡ଼ାରେ ଦେଇ ଆସିଛନ୍ତି କଳମ ଶାଗ, ନଡ଼ିଆ ଓ କିଛି ଚାଉଳ। ଏଥିରେ ୯ ଦିନ ଚଳିବେ ଶ୍ରୀଦେବୀ। ରଥଯାତ୍ରା ସହ ଯୋଡ଼ି ହୋଇ ରହିଛି ଏଭଳି ଏକ ନିଆରା ପରମ୍ପରା। ଦାରୁବିଗ୍ରହ ରଥଯାତ୍ରାରେ ଯିବା ପରେ ଶ୍ରୀମନ୍ଦିର ଜଗମୋହନରେ ଶ୍ରୀଦେବୀ, ଭୂଦେବୀ ଓ ମାଧବ ପୂଜା ପାଇଥାନ୍ତି। ଏବେ ଶ୍ରୀଦେବୀଙ୍କ ପାଖରେ ରହିଛି କଳମ ଶାଗ, ନଡ଼ିଆ ଓ ଚାଉଳ। ରୋଷଘର ସମ୍ପୂର୍ଣ୍ଣ ଶୂନ୍‌ଶାନ୍।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, କଥିତ ଅଛି ମହାପ୍ରଭୁ ୯ ଦିନ ପାଇଁ ଘୋଷଯାତ୍ରାରେ ଯିବା ପୂର୍ବରୁ ଶ୍ରୀଦେବୀ କିପରି ଚଳିବେ ସେ ନେଇ ବ୍ୟବସ୍ଥା କରିଥାନ୍ତି। ତେଣୁ ଆଡ଼ପ ମଣ୍ଡପକୁ ଯାତ୍ରା ପୂର୍ବରୁ ଅର୍ଦ୍ଧାଙ୍ଗିନୀଙ୍କୁ କଳମ ଶାଗ, ନଡ଼ିଆ ଓ ଚାଉଳ ଦେଇଯାଇଛନ୍ତି। କିନ୍ତୁ ମହାପ୍ରଭୁଙ୍କୁ ପାଖରେ ନ ପାଇ ଶ୍ରୀଦେବୀ ବିରହ ବେଦନାରେ ରହିଛନ୍ତି। ଶ୍ରୀଦେବୀ ରୁକ୍ମିଣୀ ଭାବେ ମହାପ୍ରଭୁଙ୍କୁ ବିବାହ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଗଇଣ୍ଠାଳ ଫିଟିନାହିଁ କି ଚତୁର୍ଥୀ କର୍ମ ଓ ବନ୍ଦାପନା ହୋଇନାହିଁ। ବିରହିଣୀ ଶ୍ରୀଦେବୀ ବିଳାସ ବ୍ୟସନରେ ନ ରହି ସାଧାରଣ ଜୀବନଯାପନ କରୁଛନ୍ତି। ମହାପ୍ରଭୁଙ୍କ ପାଇଁ ଷାଠିଏ ପଉଟି ରାନ୍ଧୁଥିବା ମା' ବର୍ତ୍ତମାନ ନିଜ ପାଇଁ ଗଣ୍ଡେ ରୋଷେଇ କରୁନାହାନ୍ତି। ସ୍ୱାଦିଷ୍ଟ ବ୍ୟଞ୍ଜନ ପରିତ୍ୟାଗ କରି କଳମ ଶାଗ, ନଡ଼ିଆ ଓ ଚାଉଳରେ ଚଳାଇ ଦେଉଛନ୍ତି।

# ଆଜିଠୁ ଭକ୍ତ ପାଇବେ ମହାପ୍ରସାଦ

ପୁରୀ ଅଫିସ,୨୪।୬

ଜନ୍ମବେଦିରେ ମହାପ୍ରଭୁ ବିଜେ କରିବା ପରେ ଆଡ଼ପ ଦର୍ଶନ ପାଇଁ ଭକ୍ତ ମନ ବ୍ୟାକୁଳ ହୋଇଥାଏ। ସେହିପରି ଆଡ଼ପ ଅବଢ଼ା ପାଇବାକୁ ସମସ୍ତେ ଚାହିଁ ରହିଥାନ୍ତି। ହେଲେ ଏଥର ମହାମାରୀ କରୋନା ସବୁଥିରେ ବ୍ୟତିକ୍ରମ ସୃଷ୍ଟି କରିଛି। ବିନା ଭକ୍ତରେ ବଡ଼ଦାଣ୍ଡରେ ଗଡ଼ିଛି ତିନିରଥ। ରଥାରୂଢ ଠାକୁରଙ୍କୁ ଦର୍ଶନ କରିପାରି ନାହାନ୍ତି ଶ୍ରଦ୍ଧାଳୁ। ଶ୍ରୀଗୁଣ୍ଡିଚା ମନ୍ଦିରକୁ ବି କଟକଣା ରହିଛି। ଆଡ଼ପମଣ୍ଡପରେ ଏଥର ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସୁଯୋଗ ମିଳିବ ନାହିଁ। ତେବେ ଖୁସିର ଖବର, ଭକ୍ତଙ୍କୁ ମିଳିବ ଆଡ଼ପ ଅବଢା। ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଗୁରୁବାରଠାରୁ ମହାପ୍ରସାଦ ବାହାରିବ। ଭକ୍ତ କିପରି ପାଇପାରିବେ ତାହାର ବ୍ୟବସ୍ଥା କରାଯିବ।

### ଟୋକନ ବ୍ୟବସ୍ଥା ହେବ: ମୁଖ୍ୟ ପ୍ରଶାସକ

କୋଭିଡ୍ କଟକଣା ଥିବାରୁ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯିବ। ଏଥିପାଇଁ ଟୋକନ ବ୍ୟବସ୍ଥା ହେବ। ତେବେ ଗୁରୁବାର ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯିବ। ସେହିପରି ଗୁରୁବାର ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିରରେ ଯାଞ୍ଚ କରାଯିବ। ଗର୍ଭଗୃହ, ନାଟମଣ୍ଡପ ଓ ଜଗମୋହନ ସ୍ଥିତିର ଅନୁଧ୍ୟାନ ହେବ। ବିଶେଷକରି ଗର୍ଭଗୃହର ପ୍ରଥମ ମହଲା ଏବଂ ଦ୍ୱିତୀୟ ମହଲା ସାଙ୍ଗକୁ ବାୟୁ ସଞ୍ଚାଳନ ବ୍ୟବସ୍ଥାର ମଧ୍ୟ ଅନୁଧ୍ୟାନ କରାଯିବ। କୌଣସି ପଥର ଯଦି ଖରାପ ହୋଇଥାଏ ତାହାକୁ ପରିବର୍ତ୍ତନର ବ୍ୟବସ୍ଥା ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### ସିକନ୍ଦରାବାଦ-ହାଓଡ଼ା ସ୍ପେଶାଲ ଟ୍ରେନରେ ଶିଶୁପୁତ୍ର ଜନ୍ମ

**ଭୁବନେଶ୍ୱର,୨୪।୬(ବ୍ୟୁରୋ):** ପୂର୍ବତଟ ରେଳପଥ ପକ୍ଷରୁ ପୁଣିଥରେ ମିଳିଛି ଖୁସି ଖବର। ରେଳବାଇ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହାୟତାରେ ସିକନ୍ଦରାବାଦ-ହାଓଡ଼ା ସ୍ପେଶାଲ ଟ୍ରେନରେ ଏକ ଶିଶୁପୁତ୍ର ଜନ୍ମନେଇଛି। ଟ୍ରେନ୍‌ର ଏସ୍-୭ କୋଚ୍‌ରେ ଯାତ୍ରା କରୁଥିବା ସାଇରା ଫତିମା ନାମକ ୩୨ ବର୍ଷର ମହିଳା ଖୋର୍ଦ୍ଧା ରୋଡ଼ ଷ୍ଟେଶନଠାରେ ବୁଧବାର ପୂର୍ବାହ୍ନ ୧୧ଟା ୩୦ରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ପୂର୍ବରୁ ସାଇରାଙ୍କ ଠାରୁ ଖବର ପାଇ ରେଳବାଇ ଡାକ୍ତର ଓ ମେଡିକାଲ ଟିମ୍ ଟ୍ରେନ ପହଞ୍ଚିବା ପୂର୍ବରୁ ସଜାଗ ରହିଥିଲେ। ଏହାପରେ ଟ୍ରେନକୁ ଖୋର୍ଦ୍ଧା ରୋଡ଼ ଷ୍ଟେଶନଠାରେ ରଖାଯାଇ ମହିଳାଙ୍କ ପ୍ରସବ କରାଯାଇଥିଲା। ପ୍ରସବ ପରେ ରେଳବାଇ ଦ୍ୱାରା ଉଭୟ ମା' ଓ ଶିଶୁପୁତ୍ରଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା। ଏବେ ଉଭୟ ମା' ଓ ଶିଶୁ ସୁସ୍ଥ ଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ଆଇନ ସହାୟତା କ୍ଲିନିକ ଉଦ୍‌ଘାଟିତ

କଟକ ଅଫିସ,୨୪।୬




ଓଡ଼ିଶା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ନୂତନ ଆଇନ୍ ସହାୟତା କ୍ଲିନିକ୍ କୋଠା ଉଦ୍‌ଘାଟିତ ହୋଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ବିଶ୍ୱବିଦ୍ୟାଳୟର ଚାନ୍‌ସେଲର ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ପାଟ୍ରୋନ ଇନ୍ ଚିଫ୍ ଜଷ୍ଟିସ୍ ମହମ୍ମଦ ରଫିକ୍ ଏହାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷା ଜଷ୍ଟିସ୍ ସଞ୍ଜୁ ପଣ୍ଡା, ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର, ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ, ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଜଷ୍ଟିସ୍ ବିଶ୍ୱନାଥ ରଥ, ଜଷ୍ଟିସ୍ ସଙ୍ଗମ୍ କୁମାର ସାହୁ, ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର, ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏବଂ ଜଷ୍ଟିସ୍ ସାବିତ୍ରୀ ରଥ ଉପସ୍ଥିତ ଥିଲେ। ଏହି ଆଇନ୍ ସହାୟତା କ୍ଲିନିକ୍‌ରେ ଲୋକଙ୍କୁ ମାଗଣାରେ ଆଇନ୍ ସେବା ଦିଆଯିବ। ଏହି ଅବସରରେ ବନ ବିଭାଗ ସହଯୋଗରେ କ୍ୟାମ୍ପସ୍ ପରିସରରେ ଚାରା ରୋପଣ କରାଯାଇଥିଲା। ପରେ ତ୍ରିଶୁଳିଆ ନିକଟସ୍ଥ ବେଲଗଛିଆଠାରେ ମଧ୍ୟ ଚାରା ରୋପଣ ହୋଇଥିଲା। ଏହି ଅବସରରେ ରାଜ୍ୟ ଆଇନ ସେବା ବିଭାଗ ପ୍ରମୁଖ ସଚିବ ଶଶିକାନ୍ତ ମିଶ୍ର, ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀ, ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ସଚିବ ମୋନା ଶର୍ମା, ଆଞ୍ଚଳିକ ବନ ସଂରକ୍ଷକ ଅଶୋକ ମିଶ୍ର, ଜିଲାପାଳ ଭବାନୀ ଶଙ୍କର ଚୟନୀ, ରେଜିଷ୍ଟ୍ରାର (ଜେନେରାଲ) ମଳୟ ରଞ୍ଜନ ଦାଶ, ରେଜିଷ୍ଟ୍ରାର (ଆଡମିନ୍) ଆର୍.କେ. ତୋଷ, ରେଜିଷ୍ଟ୍ରାର (ଜୁଡିସିଆଲ୍) ଲଳିତ ଦାଶ ଏବଂ ହାଇକୋର୍ଟର ବରିଷ୍ଠ ଅଧିକାରୀଙ୍କ ସହ ଜିଲା ଜଜ୍ ରାଜ୍ କୁମାର ସାହୁ ଉପସ୍ଥିତ ଥିଲେ। ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ମିନାକ୍ଷୀ ଦାସ, ପ୍ରକଳ୍ପ ପରାମର୍ଶଦାତା ଦେବାଶିଷ ନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ଏଥିରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀକୃଷ୍ଣ ଦେବା ରାଓ, ଉପସଚିବ ଜ୍ୟୋତିରଞ୍ଜନ ଦାଶ ଓ ସହ ସଚିବ ରୁଦ୍ରପ୍ରକାଶ ନାୟକ ସହଯୋଗ କରିଥିଲେ।

# 'ଓଡ଼ିଆର ପ୍ରାଚୀନତାର ପ୍ରମାଣ ଦେବ ଉତ୍କର୍ଷ କେନ୍ଦ୍ର'


ପ୍ରଫେସର ବସନ୍ତ କୁମାର ପଣ୍ଡା

ଭୁବନେଶ୍ୱର,୨୪।୬(ବ୍ୟୁରୋ)

ବହୁ ପ୍ରତୀକ୍ଷିତ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ତଥା ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ ଷ୍ଟଡିଜ୍ ଇନ୍ କ୍ଲାସିକାଲ ଶେଷରେ କାର୍ଯ୍ୟ ଆରମ୍ଭ କରିବ। କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ସାହିତ୍ୟିକ ଏବଂ ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ବୁଧବାର ଦାୟିତ୍ୱ ଗ୍ରହଣ କରିବା ପରେ ଏନେଇ ଆଶା ସଞ୍ଚାର ହୋଇଛି। ଓଡ଼ିଆ ଭାଷାରେ ଅଧିକ ଗବେଷଣା ସହ ଆମ ଭାଷାର ପ୍ରଚାର ପ୍ରସାର ନିମନ୍ତେ ଏହି ଉତ୍କର୍ଷ କେନ୍ଦ୍ର କାର୍ଯ୍ୟ କରିବ। ଗତ ୨୨ ତାରିଖରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏନେଇ ଘୋଷଣା କରାଯିବା ପରେ ବୁଧବାର ବିଧିବଦ୍ଧ ଭାବେ ପଣ୍ଡା ଦାୟିତ୍ୱ ଗ୍ରହଣ କରିଛନ୍ତି। ଭୁବନେଶ୍ୱର ୟୁନିଟ-୨ସ୍ଥିତ ସର୍ଦ୍ଦାର ପଟେଲ୍ ଭବନ ପରିସରରେ ଉଦ୍‌ଘାଟିତ ନୂତନ କାର୍ଯ୍ୟାଳୟରେ ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ତାଙ୍କୁ ଆନୁଷ୍ଠାନିକଭାବେ ଦାୟିତ୍ୱଭାର ଦେବାସହ ଶୁଭେଚ୍ଛା ଜଣାଇଥିଲେ। ଆଗାମୀଦିନରେ ଏହି କେନ୍ଦ୍ର କେଉଁ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେବ ଏବଂ କିଭଳି କାର୍ଯ୍ୟକରିବ ସେନେଇ ପ୍ରଫେସର ପଣ୍ଡାଙ୍କ ସହ ଧରିତ୍ରୀର ସଂକ୍ଷିପ୍ତ ଆଳାପ।

**ଏହି ଉତ୍କର୍ଷ କେନ୍ଦ୍ରର ପ୍ରାଥମିକ କାର୍ଯ୍ୟ କ'ଣ ହେବ?**

୨୦୧୪ରେ ଯେଉଁ ଆଧାରରେ ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା ତାହା ପ୍ରମାଣିତ କରିବୁ। ଓଡ଼ିଆ ଭାଷାର ୨ ହଜାର ବର୍ଷର ପରମ୍ପରା ଅଛି। ଆମର ମୌଳିକ ସାହିତ୍ୟ ଅଛି। ଗବେଷଣା ମାଧ୍ୟମରେ ଏହି ତଥ୍ୟ ସାମ୍ନାକୁ ଆଣିବା ସହ ଆମ ଭାଷାର ଶାସ୍ତ୍ରୀୟ ଉତ୍ସ ଦେଖାଇବୁ। ଏଥିପାଇଁ ବିଭିନ୍ନ ଶାସ୍ତ୍ରରେ ଓଡ଼ିଆ ଭାଷା ଏବଂ ଓଡ଼ିଆ ଜାତି ସମ୍ପର୍କରେ ଯାହା ଉଲ୍ଲେଖ ଅଛି ତାକୁ ଆବିଷ୍କାର କରିବାକୁ ପଡ଼ିବ। ବିକାଶ ଏବଂ ଜ୍ଞାନର ଭାଷାଭାବେ ଓଡ଼ିଆର ସାମଗ୍ରିକ ବିକାଶ କରିବାକୁ କେନ୍ଦ୍ର ଲକ୍ଷ୍ୟ ରଖିବ। ହେଲେ ଶାସ୍ତ୍ରୀୟତା ଉପରେ ଅଧିକ ଗବେଷଣା ଆମର ମୁଖ୍ୟ ଉଦ୍ଦେଶ୍ୟ ହେବ।

**ଗବେଷଣା ବ୍ୟତୀତ କେନ୍ଦ୍ର ଆଉ କ'ଣ କାର୍ଯ୍ୟ କରିବ?**

ଏବେସୁଦ୍ଧା ପ୍ରକାଶିତ ହୋଇ ନଥିବା ଅନେକ ଦୁଷ୍ପ୍ରାପ୍ୟ ପୋଥି ଓଡ଼ିଆରେ ରହିଛି। ସେଗୁଡ଼ିକର ସଂକଳନ, ସମ୍ପାଦନା କରି ପ୍ରକାଶ କରାଯିବ। ବିଭିନ୍ନ ପ୍ରକାର ବ୍ୟାକରଣ, ଅଭିଧାନ କେନ୍ଦ୍ର ପ୍ରସ୍ତୁତ କରିବ। ଓଡ଼ିଆରେ ହଜିଯାଇଥିବା ଶେଷାରସ ବା ସାମର୍ଥ୍ୟ ଶବ୍ଦକୋଷ ପ୍ରସ୍ତୁତ କରିବୁ। ପ୍ରାଚୀନ କାବ୍ୟଗୁଡ଼ିକରେ ଯେଉଁପ୍ରକାର ଭାଷାର ବ୍ୟବହାର ହୋଇଥିଲା ତାକୁ ସଂଗ୍ରହ କରି ସଂକଳନ କରିବୁ। ଏହାବ୍ୟତୀତ ସାରା ବିଶ୍ୱରେ ଯେତେ ଓଡ଼ିଆ ଅଛନ୍ତି ସେମାନଙ୍କ ତଥ୍ୟ ରଖାଯିବ। ସମସ୍ତଙ୍କ ସହ ସମନ୍ୱୟ ରକ୍ଷାକରି ଏକ ବିଶ୍ୱ ଓଡ଼ିଆ ସମ୍ମିଳନୀ କରିବୁ। ସେମାନେ ଯେପରି ଓଡ଼ିଆ ଭାଷା ଶିଖିପାରିବେ ତାହାର ବ୍ୟବସ୍ଥା କରାଯିବ।

**ଭାଷାର ପ୍ରଚାର ପ୍ରସାର ପାଇଁ କ'ଣ ପଦକ୍ଷେପ ନିଆଯିବ?**

ଅନୁବାଦ ଉପରେ ଗୁରୁତ୍ୱ ଦେବା ଉତ୍କର୍ଷ କେନ୍ଦ୍ରର ଆଉଏକ ପ୍ରମୁଖ କାର୍ଯ୍ୟ ହେବ। ଅନୁବାଦ ନହେବା ଦ୍ୱାରା ଓଡ଼ିଆ ସାହିତ୍ୟରେ ବିପୁଳ ସମ୍ପଦ ଥାଇ ମଧ୍ୟ ତାହା ଜାତୀୟ, ଅନ୍ତର୍ଜାତୀୟସ୍ତରକୁ ଯାଇପାରୁ ନାହିଁ। ଏଥିଲାଗି ପୁରାତନ ଏବଂ ଆଧୁନିକ ସମୟର ଓଡ଼ିଆ ପୁସ୍ତକକୁ ଇଂଲିଶ, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦ କରାଯିବ। ପାରସ୍ପରିକ ସମ୍ପର୍କ ରଖି ଅନ୍ୟ ଭାଷାରୁ ଓଡ଼ିଆକୁ ଏବଂ ଆମ ଭାଷାରୁ ଅନ୍ୟ ଭାଷାକୁ ଅନୁବାଦ କରାଯିବ। ଆଲୋଚନା ମାଧ୍ୟମରେ ଓଡ଼ିଆ ଭାଷାର ଶ୍ରେଷ୍ଠ ଏବଂ 'ଗୀତାବିଧାନ' ଭଳି ବିରଳ ପୁସ୍ତକମାନ ଚୟନ କରାଯାଇ ତାହାକୁ ବିଭିନ୍ନ ଭାଷାକୁ ଅନୁବାଦ କରିବା ଦିଗରେ ପଦକ୍ଷେପ ନିଆଯିବ।

**ବଙ୍ଗଳା ଭାଷାରୁ ଓଡ଼ିଆ ସୃଷ୍ଟି ବୋଲି ଏକ ଭୁଲ୍ ଧାରଣା ବାହାରେ ରହିଆସିଛି। ସେନେଇ ତଥ୍ୟ ଉପସ୍ଥାପନ କରିବାକୁ କେନ୍ଦ୍ର କିଛି ପଦକ୍ଷେପ ନେବ କି?**

ଏହା ଆଗରୁ ପ୍ରମାଣିତ ହୋଇସାରିଛି ଯେ, ପୂର୍ବ ଭାରତୀୟ ଭାଷା ମଧ୍ୟରେ ଓଡ଼ିଆ ସବୁଠାରୁ ପ୍ରାଚୀନ ଭାଷା। ଊନବିଂଶ ଶତାବ୍ଦୀରେ ବଙ୍ଗଳା ଭାଷାବିତ୍‌ମାନେ ଏଭଳି ଏକ ଷଡ଼ଯନ୍ତ୍ର କରିଥିଲେ। ହେଲେ ତାହା ପରବର୍ତ୍ତୀ ସମୟରେ ଭୁଲ୍ ବୋଲି ସେମାନେ ନିଜେ ସ୍ୱୀକାର କଲେ।

**ଇଣ୍ଟରନେଟ୍‌ରେ ଆମ ଭାଷା ଦୁର୍ବଳ ହୋଇପଡ଼ିଛି। ସେନେଇ କ'ଣ କରାଯିବା ଆବଶ୍ୟକ?**

ତାହା ଆମର ଅପାରଗତା। ୟୁନିକୋଡ୍ ଫଣ୍ଟର ବ୍ୟବହାର ନକଲେ ଓଡ଼ିଆ ଭାଷା ଦୁର୍ବଳ ହୋଇରହିବ। ଗୁଗୁଲରେ ସମସ୍ତ ଭାଷା ଆଣିବା ପାଇଁ ଯେଉଁ ପ୍ରଚେଷ୍ଟା ଚାଲିଛି ଓଡ଼ିଆ ସେଥିରେ ବହୁପଛରେ ପଡ଼ିଯାଇଛି। ଏହା ଟେକ୍ନୋଲୋଜି ବା ଇଣ୍ଟରନେଟ୍‌ର ଭୁଲ୍ ନୁହେଁ, ଆମର ଭୁଲ୍। ତେବେ ବର୍ତ୍ତମାନ ସିଡାକ୍, ଓକାକ୍, ଭର୍ଚୁଆଲ ଏକାଡେମୀ ସେଦିଗରେ କାମ କରୁଛନ୍ତି। ହେଲେ ବ୍ୟକ୍ତିଗତସ୍ତରରେ ଅଧିକ ଉଦ୍ୟମ ଆବଶ୍ୟକ।

**କେବେଠାରୁ କେନ୍ଦ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ?**

ଅନ୍ୟ ଭାଷା ତୁଳନାରେ ଆମ ଉତ୍କର୍ଷ କେନ୍ଦ୍ର କମ୍ ସମୟରେ ହୋଇଛି। ୨୦୧୩ରେ ମାଲାୟଲମ୍ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ମଧ୍ୟ ତା'ର ଉତ୍କର୍ଷ କେନ୍ଦ୍ର ଏପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରିନାହିଁ। ହେଲେ ରାଜ୍ୟ ସରକାରଙ୍କ ଉଦ୍ୟମ ଏବଂ ମହୀଶୂର ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲାଙ୍ଗୁଏଜେସ୍‌ର ନିର୍ଦ୍ଦେଶକ ପ୍ରଫେସର ଡି.ଜି ରାଓଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଛି। ଯେତେଶୀଘ୍ର ସ୍କଲାରମାନେ ନିଯୁକ୍ତ ହେବେ ସେତେଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

ମନେ ପଡ଼ନ୍ତି

ଷଷ୍ଠ
ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ଲକ୍ଷ୍ମଣ ମହାନ୍ତି
ବିନିଶପୁର, ନୂଆପଲମହାଟ, କଟକ
ଆବିର୍ଭାବ: ୧୯୩୭ (ଇନ୍ଦୁପୂର୍ଣ୍ଣମୀ)
ତିରୋଧାନ: ୦୧।୦୭।୨୦୧୪
(ଆଷାଢ଼ ଶୁକ୍ଳପକ୍ଷ ଚତୁର୍ଥୀ)
ଚାହୁଁ ଚାହୁଁ ଛଅବର୍ଷ ବିତିଗଲାଣି। ଏବେ ବି ଆପଣଙ୍କ ସ୍ପର୍ଶ, ସ୍ନେହ ଏବଂ ଶ୍ରଦ୍ଧା ଆମ୍ଭେ ଅନୁଭବ କରୁଛୁ। ଯେଉଁଠି ଥାଅନା କାହିଁକି ଆପଣଙ୍କ ଆଶୀର୍ବାଦ ଆମ୍ଭର ଏକାନ୍ତ କାମ୍ୟ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପରମପିତାଙ୍କ ରାତୁଳ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାର ଏବଂ ବନ୍ଧୁବର୍ଗ
ଧ-୧୭୫୭୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ ସ୍ୱୟଂସିଦ୍ଧ ମହାପାତ୍ର
ଆବିର୍ଭାବ: ୦୬।୧୨।୧୯୯୧
ତିରୋଧାନ: ୦୮।୦୭।୨୦୧୯
(ପଞ୍ଚମୀତିଥି)
ଆଜିର ତିଥିରେ ତୋର ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବା ବର୍ଷେ ପୂରଣ ହେବାକୁ ଯାଉଛି। ପରିବାରର ସର୍ବକନିଷ୍ଠ ସଦସ୍ୟର ଆକସ୍ମିକ ଆଉ ଅକାଳ ବିୟୋଗ ଘରକୁ ଏବେ ବି ନିସ୍ତବ୍ଧତା ଓ ଶୂନ୍ୟତାରେ ଭରିଦେଇଛି। ତୋର ହସ ହସ ମୁହଁ, ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ସହିତ ସମ୍ପର୍କ ଆଉ ଏ ଘର ପ୍ରତି ତୋର ଅବଦାନ ସବୁବେଳେ ମନେ ପଡୁଛି। ଜୀବନ ଥିବା ଯାଏ କେବେବି ପାସୋରି ହେବନି।
ତୋର ଅମର ଆତ୍ମାର ଶାନ୍ତି ଆଉ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା କରୁଅଛୁ।
ତୋର ନନା, ବୋଉ, ମା, ଭାଇନା, ଭାଉଜ ଓ ଆତ୍ମୀୟସ୍ୱଜନ।
ଧ-୧୭୫୭୩

ପଞ୍ଚମ
ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ମନୋରଞ୍ଜନ ମିଶ୍ର
୮୫, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୧୯।୦୬।୧୯୫୭
ତିରୋଧାନ: ୧୯।୦୭।୨୦୧୫
ଆଜି ୫ମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମଳିନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ମିଶ୍ର ପରିବାରବର୍ଗ
ଏବଂ ଆତ୍ମୀୟସ୍ୱଜନ।
ଧ-୬୯୧୨୩

# ଦୋଛକିରେ ତାରା

ତାରା ସୁତାରିଆ ଦୋଛକିରେ ପଡିଯାଇଛନ୍ତି। ପରିସ୍ଥିତି ଏମିତି ହୋଇଛି, ଏଣୁ ମାରିଲେ ଗୋହତ୍ୟା, ତେଣୁ ମାରିଲେ ବ୍ରହ୍ମ ହତ୍ୟା। କଥା କ'ଣ କି ଲକ୍‌ଡାଉନ୍ ସମୟରେ ଏକ ଅନ୍‌ଟାଇଟଲ୍‌ଡ ସିନେମାରେ ଆକ୍ଟିଂ କରିବାକୁ ତାଙ୍କୁ ଅଫର ମିଳିଥିଲା। କାହାଣୀଟି ସିନା ତାଙ୍କର ପସନ୍ଦ ହେଲା, ହେଲେ ସେଥିରେ ଟିକେ କେଁ ରହିଯାଇଛି। ଏଥିରେ କେତୋଟି ବୋଲ୍ଡ ଶଟ୍ ରହିଛି, ଯାହାକୁ ନେଇ ନାକ ଟେକୁଛନ୍ତି ତାରା। ଏ ନେଇ ସେ କହନ୍ତି, 'ଏହି ଫିଲ୍ମର କାହାଣୀ ମୋର ପସନ୍ଦ। ହେଲେ ଏଥିରେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ-ଯାହାକୁ ନେଇ ମୁଁ ଦ୍ୱନ୍ଦ୍ୱରେ ପଡିଯାଇଛି। ତେବେ ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ଦୁଇ ସପ୍ତାହ ସମୟ ନେଇଛି ଏବଂ ଫିଲ୍ମର ପ୍ରଯୋଜକ ମଧ୍ୟ ରାଜି ହୋଇଛନ୍ତି।' ତେବେ ଏହି ଚିତ୍ରରେ ତାରା ଅଭିନୟ କରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ମିମିକ୍ରି ପ୍ରିୟ ସୁଶାନ୍ତ


ସୁଶାନ୍ତ

ସୁଶାନ୍ତ ସିଂ ରାଜପୁତଙ୍କ ଅକସ୍ମାତ ବିୟୋଗ ଛାୟାରୁ ବଲିଉଡ୍‌କୁ ମୁକୁଳିବାକୁ ନିଶ୍ଚୟ କିଛି ସମୟ ଲାଗିବ। ତାଙ୍କର ଅଭିନୟ ଜୀବନ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। ଅଭିନୟ ପୂର୍ବରୁ ବି ସେ ନିଜକୁ ଚର୍ଚ୍ଚାର ପରିସରରେ ରଖିଥିଲେ ସୁଶାନ୍ତ। ସ୍କୁଲରେ ପଢ଼ିବା ସମୟରେ ସେ ମିମିକ୍ରି କରିବାକୁ ଭଲ ପାଉଥିଲେ। ଏଥିପାଇଁ ସେ ଛାତ୍ରୀଛାତ୍ରଙ୍କ ପ୍ରିୟପାତ୍ର ହୋଇପାରିଥିଲେ। ହେଲେ ସେ କାହାର ମିମିକ୍ରି କରୁଥିଲେ ଜାଣନ୍ତି ? ଶାହରୁଖ ଖାଁଙ୍କର। ସେଥିପାଇଁ ତାଙ୍କୁ 'ଡୁପ୍ଲିକେଟ ଶାହରୁଖ' ବୋଲି ଅନେକେ ସମ୍ବୋଧନ କରୁଥିଲେ। ବିଶେଷଭାବରେ ସ୍କୁଲ ଛାତ୍ରୀଙ୍କୁ ଇମ୍ପ୍ରେଶ କରିବାକୁ ସୁଶାନ୍ତ କିଙ୍ଗ ଖାଁଙ୍କ ମିମିକ୍ରି କରୁଥିଲେ। ଅନେକେ ଜାଣନ୍ତି ଯେ, ସୁଶାନ୍ତଙ୍କ ଛୋଟ ପରଦା ଜୀବନ ଆରମ୍ଭ ହୋଇଥିଲା ମେଗା ଧାରାବାହିକ 'ପବିତ୍ର ରିସ୍ତା'ରୁ। ହେଲେ ତା'ପୂର୍ବରୁ ସେ 'କିସ୍ ଦେଶ୍ ମେଁ ହୈ ଦିଲ୍ ମେରା' ଧାରାବାହିକରେ ଅଭିନୟ କରିସାରିଥିଲେ। ହେଲେ 'ପବିତ୍ର ରିସ୍ତା'ର ମାନବ ଦେଶମୁଖ ଚରିତ୍ର ତାଙ୍କୁ ଘରେ ଘରେ ଲୋକପ୍ରିୟ କରାଇପାରିଥିଲା। 'ବ୍ୟୋମକେଶ ବକ୍ସି' ଚଳଚ୍ଚିତ୍ରର ଶୁଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଏହାର ଚରିତ୍ରରେ ସୁଶାନ୍ତ ଏପରି ଦେଖାଯାଉଥିଲେ ଯେ ଶୁଟିଂ ସେଟ୍‌ରେ ଜଣେ ସ୍ପଟ ବୟ ତାଙ୍କୁ ହେଲ୍‌ପର ବୋଲି ଭାବି ଏକ କାମ ପାଇଁ ସାଙ୍ଗରେ ନେଇ ଯିବାକୁ ବସିଥିଲା। ପରେ ସ୍ପଟ ବୟ ନିଜର ଭୁଲ୍ ବୁଝିପାରି ସୁଶାନ୍ତଙ୍କୁ କ୍ଷ ମ । ମାଗିଥିଲା।


କରୀନା



# ଅନୁଷ୍କାଙ୍କ ନୂଆ ଯୋଜନା

ହିଟ୍ ସିନେମା 'ରବ୍ ନେ ବନାଦି ଯୋଡି'ରେ ଶାହରୁଖଙ୍କ ଅପୋଜିଟ୍‌ରେ ଅନୁଷ୍କା ଶର୍ମାଙ୍କୁ କାଷ୍ଟିଂ କରାଯାଇଥିଲା। ପ୍ରଥମ ସିନେମାରୁ ହିଁ ସେ ନିଜ ଆକ୍ଟିଂ ଦକ୍ଷତା ଦେଖାଇ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଥିଲେ ଏହି ନବାଗତା। ଏବେ ସେ ଏକ ନୂଆ କାମରେ ମନୋନିବେଶ କରିଛନ୍ତି। ତାହା ହେଲା ପଶୁପକ୍ଷୀ ସେବା। ପଶୁପକ୍ଷୀ ପାଳନ କରିବା ତାଙ୍କର ପିଲାଟି ଦିନରୁ ଏକ ନିଶା ପାଲଟି ଯାଇଥିଲା। ଏବେ ମଧ୍ୟ ସେହି କାମକୁ ସେ ଜାରି ରଖିଛନ୍ତି। ପ୍ରତିଦିନ ସେ ବାହାରେ ବୁଲୁଥିବା ପଶୁଙ୍କ କିଛି ଖାଇବାକୁ ଦେଇଥାଆନ୍ତି। ଏପରି କି ନିଜ ଘରେ ମଧ୍ୟ ସେ କିଛି ପୋଷା ପଶୁପକ୍ଷୀ ରଖିଛନ୍ତି। ଅପରପକ୍ଷରେ ନିଜ ଅଭିନୟ ଜୀବନର ଆଉ ଏକ ଆଶା ତାଙ୍କର ପୂରଣ ହୋଇଛି। ଅର୍ଥାତ ପୁଣି ଥରେ ସେ ଶାହରୁଖ ଖାଁଙ୍କ ସହ ବଡ ପରଦାରେ ମୁହଁ ଦେଖାଇବେ। ୨୦୦୭ରେ ଅନୁଷ୍କାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ଏ ନେଇ ଅନୁଷ୍କା କହନ୍ତି, 'ଶାହରୁଖଙ୍କ ସହ ଆକ୍ଟିଂ କରିବାର ଇତି ମଧ୍ୟରେ ୧୩ବର୍ଷ ବିତି ଗଲାଣି। ତଥାପି ଏବେ ଯେଉଁ ସୁଯୋଗ ମିଳିଛି ତାହାକୁ କେବେ ହାତ ଛଡା କରିବି ନାହିଁ।' ତେବେ ପୁଣି ଥରେ ଶାହରୁଖଙ୍କ ସହ ଅନୁଷ୍କାଙ୍କ ଯୋଡି କେତେ ବାଜିମାତ୍ କରୁଛି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

# ଦିନକୁ ୫୦ ସୂର୍ଯ୍ୟ ନମସ୍କାର

ନିଜ ଫିଟନେସକୁ ନେଇ କରୀନା କେତେ ସଜାଗ ତାହା କହିବା ବାହୁଲ୍ୟ। କାରଣ ସେ ନିଜ ସ୍ୱାସ୍ଥ୍ୟ ପ୍ରତି ବେଶ୍ ସଚେତନ। ତେଣୁ ନିଜ ଡେଲି ରୁଟିନ୍‌ରେ ସେ ବ୍ୟାୟାମ ସହ ଯୋଗକୁ ସାମିଲ କରିଥାଆନ୍ତି। ଦିନ ଥିଲା ସେ ଯୋଗ କରିବାକୁ ସେତେଟା ଆଗ୍ରହ ପ୍ରକାଶ କରୁ ନ ଥିଲେ। ହେଲେ ଲଗାତର ଗୋଟିଏ ମାସ ଯୋଗ କରିବା ପରେ ପରବର୍ତ୍ତୀ ସମୟରେ ସେ ଏହାକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିଥିଲେ। ଏବେ କରୀନା ନିୟମିତ ଯୋଗ କରିବା ସହ ପ୍ରତିଦିନ ୫୦ଥର ସୂର୍ଯ୍ୟ ନମସ୍କାର କରିଥାଆନ୍ତି। ଏହାବ୍ୟତୀତ ସେ ନିଜର ଡାଏଟ ପ୍ରତି ମଧ୍ୟ ଗୁରୁତ୍ୱ ଦିଅନ୍ତି। ଆଉ ଏକ କଥା। ଯେତେବେଳେ କରୀନା ନିଜକୁ ନର୍ଭସ ଅନୁଭବ କରନ୍ତି ସେତେବେଳେ ସେ କ'ଣ କରନ୍ତି ଜାଣନ୍ତି ? ନଖ କାମୁଡି ଥାଆନ୍ତି। ଏ ସମ୍ପର୍କରେ କରୀନା କହନ୍ତି, 'ପିଲାଟି ଦିନରୁ ମୋର ଏ ଅଭ୍ୟାସ ରହିଆସିଛି। ଏବେ ମଧ୍ୟ ଯେତେବେଳେ ମୁଁ ନର୍ଭସ ଫିଲ୍ କରେ ସେତେବେଳେ ନଖ କାମୁଡିଥାଏ।'

ନୂଆ ମୁହଁ

# ବଡ ବ୍ରେକ୍‌କୁ ଅପେକ୍ଷା


କୀର୍ତ୍ତି ବିକାଶ ମଲ୍ଲ

କୀର୍ତ୍ତି ବିକାଶ ମଲ୍ଲ (ଲିଟୁ)। ଇତି ମଧ୍ୟରେ ସେ ବଡ ପରଦାରେ ମୁହଁ ଦେଖାଇ ସାରିଛନ୍ତି। ଓଡ଼ିଆ ସିନେମା 'ଦିଲ୍ କା ରାଜା', 'ଅଜାତ ଶତ୍ରୁ', 'ନିମକି', 'ଚାଲ ଟିକେ ପ୍ରେମ କରିବା'ରେ ତାଙ୍କୁ ଯେଉଁ ଭୂମିକା ମିଳିଛି ସେଗୁଡିକୁ ବେଶ୍ ସୂଚାରୁ ରୂପେ ତୁଲାଇଛନ୍ତି। ଅଭିନୟ ଦୁନିଆରେ ଏଣ୍ଟ୍ରି କରିବା ପୂର୍ବରୁ କୀର୍ତ୍ତି ବେଶ୍ କେତୋଟି ଆଲବମ୍‌ରେ ଆକ୍ଟିଂ କରିଥିଲେ। ଓଡ଼ିଆ ସିନେମାରେ ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'କେବଳ ଅଭିନୟ ନୁହେଁ, ଗୀତ ଗାଇବା ମୋର ମଧ୍ୟ ଏକ ହବି। ଅଭିନେତା ତଥା ମୋ ଅଭନୟ ଗୁରୁ ନିଶି କର ମୋତେ ଆକ୍ଟିଂକୁ କ୍ୟାରିୟର କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦେଶକ ନାରାୟଣ ଘଡେଇ ମୋତେ ବଡ ପରଦାରେ ବ୍ରେକ୍ ଦେଇଥିଲେ। ହେଲେ ଏକ ବଡ ସୁଯୋଗ ଅପେକ୍ଷାରେ ମୁଁ ରହିଛି। ଯଦି ସେପରି ସୁଯୋଗ ମିଳେ ତାହାକୁ ହାତଛଡା କରିବି ନାହିଁ ଏବଂ ତାହା ମୋ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି।' ଜଗତ୍‌ସିଂହପୁର ବିରିଡି ବ୍ଲକ ଅନ୍ତର୍ଗତ ରାଣୀପଡାରେ କୀର୍ତ୍ତିଙ୍କର ଜନ୍ମ (ବାପା-ଅଭୟ କୁମାର ମଲ୍ଲ, ମା'-ଲକ୍ଷ୍ମୀପ୍ରିୟା ମଲ୍ଲ)। ସେ ଅଭିନୟ କରିଥିବା ହିଟ୍ ଆଲବମ୍ ମଧ୍ୟରେ ରହିଛି, 'ଚିକି ମିକି, ଚାନ୍ଦକୁ ଦିନେ, ସେଇ ଜହ୍ନ ସେଇ ରାତି, ନିଶି ବିଜନେ, ଓ ସନମ, ଧୋ ରେ ବାୟା ଧୋ, ତୁ ଆଖି ହେଲେ ମୁଁ ଆଇନା, ନଦୀ କହେ ଦଦରା ନାଆରେ ଅନ୍ଧ ନାଉରୀ, ମନ ଚଢ଼େଇ ଏବଂ ରଙ୍ଗବତୀ'।

# ଦିଶା ଆଉଟ୍ ଶ୍ରଦ୍ଧା ଇନ୍


ଦିଶା

ଟାଇଗର ଶ୍ରଫଙ୍କ ଅଭିନୀତ 'ବାଗୀ' ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା କହିବା ବାହୁଲ୍ୟ। କିନ୍ତୁ ଏହି ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରିବାକୁ ପ୍ରଥମେ ଦିଶା ପଟାନିଙ୍କୁ ଯୋଗାଯୋଗ କରାଯାଇଥିଲା। କଥାବାର୍ତ୍ତା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। କିନ୍ତୁ ରାତାରାତି ଚକ ଏମିତି ଓଲଟି ଗଲା ଯେ ଦେଖିଲା ବେଳକୁ ଦିଶା ଆଉଟ୍ ଶ୍ରଦ୍ଧା ଇନ୍। ଅର୍ଥାତ୍, ଏହାର ଫିମେଲ ଲିଡ୍ ପାଇଁ ଶ୍ରଦ୍ଧା କପୁରଙ୍କୁ ସାଇନ୍ କରାଯାଇଥିଲା। ନିକଟରେ ନିଜ ରିଲ୍ ଲାଇଫ ବିଷୟରେ ସୂଚନା ଦେବା ସମୟରେ ଏପରି କଥା କହିଥିଲେ ଦିଶା। "ସେତେବେଳେ ଯେଉଁ ଘଟଣା ଘଟିଲା, ତାହାର କାରଣ ମୁଁ ଏ ଯାଏ ଖୋଜି ପାଉନାହିଁ। ହେଲେ ତାହା ତ ଅତୀତ ହୋଇଗଲାଣି। ଏଣିକି ବଲିଉଡ୍‌ରେ ମାପି ଚୁପି ପାଦ ପକାଇବି। ନିଜ କ୍ୟାରିୟରକୁ ନେଇ ମୁଁ ବେଶ୍ ସତର୍କ । ଆଲତୁ ଫାଲତୁ ସିନେମାରେ ଅଭିନୟ କରିବା ଅପେକ୍ଷା ହାତଗଣତି ଫିଲ୍ମରେ ଆକ୍ଟିଂ କଲେ କ୍ଷତି କ'ଣ ? କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ତାହାର କାହାଣୀ ଏବଂ ମୋ ଭୂମିକାକୁ ଭଲ ଭାବରେ ତର୍ଜମା କରିବି। ରାତାରାତି ମୁଁ ନାୟିକା ଦୌଡରେ ସାମିଲ ହେବାକୁ ଚାହେଁନା ବୋଲି ସେ କହନ୍ତି ।" ତେବେ ଦିଶା ନିଜର ଏଭଳି ମାନସିକତାରେ କେତେ ସକ୍‌ସେସ ହେଉଛନ୍ତି ତାହା ସମୟ ହିଁ କହିବ।


ସ୍ୱରାଜ

# ଝୁଲ୍ ବେବି ଝୁଲ୍..

ଦିଲ ବା ହୃଦୟ କେତେବେଳେ କେଉଁଠି ବସା ବାନ୍ଧେ ତାହା ଆକଳନ କରିବା କଷ୍ଟକର। ଥରେ ଏକ ଜର୍ଣ୍ଣ ସମୟରେ ଜଣେ ଯୁବକ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛି। ପ୍ରେମର ଉତଥାନ ପତନ ରାସ୍ତାକୁ ସେ କେମିତି ଅତିକ୍ରମ କରୁଛି ଆଉ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ ତାହାକୁ ନେଇ ଏହି ଚିତ୍ରର କାହାଣୀ ଗତିଶୀଳ। ହଁ, ଏପରି ଏକ ଭିନ୍ନ ଧରଣର ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'। ଲକ୍ ଡାଉନ୍ ଶେଷ ହେବା ପରେ ଫିଲ୍ମଟି ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଖାସ୍ କଥା ହେଲା ନିର୍ମଳ ନାୟକଙ୍କ ରଚିତ, ପ୍ରେମ ଆନନ୍ଦଙ୍କ ସ୍ୱରାୟିତ ଏବଂ ଆଶୁତୋଷ-ଦିପ୍ତୀରେଖା ଗାଇଥିବା ରୋମାଣ୍ଟିକ ଡୁଏଟ୍ 'ଝୁଲ୍ ବେବି ଝୁଲ୍' ଏବେ ୟୁ ଟ୍ୟୁବ୍‌ରେ ଭାଇରାଲ ହୋଇଛି। ସ୍ୱରାଜ ଏବଂ ଶିବାନୀଙ୍କୁ ଏହି ଉକ୍ତ ଗୀତର ଦୃଶ୍ୟାୟନ କରାଯାଇଛି। ମା' ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ବାପୁନୀ କୁମାର ଏବଂ ଆର.ଆର୍. ସି. ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ମିଳିତ ପ୍ରଯୋଜନାରେ ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଚୁଲବୁଲି ଶୀବାନୀ। ଖାସ୍ କଥା ହେଲା 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ'ର ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ।

## ପିକ୍‌ଅପ ଭ୍ୟାନ ଧକ୍କାରେ ଯୁବକ ମୃତ

ନିମାପଡ଼ା,(ଡି.ଏନ୍.ଏ): ନିମାପଡ଼ା-ଚାରିଛକ ରାସ୍ତାର ଭିଲିଗ୍ରାମ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ନଡ଼ଣାସାମିଲ କାଦୁଅପାଟଣା ଗ୍ରାମର ରାଜକିଶୋର ବେହେରା। ରାଜକିଶୋର ତାଙ୍କ ସାଙ୍ଗ ସହ ନିମାପଡ଼ାରୁ ବାଇକ୍‌ରେ ଘରକୁ ଫେରୁଥିଲେ। ପରିସ୍ରା ପାଇଁ ରାଜକିଶୋର ଓହ୍ଲାଇଥିବାବେଳେ ଏକ ପିକ୍‌ଅପ ଭ୍ୟାନ୍ ଧକ୍କା ଦେଇଥିଲା। ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକିଶୋରଙ୍କ ବାପା ପହଞ୍ଚି ଅଭିଯୋଗ କରିବା ପରେ ପୋଲିସ ନଂ. ୧୩୪/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ପୁରୀ: ୯ ପଜିଟିଭ ଚିହ୍ନଟ

ପୁରୀ ଅଫିସ,୨୪।୬: ପୁରୀ ଜିଲାରୁ ବୁଧବାର ପୁଣି ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୪ଜଣ ଆରୋଗ୍ୟ ଲାଭ କରିଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ପଜିଟିଭ ସଂଖ୍ୟା ୨୨୪ ଛୁଇଁଛି। ଏମାନଙ୍କ ମଧ୍ୟରୁ ବୁଧବାର ୪ଜଣଙ୍କୁ ମିଶାଇ ମୋଟ ୧୫୫ ଜଣ ସୁସ୍ଥ ହୋଇଥିବା ବେଳେ ୬୭ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର କରୋନା ଯୋଗୁ ଏବଂ ଅନ୍ୟ ଜଣଙ୍କର ଅନ୍ୟ ରୋଗ ପାଇଁ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

### କୃଷ୍ଣପ୍ରସାଦରେ ଯୁବକ ପଜିଟିଭ୍ ଚିହ୍ନଟ

କୃଷ୍ଣପ୍ରସାଦ,୨୪।୬(ଡି.ଏନ୍.ଏ): କୃଷ୍ଣପ୍ରସାଦ ବ୍ଲକ ବଡଝାଡ ଗ୍ରାମ ପଞ୍ଚାୟତରେ ଜଣେ ଯୁବକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ନିକଟରେ ବେଙ୍ଗାଲୁରୁରୁ ଫେରି ୧୪ ତାରିଖରେ ସ୍ଥାନୀୟ ଅସ୍ଥାୟୀ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ୨୦ତାରିଖ ଦିନ ତାଙ୍କର ଡାହାଣ ପାର୍ଶ୍ୱ ଅଙ୍ଗ କାର୍ଯ୍ୟକରି ନ ଥିଲା। ତାଙ୍କୁ ଚିକିତ୍ସା ପାଇଁ ଗଞ୍ଜାମ ଜିଲା ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ପରେ ତାଙ୍କର ସ୍ୱାବ ଟେଷ୍ଟ ପାଇଁ ପଠାଯାଇଥିବାବେଳେ ରିପୋର୍ଟ ପଜିଟିଭ ଆସିଥିବା ସରପଞ୍ଚ ସତ୍ୟବାନ ତରେଇ କହିଛନ୍ତି। ଚିହ୍ନଟ ଯୁବକଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଛି।

### ସାଇଲୋ ଝାରପଡ଼ାର ୫ ୱାର୍ଡ କଣ୍ଟେନମେଣ୍ଟ ଜୋନ

କଣ୍ଟାପଡା,୨୪।୬(ଡି.ଏନ୍.ଏ.): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସାଇଲୋ ଝାରପଡ଼ା ପଞ୍ଚାୟତର ଏକ ୱାର୍ଡରେ ଜଣେ ପ୍ରବାସୀଙ୍କ ନମୁନା କରୋନା ପଜିଟିଭ ଚିହ୍ନଟ ହୋଇଛି। ଏହାପରେ ସରପଞ୍ଚ ସୁବାସ ବିଶ୍ୱାଳ ଜିଲାପାଳ କ୍ଷମତା ପ୍ରୟୋଗ କରି ଉକ୍ତ ପଞ୍ଚାୟତର ୫ଟି ୱାର୍ଡକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ବୁଧବାର ଅପରାହ୍ନ ୫ଟାରୁ ଶୁକ୍ରବାର ରାତି ୯ଟା ପର୍ଯ୍ୟନ୍ତ ୧, ୨, ୩, ୪ ଓ ୫ନଂ ୱାର୍ଡ ସମେତ ବଙ୍ଗଳା ଛକ, ଆଖଣ୍ଡଳମଣି ବଜାର, କବୀର ଚଉରା, ଚଉପଡ଼ା, କମାରସାହି ଛକରେ ଥିବା ସମସ୍ତ ଦୋକାନ ଶଟଡାଉନ ରହିବା ପାଇଁ ସରପଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ସଂକ୍ରମିତ ଯୁବକ ଜଣକ କିଛିଦିନ ପୂର୍ବରୁ ଛତିଶଗଡ଼ରୁ ଫେରି କୋରାପୁଟରେ ରହୁଥିବା ଭଉଣୀ ଭିଣୋଇଙ୍କ ଘରେ ରହୁଥିଲେ। ପରବର୍ତ୍ତୀ ସମୟରେ ସେ ଉକ୍ତ ପଞ୍ଚାୟତସ୍ଥିତ ନିଜ ଗ୍ରାମକୁ ଫେରି ଘରେ ଲୁଚି ରହିଥିଲେ। ଖବରପାଇ ଗତ ୧୦ ତାରିଖରେ ସରପଞ୍ଚ ତାଙ୍କୁ କ୍ୱାରଣ୍ଟାଇନ ସେଣ୍ଟରକୁ ଆଣି ରଖିଥିଲେ। ୨ଦିନ ପୂର୍ବରୁ ତାଙ୍କ ନମୁନା ସଂଗ୍ରହ ହୋଇଥିଲା। ରିପୋର୍ଟ ପଜିଟିଭ ଆସିବାପରେ ବୁଧବାର ସରପଞ୍ଚ ଏଭଳି ନିଷ୍ପତ୍ତି ନେଇଛନ୍ତି।

### ତୈଳଦର ବୃଦ୍ଧିକୁ ବିରୋଧ

କଟକ ଅଫିସ,୨୪।୬: କରୋନା ମହାମାରୀ ଓ ଲକ୍‌ଡାଉନ୍ ଯୋଗୁ ଦେଶର ଜନସାଧାରଣ ଭୀଷଣ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ପ୍ରତ୍ୟେକ ଦିନ କେନ୍ଦ୍ର ସରକାର ତୈଳ ଦର ବଢ଼ାଉଛନ୍ତି। ଗତ ୧୫ ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୮ ଟଙ୍କା ୮୦ ପଇସା ବଢ଼ି ୮୦ ଟଙ୍କା ଛୁଇଁଥିବାବେଳେ ଡିଜେଲ ଲିଟର ପିଛା ୭ ଟଙ୍କା ୯୭ ପଇସା ବଢ଼ି ୭୭ ଟଙ୍କାରେ ପହଞ୍ଚିଛି। ୨୦୦୨ରେ ତୈଳ ଦର ନିର୍ଦ୍ଧାରଣ ପ୍ରକ୍ରିୟା ସରକାରୀ ନିୟନ୍ତ୍ରଣ ମୁକ୍ତ ହେବା ପରଠାରୁ ଏହା ହେଉଛି ତୈଳଦରରେ ସବୁଠାରୁ ବଡ଼ ଧରଣର ମୂଲ୍ୟବୃଦ୍ଧି। ତୈଳଦର ବୃଦ୍ଧିକୁ ବିରୋଧ କରି ଏସ୍‌ୟୁସିଆଇ (ସି) ପକ୍ଷରୁ କଟକ କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏସ୍‌ୟୁସିଆଇ (ସି) ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା।

### ଚାଇନା ରାଷ୍ଟ୍ରପତିଙ୍କ କୁଶପୁତ୍ତଳିକା ଦାହ


ପୁରୁଣା ଭୁବନେଶ୍ୱର,୨୪।୬(ଡି.ଏନ୍.ଏ): ପୂର୍ବ ଲଦାଖରେ ଭାରତ-ଚାଇନା ସଂଘର୍ଷରେ ଶହୀଦ ହୋଇଥିବା ୨୦ ଯବାନଙ୍କୁ ସାମନ୍ତରାପୁର ଅଞ୍ଚଳର ଶ୍ରୀରାମ ନଗର ବରିଷ୍ଠ ନାଗରିକ ପକ୍ଷରୁ ବୁଧବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବୀର ଶହୀଦଙ୍କ ପାଇଁ ପ୍ରଥମେ ମଞ୍ଚର ସଦସ୍ୟମାନେ ୨ମିନିଟ ନୀରବ ପ୍ରାର୍ଥନା କରିବା ପରେ ଶ୍ରୀରାମ ନଗର ଛକଠାରେ ଦୀପଦାନ କରିଥିଲେ। ସଦସ୍ୟମାନେ ଚାଇନା ସାମଗ୍ରୀ ବର୍ଜନର ସ୍ଲୋଗାନ ଦେଇଥିଲେ। ଏହାସହ ଚାଇନା ରାଷ୍ଟ୍ରପତିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ମଞ୍ଚ ସଭାପତି ଡ.ବସନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସମ୍ପାଦକ ହଳଧର ମଲିଆ, ସଚିତ୍ର ପାତ୍ର, ମଧୁସୂଦନ ପାଣି, ତ୍ରିଲୋଚନ ବିଶ୍ୱାଳ, ମହେନ୍ଦ୍ର ସାହୁ, ରବୀନ୍ଦ୍ର ନାଥ ପରିଡ଼ା, ରାମଚନ୍ଦ୍ର ସାହୁ, ସୌମେନ୍ଦ୍ର ପ୍ରହରାଜ ଉପସ୍ଥିତ ଥିଲେ।

# କ୍ୟାଟରିଂ ସଂସ୍ଥାଙ୍କୁ କରୋନା କଷଣ

କଟକ ଅଫିସ,୨୪।୬

ବାହାଘର ହେଉ କି ବ୍ରତଘର। ଅନ୍ୟମାନଙ୍କ ସୁଖର ମୁହୂର୍ତ୍ତଗୁଡ଼ିକୁ ସଜାଉଥିବା, ଆୟୋଜନ କରୁଥିବା କ୍ୟାଟରିଂ ସଂସ୍ଥାଗୁଡ଼ିକ ଏବେ ଦୁର୍ଦ୍ଦିନରେ ରହିଛନ୍ତି। ମାଲିକଙ୍କଠାରୁ କର୍ମଚାରୀ ପର୍ଯ୍ୟନ୍ତ, ଏହି ସୁଖର ସାଥୀମାନେ ଦୁଃଖରେ ଦିନ କାଟୁଛନ୍ତି। କରୋନାଜନିତ ଲକ୍‌ଡାଉନ୍ ଯୋଗୁ ବେପାର ବନ୍ଦ। ସାମୂହିକ କାର୍ଯ୍ୟକ୍ରମ ଆୟୋଜନ ଉପରେ କଟକଣା ଲାଗିଥିବା ଯୋଗୁ ପ୍ରବଳ ଆର୍ଥିକ କ୍ଷତି ସହୁଛନ୍ତି ଏହି ସଂସ୍ଥା। ତେଣୁ ସରକାରୀ ସହାୟତା ପାଇଁ କଟକ ଜିଲା କ୍ୟାଟରିଂ ସଂଘ ଦାବି କରିଛି। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏନେଇ ଏକ ଦାବିପତ୍ର କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଦିଆଯାଇଛି।

### କ୍ଷତି ସହିଲେଣି ଜିଲାର ୧୯୩ ସଂସ୍ଥା



କଟକ ଜିଲାରେ ୧୯୩ଟି କ୍ୟାଟରିଂ ସଂସ୍ଥା ରହିଛି। ସେଥିରୁ କେବଳ କଟକ ସହରରେ ୭୨ଟି ସଂସ୍ଥା କାମ କରୁଛି। ଏହି ସବୁ ସଂସ୍ଥାଗୁଡ଼ିକରେ ପ୍ରାୟ ୫୦ ଜଣ ଲେଖାଏ କର୍ମଚାରୀ ନିୟୋଜିତ ଅଛନ୍ତି। ମାସକୁ ପ୍ରାୟ ୧୫ରୁ ୨୦ଟି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଅର୍ଡର ମିଳିଥାଏ। କିନ୍ତୁ କରୋନା ଯୋଗୁ ଏବେ ବ୍ୟବସାୟ ବନ୍ଦ ରହିଛି। ଏଭଳି ପରିସ୍ଥିତିରେ ପରିବାରର ଭରଣ ପୋଷଣ କଥା ନ କହିବା ଭଲ। ବିବାହ, ବ୍ରତ ଓ ଅନ୍ୟ ଉତ୍ସବ ପାଇଁ ସର୍ବନିମ୍ନ ୫୦ ଜଣଙ୍କ ମଧ୍ୟରେ ଖାଦ୍ୟ ପରିବେଷଣ କରିବା ପାଇଁ ସରକାର ଯେଉଁ ଅନୁମତି ଦେଇଛନ୍ତି, ତାହା କ୍ୟାଟରିଂ ସଂସ୍ଥାଙ୍କୁ ବ୍ୟୟସାପେକ୍ଷ ହୋଇପଡୁଛି।

କରୋନା ମହାମାରୀରେ କଟକ ସହରର ସମସ୍ତ ଖାଦ୍ୟ ପରିବେଷଣ କରୁଥିବା ବା କ୍ୟାଟରିଂ ସଂସ୍ଥା ଏବଂ ଏଥିସହିତ ଜଡ଼ିତ କ୍ଷୁଦ୍ର ବ୍ୟବସାୟୀମାନେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ସରକାର ୫୦ ଲୋକଙ୍କ ପରିବର୍ତ୍ତେ ଯଦି ୩ ଶହ ଲୋକଙ୍କ ପାଇଁ ଆୟୋଜନର ଅନୁମତି ଦେଲେ, କ୍ଷତି ଭରଣା ହୋଇପାରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୂତନ ଏମ୍‌ଏସ୍‌ଏମ୍‌ଇ ନିୟମ ଅନ୍ତର୍ଭୁକ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହଜ କିସ୍ତିରେ ସୁଧମୁକ୍ତ ଋଣ ଦେଲେ କ୍ୟାଟରିଂ ସଂସ୍ଥାର ଆର୍ଥିକ ସ୍ଥିତିରେ କିଛିଟା ପରିବର୍ତ୍ତନ ହୋଇପାରନ୍ତା ବୋଲି କଟକ କ୍ୟାଟରିଂ ସଂଘ କହିଛି। ଅନ୍ୟପକ୍ଷରେ କରୋନା ମହାମାରୀରେ ନିଷ୍ଠାପର କାର୍ଯ୍ୟ ପାଇଁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଶ୍ରୀକାନ୍ତ ସାହୁ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩୧ ହଜାର ଟଙ୍କା ଦେଇଛି ସଂଘ।

## ହୋଟେଲ କାଞ୍ଚନ ସିଲ୍ କଲା ବିଏମ୍‌ସି

ଭୁବନେଶ୍ୱର, ୨୪।୬ (ବ୍ୟୁରୋ)

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଏୟାରପୋର୍ଟ ଛକ ନିକଟରେ ଥିବା ହୋଟେଲ କାଞ୍ଚନକୁ ସିଲ୍ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ନିର୍ଦ୍ଧାରିତ ସମୟ ପରେ ହୋଟେଲ ଖୋଲା ରହିଥିବାବେଳେ ପାର୍ସଲ ବଦଳରେ ଲୋକେ ସେଠାରେ ବସି ଖାଉଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ବିଏମ୍‌ସିର ଅତିରିକ୍ତ କମିଶନର ଅବନିକାନ୍ତ ପଟ୍ଟନାୟକ ଚଢ଼ାଉ ପାଇଁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ରାତିରେ ସ୍କ୍ୱାଡ୍ ସେଠାରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ବହୁ ନିୟମ ଉଲ୍ଲଂଘନ ହୋଇଥିବା ଜଣାପଡିବା ପରେ ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ବିଏମ୍‌ସି ସୂତ୍ରରୁ ସୂଚନା ମିଳିଛି।

## ଏକ ଘଣ୍ଟାରେ ମିଳିଲା ଜମିପଟ୍ଟା



ସୁଶାନ୍ତ କୁମାର ସେଠୀଙ୍କୁ ଖୋର୍ଦ୍ଧା ତହସିଲଦାର ଜମିପଟ୍ଟା ପ୍ରଦାନ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୨୪।୬:

ଜମିଜମା ସଂକ୍ରାନ୍ତ ପଟ୍ଟା ସପ୍ତାହକ ମଧ୍ୟରେ କ୍ରେତାଙ୍କୁ ଦେବା ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେବେ ଖୋର୍ଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ବୁଧବାର ଆବେଦନ କରିବାର ଏକ ଘଣ୍ଟା ମଧ୍ୟରେ ଜଣେ କ୍ରେତାଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ଭୁବନେଶ୍ୱର ନୀଳଚକ୍ରନଗରର ସୁଶାନ୍ତ କୁମାର ସେଠୀ ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଅନ୍ତର୍ଗତ ଖାତା ନମ୍ବର ୫୨୬/୩୦୬୭ ଓ ପ୍ଲଟ ୪୬୧୦/୫୧୧୦ ଜମିପଟ୍ଟା ଲାଗି ବୁଧବାର ପୂର୍ବାହ୍ନରେ ଆବେଦନ କରିଥିଲେ। ଏହି ଆବେଦନର ଏକ ଘଣ୍ଟା ମଧ୍ୟରେ ତହସିଲଦାର ପଦ୍ମଚରଣ ସାହୁ ସମସ୍ତ ପ୍ରକ୍ରିୟା ସାରି ତାଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ଏହି ସମୟରେ ଅତିରିକ୍ତ ତହସିଲଦାର ଡ. ବିଜୟ କୁମାର ସେଠୀ, ଖୋର୍ଦ୍ଧା ରାଜସ୍ୱ ନିରୀକ୍ଷକ କବିରାଜ ସେଠୀ, ଜଙ୍କିଆର କୃଷ୍ଣଚନ୍ଦ୍ର ସୁବୁଦ୍ଧି, ପାଇକ ଟିଗିରିଆର ଅମୀର ନାୟକ, ହଳଦିଆର ରଞ୍ଜନ ବାରିକ, ଗୋଳବାଇର ପ୍ରଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ତହସିଲଦାର ସାହୁ କହିଛନ୍ତି, ଏଣିକି ଲୋକଙ୍କୁ ପଟ୍ଟା ଲାଗି ଆଉ ସପ୍ତାହେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏହି କାର୍ଯ୍ୟକୁ ଖୋର୍ଦ୍ଧା ତହସିଲରେ ତ୍ୱରିତ କରାଯିବ।

# କରୋନା ମୁକାବିଲା ପାଇଁ ୪ ବାର୍ତ୍ତା

ଭୁବନେଶ୍ୱର, ୨୪।୬(ବ୍ୟୁରୋ)

କରୋନା ମୁକାବିଲା ନେଇ ରାଜ୍ୟବାସୀଙ୍କୁ ପରାମର୍ଶ ଦେବାବେଳେ ବୁଧବାର ପୁଣି ଶ୍ରୀଜଗନ୍ନାଥଙ୍କୁ ମନେପକାଇ ଘୋଷଯାତ୍ରାର କଥା କହିଛନ୍ତି ରାଜ୍ୟ ସରକାରଙ୍କ କୋଭିଡ୍ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ। ସେ କହିଲେ, କରୋନାକୁ ପ୍ରତିହତ କରିବା ପାଇଁ ଘୋଷଯାତ୍ରାରେ କାଳିଆ ଠାକୁର ୪ଟି ବାର୍ତ୍ତା ଦେଇଛନ୍ତି। ଭକ୍ତମାନଙ୍କୁ ମହାପ୍ରଭୁ କହିଛନ୍ତି, ଯେବେଠୁ ଲକଡାଉନ୍ ଆରମ୍ଭ ହେଲା, ମୁଁ ବି ଘରେ ରହିଲି। 'ଧୈର୍ଯ୍ୟ' ରଖିଲେ ଦିନେ ମୋ ରଥ ଭଳି ତୋ ରଥ ମଧ୍ୟ ଗଡ଼ିବ। ତେଣୁ ତୁ ଧୈର୍ଯ୍ୟ ରଖ। ଦ୍ୱିତୀୟରେ ହେଉଛି 'ଅନୁଶାସନ'। ସବୁଠାରୁ ଊର୍ଦ୍ଧ୍ୱରେ ରହିଥିବା ମହାପ୍ରଭୁ ମଧ୍ୟ ଜିଲାପାଳ, ପ୍ରଶାସନ, ପୋଲିସ ସମସ୍ତଙ୍କ ନିୟନ୍ତ୍ରଣ ମାନି 'ଅନୁଶାସନ' ପାଳନ କଲେ। ସୁନାପିଲା ଭଳି ସନ୍ଧ୍ୟା ନ ଗଡୁଣୁ ଗୁଣ୍ଡିଚା ମନ୍ଦିରରେ ରଥ ଲାଗିଲା। ତେଣୁ ତୁ ମଧ୍ୟ ମୋ ପରି 'ଅନୁଶାସନ'ରେ ରହ। ତୃତୀୟଟି ହେଲା 'ଏକଜୁଟ ହୋଇ ସଂକଳ୍ପ କରିବା'। ସୁପ୍ରିମକୋର୍ଟ, ରାଜ୍ୟ ସରକାର, କେନ୍ଦ୍ର ସରକାର, ଠାକୁର ରାଜା, ସାଧାରଣ ବ୍ୟକ୍ତି ଏବଂ ସମସ୍ତେ ଏକାଠି ହେବାର ୨୪ଘଣ୍ଟା ଭିତରେ ମୋ ରଥ ଗଡ଼ିଲା। ସମସ୍ତେ ମିଶିଲେ ବୋଲି ମୋ ରଥ ଗଡ଼ିଲା। ରୋଗ, ଶୋକକୁ ମୋ ରଥଚକ ବଳରେ ମୁଁ ଦଳିଦେଲି। ସେଥିପାଇଁ ତୁ ମଧ୍ୟ ଏକଜୁଟ ହୋଇ ସଙ୍ଗବଳରେ କରୋନାକୁ ଦଳିପାରିବୁ। ଚତୁର୍ଥଟି ହେଲା 'ତ୍ୟାଗ ସ୍ୱୀକାର କରିବା'। ୧୦ ଲକ୍ଷ ଭକ୍ତଙ୍କ ଦ୍ୱାରା ଗଡୁ ନ ଥିବା ମୋ ରଥ ୧୫୦୦ ସେବାୟତଙ୍କ ଦ୍ୱାରା ଗଡ଼ିଲା। ତୁ ମଧ୍ୟ ମୋ ଭଳି ତ୍ୟାଗ କରିବା ଶିଖ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥ ଘୋଷଯାତ୍ରା ଦ୍ୱାରା ଭକ୍ତଙ୍କୁ ବାର୍ତ୍ତା ଦେଇଥିବା ବାଗ୍‌ଚୀ କହିଛନ୍ତି।



କଟକ ବାଖରାବାଦ୍‌ସ୍ଥିତ ଗାନ୍ଧୀ ଭବନରେ ବୁଧବାର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକ ସଭା।

## ନନ୍ଦନକାନନ: ମାଈ ଚଉଶିଙ୍ଗାର ମୃତ୍ୟୁ

ବାରଙ୍ଗ,୨୪।୬(ଡି.ଏନ୍.ଏ):

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ଏକ ମାଈ କଳାଭାଲୁ ମୃତ୍ୟୁ କରିଥିବାବେଳେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ତୃଣଭୋଜି ସଫାରିରେ ମଙ୍ଗଳବାର ଏକ ୧୨ବର୍ଷର ଏକ ମାଈ ଚଉଶିଙ୍ଗାର ମୃତ୍ୟୁ ଘଟିଛି। କିଛିଦିନ ହେବ ସେ ଅସୁସ୍ଥ ଥିଲା। କିନ୍ତୁ ହଠାତ ସଫାରି ଭିତରେ ତଳେ ପଡ଼ିଯାଇଥିଲା। ଚିକିତ୍ସା ବେଳେ ମୃତ୍ୟୁ ହୋଇଯାଇଥିବା ଡାକ୍ତରମାନେ କହିଛନ୍ତି। ଏହା ପୂର୍ବରୁ ହରିଣଟି କୌଣସି ରୋଗରେ ପୀଡ଼ିତ ନ ଥିଲା। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏହି ଚଉଶିଙ୍ଗାଟିର ମୃତ୍ୟୁପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୪ରେ ପହଞ୍ଚିଛି। ସେଥି ମଧ୍ୟରେ ୨ ମାଈ ଓ ୨ ଅଣ୍ଡିରା ରହିଛନ୍ତି।

## ୪ କୁକୁଡ଼ା ଫାର୍ମ ବନ୍ଦ ନିର୍ଦ୍ଦେଶ

ଖୋର୍ଦ୍ଧା ଅଫିସ,୨୪।୬:

ଖୋର୍ଦ୍ଧା ବ୍ଲକର ମଲ୍ଲୀପୁର ପଞ୍ଚାୟତରେ ଚାଲିଥିବା ୪ଟି କୁକୁଡ଼ା ଫାର୍ମକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସରପଞ୍ଚ ବିଜୟ କୁମାର ଦାସ ଏ ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସମେତ ଖୋର୍ଦ୍ଧା ଉପଜିଲାପାଳ, ତହସିଲଦାର ଏବଂ ବିଡିଓଙ୍କୁ ବିହିତ ପଦକ୍ଷେପ ଲାଗି ଚିଠି ପଠାଇଛନ୍ତି। ସରପଞ୍ଚ ଦାସ କହିଛନ୍ତି, ମଲ୍ଲୀପୁର ପଞ୍ଚାୟତର ମଲ୍ଲୀପୁର ଓ ଚମ୍ପାପୁର ମୌଜାରେ ଉକ୍ତ ୪ଟି କୁକୁଡ଼ା ଫାର୍ମ ରହିଛି। ଉଭୟ ମୌଜାର ବାସିନ୍ଦାଙ୍କ ଅଭିଯୋଗ ଭିତ୍ତିରେ ତଥା ପରିବେଶ ପ୍ରଦୂଷଣ ଓ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି କୁକୁଡ଼ା ଫାର୍ମ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପ୍ରଦୂଷଣ ବୋର୍ଡ ଚିଠି ସଂଖ୍ୟା ୪୯/ ୨୨.୧.୨୦୦୬ ଏବଂ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଂଶୋଧନ ଚିଠି ସଂଖ୍ୟା ବି-୪୦୩୨/ ପିସିଆଇ-ଏସ୍‌ଏସ୍‌ଆଇ/ ପଲ୍ଟ୍ରିଟାରି/ ୨୦୧୫/ ୧୦.୧୦. ୨୦୧୫ ଅନୁସାରେ ଏହି କୁକୁଡା ଫାର୍ମ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ ଉଲ୍ଲଂଘନ କରି ତଥା ପଞ୍ଚାୟତ କାର୍ଯ୍ୟାଳୟର ବିନା ଅନୁମୋଦନରେ ଚାଲିଛି। ବେଆଇନ ଭାବେ ଗଢିଉଠିଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ଦୁଇ ମୌଜାର କୌଣସି ବ୍ୟକ୍ତିଙ୍କୁ କୁକୁଡ଼ା ଫାର୍ମ ଲାଗି ଅନୁମତି ଦିଆଯିବ ନାହିଁ ବୋଲି ଚିଠିରେ ସରପଞ୍ଚ ଦାସ ଉଲ୍ଲେଖ କରିଛନ୍ତି।

## ମାଡ଼ ମାରି ଟଙ୍କା, ସୁନା ଲୁଟିଲେ

ପିପିଲି, ୨୪।୬(ସ୍ୱ.ପ୍ର.)

**ପିପିଲିରେ ପୁଣି ପଲ୍‌ସର ଆତଙ୍କ**

ପିପିଲି ଜାତୀୟ ରାଜପଥରେ ପୁଣି ପଲସର ଆତଙ୍କ। ବୁଧବାର ମାର୍କେଟିଂ ସାରି ଘରକୁ ଫେରୁଥିବା ଜଣେ ଯୁବକ ଓ ତାଙ୍କ ସମ୍ପର୍କୀୟଙ୍କୁ ୪ଜଣ ଦୁର୍ବୃତ୍ତ ଦୁଇଟି ପଲ୍‌ସରରେ ଆସି ମାଡ଼ ମାରି ଟଙ୍କା, ସୁନା ଲୁଟି ନେଇଛନ୍ତି। ଏ ସଂକ୍ରାନ୍ତରେ ପିପିଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଡେଲାଙ୍ଗ ଓଡ଼ତରାବୋଇର ଅର୍ଜୁନ ପଣ୍ଡା ଓ ତାଙ୍କ ସମ୍ପର୍କୀୟ ଏକ ବିବାହ ନିମନ୍ତେ ଶପିଂ ପାଇଁ ଭୁବନେଶ୍ୱର ଯାଇଥିଲେ। ସେମାନେ କାର୍‌ରେ ଫେରିବାବେଳେ ଉତ୍ତରା ପାଖରେ ଏକ ବାଇକ୍ ସହ ସାମାନ୍ୟ ଧକ୍କା ହୋଇଥିଲା। ଏହାକୁ କେନ୍ଦ୍ରକରି ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ସେଠାରୁ ଅର୍ଜୁନ ଓ ସହଯୋଗୀମାନେ ଫେରି ଜଇସପାଟଣାସ୍ଥିତ ଏକ ହୋଟେଲରେ ଖାଇଥିଲେ। ସେଠାରେ ମଧ୍ୟ ଏମାନଙ୍କ ସହ ସମ୍ପୃକ୍ତ ବାଇକ ଆରୋହୀ ଓ ତାଙ୍କ ସହଯୋଗୀ ପାଟିତୁଣ୍ଡ କରିଥିଲେ। ପରେ ଅର୍ଜୁନ ଡେଲାଙ୍ଗ ଅଭିମୁଖେ ଆସିଥିଲେ। ତେବେ ଟୋଲ୍‌ଗେଟ୍ ପରେ ପିପିଲିକୁ ପ୍ରବେଶ କରିବା ସ୍ଥାନରେ ସେମାନଙ୍କୁ ସମ୍ପୃକ୍ତ ବାଇକ ଆରୋହୀ ଓ ତାଙ୍କର ୩ ସହଯୋଗୀ ୨ଟି ବାଇକରେ ଆସି ଆକ୍ରମଣ କରି ଟଙ୍କା ଓ ସୁନାଚେନ୍ ଛଡ଼ାଇ ନେଇଥିଲେ। ଏ ନେଇ ଅଭିଯୋଗ ପରେ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୁଷ୍ଟି କହିଛନ୍ତି।

# ଡ୍ୟୁଟି ସାରି କ୍ୱାରାଣ୍ଟାଇନ୍ କୋଚ୍‌ରେ ରହୁଛନ୍ତି ରେଳ କର୍ମଚାରୀ

ଭୁବନେଶ୍ୱର, ୨୪।୬(ବ୍ୟୁରୋ):

ଲକ୍‌ଡାଉନ୍ ଏବଂ କୋଭିଡ୍-୧୯ର ପ୍ରକୋପ ସତ୍ତ୍ୱେ ରେଳ ମନ୍ତ୍ରଣାଳୟ ସମଗ୍ର ଦେଶରେ ଅତ୍ୟାବଶ୍ୟକ ସେବାର ପରିବହନ ଅବ୍ୟାହତ ରଖିଛି। ଯାତ୍ରୀଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସହ ଆନ୍ତଃରାଜ୍ୟ ଟ୍ରେନ୍ ସେବା, ଶ୍ରମିକ ସ୍ପେଶାଲ୍ ଟ୍ରେନ୍ ଓ ଅନ୍ୟାନ୍ୟ ସ୍ପେଶାଲ ଟ୍ରେନ୍ ଚଳାଚଳ ଜାରି ରହିଛି। ଏହି ଟ୍ରେନ୍‌ରେ ସାମିଲ ଥିବା କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ପୂର୍ବତଟ ରେଳପଥ ଅନେକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିଛି। ବାରମ୍ବାର ହାତ ଧୋଇବା ପାଇଁ ଅନ୍‌ବୋର୍ଡ କର୍ମଚାରୀଙ୍କୁ ସାନିଟାଇଜର୍ ସମେତ ସୁରକ୍ଷିତ ରଖିବା ପାଇଁ ଫେସ୍ ମାସ୍କ, ଫେସ୍ ସିଲ୍, ହ୍ୟାଣ୍ଡ୍ ଗ୍ଲୋବ୍‌ସ, ଜୋତା ଇତ୍ୟାଦି ଯୋଗାଇ ଦିଆଯାଇଛି। ସେମାନଙ୍କୁ କର୍ତ୍ତବ୍ୟ ପାଳନ ସମୟରେ ସତର୍କ ରହିବା ସହିତ ସାମାଜିକ ଦୂରତ୍ୱ ରକ୍ଷା କରିବା ନିମନ୍ତେ ପରାମର୍ଶ ଦିଆଯାଇଛି।

କୋଚ୍‌ଗୁଡ଼ିକର ସାନିଟାଇଜେଶନ୍ ସହ ବର୍ଥ, ଚଟାଣ, ଟଏଲେଟ୍ ଇତ୍ୟାଦି ସଫା କରିବାବେଳେ ହାଉସ୍‌କିପିଂ କର୍ମଚାରୀମାନେ ଡିସ୍‌ଇନ୍‌ଫେକ୍‌ଟାଣ୍ଟ ବ୍ୟବହାର କରୁଛନ୍ତି। କର୍ମଚାରୀଙ୍କ ଡ୍ୟୁଟି ସରିବା ପରେ ସେମାନେ ସମ୍ପୂର୍ଣ୍ଣ ସାନିଟାଇଜ ହେବା ସହ କ୍ୱାରାଣ୍ଟାଇନ୍ କୋଚ୍‌ରେ ରହୁଛନ୍ତି। ସେହି କ୍ୱାରାଣ୍ଟାଇନ୍ କୋଚ୍‌ଗୁଡ଼ିକରେ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି। ଯାତ୍ରା କରୁଥିବା ଟ୍ରେନ୍‌ରେ କର୍ମଚାରୀଙ୍କୁ କୋଭିଡ୍-୧୯ ସଂକ୍ରମଣରୁ ସୁରକ୍ଷିତ ରଖିବା ନିମନ୍ତେ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ଯୋଗାଇ ଦିଆଯାଇଛି। ଟ୍ରେନ୍ ଯାତ୍ରା କରୁଥିବା ବେଳେ କୋଚ୍‌ଗୁଡ଼ିକୁ ବାରମ୍ବାର ସାନିଟାଇଜ୍ କରାଯାଉଛି। ଯାତ୍ରା ଶେଷ ପରେ କୋଚ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ସାନିଟାଇଜେଶନ୍ କରାଯାଉଛି। ଯଦି ଅନ୍‌ବୋର୍ଡ଼ କର୍ମଚାରୀଙ୍କଠାରେ କରୋନାର କୌଣସି ଲକ୍ଷଣ ଦେଖାଯାଏ, ତେବେ ତାଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଡାକ୍ତରୀ ସେବା ଯୋଗାଇ ଦିଆଯାଉଛି। ପୂର୍ବତଟ ରେଳପଥ ରାଜ୍ୟ ସରକାରଙ୍କ ସହ ଅନବରତ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ସଂକ୍ରମଣ ରୋକିବାକୁ ସମସ୍ତ ଗାଇଡଲାଇନ ପାଳନ କରୁଛି। କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ସହ ସେମାନଙ୍କୁ ନିୟମାବଳୀ ଓ ମାର୍ଗଦର୍ଶିକା ଦିଆଯାଇ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏହି ମହାମାରୀ ସମୟରେ ଆମ ସମାଜ ଓ ପରିବାରର କଲ୍ୟାଣ ନିମନ୍ତେ ଆମ୍ଭେମାନେ ଦାୟିତ୍ୱବାନ ହେବା ସହ ଟ୍ରେନ୍ ଯାତ୍ରା ବେଳେ ଗାଇଡ୍‌ଲାଇନ ପାଳନ କରିବା ପାଇଁ ପୂର୍ବତଟ ରେଳପଥ ସମସ୍ତ ଯାତ୍ରୀ ଓ ରେଳ ବ୍ୟବହାରକାରୀଙ୍କୁ ନିବେଦନ କରିଛି।

## ୪ ଘଣ୍ଟା ପାରୋଲରେ ଗଲେ ଅବଦୁର

ଚୌଦ୍ୱାର,୨୪।୬(ଡି.ଏନ୍.ଏ.):

ନିଜ ମା'ର ଶେଷକୃତ୍ୟ ସମ୍ପନ୍ନ ପାଇଁ ସନ୍ଦିଗ୍ଧ ଆତଙ୍କବାଦ ଅଭିଯୋଗରେ ଚୌଦ୍ୱାର ଜେଲରେ ଥିବା ଅବଦୁର ରହମନ୍‌ଙ୍କୁ ବୁଧବାର ୪ଘଣ୍ଟା ପାଇଁ ପାରୋଲରେ ଛଡ଼ାଯାଇଛି। ପୋଲିସର କଡ଼ା ସୁରକ୍ଷା ଭିତରେ ରହମନଙ୍କୁ ତାଙ୍କ ଘର ଜଗତ୍‌ପୁର ଥାନା ଅଧୀନ ପଶ୍ଚିମକଚ୍ଛକୁ ନିଆଯାଇଛି। ସୂଚନାଯୋଗ୍ୟ, କମିଶନରେଟ ପୋଲିସ ଓ ଦିଲ୍ଲୀ ପୋଲିସର ଏକ ସ୍ୱତନ୍ତ୍ର ଟିମ ୨୦୧୬ ଡିସେମ୍ବର ୧୫ତାରିଖରେ ପଶ୍ଚିମକଚ୍ଛ ଗ୍ରାମରୁ ଆତଙ୍କବାଦରେ ହାତଥିବା ଅଭିଯୋଗରେ ରହମନ୍‌ଙ୍କୁ ଗିରଫ କରିଥିଲା। ଏହାସହ ସେ ଅଲକାଏଦା ଇଣ୍ଡିଅନ ସବ୍‌କଣ୍ଟିନେଟ(ଏକ୍ୟୁଆଇଏସ୍)ର ସଦସ୍ୟ ବୋଲି ମଧ୍ୟ ଜଣାପଡିଥିଲା। ସେ ଓଡ଼ିଶାରେ ଏହି ସଂଗଠନରେ ନୂତନ କର୍ମକର୍ତ୍ତା ସାମିଲ କରିବାର ନେତୃତ୍ୱ ନେଉଥିଲେ ବୋଲି ସେତେବେଳେ ପୋଲିସ ପ୍ରକାଶ କରିଥିଲା।

## ମଦ ପାଇଁ ଟଙ୍କା ନ ଦେବାରୁ ବ୍ୟବସାୟୀଙ୍କୁ ଗୋଡ଼ାଇ ହାଣିଲେ

ଭୁବନେଶ୍ୱର,୨୪।୬(ବ୍ୟୁରୋ)– ମଦ୍ୟପାନକୁ କେନ୍ଦ୍ରକରି ଜଣେ ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ଗୋଡ଼େଇ ଗୋଡ଼େଇ ଭୁଜାଲିରେ ଆକ୍ରମଣ କରିବା ଘଟଣା ବୁଧବାର ଖଣ୍ଡଗିରି ଥାନା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଏହି ଘଟଣା ସିରିପୁର ଓୟୁଏଟି ଫାର୍ମଗେଟ୍ ବସ୍ତିରେ ଘଟିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବ୍ୟବସାୟୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଶିରିପୁର ନିକଟସ୍ଥ ଫାର୍ମଗେଟ୍ ବସ୍ତିର ନିରଞ୍ଜନ ସାହୁ ଲକ୍ଷ୍ମୀବଜାରସ୍ଥ ଦୋକାନରୁ ବୁଧବାର ଅପରାହ୍ନ ୨ଟାରେ କାର୍ଯ୍ୟ ସାରି ଘରକୁ ଆସିଥିଲେ। ସେହି ବସ୍ତିର ମୁନା ଓ କାଲୁ ନିରଞ୍ଜନଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ସେ ମନା କରିବାରୁ ଦୁହେଁ ଉତ୍ତ୍ୟକ୍ତ ହୋଇ ଭୁଜାଲିରେ ତାଙ୍କୁ ଗୋଡେଇ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ନିରଞ୍ଜନଙ୍କ ପୁଅ କାହ୍ନୁ ସାହୁ ଥାନାରେ ଅଭିଯୋଗ କରିଛନ୍ତି।

## ମହିଳାଙ୍କ ଆକାଉଣ୍ଟରୁ ୬୦ହଜାର ଠକେଇ

କଟକ ରୋଡ,୨୪।୬(ଡି.ଏନ୍.ଏ): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ମହିଳା ସାଇବର ଠକେଇର ଶିକାର ହୋଇ ୬୦ ହଜାର ଟଙ୍କା ହରାଇଥିବା ବୁଧବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ଏହି ଥାନା ଅଧୀନ ଜୟଦୁର୍ଗା ନଗରରେ ରହୁଥିବା ମଧୁମିତା ପଟ୍ଟନାୟକଙ୍କ ନିକଟକୁ ମଙ୍ଗଳବାର ଏକ ଫୋନ ଆସିଥିଲା। କଲ୍ କରିଥିବା ବ୍ୟକ୍ତିଜଣକ କ୍ରେଡିଟ କାର୍ଡ ସମ୍ବନ୍ଧରେ ମଧୁମିତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ଏକ କୁପନ ଅଫର ଥିବା କହିଥିଲେ। ଏଥିରେ ମଧୁମିତା ରାଜି ହୋଇଯିବାରୁ ତାଙ୍କ ମୋବାଇଲକୁ ଏକ ଓଟିପି ନଂ ଆସିବା ପରେ କାର୍ଡ ଚାଲୁ ରଖିବା ପାଇଁ କାର୍ଡ ନମ୍ବର, ଉକ୍ତ ଓଟିପି ମାଗିଥିଲେ। ସମସ୍ତ ତଥ୍ୟ ମହିଳା ଦେବା ପରେ କିଛି ସମୟ ପରେ ହଠାତ ତାଙ୍କ ନମ୍ବରକୁ ୬୦ହଜାର ଟଙ୍କା କଟିଥିବା ମେସେଜ ଆସିଥିଲା। ପରେ ମଧୁମିତା ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ ମଧ୍ୟ ସୁଇଚ୍ ଅଫ କହିଥିଲା। ଠକେର ଶିକାର ହୋଇଥିବା ଜାଣି ବୁଧବାର ମଧୁମିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ପ୍ରାଥମିକ ଭାବେ ତଦନ୍ତ ଆରମ୍ଭ କରିଛି।

# ବୋଲଗଡ଼ ବିଡିଓଙ୍କ ବଦଳି ଦାବି ତେଜିଲା

ଖୋର୍ଦ୍ଧା ଅଫିସ,୨୪।୬:



ଲୋକପ୍ରତିନିଧିମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

- ଜିଲାପାଳଙ୍କ ଅଫିସ ଆଗରେ ଲୋକପ୍ରତିନିଧିଙ୍କ ଧାରଣା
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବୋଲଗଡ଼ ବିଡିଓଙ୍କ ବଦଳି ଦାବି ଜୋର୍ ଧରିଛି। ତାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣି ବ୍ଲକ ଅଧ୍ୟକ୍ଷଙ୍କ ସମେତ ବହୁ ଲୋକପ୍ରତିନିଧି ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଲୋକପ୍ରତିନିଧିମାନେ ଅଭିଯୋଗ କରିଛନ୍ତି ଯେ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟ ଏବଂ ଜିଲାପରିଷଦ ସଦସ୍ୟଙ୍କୁ ବିଡିଓ ଶୁଭଶ୍ରୀ ତ୍ରିପାଠୀ ଦୁର୍ବ୍ୟବହାର କରିବା ସହ ଉନ୍ନୟନ କାର୍ଯ୍ୟ ଓ କରୋନା ମୁକାବିଲା କ୍ଷେତ୍ରରେ ଅସହଯୋଗ କରୁଛନ୍ତି। ସେହିପରି ଅଫିସ୍‌ରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହୁଛନ୍ତି। ଜନସାଧାରଣ କୌଣସି ସରକାରୀ ଯୋଜନାର ସୁବିଧା ପାଇବା ପାଇଁ ଆସି ନିରାଶରେ ଫେରୁଛନ୍ତି। ତେଣୁ ତୁରନ୍ତ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକପ୍ରତିନିଧିମାନେ ଦାବି ଜଣାଇଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ବିଡିଓଙ୍କୁ ବଦଳି କରା ନ ଗଲେ ଜୁଲାଇ ପହିଲାରୁ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋପାଳ ବେହେରା କହିଛନ୍ତି। ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି, ଏ ନେଇ ବୋଲଗଡ ବ୍ଲକର ସମସ୍ତ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ମୋତେ ଜଣାଇଥିଲେ। ଲୋକ ପ୍ରତିନିଧିଙ୍କ ସହ ମିଳିମିଶି ତଥା ସହଭାଗିତାରେ କାର୍ଯ୍ୟ କରିବା ଲାଗି ମୁଁ ବିଡିଓଙ୍କୁ କହିଥିଲି। ଏହାସତ୍ତ୍ୱେ ସେ ଲୋକପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ବୁଧବାର ପୁଣି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ମୁଁ ଜିଲାପାଳଙ୍କ ସହ ଆଲୋଚନା କରିଛି। ଏହା ଉପରେ ବିଚାର କରାଯିବ। ଅନ୍ୟପକ୍ଷରେ ବିଡିଓ ତ୍ରିପାଠୀ କହିଛନ୍ତି, ମୁଁ କେବେ ବି ସରକାରୀ କାର୍ଯ୍ୟରେ ଅବହେଳା କରିନାହିଁ। ସବୁ କ୍ଷେତ୍ରରେ ସମସ୍ତଙ୍କ ସହ ଆଲୋଚନା କରି ଓ ସମସ୍ତଙ୍କୁ ନେଇ କାର୍ଯ୍ୟ କରୁଛି। କରୋନା ପାଇଁ ନିଜେ ବିଭିନ୍ନ ଅଞ୍ଚଳ ବୁଲି ସଚେତନ କରୁଛି। ମୋ' ବିରୋଧରେ ଷଡ଼ଯନ୍ତ୍ର ଚାଲିଛି। ଲୋକ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଓ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ସମେତ ସମସ୍ତ ଅଭିଯୋଗ ଭିତ୍ତିହୀନ। ଏ ନେଇ ଜିଲାପାଳ ସୀତାଂଶୁ କୁମାର ରାଉତ କହିଛନ୍ତି, ବୋଲଗଡ଼ ବିଡିଓଙ୍କ ବିରୋଧରେ ବ୍ଲକ ଅଧ୍ୟକ୍ଷ ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିମାନେ ଲିଖିତ ଅଭିଯୋଗ କରିଛନ୍ତି। ବ୍ଲକ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଛି। ଏହାର ତର୍ଜମା କରାଯାଇ ପଦକ୍ଷେପ ନିଆଯିବ।

## ଭାଇବୋହୂଙ୍କୁ ବଳାତ୍କାର: ଦେଢ଼ଶୁର ଅଟକ

କାଳିଆପାଣି, (ଡି.ଏନ୍.ଏ.): କାଳିଆପାଣି ଥାନା ଅଞ୍ଚଳରେ ଭାଇବହୂଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ତାଙ୍କ ଦେଢ଼ଶୁରଙ୍କୁ ଅଟକ ରଖିଛି। ସୋମବାର ସନ୍ଧ୍ୟାରେ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣଙ୍କ ସମ୍ପୃକ୍ତା ମହିଳାଙ୍କୁ ଡରାଇ ବଳାତ୍କାର କରିଥିଲେ। ଏହା ଜଣାପଡ଼ିବା ପରେ ଘରେ ଗଣ୍ଡଗୋଳ ହୋଇଥିଲା। ମଙ୍ଗଳବାର ଗ୍ରାମବାସୀ ଏହାର ଆପୋସ ସମାଧାନ ପାଇଁ ଉଦ୍ୟମ କରିଥିଲେ ବି ସମାଧାନ ହୋଇପାରି ନଥିଲା। ବୁଧବାର ପାଡ଼ିତା ଏ ନେଇ କାଳିଆପାଣି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ଦେଢ଼ଶୁରଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

# ଶୀତଳଭଣ୍ଡାରରେ ଜିଆଇ ଟ୍ୟାଗ୍ ମାନ୍ୟତା

**ନୟାଗଡ଼ ଅଫିସ,୨୪।୬**

ନୟାଗଡ଼ର ପ୍ରସିଦ୍ଧ ଛେନାପୋଡ଼କୁ ଜିଓଗ୍ରାଫିକାଲ୍ ଇଣ୍ଡିକେଶନ (ଜିଆଇ) ଟ୍ୟାଗ୍ ମାନ୍ୟତା ମିଳିବାରେ ସମୟ ଗଡି ଚାଲିଛି। ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଶିଳ୍ପନୀତି ଓ ପ୍ରୋତ୍ସାହନ ବିଭାଗ ନିକଟରେ ଜିଆଇ ଟ୍ୟାଗ୍ ପ୍ରଦାନ ସମ୍ବନ୍ଧୀୟ କାଗଜାତ୍ ଦାଖଲ କରାଯାଇଥିଲେ ମଧ୍ୟ ଏହି ଫାଇଲ ଶୀତଳଭଣ୍ଡାରରେ ପଡିରହିଛି।

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ସାତପାଟଣାର ସୁଦର୍ଶନ ସାହୁ ଛେନାପୋଡ ଆବିଷ୍କାର କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଛେନାପୋଡ଼କୁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କଠାରୁ ଆରମ୍ଭ କରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଖାଇ ପ୍ରଶଂସା କରିଥିଲେ। ସୁଦର୍ଶନ ଆଜି ନ ଥିଲେ ମଧ୍ୟ ତାଙ୍କ ଛେନାପୋଡ ଘରେ ଘରେ ପରିଚିତ।

**ନୟାଗଡ଼ର ପ୍ରସିଦ୍ଧ ଛେନାପୋଡ଼**



ଶାନ୍ତି ଚାରିଟେବୁଲ ଟ୍ରଷ୍ଟ ପ୍ରାୟ ବର୍ଷେ ତଳେ ନୟାଗଡ଼ଠାରେ ଏକ ଖବରଦାତା ସମ୍ମିଳନୀ କରି ଛେନାପୋଡକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବାକୁ ଦାବି କରିଥିଲା। ପରେ ବିଭାଗୀୟ କାର୍ଯ୍ୟାଳୟରେ ଆବଶ୍ୟକ କାଗଜାତ ଦାଖଲ କରିଥିଲା। ସେ ସମୟରେ କେତେଜଣ ବୁଦ୍ଧିଜୀବୀ ଛେନାପୋଡ ସମେତ ଅନ୍ୟ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମିଳୁ ବୋଲି ଦାବି କରିଥିଲେ। ପରେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଜିଲା ଓର୍‌ମାସ କାର୍ଯ୍ୟାଳୟକୁ ଏହାର ସ୍ଥିତି ବିଷୟରେ ଜଣାଇବା ପାଇଁ କୁହାଯାଇଥିଲା। ଜିଲା ଓର୍‌ମାସ କାର୍ଯ୍ୟାଳୟ ୧୩ ଜୁନ୍ ୨୦୧୭ରେ ନୟାଗଡ଼ର ଛେନାପୋଡ଼ ସମେତ ଜିଲାର ପ୍ରସିଦ୍ଧ ଥିବା ରଣପୁର ବ୍ଲକର ଲୋଧାଚୁଆ, ନୟାଗଡ଼ ବ୍ଲକର ଇଟିରି, କ୍ରୀଡ଼ାଶପୁର ଓ ଦଶପଲ୍ଲା ବ୍ଲକର ବାଣିଗୋଛାର ମୁଗ, ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର ପିତ୍ତଳ ମୂର୍ତ୍ତି, ଦଶପଲ୍ଲା, ନୂଆଗାଁ, ଖଣ୍ଡପଡ଼ା ଓ ଗଣିଆ ବ୍ଲକର ମେଶିନ୍ ଦ୍ୱାରା ସିଲେଇ ହେଉଥିବା ଶିଆଳି ଖଲିପତ୍ର, ଖଣ୍ଡପଡ଼ା ଓ ଗଣିଆ ବ୍ଲକର କାଠ ହସ୍ତଶିଳ୍ପ ବିଷୟରେ ତଥ୍ୟ ପ୍ରଦାନ କରିଥିଲା। ଏହି ସମସ୍ତ ଦ୍ରବ୍ୟକୁ ଜିଆଇ ଟ୍ୟାଗ୍ ପାଇଁ ପଞ୍ଜୀକୃତ କରିବା ଲାଗି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗକୁ ଚିଠିରେ ଦର୍ଶାଯାଇଥିଲା।

ସମ୍ପ୍ରତି ନୟାଗଡ ବ୍ଲକର ମାଛିପଡାରେ ୧୦୦, ଓଡଗାଁ ବ୍ଲକ ସୋଲପଟାରେ ୯୦, ଦରପଦା ଗାଁରେ ୩୦, ନୟାଗଡ ସହରରେ ୧୦ରୁ ଉର୍ଦ୍ଧ୍ୱ ପରିବାର ଛେନାପୋଡ ପ୍ରସ୍ତୁତ କରି ଆସୁଛନ୍ତି। ପ୍ରତ୍ୟହ ଛେନାପୋଡ ସୁନ୍ଦରଗଡ, ବ୍ରହ୍ମପୁର, ରାଉରକେଲା, କେନ୍ଦୁଝର,ସମ୍ବଲପୁର, କୋରାପୁଟ, ରାୟଗଡା, ବାଲିଗୁଡା, ଝାରସୁଗୁଡା ଆଦି ଅଞ୍ଚଳକୁ ବସ୍‌ରେ ଯାଉଛି। କରୋନା କଟକଣା ଯୋଗୁ ବ୍ୟବସାୟ ଧିମା ପଡିଛି। ମାଛିପଡାର ଛେନାପୋଡ କାରିଗର ଅନ୍ତର୍ଯାମୀ ବେହେରା କୁହନ୍ତି, ଛେନାପୋଡକୁ ଜିଆଇ ଟ୍ୟାଗ ମାନ୍ୟତା ଦାବି ତ୍ୱରାନ୍ୱିତ ହେବା ଦରକାର। ଶାନ୍ତି ଚାରିଟେବୁଲ ଟ୍ରଷ୍ଟ ସଭାପତି ପ୍ରମୋଦ ପଟ୍ଟନାୟକ କୁହନ୍ତି, ଛେନାପୋଡକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବାକୁ ପ୍ରାୟ ବର୍ଷେ ତଳେ ଆମେ ଦାବି କରିଥିଲୁ। ତେବେ କରୋନା କଟକଣା ଯୋଗୁ କିଛି ହୋଇପାରି ନାହିଁ। ଖୁବ୍‌ଶୀଘ୍ର ଦାବିକୁ ଆମେ ତ୍ୱରାନ୍ୱିତ କରିବୁ। ନୟାଗଡ ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରବୀଣ କୁମାର ଝା କୁହନ୍ତି, ଛେନାପୋଡ ସମେତ ନୟାଗଡର ଅନ୍ୟ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ନେଇ କୌଣସି ଦାବି କରାଯାଇ ନାହିଁ।

# ଚାଷୀଙ୍କୁ ଘାରିଛି ସାର ଚିନ୍ତା: ଧାନ ଅମଳ ବାଧାପ୍ରାପ୍ତ ହେବ



ଗଣ୍ଡାକିଆ ଗାଁ କ୍ଷେତରେ ଚାଷକାର୍ଯ୍ୟ କରାଯାଉଛି।

**କେନ୍ଦ୍ରାପଡ଼ା ଅଫିସ, ୨୪।୬**

ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। କରୋନା ପାଇଁ ବିଦେଶରୁ ଫେରିଆସିଥିବା ଜିଲାବାସୀ ଏବେ ଖରିଫ ଧାନଚାଷ କରିବାକୁ ଅଣ୍ଟାଭିଡିଛନ୍ତି। ମୌସୁମୀ ବର୍ଷା ପରେ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସାର ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଏହି ସମସ୍ୟା ସମାଧାନ ନ ହେଲେ ଅମଳ ବାଧାପ୍ରାପ୍ତ ହେବା ସହ କୃଷିଋଣ ଶୁଝି ହେବ ନାହିଁ ବୋଲି ଚାଷୀ ମତ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ ଗଣ୍ଡାକିଆ ଗ୍ରାମର ଚାଷୀ ପାର୍ଥଚରଣ ପରିଡା କୁହନ୍ତି, ଚଳିତ ଖରିଫ ଋତୁ ପାଇଁ ୪ ଏକର ଜମି ପ୍ରସ୍ତୁତ କରିଛି। ତଳି ରୋଇବା ପୂର୍ବରୁ କ୍ଷେତକୁ ହଳ କରି ସାର ପକାଇବା କଥା। ବଜାରରେ ମିଳୁଥିବା ସାର ମୂଲ୍ୟ ଆକାଶଛୁଆଁ। କୃଷି ବିଭାଗ ପକ୍ଷରୁ ପ୍ରତିବର୍ଷ ସାର ଯୋଗାଣ ହେଉଥିବା ବେଳେ ଚଳିତବର୍ଷ ଅଦ୍ୟାବଧି ଦିଆଯାଇ ନାହିଁ। ଅମ୍ଫନ୍ ବାତ୍ୟା ପରେ କୃଷିଋଣ ନେଇ ଚାଷ ଆରମ୍ଭ କରୁଥିବା ବେଳେ ସାର ଅଭାବ ଫସଲ ଅମଳରେ ବାଧା ସୃଷ୍ଟି କରିବ। ଭରତପୁର ଗ୍ରାମର ଚାଷୀ ଚିତ୍ତରଞ୍ଜନ ଦାସ କୁହନ୍ତି, ବଜାରରେ ମିଳୁଥିବା ଡିଏପି ଓ ୟୁରିଆର ମୂଲ୍ୟ ବଢ଼ିଯାଇଛି। ଡିଏପି କୁଇଣ୍ଟାଲ ପ୍ରତି ପୂର୍ବରୁ ୧୯୦୦ ଟଙ୍କାରେ ମିଳୁଥିବା ବେଳେ ଏବେ ୨୩୦୦ ଟଙ୍କା ହୋଇଛି। ସେହିପରି ପୂର୍ବବର୍ଷ ୟୁରିଆ ସାର ୫୦ କେଜି ବସ୍ତା ପ୍ରତି ୨୭୦ ଟଙ୍କା ଥିବାବେଳେ ଚଳିତ ବର୍ଷ ଏହା ୩୫୦ ଟଙ୍କାରେ ପହଞ୍ଚିଛି। କୃଷି ବିଭାଗ ଜାଣିଶୁଣି ସାରର କୃତ୍ରିମ ଅଭାବ ସୃଷ୍ଟି କରିବାରୁ ସାର ବ୍ୟବସାୟୀ ଏହାର ସୁଯୋଗ ନେଉଛନ୍ତି। କୃଷକନେତା ଉମେଶ ସିଂହ, କଂଗ୍ରେସ ନେତା ଗଣେଶ୍ୱର ବେହେରା, ଭାଜପା ନେତା ଭୁବନମୋହନ ଜେନା ପ୍ରମୁଖ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ପ୍ରବାସୀଙ୍କ କୃଷି କ୍ଷେତ୍ରରେ କର୍ମ ନିଯୁକ୍ତିକୁ ଗୁରୁତ୍ୱ ଦେଉଛନ୍ତି। ତେବେ କୃଷି ବିଭାଗ ଏଥିରେ ଅସହଯୋଗ କରୁଛି। ତୁରନ୍ତ ସାର ଯୋଗାଣ ନ କଲେ ଆନ୍ଦୋଳନ ହେବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଡିଏଓ ଶାରଦା ପ୍ରସନ୍ନ ମିଶ୍ର କହିଛନ୍ତି, ଜିଲାରେ ଚଳିତବର୍ଷ ୧ଲକ୍ଷ ୫୨ ହଜାର ହେକ୍ଟରରେ ଖରିଫ ଚାଷ ହେବ। ଏଥିପାଇଁ ୨୪ ହଜାର ଟନ ସାର ଆବଶ୍ୟକ। ଅଦ୍ୟାବଧି ୧୨୦୦ ଟନ ସାର ବିଭିନ୍ନ ପ୍ୟାକ୍ସରେ ପହଞ୍ଚି ବିକ୍ରି ହେଉଛି। ଚଳିତ ସପ୍ତାହ ଶେଷ ସୁଦ୍ଧା ଜିଲାର ୧୧୪ଟି ପ୍ୟାକ୍ସରେ ସାର ମିଳିବା ବ୍ୟବସ୍ଥା ହୋଇଯିବ।

## ସଂକ୍ଷେପରେ

### ଜେସିବି କରୁଛି କାମ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଶ୍ରମିକ

**ନୟାଗଡ଼ ଅଫିସ,୨୪।୬:** ନୟାଗଡ଼ ଜିଲା ଭାପୁର ବ୍ଲକ ଅରଖପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ଖେଳପଡିଆ କାର୍ଯ୍ୟ ଜେସିବି ଦ୍ୱାରା କରାଯାଉଛି। ଅନ୍ୟପକ୍ଷେ ଶ୍ରମିକ କାମ ନ ପାଇ ଭୋକ ଉପାସରେ ଦିନ କାଟୁଛନ୍ତି। ଏ ନେଇ କେତେଜଣ ଶ୍ରମିକ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଖବର ପାଇ ବିଡିଓ ଜିଆରଏସ୍ ମାଧ୍ୟମରେ କାମ ବନ୍ଦ କରିଥିବା ଜଣାପଡିଛି। ଏହି ଖେଳପଡିଆର ଉନ୍ନତୀକରଣ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

### ନାବାଳିକାଙ୍କୁ ଅପହରଣ, ଜଣେ ଗିରଫ

**ଯାଜପୁରରୋଡ, ୨୪।୬ (ଡି.ଏନ୍.ଏ.):** ଯାଜପୁର ରୋଡ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଥାନା ଅଞ୍ଚଳର ବିପିନ ତରେଇ। ଏ ନେଇ ଯାଜପୁରରୋଡ ଥାନାରେ ନଂ.୨୫୪/୨୦ରେ ଏକ ମାମଲା ରୁଜୁ ହୋଇଛି।

### ଚୋରା ବାଇକ୍ ଜବତ, ୪ କୋର୍ଟଚାଲାଣ

**ଯାଜପୁର ରୋଡ୍, ୨୪।୬ (ଡି.ଏନ୍.ଏ.):** ଯାଜପୁର ରୋଡ୍ ଥାନା ପୋଲିସ ମଙ୍ଗଳବାର ବାଇକ ଚୋରି ଅଭିଯୋଗରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଦାନଗଦି ଗ୍ରାମର ନନ୍ଦୁ ପାତ୍ର, ଧୂଳିଗଡ ଗ୍ରାମର ସତ୍ୟବ୍ରତ ଦେହୁରୀ, ଦାନଗଦି ତ୍ରିଜଙ୍ଗା କଲୋନୀର ପ୍ରମୋଦ ମଲ୍ଲିକ ଓ ଯାଜପୁର ରୋଡର ଆକାଶ ପାତ୍ର। ସେମାନଙ୍କ ନିକଟରୁ ୩ଟି ବାଇକ୍ (ନଂ.-ଓଡି-୩୪ଏଚ-୫୨୨୧, ଓଡି୦୫ଏନ୭୮୧୪ ଓ ଓଆର୦୨ଏଭି୪୦୭୫) ଜବତ କରାଯାଇଛି।

### ମହିଳାଙ୍କ ଆତ୍ମହତ୍ୟା

**ନୟାଗଡ଼ ଅଫିସ,୨୪।୬:** ଶରଣକୁଳ ଥାନା ଗୋଲଗାଁର ଲିଲି ନାୟକ(୨୭) ନାମ୍ନୀ ମହିଳା ବୁଧବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଏହାର କାରଣ ଜଣାପଡିନି। ଅଭିଯୋଗ ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ୯/୨୦ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ହୋଟେଲ ଛାତରୁ ପଡ଼ି ଠିକା କର୍ମଚାରୀ ମୃତ

**ପାରାଦୀପ,୨୪।୬(ସ୍ୱ.ପ୍ର.):** ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଇଫ୍‌କୋ ଛକରେ ଥିବା ଏକ ହୋଟେଲ ଛାତରୁ ପଡ଼ି ଜଣେ କମ୍ପାନୀ କର୍ମଚାରୀଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକ ହେଲେ ବମ୍ବେର ମୋହନ ବାଗୋଇ ମହାଡେପ। ସେ ପାରାଦୀପ ତୈଳବିଶୋଧନାଗାର ପରିସରରେ ଥିବା ଏକ ଠିକା କମ୍ପାନୀରେ ବିଦ୍ୟୁତ୍ କର୍ମଚାରୀଭାବେ କାମ କରୁଥିଲେ। ଫେବୃୟାରୀ ମାସରୁ କାମବନ୍ଦ ଯୋଗୁ ହୋଟେଲରେ ରହୁଥିଲେ। ସକାଳୁ ହୋଟେଲ ଛାତକୁ ପ୍ରାତଃ ଭ୍ରମଣ କରିବାକୁ ଯାଇ ତଳକୁ ଖସିପଡିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ବ୍ୟବସାୟୀଙ୍କ ଟଙ୍କା ବ୍ୟାଗ୍ ଚୋରି, ଜଣେ ଗିରଫ

**ରସୁଲପୁର, ୨୪।୬ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅଧୀନ ନଠୁଆବର ସାପ୍ତାହିକ ହାଟରୁ ମଙ୍ଗଳବାର ଆଳୁ ବ୍ୟବସାୟୀ ଗୌରାଙ୍ଗ ପୃଷ୍ଟିଙ୍କ ପଇସା ମୁଣି ଚୋରି କରିନେଇଥିବା ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ସେ ହେଲେ ଯାଜପୁର ରୋଡ ଥାନା ମୁଣ୍ଡମାଳ ଅଞ୍ଚଳର ମୁନା ପ୍ରଧାନ। କୁଆଖିଆ ପୋଲିସ ତାଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଗୌରାଙ୍ଗ ହାଟରେ ନିଜ ଆସ୍ଥାନ ଛାଡ଼ି ପରିସ୍ରା କରିବାକୁ ଯାଇଥିବା ବେଳେ ମୁନା ଓ ଅନ୍ୟଜଣେ ତାଙ୍କ ଟଙ୍କା ମୁଣିକୁ ଚୋରି କରି ନେଇଥିଲେ। ଏହାପରେ ସେମାନେ ଯୋକଡିଆ ପୋଲ ନିକଟରେ ବୁଲୁଥିବା ଖବରପାଇ କୁଆଖିଆ ଥାନା ପୋଲିସ ସେଠାରେ ପହଁଚି ଜଣଙ୍କୁ କାବୁ କରିଥିଲା। ଅନ୍ୟଜଣେ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ୧୯୭/୨୦ନଂ.ରେ ମାମଲା ରୁଜୁ ହୋଇଛି।

# ‘ଅପମୃତ୍ୟୁ ନୁହେଁ, ଯୋଜନାବଦ୍ଧ ହତ୍ୟା’

**ଜଗତ୍‌ସିଂହପୁର ଅଫିସ,୨୪।୬**

- ରାସ୍ତା ପାର୍ଶ୍ୱରୁ ମୃତଦେହ ଉଦ୍ଧାର ମାମଲା
- ଅଭିଯୁକ୍ତ କୋର୍ଟଚାଲାଣ

ଜଗତ୍‌ସିଂହପୁର ଥାନା ସେକପାଟଣା ଡିଆର୍‌ଆଇଇଟି, ଆଇଟିଆଇ ନିକଟ ଏନ୍‌ଏଚ୍-୫୫ ପାର୍ଶ୍ୱରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ଘଟଣା ଭିନ୍ନମୋଡ଼ ନେଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଅପମୃତ୍ୟୁ ହୋଇନାହିଁ, ବରଂ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ପୋଲିସକୁ ସୂଚନା ମିଳିଛି। ପୋଲିସ ହତ୍ୟା ଅଭିଯୁକ୍ତ ଜଗତ୍‌ସିଂହପୁର ଗାନ୍ଧୀ ଛକରେ ସାଇକେଲ ଦୋକାନ କରିଥିବା ଏହି ଥାନା ଅନ୍ତର୍ଗତ ତରିକୁନ୍ଦ ନୂଆଦାର ସେକ୍ ସବର ଅଲ୍ଲୀ (୪୮)ସଲମଙ୍କୁ ମଙ୍ଗଳବାର ରାତିରେ ଗିରଫ କରି କୋର୍ଟଚାଲାଣ କରିଛି।

ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ମୃତକ ହେଉଛନ୍ତି ବୋରିକିନା କାଠିକୋଲଦାର ସଲମ ଅଲ୍ଲୀ ସାହା। ସେ ତାଙ୍କ ଶ୍ୱଶୁର ଘର ତରିକୁନ୍ଦ ନିକଟ ନୂଆଦାରେ ରହୁଥିଲେ। ୧୩ ତାରିଖରେ ସଲମଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କର ଜଣେ ସମ୍ପର୍କୀୟ ରିଜୱାନ ଅଲ୍ଲୀ ଖାଁ(୩୨)ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ସଂଖ୍ୟା ୧୭୪/୨୦ ରୁଜୁ କରିଥିଲା। କିନ୍ତୁ ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ତେଣୁ ପରବର୍ତ୍ତୀ ସମୟରେ ଆଇପିସି ଦଫା ୩୦୨/୨୦୧ ସହ ହତ୍ୟା ମାମଲାକୁ ରୂପାନ୍ତରିତ ହୋଇଛି। ସଲମ ତରିକୁନ୍ଦ ନୂଆଦାର ସବିଆ ସୁଲତାନ୍‌ଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ସ୍ତ୍ରୀ ଆସି ବାପଘରେ ରହୁଥିଲେ। ସଲମ ଶାଳକଙ୍କ ସହ ହାଇଦ୍ରାବାଦରେ କାମ କରୁଥିଲେ। ହାଇଦ୍ରାବାଦରୁ ଫେରି ଏରସମା ବ୍ଲକ ପଞ୍ଚୁପଲ୍ଲୀ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ। ୧୦।୬।୨୦ରେ ଅଭିଯୁକ୍ତ ତାଙ୍କୁ ନୂଆଦା ଆଣି ବିଶ୍ୱାସ ଜମାଇଥିଲେ। ୧୨ ତାରିଖରେ ସଲମଙ୍କ ମୋବାଇଲ ସଜାଡିବା ପାଇଁ ବଜାର ନେଇଥିଲେ। ଫେରିଲାବେଳକୁ ଶେଖପାଟଣା ଆଇଟିଆଇ ନିକଟ ନିରୋଳା ସ୍ଥାନରେ ସ୍କୁଟର ଅଟକାଇ ଏନ୍‌ଏଚ୍ ୫୫ ପାର୍ଶ୍ୱରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତ ଏକ ଲୁହା ହାମରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସଲମଙ୍କ ମୃତ୍ୟୁ ହୋଇଥିଲା। ୧୩ ତାରିଖ ସକାଳେ ମୃତଦେହ ଉଦ୍ଧାର ହୋଇଥିଲା। ସଲମ ଓ ସବର ବୁଲାବୁଲି କରୁଥିବା ୨ ବ୍ୟକ୍ତି ଦେଖିଥିବା କହିଥିଲେ, ଯାହାକି ପୋଲିସକୁ ଅଧିକ ସୁରାକ ମିଳିଥିଲା। ତଦନ୍ତବେଳେ ମୃତକଙ୍କ ସ୍ତ୍ରୀ କହିଛନ୍ତି, ଯେ ଅଭିଯୁକ୍ତ ତାଙ୍କୁ ବିବାହ କରିବାକୁ କହିଥିଲେ। ହେଲେ ସେ ମନା କରିଥିଲେ। ଯେଉଁ କାରଣ ପାଇଁ ଅଭିଯୁକ୍ତ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ଅଭିଯୁକ୍ତଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ଓ ୨ୟ ସ୍ତ୍ରୀ ଛାଡି ପଳାଇବା ପରେ ସେ ସଲମଙ୍କ ସ୍ତ୍ରୀଙ୍କୁ ବିବାହ କରିବାକୁ ଚାହୁଁଥିଲେ। ନିରାଶ ହେବାରୁ ଏଭଳି ଘଟାଇଥିବା ଆଇଆଇସି ପ୍ରକାଶ କରିଛନ୍ତି।

# ଯାଜପୁର ଜିଲାରେ ୬ କରୋନା ସଂକ୍ରମିତ

**ଯାଜପୁର ଅଫିସ୍, ୨୪।୬:** ଯାଜପୁର ଜିଲାର ଯାଜପୁର, ବରୀ ଓ ବଡ଼ଚଣା ବ୍ଲକରେ ବୁଧବାର ଆଉ ୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ଜଣ ସ୍ଥାନୀୟ ବାସିନ୍ଦା ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୩୯୩ ରେ ପହଞ୍ଚିଛି। ଏହାସହ ବରୀ ବ୍ଲକର ୪ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ମୋଟ ସୁସ୍ଥ ସଂଖ୍ୟା ୩୪୧କୁ ବୃଦ୍ଧି ଘଟିଛି। ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଯାଜପୁର ବ୍ଲକର ୨ଜଣ, ବରୀ ବ୍ଲକର ୩ ଓ ବଡଚଣା ବ୍ଲକର ଜଣେ ଥିବା ଜଣାପଡ଼ିଛି।

# ଅଶ୍ଳୀଳ ମେସେଜ ପଠାଇ ଯୁବକ ଗିରଫ

**ଧର୍ମଶାଳା, ୨୪।୬ (ଡି.ଏନ୍.ଏ.)**

ଜେନାପୁର ଥାନା ଅଧୀନ ଅଣ୍ଟିଆ ଗ୍ରାମର ଜଣେ ମହିଳାଙ୍କୁ ହ୍ୱାଟ୍ସଆପରେ ଅଶ୍ଳିଳ ମେସେଜ ପଠାଇବା ଅଭିଯୋଗରେ ପୋଲିସ ଜଣେ ଯୁବକକୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କୁସ୍ପିରା ଗ୍ରାମର ସନାତନ ସ୍ୱାଇଁ (୪୪)। ସନାତନ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ହ୍ୱାଟ୍ସଆପରେ ବାରମ୍ବାର ଅଶ୍ଳୀଳ ମେସେଜ ପଠାଉଥିଲେ। ଏ ନେଇ ଗତ ୨୨ ତାରିଖରେ ସମ୍ପୃକ୍ତା ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୮୯/୨୦ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ସନାତନଙ୍କ ମୋବାଇଲ ଟ୍ରାକ୍ କରିତାଙ୍କୁ ଗିରଫ କରିବା ସହ ସେ ବ୍ୟବହାର କରୁଥିବା ଫୋନ୍ ଓ ସିମ୍ କାର୍ଡ ପୋଲିସ ଜବତ କରିଛି। ବୁଧବାର ତାଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।

# ଯୁବତୀଙ୍କ ଅଶ୍ଳୀଳ ଫଟୋ ପୋଷ୍ଟ କରି ଯୁବକ ଗିରଫ

**ଧର୍ମଶାଳା, ୨୪।୬ (ଡି.ଏନ୍.ଏ.):** ସୋସିଆଲ ମିଡିଆରେ ଯୁବତୀଙ୍କ ଅଶ୍ଳୀଳ ଫଟୋ ପୋଷ୍ଟ କରିବା ଅଭିଯୋଗରେ ଧର୍ମଶାଳା ପୋଲିସ ବନ୍ଧଡିହ ପଞ୍ଚାୟତ ଜୟସୁଙ୍ଗୁଡା ଗ୍ରାମର ସମୀର ଯେନା (୨୭)ଙ୍କୁ ବୁଧବାର ଗିରଫ କରିଛି। ସମୀର ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବିଭିନ୍ନ ସ୍ଥାନକୁ ନେବା ସହ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ତିକ୍ତତା ହେବାରୁ ସମୀର ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ସମ୍ପୃକ୍ତ ଯୁବତୀଙ୍କର କିଛି ଫଟୋ ପୋଷ୍ଟ କରିଥିଲେ। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୩/୧୦ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ବସିଛନ୍ତି ଶ୍ରମିକ, କାମ କରୁଛି ମେଶିନ

**ଏରସମା,୨୪।୬(ସ୍ୱ.ପ୍ର.)**

ଏମ୍‌ଜିଏନ୍‌ଆର୍‌ଇଜିଏସରେ ଜବ୍‌କାର୍ଡଧାରୀଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି କରୋନା ଯୋଗୁ ଗ୍ରାମକୁ

**ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦିଗହରା**

ଫେରିଥିବା ପ୍ରବାସୀଙ୍କୁ ମଧ୍ୟ ଏହି ଯୋଜନାରେ କାମ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ମାତ୍ର ଏରସମା ବ୍ଲକର କେତେକ ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଶ୍ରମିକଙ୍କୁ ଅଣଦେଖା କରି ମେଶିନରେ କାମ କରୁଥିବା ଅଭିଯୋଗ ହୋଇଛି। ଏନେଇ ପାରାଦୀପ-ଏରସମା ଶ୍ରମିକ ସଂଘ ସଭାପତିତଥା ବରିଷ୍ଠ ବିଜେଡି ନେତା ଜୟନ୍ତ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ପାଇଁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ବ୍ଲକ ଅଞ୍ଚଳର ୨୫ ପଞ୍ଚାୟତରେ ୧୨ହଜାର ଜବ୍‌କାର୍ଡଧାରୀ କାମ ନ ପାଇ ବସି ରହିଛନ୍ତି। ଚଳିତ ବର୍ଷ କରୋନା ମହାମାରୀ ପ୍ରଭାବରେ ଲୋକେ ବୃତ୍ତି ହରାଇବାରୁ ଏହି ସମସ୍ୟା ଆହୁରି ଜଟିଳ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ବ୍ଲକରେ ୧୦ ହଜାର ପ୍ରବାସୀ ଫେରିବା ପାଇଁ ନାମ ପଞ୍ଜୀକୃତ କରିଥିବାବେଳେ ସେମାନଙ୍କ ମଧ୍ୟରୁ ବିଭିନ୍ନ କଳକାରଖାନାରେ କାମ କରୁଥିବା ୩ ହଜାର ପ୍ରବାସୀ ଶ୍ରମିକ ଘରକୁ ଫେରି ହାତବାନ୍ଧି ବସିଛନ୍ତି। ବ୍ଲକ ଅନ୍ତର୍ଗତ ଗଡହରିଶପୁର ପଞ୍ଚାୟତର ଗାରିଆ ସ୍କୁଲ ପଡ଼ିଆ ପୋଡେଇ, ଗଡବିଶୁନିପୁର ପଞ୍ଚାୟତ ଖେଳପଡିଆ ପୋଡେଇ, ସୋମପୁର ପଞ୍ଚାୟତର ପୋଦନା ପୋଖରୀ ଖନନ, ପଦ୍ମପୁର ପଞ୍ଚାୟତର କିଆମୁଣ୍ଡି ମଠ ପଡ଼ିଆ ପୋଡେଇ କାର୍ଯ୍ୟ ମେଶିନରେ ହେଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ଜବକାର୍ଡଧାରୀଙ୍କୁ କାମ ମିଳୁ ନ ଥିବା ନେଇ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ତଦନ୍ତ କରି ପଦକ୍ଷେପ ନେବି। ଅନ୍ୟପକ୍ଷରେ ଜବ୍‌କାର୍ଡଧାରୀଙ୍କୁ ଉପେକ୍ଷା କରି ଅର୍ଥ ଆତ୍ମସାତ କରୁଥିବା ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ମେଶିନ ସାହାଯ୍ୟରେ କାମ କରାଯାଉଛି।

# କ୍ୱାରାଣ୍ଟାଇନ୍‌କୁ ନ ଯାଇ ଘରକୁ ଫେରିଲେ ପ୍ରବାସୀ

**ନୟାଗଡ଼ ଅଫିସ/ ଖଣ୍ଡପଡ଼ା,୨୪।୬(ସ୍ୱ.ପ୍ର.)**

ନୟାଗଡ ଜିଲାର ଜଣେ ବ୍ୟକ୍ତି କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ନେଇ ବୁଧବାର ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀ ସୂଚନା ଦେଇଛନ୍ତି। କଣ୍ଟିଲୋ ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ଜଣକ ଦିଲ୍ଲୀରୁ ଫେରି ରବିବାର ଭୁବନେଶ୍ୱରରେ ସ୍ୱାବ୍ ଟେଷ୍ଟ କରାଇଥିଲେ। ସେଠାରୁ ସଙ୍ଗରୋଧ କେନ୍ଦ୍ରକୁ ନ ଯାଇ ସେ ଘରକୁ ଯାଇଥିଲେ। ପୋଲିସ ଜାଣିବା ପରେ ତାଙ୍କୁ ଆଣି ଯୋଗିଆପଲ୍ଲୀ ସଙ୍ଗରୋଧ କେନ୍ଦ୍ରରେ ରଖାଇଥିଲା। ପଜିଟିଭ୍ ଚିହ୍ନଟ ପରେ ମଙ୍ଗଳବାର ରାତିରେ ତାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ତାଙ୍କ ଘର ବିଶୋଧନ କରାଯାଇଥିବାବେଳେ ପରିବାର ସଦସ୍ୟଙ୍କୁ ହୋମ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି।

# ଦରମା, ଇପିଏଫ୍ ପ୍ରଦାନ ଦାବିରେ ଆନ୍ଦୋଳନ



ଆନ୍ଦୋଳନରତ କର୍ମଚାରୀମାନେ।

**କାଳିଆପାଣି, ୨୪।୬ (ଡି.ଏନ୍.ଏ.)**

ସ୍ଥାୟୀ ଓ ଠିକା କର୍ମଚାରୀଙ୍କ ବକେୟା ଦରମା ଓ ୯ ମାସର ଇପିଏଫ୍ ପ୍ରଦାନ ଦାବିରେ କାଳିଆପାଣିସ୍ଥିତ ବାଲେଶ୍ୱର ଖଣିର କର୍ମଚାରୀମାନେ ବୁଧବାର ଖଣି ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ଶ୍ରମିକ ସଂଘ ସମ୍ପାଦକ ବଳରାମ ଦାସ ଓ ଜାହାଙ୍ଗୀରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିବା ବେଳେ ଖଣି ଅଧିକାରୀମାନଙ୍କୁ ଖଣିକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। ଖବରପାଇ ସୁକିନ୍ଦା ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣଚନ୍ଦ୍ର ଧୀର, ସହ ସମ୍ପାଦକ ଭରତ ମହାନ୍ତ, ଉପଦେଷ୍ଟା ଭଗବତୀ ମହାନ୍ତ ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ଖଣି ଉପସଭାପତି ତାରେଣୀ ମହାନ୍ତି, ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ରଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ଶ୍ରମିକ ସଂଘ ଓ କର୍ମଚାରୀ ପ୍ରତିନିଧିମାନେ ସାମିଲ ହୋଇଥିଲେ। ତ୍ରିପକ୍ଷ ଆଲୋଚନା ପରେ ଜୁଲାଇ ୮ ତାରିଖ ସୁଦ୍ଧା ବକେୟା ଦରମା ପ୍ରଦାନ ସହ ଆଗ୍ରୀମ ୨ ହଜାର ଗୁରୁବାର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଆସନ୍ତା ମାସରୁ ବାଲେଶ୍ୱରସ୍ଥିତ କାରଖାନ ଚାଲିବା ପରେ ବକେୟା ୯ମାସର ଇପିଏଫ୍ ଦାଖଲ କରାଯିବ ବୋଲି ସହମତି ପ୍ରକାଶ ପାଇଥିବା ଶ୍ରମିକ ସଂଘ ସମ୍ପାଦକ ଧୀର ପ୍ରକାଶ କରିଛନ୍ତି।

# ପାଣିରେ ପଡ଼ିଲା ୪୫.୭୭ ଲକ୍ଷ

**ଯାଜପୁର ଅଫିସ୍,୨୪।୬**

**ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗ**
- ସମାଧାନ ହୋଇପାରିଲାନି ଜମି ବିବାଦ
- ଏମ୍‌ଏମ୍‌ଏସ୍‌ୱାଇରେ ନିର୍ମାଣାଧୀନ ୩ ରାସ୍ତା କାମ ବନ୍ଦ ପ୍ରସ୍ତାବ
- ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନବାଚୀ

ଜମି ବିବାଦ ସମାଧାନ ହୋଇ ନ ପାରିବାରୁ ଯାଜପୁର ଜିଲାର ୩ଟି ମୁଖ୍ୟମନ୍ତ୍ରୀ ସଡକ ଯୋଜନା(ଏମଏମଏସୱାଇ)ରେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ବନ୍ଦ କରିବାକୁ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ରାପଡା-ଯାଜପୁର ଗ୍ରାମ୍ୟ ନିର୍ମାଣ ସର୍କଲର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ପତ୍ର ଦ୍ୱାରା ରାସ୍ତା କାର୍ଯ୍ୟ ବନ୍ଦ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏଥିଯୋଗୁ ପ୍ରାୟ ୨୦ଖଣ୍ଡ ଗ୍ରାମର ୧୦ ହଜାର ଲୋକଙ୍କ ଉପଯୁକ୍ତ ଗମନାଗମନ ବ୍ୟବସ୍ଥା ଆଶା ମଉଳି ଯାଇଛି। ଏହାଛଡ଼ା ଏହି ୩ ରାସ୍ତାରେ ଏ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥିବା ୪୫.୭୭ ଲକ୍ଷ ଟଙ୍କା ସରକାରୀ ଅନୁଦାନ ପାଣିରେ ପଡିଛି, ଯାହାକୁ ନେଇ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗ ଅଧିକାରୀ ଓ ଯନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏମ୍‌ଏମ୍‌ଏସ୍‌ୱାଇରେ ଖପୁରିଆପଦାରୁ ବ୍ରାହ୍ମଣଗାଁ ରାସ୍ତା ପାଇଁ ୨୦୧୫ରେ ୬୧.୬ ଲକ୍ଷ ଟଙ୍କା ଆବଣ୍ଟିତ ହୋଇଥିଲା। ସେଥିରୁ ମାତ୍ର ୧୭.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨୮.୫୮ ପ୍ରତିଶତ କାର୍ଯ୍ୟ ଅଗ୍ରଗତି ହୋଇପାରିଛି। ତେବେ ଏହି ପ୍ରକଳ୍ପରେ ବେସରକାରୀ ଜମି ବିବାଦ ରହିଥିବା କାରଣ ଦର୍ଶାଇ କାର୍ଯ୍ୟ ବନ୍ଦ କରି ଦିଆଯାଇଛି। ସେହିପରି ଆରଡି ରାସ୍ତାରୁ ଟୋଲକନା ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା ନିର୍ମାଣ ପାଇଁ ୨୦୧୫ରେ ୧୭୩.୬୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ୪୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଜମି ବିବାଦ ଯୋଗୁ କାର୍ଯ୍ୟ ବନ୍ଦ ରହିଛି। ଉତ୍ତରପ୍ରତାପଠାରୁ ରାଖିପାଟନା ଏମ୍‌ଏମ୍‌ଏସ୍‌ୱାଇ ରାସ୍ତା ପାଇଁ ୭୯.୬୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ୧୩.୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଜମି ବିବାଦ ରାସ୍ତା ନିର୍ମାଣରେ ଅନ୍ତରାୟ ସାଜିଥିବା ବିଭାଗ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଆରଡି ରାସ୍ତାଠାରୁ ସାତମାଣ ରାସ୍ତା ପାଇଁ ୭୬.୪୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ରାସ୍ତାରେ ଏ ୩୨.୨୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। କୋର୍ଟରେ ଏହି ରାସ୍ତାର ଜମି ସଂକ୍ରାନ୍ତରେ ମାମଲା ବିଚାରାଧୀନ ଥିବାରୁ କାର୍ଯ୍ୟ ବନ୍ଦ କରିବାକୁ ପ୍ରସ୍ତାବ ଦିଆଯାଇଛି। ଯଦି ପୂର୍ବରୁ ଆବଶ୍ୟକ ଅନୁସାରେ ସର୍ଭେ କରାଯାଇଥାନ୍ତା, ତା’ହେଲେ ଖର୍ଚ୍ଚ ହୋଇଥିବା ୪୫.୭୭ ଲକ୍ଷ ଟଙ୍କା ପାଣିରେ ପଡି ନ ଥାନ୍ତା ବୋଲି ଆଲୋଚନା ହେଉଛି। ଚଳିତ ମାସ ୧୯ ତାରିଖରେ ନିର୍ବାହୀ ଯନ୍ତ୍ରୀ ବିବାଦୀୟ ଅଧାପନ୍ତରିଆ ରାସ୍ତା କାମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଆରଡି ରାସ୍ତାଠାରୁ ଟୋଲକନା, ଉତ୍ତରପାଟଣା ରାସ୍ତାଠାରୁ ରାଖିପାଟଣା ଓ ଆରଡି ରାସ୍ତାଠାରୁ ସାତମାଣ ପ୍ରକଳ୍ପଗୁଡିକୁ ବନ୍ଦ ପାଇଁ ପ୍ରସ୍ତାବ ଦିଆଯାଇଛି। ଉପରୋକ୍ତ ୩ ପ୍ରକଳ୍ପ ୨୦୧୫-୧୬ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ଠିକାଦାରି ରାଜନୀତି ଓ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଜାରକା ଆରଡି ନିର୍ବାହୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

ସୂଚନାଥାଉ କି, ଗତ ଫେବୃୟାରୀରେ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି (ଆର୍‌ଆଇଡିଏଫ୍) ବୈଠକରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ(ଆରଡବ୍ଲ୍ୟୁ) ଡିଭିଜନର ବିଭିନ୍ନ ପ୍ରକଳ୍ପର ଅଗ୍ରଗତିକୁ ନେଇ ନାବାର୍ଡ କର୍ତ୍ତୃପକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘବର୍ଷ ହେଲା ଜିଲାର ୬ଟି ପ୍ରକଳ୍ପ ଅଧାପନ୍ତରିଆ ହୋଇରହିଥିବାରୁ ଏଥିରେ ଖର୍ଚ୍ଚ ହୋଇଥିବା ସମୁଦାୟ ୪ କୋଟି ୨୪ ଲକ୍ଷ ୬ ହଜାର ଟଙ୍କା ପାଣିରେ ପଡିବା ସାର ହେବ ବୋଲି ମତପ୍ରକାଶ ପାଇଥିଲା। ଏହାସହ ଅତି ମନ୍ଥର ଗତିରେ ପ୍ରକଳ୍ପଗୁଡିକ ଚାଲିଥିବାରୁ ନାବାର୍ଡର ମାନଦର୍ଶ ପୁରଣ ହୋଇ ପାରିନାହିଁ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ଉଦବେଗ ପ୍ରକାଶ କରିଥିଲେ। ମନ୍ଥର ଗତିରେ ଚାଲିଥିବା ପ୍ରକଳ୍ପଗୁଡିକର ଶୀଘ୍ର ଶେଷ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ ଇଞ୍ଜିନିୟର ନିର୍ଦ୍ଦେଶ ଦେଇଥିଲେ।

ଧରିତ୍ରୀ DHARITRI
ଗୁରୁବାର, ୨୫ ଜୁନ୍, ୨୦୨୦

## ୬ କରୋନା ଆକ୍ରାନ୍ତ ଚିହ୍ନଟ

**ବାରିପଦା ଅଫିସ,୨୪।୬:** ମୟୂରଭଞ୍ଜ ଜିଲାରେ ବୁଧବାର ୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୩ ଜଣ ସଙ୍ଗରୋଧ କେନ୍ଦ୍ର ଓ ଅନ୍ୟ ୩ ଲୋକାଲ୍ କେସ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୫ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧରୁ ୧୧୯ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟ ୪୫ ଜଣ ଚିକିତ୍ସିତ ହେଉଛନ୍ତି।



## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପିନେଲେ

**ରେମୁଣା,୨୪।୬(ଡି.ଏନ.ଏ.):** ଦିନ ଦ୍ୱିପହରେ ରାଜପଥରେ ସ୍ୱାମୀ ସ୍ତ୍ରୀ ବାଇକରେ ଯାଉଥିବାବେଳେ ସ୍ତ୍ରୀ ବେକରୁ ସୁନା ହାର ଲୁଟ ହୋଇଯାଇଥିବା ଅଭିଯୋଗ ହୋଇଛି। କୁରୁଡ଼ା ଶେରଗଡ଼ ମଝି ଖାନନଗର ନିକଟରେ ବୁଧବାର ଦିନ ପ୍ରାୟ ସାଢ଼େ ଗୋଟାଏ ବେଳେ ଏହି ଘଟଣା ଘଟିଛି। ଔପଦା ବ୍ଲକ ଦକ୍ଷୀଣ ନରସିଂହପୁରର ଦୀନବନ୍ଧୁ ବେହେରା, ସ୍ତ୍ରୀ ଓ ପିଲା ସହିତ ଏକ ବାଇକରେ ଭଉଣୀ ଘର ବାଲେଶ୍ୱରରୁ ଫେରୁଥିଲେ। ଏହି ସମୟରେ ପଛପଟୁ ୨ଯୁବକ ଏକ ବାଇକରେ ଆସି ସୁନା ହାର ଝାମ୍ପିନେଇ ଶେରଗଡ଼ ଆଡ଼କୁ ଦ୍ରୁତ ବେଗରେ ଚାଲିଯାଇଥିଲେ। ମହିଳା ଜଣଙ୍କ ଶେରଗଡ଼ ଫାଣ୍ଡିରେ ଏନେଇ ଅଭିଯୋଗ କରିଛନ୍ତି। ପୋଲିସ ବିଭିନ୍ନ ଥାନାକୁ ଖବର ଦେଇ ତଦନ୍ତ ଜାରି ରଖିଛି।

### କୂଅରେ ପଡ଼ି ବୃଦ୍ଧ ମୃତ

**କେନ୍ଦୁଝର, ୨୪।୬(ସ୍ୱ.ପ୍ର.):** କୂଅରେ ପଡ଼ି ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ହରିଚନ୍ଦନପୁର ବ୍ଲକ ପଣ୍ଡାପଡ଼ା ଥାନା ଖୁଣ୍ଟାପଡ଼ା ଗ୍ରାମର ହାଡ଼ିବନ୍ଧୁ ନାଏକ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୫/୨୦୨୦) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବାସୁଦେବପୁର, ୨୪।୬(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବଚ୍ଛଦା ଅଞ୍ଚଳରେ ବୁଧବାର ଅପରାହ୍ନରେ ରଶ୍ମିତା ସାହୁ(୨୦) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ତାଙ୍କ ବାପା ଝିଅକୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ମୃତ ମହିଳାଙ୍କ ସ୍ୱାମୀଙ୍କୁ ବାସୁଦେବପୁର ପୋଲିସ ଅଟକ ରଖି ପଚରାଉଚରା କରିଛି। ବାସୁଦେବପୁର ଥାନା ଆଇଆଇସି ପ୍ରଦୀପ କୁମାର ମାଝୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

### ଏସ୍‌ଏଚ୍‌ଜି ମହିଳାଙ୍କ ଆନ୍ଦୋଳନ ଚେତାବନୀ

#### ଜୁଲମ କରି ଋଣ ଆଦାୟ ଅଭିଯୋଗ

**ପାଟଣା, ୨୪।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଅଞ୍ଚଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ଉପରେ ଅର୍ଥ ଲଗାଣକାରି ସଂସ୍ଥାଗୁଡ଼ିକର ଜୋର ଜୁଲମ ବଢୁ ଥିବାରୁ ସରସକୋଲା ପଞ୍ଚାୟତ ଖମୁଆଁ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ସୋମବାର ପ୍ରତିବାଦ କରି ପାଟଣା ବିଡିଓ, ତହସିଲଦାର ଓ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ମହିଳାମାନଙ୍କୁ ନ୍ୟାୟ ନ ମିଳିଲେ ସେମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ଏହି ମହିଳା ମାନେ କେତେକ ଅର୍ଥ ଲଗାଣକାରୀ ସଂସ୍ଥା ଠାରୁ ଋଣ ଆଣି ଛୋଟ ମୋଟ ବ୍ୟବସାୟ କରୁଥିଲେ। କରୋନା ପାଇଁ ସମସ୍ତ ସେକ୍ଟର ପ୍ରଭାବିତ ହୋଇଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ସଂସ୍ଥା ଋଣ ଆଦାୟ କରିପାରିବେ ନାହିଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି କେତେକ ଅର୍ଥଲଗାଣକାରୀ ସଂସ୍ଥା ଏମାନଙ୍କ ଉପରେ ଜୁଲମ କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରି ଋଣ ଆଦାୟ କରିବା ପାଇଁ ଉଦ୍ୟମ କରୁଥିବା ଏମାନେ ଅଭିଯୋଗ କରିଛନ୍ତି।

### ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ ୩୦ରେ

**ଭଣ୍ଡାରିପୋଖରୀ, ୨୪।୬ (ଡି.ଏନ.ଏ.):** ଅଶୋଧିତ ତୈଳଦର ବୃଦ୍ଧି ପ୍ରତିବାଦରେ ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ ୩୦ ତାରିଖରେ ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୁଧବାର ଏକ ପ୍ରସ୍ତୁତି ବୈଠକରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ନେତା ସୁବ୍ରତ ଦାସ ଘୋଷଣା କରିଛନ୍ତି। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ ଙ୍କ ସଭାପତିତ୍ୱରେ ପିତାମ୍ବର ନାୟକ, ଗୋଲକ ବେହେରା, ସବିତା ଚନ୍ଦ, ପ୍ରଶାନ୍ତ ସାହୁ, ଅଜୟ ସାହୁ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି ପ୍ରମୁଖ ବୈଠକରେ ମତାମତ ରଖିଥିଲେ।

# ଅଣସର ଚକଡ଼ାରେ ଠାକୁର

**ସଜନାଗଡ଼,୨୪।୬(ଡି.ଏନ.ଏ.)**

ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାଲେଶ୍ୱର ଜିଲା ନୀଳଗିରିଠାରେ ଚଳିତବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ବନ୍ଦ ହୋଇଛି। ମହାମାରୀ କରୋନା ପାଇଁ ଏଥର ଗଡ଼ିପାରି ନାହିଁ ରଥ କିମ୍ବା ରଥାରୂଢ଼ ହୋଇପାରି ନାହାନ୍ତି ଚତୁର୍ଦ୍ଧାମୂର୍ତ୍ତି। ବୁଧବାର ରଥ ନ ଗଡ଼ିବା ଯୋଗୁ ରଥଯାତ୍ରା ନୀତିକାନ୍ତି ପାଳନ ହୋଇପାରି ନାହିଁ। ଠାକୁରଙ୍କ ପାଖରେ ଅନ୍ନ ଲାଗି ହୋଇ ପାରି ନାହିଁ। ଅଣସର ଚକଡ଼ାରେ ମହାପ୍ରଭୁ ଦର୍ଶନ ଦେଉଛନ୍ତି।

ମହାପ୍ରଭୁଙ୍କର ଦେବସ୍ନାନ ନୀତି ଶେଷ ହୋଇଥିଲା। ଅଣସର ନୀତି ଏବଂ ନବଯୌବନ ବେଶରେ ରହିଥିଲେ ଠାକୁର। ଅଣସର ପିଣ୍ଡିକୁ ତ୍ୟାଗ କରି ହେବା କଥା ପହଣ୍ଡି ରଥଯାତ୍ରା। ମାତ୍ର କରୋନା ଯୋଗୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ରଥଯାତ୍ରା ଉପରେ ପ୍ରଶାସନ କଟକଣା ଜାରି କରିଥିଲା। ଏହାର ପ୍ରତିବାଦରେ ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୂଜକ, ସେବକ ଓ ଘଣ୍ଟୁଆମାନେ ଧାରଣାରେ ବସିଥିଲେ। ହେଲେ ପହଣ୍ଡି ପାଇଁ କୌଣସି ନିଷ୍କର୍ସ ବାହାରି ନ ଥିଲା। ରଥଯାତ୍ରା ପୂର୍ବରୁ ସମସ୍ତ ନୀତିକାନ୍ତି ମଙ୍ଗଳବାର ରାତି ପର୍ଯ୍ୟନ୍ତ ସୂଚାରୁ ରୂପେ ସମ୍ପନ୍ନ ହୋଇଥିଲା। ବୁଧବାର ରଥ ନ ଗଡ଼ିବାରୁ ରଥଯାତ୍ରା ନୀତିକାନ୍ତି ପାଳନ ହୋଇପାରି ନାହିଁ। ମହାପ୍ରଭୁଙ୍କର ଦୈନନ୍ଦିନ ନୀତି ଯେଉଁଠାରେ ଶେଷ ହୋଇଥାଏ କୌଣସି ଅଘଟଣ ଘଟିଲେ ପୁନର୍ବାର ସେହିଠାରୁ ହିଁ ଆରମ୍ଭ ହୁଏ ବୋଲି ସୂଚନା ମିଳିଛି। ଏଣୁ ବିଧି ରକ୍ଷା କିପରି ହେବ ଏହାକୁ ନେଇ ବୁଧବାର ପୂର୍ବାହ୍ନରେ ମନ୍ଦିର ପରିସରରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ପୂଜକ, ସେବକ, ଘଣ୍ଟୁଆ, ଠାକୁରମାହାଲର ନିର୍ବାହୀ ଅଧିକାରୀ ରତନ ପଟ୍ଟନାୟକ ଓ ନୀଳଗିରିର ରାଣୀ ତଥା ଠାକୁରମାହାଲର ଅଧକ୍ଷା ମନୋଜା ମଞ୍ଜରୀ ଦେବୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଆଲୋଚନା ଅନୁଯାୟୀ ପୁରୀର ବିଦ୍ୱାନ ଏବଂ ପଣ୍ଡିତଙ୍କ ସହ ଆଲୋଚନା କରି ନୀଳଗିରି ଠାକୁରମାହାଲ ପକ୍ଷରୁ ଠାକୁରଙ୍କ ରୀତିନୀତି କିପରି ସୂଚାରୁ ରୂପେ ହେବ ସେବାୟତ ଓ ପୂଜକଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳୀ ବୁଧବାର ରାତିରେ ଶ୍ରୀକ୍ଷେତ୍ର ଅଭିମୁଖେ ଯିବେ। ସେଠାକାର ପଣ୍ଡିତସଭା, ଛତିଶାନିଯୋଗ ଓ ଶଙ୍କରାଚାର୍ଯ୍ୟଙ୍କ ସହ ଆଲୋଚନା ପରେ ଯାହାକିଛି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଠାକୁରମାହାଲର ନିର୍ବାହୀ ଅଧିକାରୀ ପଟ୍ଟନାୟକ କହିଛନ୍ତି।



ପ୍ରସ୍ତୁତ ହୋଇ ରହିଥିବା ରଥ।

### ନୀଳଗିରିରେ ହେଲାନି ପହଣ୍ଡି, ରଥଯାତ୍ରା

# ଭଦ୍ରକ ଜିଲାକୁ ଫେରିଛନ୍ତି ୩୪,୯୦୩ ପ୍ରବାସୀ

**ଭଦ୍ରକ ଅଫିସ, ୨୪।୬**

### ମାତ୍ର ୮,୩୦୨ ଜଣଙ୍କ ହୋଇଛି ସ୍ୱାବ୍ ପରୀକ୍ଷା

ଭଦ୍ରକ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦୧ ଛୁଇଁଛି। ଏମାନଙ୍କ ମଧ୍ୟରୁ ବୁଧବାର ସୁଦ୍ଧା ୧୭୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୨୪ ଜଣ ଆକ୍ରାନ୍ତ ଏବେ ଚିକିତ୍ସାଧୀ ଅଛନ୍ତି। ଜିଲାକୁ ଇତି ମଧ୍ୟରେ ୩୪,୯୦୩ ପ୍ରବାସୀ ଫେରିଥିବା ବେଳେ ୮,୩୦୨ ଜଣଙ୍କ ସ୍ୱାବ୍ ପରୀକ୍ଷା ହୋଇଛି। କିଏ ନିଜସ୍ୱ ଉଦ୍ୟମରେ ଗାଡ଼ିଭଡ଼ା କରି ଫେରିଛି ତ ଅନ୍ୟ କିଏ ଚାଲି ଚାଲି ଓ କେତେ ଜଣ ସାଇକେଲ ଯୋଗେ ମଧ ଘରକୁ ଫେରିଛନ୍ତି। ଏହାପରେ ସରକାରଙ୍କ ଉଦ୍ୟମ କ୍ରମେ ଶ୍ରମିକ ଟ୍ରେନ ଯୋଗେ ଘରକୁ ଫେରିଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇ ଘରକୁ ପଠାଯାଇଛି। ବାସୁଦେବପୁର ବ୍ଲକକୁ ସର୍ବାଧିକ ୭,୪୦୫ ପ୍ରବାସୀ ଫେରିଛନ୍ତି। ଧାମନଗର ବ୍ଲକକୁ ୪,୨୭୮, ଭଦ୍ରକ ବ୍ଲକକୁ ୩,୮୮୩, ଚାନ୍ଦବାଲିକୁ ୬,୬୨୯, ତିହିଡ଼ିକୁ ୫,୭୦୨, ବନ୍ତକୁ ୨,୮୮୭, ଭଣ୍ଡାରିପୋଖରୀକୁ ୨,୫୮୦ ଫେରିଛନ୍ତି। ସେହିପରି ଭଦ୍ରକ ପୌରପାଳିକାକୁ ୬୨୪, ବାସୁଦେବପୁର ପୌରପାଳିକାକୁ ୮୬୭, ଚାନ୍ଦବାଲି ଏନ୍ଏସିକୁ ୩୭୧, ଧାମନଗର ଏନ୍ଏସିକୁ ୨୭୭କୁ ମିଶାଇ ମୋଟ ୩୪,୯୦୩ ପ୍ରବାସୀ ବିଭିନ୍ନ ଅଞ୍ଚଳରୁ ନିଜ ଘରକୁ ଫେରିଛନ୍ତି। ଏମାନଙ୍କ ମଧ୍ୟରୁ ସରକାରୀସ୍ତରରେ ୭ ଦିନିଆ ସଙ୍ଗରୋଧ କେନ୍ଦ୍ରରେ ୬,୧୪୯ଜଣ, ୧୪ ଦିନିଆ ସଙ୍ଗରୋଧ କେନ୍ଦ୍ରରେ ୧୬,୦୫୦ ଜଣ ଓ ୨୧ ଦିନିଆ ସଙ୍ଗରୋଧ କେନ୍ଦ୍ରରେ ୩,୨୫୦ ଜଣ ରହି ଘରକୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା ୫,୯୦୦ ଜଣ ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୨୧,୩୦୪ ଜଣଙ୍କୁ ସରକାରୀସ୍ତରରେ ୨ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ଜିଲା ଚିକିତ୍ସାଳୟକୁ ଆସୁ ନାହାନ୍ତି ରୋଗୀ

**ଭଦ୍ରକ ଅଫିସ, ୨୪।୬**

### ୩ ମହଲାକୁ ଷ୍ଟ୍ରେଚର୍‌ରେ ବୁହା ହେଉଛନ୍ତି ଗର୍ଭବତୀ

କରୋନା ଭୟରେ ସାଧାରଣ ରୋଗୀ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁ ନାହାନ୍ତି। ଫଳରେ ଗତ ୩ ମାସ ମଧ୍ୟରେ ଏଠାରେ ବର୍ହିବିଭାଗ ରୋଗୀଙ୍କ ସଂଖ୍ୟା ୬୩ ପ୍ରତିଶତ ଓ ଅନ୍ତଃବିଭାଗ ରୋଗୀଙ୍କ ସଂଖ୍ୟା ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି। କରୋନା ଯୋଗୁ ସରକାରୀ ଡାକ୍ତରଖାନାରେ ସାଧାରଣ ରୋଗୀଙ୍କ ଚିକିତ୍ସା ଉପରେ କଟକଣା ଏବଂ ଡାକ୍ତରଖାନା ଆସିବାକୁ ଗମନାଗମନ ଅସୁବିଧା ଯୋଗୁ ବହୁ ରୋଗୀ ସରକାରୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସରକାରୀ ଡାକ୍ତରଖାନାରେ ଅଣ କରୋନା ରୋଗୀଙ୍କ ପ୍ରତି ଚିକିତ୍ସାଜନିତ ଅବହେଳା ମୁଖ୍ୟତଃ ଗ୍ରାମାଞ୍ଚଳର ଲୋକଙ୍କୁ ସମସ୍ୟାରେ ପକାଉଛି। ଅପରପକ୍ଷରେ ଜିଲା ଚିକିତ୍ସାଳୟରେ ପ୍ରସବ ପାଇଁ କରାଯାଇଥିବା ବ୍ୟବସ୍ଥା ୩ ମହଲା ଉପରେ ରହିଛି। ଯାହାଫଳରେ ଗର୍ଭବତୀ ମହିଳାମାନଙ୍କୁ ଷ୍ଟ୍ରେଚର୍‌ରେ ୩ ମହଲା ଉପରକୁ ବୁହାଯାଉଛି। କର୍ମଚାରୀ ଅଭାବ କାରଣରୁ ରୋଗୀଙ୍କ ସମ୍ପର୍କୀୟମାନେ ଷ୍ଟ୍ରେଚର୍ ସାହାଯ୍ୟରେ ବୋହି ନେବାକୁ ବାଧ ହେଉଛନ୍ତି। ଏହା ଦେଖି ଅନେକ ଗର୍ଭବତୀଙ୍କ ସମ୍ପର୍କୀୟ ଜିଲା ଚିକିତ୍ସାଳୟକୁ ଆସିବାକୁ ନାପସନ୍ଦ କରୁଛନ୍ତି। ସେଠାରେ ଲିଫ୍ଟ ବ୍ୟବସ୍ଥା କରାଯିବା ପାଇଁ ଯୋଜନା ହୋଇଛି। କିନ୍ତୁ ଏହା ଯୋଜନାରେ ଅଟକି ରହିଛି।

ଗତବର୍ଷ ଏହି ୩ ମାସରେ ଜିଲା ମୁଖ୍ୟ ଚିକିତ୍ସାଳୟ ବର୍ହିବିଭାଗରେ ୧ ଲକ୍ଷ ୭ ହଜାର ୯୩୧ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ଅନ୍ତଃବିଭାଗରେ ୨୦ ହଜାର ୮୩୮ ଜଣ ଚିକିତ୍ସିତ ହୋଇଥିଲେ। ତେବେ ଚଳିତ ବର୍ଷ କରୋନା ମହାମାରୀ ଜନିତ କଟକଣା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ହିବିଭାଗରେ ମାତ୍ର ୪୦ ହଜାର ୧୨୪ ଜଣ ଚିକିତ୍ସିତ ହୋଇଥିବା ବେଳେ ଅନ୍ତଃବିଭାଗରେ ୧୭ ହଜାର ୭୬୫ ଜଣ ଚିକିତ୍ସିତ ହୋଇଛନ୍ତି। ଗତବର୍ଷ ଏପ୍ରିଲ ମାସରେ ଜିଲା ମୁଖ୍ୟ ଚିକିତ୍ସାଳୟ ବର୍ହିବିଭାଗରେ ୩୫ ହଜାର ୨୬ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ଚଳିତ ବର୍ଷ ଏହି ମାସରେ ମାତ୍ର ୮ ହଜାର ରୋଗୀ ଚିକିତ୍ସିତ ହୋଇଛନ୍ତି। ସେହିଭଳି ଚଳିତ ମାସରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ବହୁ ରୋଗୀ ଭୟରେ ଜିଲା ଚିକିତ୍ସାଳୟକୁ ଆସୁ ନାହାନ୍ତି। ଏନେଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ପ୍ରଦୀପ ଖୁଣ୍ଟିଆଙ୍କୁ ପଚାରିବାରୁ ରୋଗୀ ସଂଖ୍ୟା ହ୍ରାସର କାରଣ ସରକାରୀ କଟକଣା। ଲକ୍ ଡାଉନ ଓ ଶଟ୍ ଡାଉନ କାରଣରୁ ରୋଗୀ ଆଉ ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟକୁ ଆସୁ ନାହାନ୍ତି ବୋଲି ସେ କହିଛନ୍ତି।



ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ୩ ମହଲାକୁ ନିଆଯାଉଛି।



ଚାଷୀମାନେ ଧାନ ଫେରାଇ ନେଉଛନ୍ତି।

# ଘରକୁ ଚାଷୀ ବୋହି ନେଲେ ଧାନ

**ପାଟଣା,୨୪।୬(ସ୍ୱ.ପ୍ର.)**

### ମିଳିଲାନି ଧାନ ବିକ୍ରି ଟଙ୍କା

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଟଭାସରୁଆ ସମବାୟ ସମିତିରୁ ବୁଧବାର ଅପରାହ୍ନରେ ୧୮ରୁ ଊର୍ଦ୍ଧ୍ୱ ଚାଷୀ ୧୨୦୦ କୁଇଣ୍ଟାଲରୁ ଅଧିକ ଧାନ ନିଜ ନିଜ ଘରକୁ ବୋହି ନେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଚାଷୀମାନେ ୩ ମାସ ତଳେ ଖରିଫ ଋତୁରେ ଅମଳ ହୋଇଥିବା ଧାନକୁ ଉକ୍ତ ସମବାୟ ସମିତି ଜରିଆରେ ସରକାରଙ୍କୁ ବିକ୍ରି କରିଥିଲେ। ହେଲେ ଏଯାଏଁ ବିକ୍ରି କରିଥିବା ଧାନ ଟଙ୍କା ପାଇ ନ ଥିଲେ। ବୁଧବାର ସକାଳେ ଏକ ୱେଷ୍ଟ ବେଙ୍ଗଲ ନମ୍ବର ଥିବା ୧୨ ଚକିଆ ଟ୍ରକରେ ଭାରପ୍ରାପ୍ତ ସମବାୟ ସମିତି ଶାଖା ପରିଚାଳକ ଚିତ୍ତରଞ୍ଜନ ନାଏକ ଧାନ ପାର କରୁଥିବା ଖବର ପାଇ ଚାଷୀ ଏହାକୁ ବିରୋଧ କରିଥିଲେ। ସେଥିଲାଗି ବୁଧବାର ଅପରାହ୍ନରେ ଚାଷୀ ଗାଡିକରି ନିଜ ନିଜ ଧାନ ଘରକୁ ବୋହି ନେଇଛନ୍ତି। ଏନେଇ କପୁଣ୍ଡି ଗ୍ରାମର ଚାଷୀ ସମିଉଦ୍ଦିନ ଅଁଶାରୀଙ୍କୁ ପଚାରିବାରୁ ଆମ ଧାନକୁ ପଶ୍ଚିମବଙ୍ଗ ବେପାରୀଙ୍କୁ ବିକ୍ରି କରିଦେଉଥିବାରୁ ଆମର ଭରଷା ତୁଟିଗଲା ବୋଲି କହିଛନ୍ତି। ଏଣୁ ଆମ ଧାନ ଆଉ ନିରାପଦରେ ନ ଥିବାରୁ ଆମେ ଆମ ଘରକୁ ନେଇଆସିଛୁ ବୋଲି କହିଥିଲେ। ଏସମ୍ପର୍କରେ ପରିଚାଳକ ଚିତ୍ତରଞ୍ଜନ ନାଏକଙ୍କୁ ପଚାରିବାରୁ ସରକାର ଧାନ କିଣା ୱେବ ସାଇଟ ବନ୍ଦ କରିଦେଇଛନ୍ତି। ଏଣେ ଆମେ ଚାଷୀଙ୍କୁ ପଇସା ଦେଇ ପାରୁ ନାହୁଁ। ଏଣୁ ଖୋଲା ବଜାରରେ ଧାନ ବିକି ଚାଷୀଙ୍କୁ ଟଙ୍କା ଦେବା ବ୍ୟବସ୍ଥା କରୁଥିଲି ବୋଲି କହିଛନ୍ତି।

# ବୀରାଙ୍ଗନା ମହାରାଣୀ ଦୁର୍ଗାବତୀଙ୍କ ବଳିଦାନ ସ୍ମୃତି ଦିବସ

**କେନ୍ଦୁଝର,୨୪।୬ (ସ୍ୱ.ପ୍ର./ଡି.ଏନ.ଏ.)**

ଗୋଁଡ ସମାଜର ଆଦର୍ଶ ବୀରାଙ୍ଗନା ମହାରାଣୀ ଦୁର୍ଗାବତୀଙ୍କର ଜିଲାସ୍ତରୀୟ ବଳିଦାନ ସ୍ମୃତି ଦିବସ ସ୍ଥାନୀୟ ପ୍ରେମଲତିକା କଳାଭବନଠାରେ ବୁଧବାର ପାଳିତ ହୋଇଯାଇଛି। କେନ୍ଦୁଝର ଜିଲା ଗୋଁଡୱାନା ଗୋଁଡ ମହାସଭା ପକ୍ଷରୁ ଏହା ପାଳିତ ହୋଇଯାଇଛି। ଏଥିସହିତ ଜିଲାର ବାଲିପୋଖରୀ ପଲ୍ଲୀ, ସାନ୍ତରାପୁର ପଲ୍ଲୀ, ତାଙ୍ଗୁଆପଶି ପଲ୍ଲୀ ଓ ପିପିଳିଆ ପଲ୍ଲୀଠାରେ ଦୁର୍ଗାବତୀଙ୍କର ବଳିଦାନ ଦିବସ ପାଳନ କରାଯାଇଛି। କେନ୍ଦୁଝର ଜିଲା ଗୋଁଡ ମହାସଭାର ସଭାପତି ଜନାର୍ଦ୍ଦନ ନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମହାରାଣୀ ଦୁର୍ଗାବତୀଙ୍କ ବଳିଦାନ ଭାରତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମହାସଭାର ଜିଲା ସାଧାରଣ ସଂପାଦକ ହରେକୃଷ୍ଣ ନାୟକ ଯୋଗଦେଇ ମୋଗଲ ଶାସକ ଆକବରଙ୍କ ସହିତ ବୀରାଙ୍ଗନା ମହାରାଣୀ ଦୁର୍ଗାବତୀଙ୍କ ମଧ୍ୟରେ ୧୫୬୪ରେ ଯୁଦ୍ଧ ହୋଇଥିଲା। ଏଥିରେ ରାଣୀ ଦୁର୍ଗାବତୀ ଆକବର ସେନାକୁ ୩ଥର ପରାସ୍ତ କରିଥିଲେ ଏବଂ ଚତୁର୍ଥ ଯୁଦ୍ଧରେ ପରାସ୍ତ ହୋଇ ନିଜର ସମ୍ମାନ ରକ୍ଷା କରିବାକୁ ଯାଇ ନିଜେ ବଳିଦାନ ଦେଇଥିଲେ। ତେଣୁ ଏହି ଦିବସକୁ ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ରୂପେ ପାଳନ କରାଯାଉଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିପୋଖରୀ ପଲ୍ଲୀ ସଭାପତି ଦୟାନିଧି ଖଣ୍ଡା, ଅନ୍ୟତମ ଅତିଥି ଭାବେ ପୂର୍ବତନ ସଂପାଦକ ଚକ୍ରଧର ନାୟକ ଯୋଗଦେଇଥିଲେ।



# ଆରଡ଼ି ପୀଠର ବିକାଶ ପାଇଁ ତତ୍ପରତା

### କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ

**ଆରଡି, ୨୪।୬(ଡି.ଏନ.ଏ.)**

ଭଦ୍ରକ ଜିଲାର ଶୈବପୀଠ ଆରଡିରେ ଉନ୍ନତିକରଣ ପାଇଁ ଜିଲା ପ୍ରଶାସନ ତଥା ମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିଲାଗି ଓଡିଶା ସରକାରଙ୍କ ତରଫରୁ ୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ପୀଠରେ ଥିବା ମନ୍ଦିର ଗର୍ଭଗୃହର ମରାମତି କାର୍ଯ୍ୟ, ମନ୍ଦିର ବେଢ଼ା ସଂପ୍ରସାରଣ ଓ ଚଟାଣ କାର୍ଯ୍ୟ, ମନ୍ଦିର ୪ ଦ୍ୱାର ସୌନ୍ଦର୍ଯ୍ୟକରଣ, ଭୋଗ ମଣ୍ଡପ ପ୍ରତିଷ୍ଠା ଆଦି କାର୍ଯ୍ୟ ଖୁବଶୀଘ୍ର କରାଯିବ ବୋଲି ଜଣାପଡିଛି। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସଂସ୍କୃତି ବିଭାଗକୁ ଅନ୍ୟ ଏଷ୍ଟିମେଟ ପଠାଯାଇ ଅର୍ଥ ମଞ୍ଜୁର କରାଯିବ ବୋଲି ପ୍ରଶାସନିକ ସ୍ତରରେ ସୂଚନା ମିଳିଛି। ପୀଠ ଉନ୍ନତିକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବବୋଲି ବୁଧବାର ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀ ସଞ୍ଜୀବ କୁମାର ଗୁରୁ, ଉପଜିଲାପାଳ ପିତାମ୍ବର ସାମଲ, ଚାନ୍ଦବାଲି ତହସିଲଦାର ସୁଶାନ୍ତ କୁମାର ସୁତାର, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପ୍ରମୁଖ ପୀଠର ବିଭିନ୍ନ ସ୍ଥାନ ବୁଲି ଦେଖିଥିଲେ।



ଅଧିକାରୀମାନେ ଆରଡ଼ି ପୀଠ ବୁଲି ଦେଖୁଛନ୍ତି।

# ଅନ୍‌ଲାଇନ୍‌ରେ ପଢ଼ି ହେବ 'ରେବତୀ'ର ସବୁସଂଖ୍ୟା

**ବାଲେଶ୍ୱର ଅଫିସ,୨୪।୬**

ବାଲେଶ୍ୱରରୁ ପ୍ରକାଶିତ ମାସିକ ଓଡ଼ିଆ ପାରିବାରିକ ଫିଚର୍ ପତ୍ରିକା 'ରେବତୀ' ଆଉ ପାଦେ ଆଗକୁ ଅଗ୍ରସର ହୋଇଛି। ଏହାର ନୂତନ ଭାବରେ ବିକଶିତ ୱେବ୍‌ସାଇଟ୍ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ରେବତୀ.ଇନ୍ ଲୋକାର୍ପିତ ହୋଇଛି। ଏହି ଉପଲକ୍ଷେ 'ରେବତୀ'ର ମୁଖ୍ୟ ମାର୍ଗଦର୍ଶକ ତଥା ପୂର୍ବତନ ଏମ୍‌ପି ଇଂ.ରବୀନ୍ଦ୍ର କୁମାର ଜେନା,'ରେବତୀ'ର ପ୍ରତିଷ୍ଠାତା ସମ୍ପାଦିକା ସୁବାସିନୀ ଜେନା ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଏହି ନୂତନ ୱେବ୍‌ସାଇଟ୍‌କୁ ପାଠକମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। 'ରେବତୀ'ର ୱେବ୍‌ସାଇଟ୍ ବିକଶିତ ହେବା ଫଳରେ ବିଶ୍ୱର ଯେକୌଣସି ସ୍ଥାନରେ ଥିବା ଆଗ୍ରହୀ ଓଡ଼ିଆଙ୍କ ହାତ ପାଖରେ ଏବେ ପହଞ୍ଚି ପାରିବ 'ରେବତୀ'। 'ରେବତୀ'କୁ ପ୍ରତ୍ୟେକଟି ପାଠକଙ୍କ ପାଖରେ ପହଞ୍ଚାଇବା ପାଇଁ ଆମେ ସମସ୍ତ ପ୍ରକାର ସୁଯୋଗ ତିଆରି କରିବୁ ବୋଲି ସମ୍ପାଦିକା ଜେନା ପ୍ରକାଶ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହାଇଲ୍ୟାଣ୍ଡ୍ ମେରାଇନ୍ ସତ୍ତ୍ୱାଧିକାରୀ ପ୍ରତୀକ ଜେନା, ରେବତୀ ମିଡ଼ିଆ ହାଉସ୍‌ର ଦୁଇ ନିର୍ଦ୍ଦେଶକ, 'ରେବତୀ'ର ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି, ବ୍ଲୁଇ ଟେକ୍ନୋଲୋଜିର ମୁଖ୍ୟ ସୂର୍ଯ୍ୟ ନାରାୟଣ ପଲ୍ଲେଇ, 'ରେବତୀ'ର ମାର୍କେଟିଂ ବିଭାଗର ସହଯୋଗୀ ରାଧାକୃଷ୍ଣ ମହାପାତ୍ର ତଥା ଅନ୍ୟ ସହଯୋଗୀମାନେ ଉପସ୍ଥିତ ଥିଲେ। ପାଠକ ଓ ବାର୍ଷିକ ଗ୍ରାହକମାନଙ୍କୁ 'ରେବତୀ'ର ଡିଜିଟାଲ୍ ସଂଖ୍ୟା ଯୋଗାଇ ଦିଆଯିବ ବୋଲି ସହଯୋଗୀ ସମ୍ପାଦକ ମହାନ୍ତି ଜଣାଇଛନ୍ତି।

# ସୁବର୍ଣ୍ଣରେଖା ବାଲି ସୈରାତ ପରିଦର୍ଶନ କଲେ ୩ ପରିବେଶବିତ୍

**ଜଳେଶ୍ୱର,୨୪।୬(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଞ୍ଚଳ ମଧ୍ୟଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ବାଲି ସୈରାତରୁ ଦୀର୍ଘ ଦିନ ହେଲା ପରିବେଶ ଆଇନ୍‌କୁ ଉଲ୍ଲଙ୍ଘନ କରି ବେଆଇନ୍ ଭାବେ ବାଲି ଉତ୍ତୋଳନ କରାଯାଉଥିବା ଭଳି ଅଭିଯୋଗ ବିଭିନ୍ନ ସମୟରେ ହୋଇ ଆସୁଛି। ଏପରିକି ବିଭିନ୍ନ ସମୟରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶ କ୍ରମେ କିଛି ନିର୍ଦ୍ଦିଷ୍ଟ ବାଲି ସୈରାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ଥିବା ଦେଖିବାକୁ ମିଳିଛି। କିନ୍ତୁ, କେତେକ ବାଲି ବ୍ୟବସାୟୀ ତଥା ମାଫିଆଙ୍କ ମୁନାଫାଖୋର ମନୋବୃତ୍ତି ଅଦ୍ୟାବଧି ପରିବର୍ତ୍ତନ ନ ହେବା ଫଳରେ ଏନ୍‌ଜିଟିରେ ଦ୍ୱାରସ୍ଥ ହୋଇଛନ୍ତି ଜନସାଧାରଣ। ଯାହାର ଫଳ ସ୍ୱରୂପ ବୁଧବାର ଏନ୍‌ଜିଟିଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ପରିବେଶ ବିଭାଗର ବୈଜ୍ଞାନିକ ଡ. ସୁରେଶ ବାବୁ, ରାଜ୍ୟ ପରିବେଶ ବିଭାଗର ବୈଜ୍ଞାନିକ ଡ. ପ୍ରଦୀପ୍ତ କୁମାର ନାୟକ, ଡ. ପ୍ରକାଶ କୁମାର ମହାପାତ୍ର, ବାଲେଶ୍ୱର ଜିଲା ଆଞ୍ଚଳିକ ପରିବେଶ ଅଧିକାରୀ ଭୀମ ଚରଣ ମାରାଣ୍ଡିଙ୍କ ସହିତ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ସ୍ଥାନୀୟ ତହସିଲଦାର କ୍ଷିରୋଦ କୁମାର ପଣ୍ଡା ପ୍ରମୁଖ ପ୍ରଶାସନିକ ଅଧିକାରୀ ତହସିଲ ଅନ୍ତର୍ଗତ ପଞ୍ଚୁଘଣ୍ଟା ମୌଜାର ରିଭର ବ୍ଲକ (କ) ଓ (ଖ) ଦୁଇଟି ବାଲି ସୈରାତ ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରି ଫେରିଥିଲେ।



ପରିବେଶବିତ୍ ଓ ଅନ୍ୟ ଅଧିକାରୀମାନେ ବାଲି ସୈରାତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

### ଗଞ୍ଜେଇ ଗଛ ଦେଖି ଜିଲାପାଳ ତାଜୁବ

ବୁଧବାର ଜିଲା ପ୍ରଶାସନଙ୍କ ସହିତ ଏନ୍‌ଜିଟିର ଟିମ୍ ଜଳେଶ୍ୱର ତହସିଲ ଅନ୍ତର୍ଗତ ରିଭରବ୍ଲକ (କ) ଓ (ଖ) ବାଲି ସୈରାତ ପରିଦର୍ଶନ କରିଥିଲେ। ଏହି ସମୟରେ ରିଭରବ୍ଲକ(କ) ସୈରାତରେ ଏକ ଗଞ୍ଜେଇଗଛକୁ ଦେଖି ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ତାଜୁବ୍ ହୋଇ ଯାଇଥିଲେ। ଏପରିକି ଉକ୍ତ ଗଛର ପତ୍ରକୁ ଧରି ଜିଲାପାଳ ପରୀକ୍ଷା କରିଥିବା ଦେଖାଯାଇଥିଲା। ଯାହାକୁ ନେଇ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଥିଲା।

## ସଂକ୍ଷେପରେ

### କ୍ଷୀର ବ୍ୟବସାୟୀ ହତ୍ୟା ଘଟଣା
### ଅଭିଯୁକ୍ତ ଗିରଫ, ସୁନା ହାତଘଣ୍ଟା ଜବତ

ବ୍ରହ୍ମପୁର ଅଫିସ,୨୪।୬-ଗୋଷାଣୀନୂଆଗାଁ ଥାନା ହିଲ୍‌ପାଟଣାର କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନୀ ହତ୍ୟା ଘଟଣାର ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ନେହୁରନଗରର ଶ୍ରୀନୁ ପାତ୍ର। ପୋଲିସ ତାଙ୍କ ନିକଟରୁ ତ୍ୟା ପରେ ଲୁଟି ନେଇଥିବା ଏକ ସୁନା ହାତ ଘଣ୍ଟା ସହ ଟଙ୍କା ଜବତ କରିଛି। ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ଶଙ୍କର ସାହୁଙ୍କୁ ଧରିବା ପାଇଁ ପୋଲିସ ଶ୍ରୀନୁଙ୍କୁ ପଚରାଉଚରା ଚଳାଇଥିବା କହିଛି। ଗୁରୁବାର ଶ୍ରୀନୁଙ୍କୁ ମାମଲା ନଂ. ୮୭/୨୦ରେ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ଲମ୍ବୋଦର ହତ୍ୟା ଓ ଲୁଟ ଘଟଣା ୧୩ ତାରିଖ ମଧ୍ୟ ରାତିରେ ଘଟିଥିବା ପୋଲିସ ସିସି ଟିଭି ଫୁଟେଜରୁ ଜାଣିବାକୁ ପାଇଥିଲା। ତଦନ୍ତ ବେଳେ ପ୍ରଥମରୁ ଲମ୍ବୋଦରଙ୍କ ଡ୍ରାଇଭର ରୂପେଶ ପାଢ଼ୀଙ୍କୁ ସନ୍ଦେହ କରି ଅଟକ ରଖିଥିଲା। ତାଙ୍କୁ ଜେରା ବେଳେ ପୁରା ଘଟଣାର ପର୍ଦ୍ଦାଫାସ କରିଥିଲା ପୋଲିସ। ୫ ଜଣ ଏହି ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ସ୍ପଷ୍ଟ କରିଥିଲା। ପୂର୍ବରୁ ପୋଲିସ ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ରୂପେଶଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ବାଲ୍ୟବିବାହ ରୋକିଲା ପ୍ରଶାସନ

ଧରାକୋଟ,୨୪।୬(ଡି.ଏନ.ଏ.)- ଧରାକୋଟ ବ୍ଲକ ଶରଧାପୁର ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ବିବାହ ବନ୍ଦ କରିଛି ପ୍ରଶାସନ। ଜୁନ୍ ୨୫ରେ ତାଙ୍କ ବିବାହ ଶେରଗଡ଼ ଅନ୍ତର୍ଗତ ପଲ୍ଲିପଦ୍ମନାଭପୁରରେ ହୋଇଥାନ୍ତା। ଖବର ପାଇ ବ୍ରହ୍ମପୁର ଚାଇଲ୍ଡ ଲାଇନ କୋଅର୍ଡିନେଟର ସାଇ ପ୍ରସାଦ ସାମଲ, କାଉନ୍‌ସିଲର ପ୍ରିୟଙ୍କା ବେହେରା, ଧରାକୋଟ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସରୋଜବାଳା ଆଚାର୍ଯ୍ୟ, ସୁପରଭାଇଜର ରାଜଲକ୍ଷ୍ମୀ ପ୍ରଧାନ, ଧରାକୋଟ ଥାନାରୁ ଏଏସ୍‌ଆଇ ସୁରେଶ ଚନ୍ଦ୍ର ପାତ୍ର, ଅଙ୍ଗନୱାଡ଼ି କର୍ମୀ ସୁଶାନ୍ତି ମଲିକ ବୁଧବାର ଶରଧାପୁରରେ ପହଞ୍ଚିଥିଲେ। ନାବାଳିକାଙ୍କ ବାପା ମା'ଙ୍କୁ ବୁଝାଶୁଝା ସହ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ନାବାଳିକାଙ୍କ ବୟସ ୧୫ ହୋଇଥିବାରୁ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ବିବାହ ନ କରାଇବାକୁ ସମସ୍ତ ଅଧିକାରୀଙ୍କ ସମ୍ମୁଖରେ ପରିବାର ବର୍ଗ କହିବା ସହ ଚୁକ୍ତିପତ୍ରରେ ବାପା ମା' ସ୍ୱାକ୍ଷର କରିଛନ୍ତି।

### ଗୋଷ୍ଠୀ ସଂଘର୍ଷ ମାମଲା: ୫୫ କୋର୍ଟ ଚାଲାଣ


ଗଞ୍ଜାମ,୨୪।୬(ଡି.ଏନ୍.ଏ.)- ରମ୍ଭା ଥାନା ଗଞ୍ଜାମ ବ୍ଲକ ଅଧିନସ୍ଥ ସାନ ରାମଚନ୍ଦ୍ରପୁର ଗ୍ରାମରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ବୁଧବାର ଉଭୟ ପକ୍ଷର ୫୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀ କହିଛନ୍ତି। ସମ୍ପୃକ୍ତ ଗ୍ରାମର ଗଚ୍ଛିତ କୋଠ ସମ୍ପତ୍ତିକୁ ନେଇ ପୁରୁଣା ଓ ନୂଆ ଗ୍ରାମ୍ୟ କମିଟି ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଏବଂ ଓଡିଆରପି ଗୃହକୁ ନେଇ ମଙ୍ଗଳବାର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏଥିରେ ୮ ଜଣ ଆହତ ହେବା ସହ ଘରେ ପଶି ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା ହୋଇଥିଲା। ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁ, ରମ୍ଭା ଥାନା ଅଧିକାରୀ ସେଠୀ ଓ ଗଞ୍ଜାମ ଥାନା ଅଧିକାରୀ ଦିଲୀପ କୁମାର ସାହୁ ୨ ପ୍ଲାଟୁନ ଫୋର୍ସ ସହ ଗାଁରେ ପହଞ୍ଚି ଉଭୟ ଗୋଷ୍ଠୀର ୫୫ ଜଣଙ୍କୁ ଥାନାକୁ ଆଣିଥିଲେ।

# ଦିନକରେ ୭୬ ନୂଆ ପଜିଟିଭ୍, ୪୯ ସୁସ୍ଥ

ଛତ୍ରପୁର,୨୪।୬(ଡି.ଏନ୍.ଏ.)

■ ଗଞ୍ଜାମରେ ୧୦୩୧ କରୋନା ସଂକ୍ରମିତ ହେଲେଣି

■ ଲକ୍ଷଣ ନ ଲୁଚାଇବା, ନିୟମ ମାନିବାକୁ ଜିଲାପାଳଙ୍କ ଅନୁରୋଧ




ଗଞ୍ଜାମ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଦିନକରେ ୭୬ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ବୁଧବାର ଜିଲାରେ ପଜିଟିଭ ସଂଖ୍ୟା ହଜାରେ ଟପିଛି। ସଂଖ୍ୟା ଏବେ ୧୦୩୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ବୁଧବାର ୪୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେମାନଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ଏ ପର୍ଯ୍ୟନ୍ତ ମୋଟ ୭୨୯ ଜଣ ସୁସ୍ଥ ହୋଇଥିବା ବେଳେ ୮ ଜଣଙ୍କ ମୃତ୍ୟୁ ଘଟିଛି। ୨୯୪ ଜଣ ବିଭିନ୍ନ କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ନୂଆ ଚିହ୍ନଟ ହୋଇଥିବା ୭୬ ପଜିଟିଭଙ୍କ ମଧ୍ୟରେ ୧୪ ଜଣ କରୋନା ଯୋଦ୍ଧା ରହିଛନ୍ତି। ବୁଗୁଡ଼ା, ଖଲ୍ଲିକୋଟ, ସୋରଡ଼ା ଓ ପୋଲସରାରୁ ଜଣେ ଲେଖାଏ, ବ୍ରହ୍ମପୁର ମହାନଗର ନିଗମରୁ ୬, କୁକୁଡାଖଣ୍ଡିରୁ ୪ କରୋନା ଯୋଦ୍ଧା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ସେହିପରି ୬ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ରହିଛି । ଏମାନେ ସୁରଟ, ମୁମ୍ବାଇ, ଦିଲ୍ଲୀ ଓ ସାଉଦି ଆରବରୁ ଫେରିଥିଲେ। ସେଥିମଧ୍ୟରେ ଗଞ୍ଜାମରୁ ୨, ବେଲଗୁଣ୍ଠା, ଛତ୍ରପୁର, ଖଲ୍ଲିକୋଟ ଓ ପାତ୍ରପୁରରୁ ଜଣେ ଲେଖାଏ ଅଛନ୍ତି। ସେହିପରି ୫୬ ଜଣ ଅନ୍ୟ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଆସିକା, ଗଞ୍ଜାମ, ରଙ୍ଗେଇଲୁଣ୍ଡାରୁ ୩ ଜଣ ଲେଖାଏ, ବେଲଗୁଣ୍ଠା ଓ ଭଞ୍ଜନଗରରୁ ୨ ଜଣ ଲେଖାଏ, ବ୍ରହ୍ମପୁର ମହାନଗର ନିଗମରୁ ୧୧, ଚିକିଟି ଓ କୋଦଳାରୁ ୬ ଲେଖାଏ, କବିସୂର୍ଯ୍ୟନଗର ଓ ପାତ୍ରପୁରରୁ ୪ ଜଣ ଲେଖାଏ, କୁକୁଡାଖଣ୍ଡିରୁ ୫, ଧରାକୋଟ, ହିଞ୍ଜିଳି, ଖଲ୍ଲିକୋଟ, ପୋଲସରା, ସାନଖେମୁଣ୍ଡି, ସୋରଡ଼ାରୁ ଜଣେ ଲେଖାଏ ଓ ଅନ୍ୟ ସ୍ଥାନର ଜଣେ ଅଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସମସ୍ତ ପଜିଟିଭଙ୍କ କଣ୍ଟାକ୍ଟ ଟ୍ରେସିଙ୍ଗ ଚାଲିଥିବା ଜିଲାପାଳ କହିଛନ୍ତି। ଏଥିସହ କାହାରି କରୋନା ଲକ୍ଷଣ ଦେଖାଦେଲେ ଓ ପଜିଟିଭଙ୍କ କଣ୍ଟାକ୍ଟରେ ଆସିଥିଲେ ନ ଲୁଚାଇ ଆଶା କର୍ମୀ ଓ ଏଏନଏମଙ୍କୁ ଜଣାଇବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା ବାରମ୍ବାର ହାତ ଧୋଇବା, ଘରେ ରହିବା ଓ କରୋନା ସଂକ୍ରମଣକୁ ରୋକିବା, ବରିଷ୍ଠ ନାଗରିକ ଓ ଶିଶୁଙ୍କ ଯତ୍ନ ନେବା ସହ କୋଭିଡ ଓ ଲକଡାଉନ ନିୟମ ମାନିବାକୁ ଜନସାଧାରଣଙ୍କୁ ଜିଲାପାଳ ଅନୁରୋଧ କରିଛନ୍ତି ।

## ବ୍ରହ୍ମପୁର ଲକ୍‌ଡାଉନ୍ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ବ୍ରହ୍ମପୁର ଅଫିସ,୨୪।୬

ଗଞ୍ଜାମ ଜିଲାରେ ଦିନକୁ ଦିନ ସଙ୍ଗୀନ ହେଉଛି କରୋନା ସ୍ଥିତି । ଏହାକୁ ଦୃଷ୍ଟିରେ ରଖି ଜୁନ ୩୦ ପର୍ଯ୍ୟନ୍ତ ଗଞ୍ଜାମ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି । ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ବ୍ରହ୍ମପୁରରେ ଲକ୍‌ଡାଉନ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅର୍ଣ୍ଣପୂର୍ଣ୍ଣାମାର୍କେଟ ସମେତ ବିଭିନ୍ନ ମାର୍କେଟ ବୁଲିବା ସହ ତେଜରାତି, ଫଳ, ପନିପରିବା ଓ ଘର ନିର୍ମାଣ ସମାଗ୍ରୀ ଦୋକାନ ବ୍ୟତିତ ଖୋଲାଥିବା ଅନ୍ୟାନ୍ୟ ଦୋକାନୀଙ୍କୁ ତାଗିଦ କରିଥିବା ଜଣାପଡିଛି।

ଲକ୍‌ଡାଉନ୍‌ନିୟମ ପ୍ରକାରେ ସକାଳ ୭ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ କେବଳ ତେଜରାତି, ପରିବା, ଫଳ ଓ ଘର ନିର୍ମାଣ ସାମଗ୍ରୀ ଦୋକାନ ବ୍ୟତିତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବାକୁ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ ବ୍ରହ୍ମପୁରରେ ସକାଳ ସମୟରେ ମାର୍କେଟ ଅଞ୍ଚଳରେ ଗାର୍ମେଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ ଦୋକାନ ଖୋଲା ରହୁଥିବା ନେଇ ଅଭିଯୋଗ ହେଉଛି।


ଜିଲାପାଳ, ଉପଜିଲାପାଳ, କମିଶନର ଲକ୍‌ଡାଉନ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ପ୍ରୋତ୍ସାହନ ରାଶି ଦାବିରେ ପ୍ରବାସୀଙ୍କ ରାସ୍ତାରୋକୋ

ବୁଗୁଡ଼ା,୨୪।୬(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ବିରଞ୍ଚିପୁର ପଞ୍ଚାୟତର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଅବଧି ପୂରଣ କରି ଫେରିଥିବା ପ୍ରବାସୀମାନଙ୍କୁ ଏପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି (୨ହଜାର ଟଙ୍କା) ମିଳିନାହିଁ। ଶୀଘ୍ର ଉକ୍ତ ଅର୍ଥ ପ୍ରଦାନ ଦାବି କରି ବୁଧବାର ପ୍ରବାସୀମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ରାସ୍ତାରୋକୋ କରିଛନ୍ତି। ତହସିଲଦାର ସଂଗ୍ରାମ କେଶରୀ ଜେନା ପହଞ୍ଚି ବୁଝାଶୁଝା କରିବା ସହ ଆସନ୍ତା ବୁଧବାର ସୁଦ୍ଧା ଅର୍ଥ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।

## କନ୍ଧମାଳରେ ଆଉ ୧୭ ଚିହ୍ନଟ

ଫୁଲବାଣୀ ଅଫିସ, ୨୪।୬

**ପଜିଟିଭ୍‌ଙ୍କ ସଂଖ୍ୟା ୧୭୬**

କନ୍ଧମାଳ ଜିଲାରେ ଆଉ ୧୭ ଜଣ କରୋନାରେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବୁଧବାର ସୂଚନା ମିଳିଛି। ଫଳରେ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୭୬ରେ ପହଞ୍ଚିଛି । ନୂଆ ଚିହ୍ନଟ ସଂକ୍ରମିତମାନେ ପୁରୁଷ । ବୟସ ୧୭ରୁ ୨୬ ମଧ୍ୟରେ। ସେମାନଙ୍କ ମଧ୍ୟରୁ ୧୫ ଜଣ ତାମିଲନାଡୁ ଏବଂ ୨ ଜଣ କେରଳରୁ ଫେରି ବଡଗାଁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସ)ରେ ଥିଲେ । ସ୍ୱାବ ରିପୋର୍ଟ ପଜିଟିଭ ଆସିବା ପରେ ସମସ୍ତଙ୍କୁ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଲାରେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୪୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବାକି ଚିକିତ୍ସାଧୀନ ଅଛନ୍ତି। କରୋନା ନେଇ କେହି ଭୟଭୀତ ହେବାର ନାହିଁ । କୋଭିଡ-୧୯ ନିୟମକୁ ସମସ୍ତେ ଅନୁପାଳନ କରିବା ଜରୁରୀ । ଅତି ଆବଶ୍ୟକ ନ ହେଲେ ଘରୁ ନ ବାହାରିବା, ଜରୁରୀ କାମରେ ଗଲା ବେଳେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା, ସାବୁନରେ ହାତ ଧୋଇବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ସ୍ତ୍ରୀଙ୍କୁ ମାଡ଼ ମାରିବା ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୨୪।୬(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୈଁଠା ପଞ୍ଚାୟତ ଓଡ଼ାସିଙ୍ଗି ଗ୍ରାମ ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଘରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଦିଗପହଣ୍ଡି ପୋଲିସ ବୁଧବାର ଜବତ କରିଛି। ସେ ହେଲେ କେ. କୋରା ରେଡ୍ଡୀ। ନଂ.୮/୨୦ରେ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କୋରାଙ୍କ ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି।

ସମ୍ପତ୍ତି ଭାଗବଣ୍ଟାକୁ ନେଇ ଦୀର୍ଘଦିନ ହେଲା କୋରା ଓ ତାଙ୍କ ସ୍ତ୍ରୀ ଜାନକୀଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଏନେଇ ଜାନକୀ ଘରଛାଡି ସୁରଟରେ ପୁଅ ମାନଙ୍କ ପାଖରେ ରହୁଥିଲେ। ଲକ୍‌ଡାଉନ୍ ପରେ ସମସ୍ତେ ଘରକୁ ଫେରିଥିଲେ। ଗାଁରେ ଥିବା ୨ଟି ଘର ବିକ୍ରି କରି ଦିଗପହଣ୍ଡି କିମ୍ବା ବ୍ରହ୍ମପୁରରେ ଘର କିଣି ରହିବାକୁ ମା' ଓ ପୁଅ ଚାହୁଁଥିବାବେଳେ କୋରା ରାଜି ହେଉନଥିଲେ। ମଙ୍ଗଳବାର ସନ୍ଧ୍ୟାରେ ୨ ଭାଇ ଦିଗପହଣ୍ଡିସ୍ଥିତ ଭଉଣୀ ଘରକୁ ଯାଇଥିଲେ। ବୁଧବାର ଭୋରରେ ଘର ବିକ୍ରି କରିବାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କୋରା ସ୍ତ୍ରୀଙ୍କୁ ମାଡମାରି ଲହୁଲୁହାଣ କରିବା ପରେ ସେ ସଂଜ୍ଞାହୀନ ହୋଇ ପଡିଥିଲେ। ସକାଳ ପ୍ରାୟ ୬ ଟାରେ ସ୍ତ୍ରୀଙ୍କ ଚେତା ଫେରିବା ପରେ ସେ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ଏନେଇ ଦିଗପହଣ୍ଡିରେ ରହୁଥିବା ଝିଅଙ୍କୁ ଫୋନ୍ କରିବା ପରେ ଝିଅ ଓ ପୁଅ ଘରେ ପହଞ୍ଚିଥିଲେ। ପୁଅ ଦିଗାମ୍ବର ଥାନାରେ ଏତଲା ଦେଇଛନ୍ତି। ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରି କୋରା ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମାତ୍ର ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଆଲୋଚନା ହେଉଛି।

# ସାପ୍ତାହିକ ରବିବାର ଘରେ ରହିବେ ଅଧିକାରୀ, କର୍ମଚାରୀ

ଛତ୍ରପୁର,୨୪।୬(ଡି.ଏନ.ଏ .)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଭିଡିଓ କନଫରେନ୍ସ ଜରିଆରେ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ କୋଭିଡ-୧୯ ଜନିତ ଦେଖାଯାଉଥିବା ସମସ୍ୟା କିପରି ସମାଧାନ ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲାରେ କାର୍ଯ୍ୟରତ ଅଧିକାରୀମାନେ ସଂକ୍ରମିତ ହେଉଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ। ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟ ସମ୍ପାଦନ ସମୟରେ ସତର୍କତା ଅବଲମ୍ବନ ନ କଲେ ଅନେକ ସମସ୍ୟା ଦେଖାଦେବ। ତେଣୁ କାର୍ଯ୍ୟବେଳେ ସତର୍କତା ଅବଲମ୍ବନକୁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବୁଧବାରଠାରୁ ୧୦ ଦିନ ପର୍ଯ୍ୟନ୍ତ ସାଧାରଣ ଲୋକ କୌଣସି କାର୍ଯ୍ୟାଳୟ ଯିବାକୁ ବାରଣ କରାଯାଇଛି। ଆଗାମୀ ଦିନରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସାପ୍ତାହିକ ଛୁଟି ଦିବସ ରବିବାର ନିଜ ଘରେ ପରିବାର ସହ ରହି ବିଶ୍ରାମ ନେବେ । ଅତି ଜରୁରୀ ନ ହେଲେ ସରକାରୀ କାର୍ଯ୍ୟ ନିମନ୍ତେ ଡକାଯିବ ନାହିଁ।

ଅନ୍ୟପକ୍ଷରେ ଜିଲାରେ ଚିହ୍ନଟ ହେଉଥିବା ପଜିଟିଭମାନଙ୍କ କଣ୍ଟାକ୍ଟ ଟ୍ରେସିଂ ସହିତ ପଡୋଶୀଙ୍କ ତଥ୍ୟ ସଂଗ୍ରହ ଓ ସେମାନଙ୍କ ଠାରେ ଦେଖାଯାଉଥିବା ଲକ୍ଷଣ ପ୍ରତି ନଜର ରଖିବାକୁ କୁହାଯାଇଛି। କାହାରିଠାରେ କରୋନା ଲକ୍ଷଣ ଦେଖାଦେଲେ ତାଙ୍କୁ କୋଭିଡ କେୟାର ହୋମରେ ଏକାନ୍ତ ରଖାଯିବ। ଗ୍ରାମପଞ୍ଚାୟତ ସ୍ତରରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରପଞ୍ଚମାନେ ସେମାନଙ୍କ ଅଞ୍ଚଳକୁ ଗ୍ରୀନ ଜୋନ କରିବାପାଇଁ ପ୍ରଚେଷ୍ଟା କରିବା ସକାଶେ ପ୍ରବର୍ତ୍ତାଇବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ କୁହାଯାଇଛି।

## ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ଆସିକା,୨୪।୬(ଡି.ଏନ୍.ଏ)

ଗାଙ୍ଗପୁର ଥାନା ଇଲାକାରେ ଜଣେ ଅନୁସୂଚିତ ବର୍ଗର ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଅଟକ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫ କରିଛି । ସେ ହେଲେ ଦୁଃଖୀଶ୍ୟାମ ସ୍ୱାଇଁ । ତାଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ କହିଛନ୍ତି। ଭଞ୍ଜନଗର ଉପଖଣ୍ଡ ପୋଲିସ ଅଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ର ଏହି ମାମଲାର ତଦନ୍ତ ଚଳାଇଛନ୍ତି।

# ସାନଖେମୁଣ୍ଡି ବ୍ଲକର ୪ ଗ୍ରାମ କଣ୍ଟେନ୍‌ମେଣ୍ଟ ଜୋନ୍

ପାଟପୁର,୨୪।୬

**ବଫର ଜୋନ୍ ଘୋଷଣା ହେଲା ୫ ଗ୍ରାମ**

ଗଞ୍ଜାମ ଜିଲା ପ୍ରଶାସନ ମଙ୍ଗଳବାର ସାନଖେମୁଣ୍ଡି ବ୍ଲକର ୪ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଓ ୫ ଗ୍ରାମକୁ ବଫର ଜୋନ ଘୋଷଣା କରିଛି। କଙ୍କୋରଡା, କଉଡିଆ, ଆଡ଼ପଡା, ପେଣ୍ଟୁରଲୁଣ୍ଡି ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ ଓ ଗମ୍ଭାରୀଗୁଡା, ବଉଳଘାଇ, ଲେଙ୍କାଖାଲି, କରାଖଣ୍ଡି, ଖଲିଙ୍ଗି ଗ୍ରାମକୁ ବଫର ଜୋନ୍ ଘୋଷଣା କରାଯାଇଛି।

କଙ୍କୋରଡା ଠାରେ ଜଣେ ଚା' ଦୋକାନୀଙ୍କ ସହ ପରିବାରର ୪ ଜଣ, ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୬ ଜଣ, ଆଡ଼ପଡା ଗ୍ରାମରେ ୨ ଜଣ, କଉଡିଆ ପଞ୍ଚାୟତର ୨ ଜଣ କରୋନା ପଜିଟିଭ ଚିହ୍ନଟ ପରେ ଅଞ୍ଚଳରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ଦେଖା ଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଅଞ୍ଚଳଗୁଡିକୁ କଣ୍ଟେନମେଣ୍ଟ ଓ ବଫର ଜୋନ ଘୋଷଣା କରିଛନ୍ତି। ସାନଖେମୁଣ୍ଡି ବଡିଓ ଗାୟତ୍ରୀଦତ୍ତ ନାୟକ, ପାଟପୁର ଥାନା ଅଧିକାରୀ ଅଜୟ କୁମାର ବାରିକ୍, ହିଞ୍ଜିଳି ପୋଲିସ ଓ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ କଣ୍ଟେନମେଣ୍ଟ ଜୋନ୍‌ର ପ୍ରବେଶ ପଥ ସିଲ୍ କରାଯାଇଛି।

ଏହି ଅଞ୍ଚଳର ଲୋକଙ୍କୁ ଜରୁରୀ ଔଷଧ ଓ ଗ୍ରସେରି ଯୋଗାଇ ଦେବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସାନଖେମୁଣ୍ଡି ବିଡିଓ ଗାୟତ୍ରୀଦତ୍ତ ନାୟକ ଓ ସିଡିପିଓଙ୍କୁ ସମସ୍ତ କାର୍ଯ୍ୟର ମନିଟରିଂ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### କଣ୍ଟେନମେଣ୍ଟ ଜୋନ୍ ହେଲା ଜିରାଙ୍ଗ

ଆର.ଉଦୟଗିରି,୨୪।୬(ଡି.ଏନ.ଏ.)

ଶବରପଲ୍ଲୀ ପଞ୍ଚାୟତର ଜିରାଙ୍ଗ ଗ୍ରାମକୁ ମଙ୍ଗଳବାର ସନ୍ଧ୍ୟାରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛି ପ୍ରଶାସନ। ଜଣେ ଯୋଗାଣ ସହାୟକ କରୋନା ସଂକ୍ରମିତ ହେବା ପରେ ଏହିଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଆର.ଉଦୟଗିରି ତହସିଲଦାର ସ୍ମିତିରଞ୍ଜନ ଶତପଥୀ କହିଛନ୍ତି। ସେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିବା ସହ ଦୋକାନ, ବଜାର ବୁଲିଥିବା ଓ ଚାଉଳ ବଣ୍ଟନ କରିଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ ଏପରି ନିଷ୍ପତ୍ତି ନିଆଯାଇଛି। ଗ୍ରାମର ପ୍ରବେଶ୍ ପଥକୁ ସିଲ୍ କରାଯାଇଛି। ପ୍ରଶାସନ ତରଫରୁ ଅତ୍ୟାବଶ୍ୟକ ସାମଗ୍ରୀ ଲୋକଙ୍କ ନିକଟରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି। ସେହିପରି ଜିରାଙ୍ଗ, ଅଞ୍ଜାରସାହି ଓ ପୁଷ୍ପାଙ୍ଗ ଛକରେ ପଞ୍ଚାୟତ ପକ୍ଷରୁ ସିଲ୍ କରାଯାଇଛି।

ଆର.ଉଦୟଗିରି ଆଇଆଇସି ମମତା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ତହସିଲଦାର ଶତପଥୀ ଓ ବିଡିଓ ପ୍ରଦୀପ କୁମାର ନାୟକ ତଦାରଖ କରୁଛନ୍ତି। ଆର୍.ଉଦୟଗିରି ବ୍ଲକ କାର୍ଯ୍ୟାଳୟକୁ ସେ ଯାଇଥିବାରୁ ଏହାକୁ ସାନିଟାଇଜ୍ କରାଯାଇଛି। କଣ୍ଟେନମେଣ୍ଟ ଜୋନ୍‌ର ସମସ୍ତ ଲୋକଙ୍କ ସ୍କ୍ରିନିଂ କରିବା ସହ ଲକ୍ଷଣ ଜଣାପଡ଼ିଲେ ସ୍ୱାବ୍ ସଂଗ୍ରହ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଦୁର୍ଦ୍ଦାନ୍ତ କୈଳାସଙ୍କ ନାମରେ ଲାଗିଲା ଏନ୍‌ଏସ୍‌ଏ

ବ୍ରହ୍ମପୁର ଅଫିସ,୨୪।୬


କୈଳାସ ଘଡ଼େଇ ।

ଗଞ୍ଜାମ ଜିଲାର ଅନ୍ୟତମ ଦୁର୍ଦ୍ଦାନ୍ତ ଅପରାଧୀ ତଥା ବଡବଜାର ଥାନା ଅନ୍ତର୍ଗତ ସିତାଡ଼ିମ୍ବିରା ସାହିର କୈଳାସ ଘଡେଇଙ୍କ ନାଁରେ ଜାତୀୟ ନିରାପତ୍ତା ଆଇନ (ଏନଏସ୍‌ଏ) ଲାଗିଛି। କୈଳାସଙ୍କ ନାମରେ ୨୦ ରୁ ଊର୍ଦ୍ଧ୍ୱ ହତ୍ୟା, ଡକାୟତି ଭଳି ସଙ୍ଗୀନ ମାମଲା ରହିଛି। ସେହିପରି ହତ୍ୟା ମାମଲା ଭଳି ୩ ମାମଲାରେ ସେ ସଜା କାଟିଛନ୍ତି। କିଛିଦିନ ତଳେ ସିତାଡିମ୍ବିରା ସାହିରେ ଏକ ବୋମାମାଡ ଘଟଣାରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ଏଣୁ ପୋଲିସ ପକ୍ଷରୁ କୈଳାସଙ୍କ ବିରୋଧରେ ଏନ୍‌ଏସ୍‌ଏ ଲଗାଇବା ପାଇଁ ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ତାହାକୁ ମଞ୍ଜୁର କରିଛନ୍ତି ବୋଲି ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ଜିଲାପାଳଙ୍କ ମଞ୍ଜୁରୀ ମିଳିବା ପରେ ପୋଲିସ ଏନେଇ ବ୍ରହ୍ମପୁର ମଣ୍ଡଳ କାରାଗାର କାରାପାଳଙ୍କୁ ଚିଠିରେ ଜଣାଇଛନ୍ତି।

ସୂଚନାଯୋଗ୍ୟ, କୈଳାସ ଘଡେଇ ତାଙ୍କ ଆପରାଧିକ କାର୍ଯ୍ୟକଳାପ ୧୯୯୨ରୁ ଆରମ୍ଭ କରିଥିଲେ। ସେ ଏକାଧିକ ସଙ୍ଗୀନ ମାମଲାରେ ସମ୍ପୃକ୍ତ ଥିବା ବେଳେ ମେରେ ସିତାଡିମ୍ବିରା ସାହିରେ ବୋମାମାଡ କରିବା ସହ ଆତଙ୍କ ଖେଳାଇଥିଲେ। ବଡବଜାର ପୋଲିସ ମାମଲା ନଂ.୧୧୪/୨୦ରେ ମେ ୨୦ରେ କୈଳାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୈଳାସ ସେହିଦିନଠାରୁ ମଣ୍ଡଳ କାରାଗାରରେ ରହିଥିବା ବେଳେ ଏବେ ତାଙ୍କ ବିରୋଧରେ ଏନ୍‌ଏସ୍‌ଏ ଲାଗିଛି। ଫଳରେ ସେ ଜେଲରୁ ମୁକୁଳିବା ଏବେ ସମ୍ଭବ ନୁହେଁ।

# ଶହୀଦ ଚନ୍ଦ୍ରକାନ୍ତଙ୍କ ସ୍ମୃତିରେ ଶୋକସଭା

ରାଇକିଆ,୨୪।୬(ଡି.ଏନ.ଏ)

ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ଶହୀଦ ହୋଇଥିବା କନ୍ଧମାଳ ଜିଲା ରାଇକିଆ ବ୍ଲକ ବିଅରପାଙ୍ଗା ଗ୍ରାମର ଚନ୍ଦ୍ରକାନ୍ତ ପ୍ରଧାନଙ୍କ ସ୍ମୃତିରେ ଶୋକ ସଭା (ଆଦିବାସୀ ସଂସ୍କୃତିରେ ମାଡ଼ା) ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଶହୀଦଙ୍କ ବାସଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଇକିଆ ସମେତ ଅନ୍ୟାନ୍ୟ ଅଞ୍ଚଳର ଲୋକ ବହୁ ସଂଖ୍ୟାରେ ଆସି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଘର ସାମ୍ନାରେ ଚନ୍ଦ୍ରକାନ୍ତଙ୍କ ଫଟୋ ଚିତ୍ର ରଖି ମାଲ୍ୟାର୍ପଣ କରାଯାଇଥିଲା। ଲୋକ ସମାଗମକୁ ଦୃଷ୍ଟିରେ ରଖି ଗ୍ରାମବାସୀଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସାମାଜିକ ଦୂରତ୍ୱ ରକ୍ଷା ସହ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଇଥିଲା । ଗାଁ ପ୍ରତି ଚନ୍ଦ୍ରକାନ୍ତଙ୍କ ରହିଥିବା ଅବଦାନକୁ ଗ୍ରାମବାସୀ ମନେ ପକାଇବା ସହ ତାଙ୍କ ସ୍ମୃତିରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାପାଇଁ କହିଥିଲେ। ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ସାମିଲ ହୋଇ ଶୋକ ସନ୍ତପ୍ତ ପରିବାରକୁ ଆଶ୍ୱାସନା ଦେବା ସହ ରାଇକିଆ ବସଷ୍ଟାଣ୍ଡକୁ ଶହୀଦ ଚନ୍ଦ୍ରକାନ୍ତଙ୍କ ନାମରେ ନାମିତ କରିବା ପାଇଁ ପଦକ୍ଷେପ ନେବା ଓ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ରାଇକିଆ ନାଗରିକ ମଞ୍ଚ ସଭାପତି ସୁଶାନ୍ତ କୁମାର ଜେନା ମଞ୍ଚ ତରଫରୁ ଚନ୍ଦ୍ରକାନ୍ତଙ୍କ ପରିବାରକୁ ମାନପତ୍ର ପ୍ରଦାନ କରିଥିଲେ। ଏଥିସହ ତୁରନ୍ତ ପ୍ରତିମୂର୍ତ୍ତି ନିର୍ମାଣ ଓ ବିଅରପାଙ୍ଗା ଗ୍ରାମବାସୀଙ୍କ ପାଇଁ ଏକ କମ୍ୟୁନିଟି ହଲ୍ ନିର୍ମାଣ ନିମନ୍ତେ ପୂର୍ବରୁ ଚନ୍ଦ୍ରକାନ୍ତ ଉଦ୍ୟମ କରିଥିବାରୁ ଉକ୍ତ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନିଆଯାଉ ବୋଲି ସେ କହିଥିଲେ । ଏମ୍‌ପି ପ୍ରତିନିଧି ଟୁକୁନା ପାଣିଗ୍ରାହୀ ଯୋଗଦେଇ ଏମପିଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ସହାୟତା ପ୍ରଦାନ କରିଥିଲେ ।


ନାଗରିକ ମଞ୍ଚ ତରଫରୁ ଚନ୍ଦ୍ରକାନ୍ତଙ୍କ ପରିବାରକୁ ମାନପତ୍ର ପ୍ରଦାନ କରାଯାଉଛି ।

## ମେଡ଼ିକାଲରେ ଆଶା କର୍ମୀଙ୍କୁ ବିରୋଧ

ଭଞ୍ଜନଗର,୨୪।୬(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲକୁ ବିଭିନ୍ନ କାମରେ ଆସୁଥିବା ଆଶା କର୍ମୀଙ୍କୁ ମେଡ଼ିକାଲ ଭିତରେ ବେଶି ସମୟ ରହିବାକୁ ବିରୋଧ କରାଯାଉଛି। ଯାହାକୁ ନେଇ ଆଶା କର୍ମୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ସେମାନେ ବୁଧବାର ଏକାଠି ହୋଇ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗର୍ଭବତୀ ଓ ଶିଶୁଙ୍କ ସହ ସହାୟତା ପାଇଁ ଆମେ ମେଡ଼ିକାଲ ଆସୁଛୁ। ଆମକୁ ଆଉଟଡ଼ୋର ଏବଂ ପ୍ରସୂତି ୱାର୍ଡ଼କୁ ଯିବାକୁ ପଡୁଛି। କିନ୍ତୁ ମେଡ଼ିକାଲ କର୍ତ୍ତୃପକ୍ଷ ଆମକୁ ସିକ୍ୟୁରିଟି ଗାର୍ଡ଼ ଲଗାଇ ବାହାରକୁ ବାହାର କରି ଦେଉଛନ୍ତି। ଏହାର ବିଚାର କରି ନ୍ୟାୟ ପ୍ରଦାନ ପାଇଁ ଆଶାକର୍ମୀ ମାନେ ଦାବି କରିଛନ୍ତି। ଅପରପକ୍ଷେ ଏନେଇ ମେଡ଼ିକାଲ ଅଧୀକ୍ଷକ ଡ଼. ସୀତାଂଶୁ ଶେଖର ଶତପଥୀ କହିଛନ୍ତି, ମେଡ଼ିକାଲ ଭିତରେ ଅନାବଶ୍ୟକ ଭିଡ଼ ପାଇଁ ବାରଣ କରାଯାଇଛି। ତେଣୁ ଆଶା କର୍ମୀମାନଙ୍କୁ କାମ ସରିଲେ ବାହାରେ ରହିବାକୁ ପରାମର୍ଶ ଦିଆଯାଉଛି।

# ଏସ୍‌ଏଚ୍‌ଜିଙ୍କଠାରୁ କିସ୍ତି ଆଦାୟ କରୁଛି ଫାଇନାନ୍ସ କମ୍ପାନୀ



ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି ।

ବ୍ରହ୍ମପୁର ଅଫିସ,୨୪।୬

■ ଫାଇନାନ୍ସ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

■ ଭାରତୀୟ ବିକାଶ ପରିଷଦର ବିକ୍ଷୋଭ

■ ଆର୍‌ଡିସିଙ୍କୁ ଦାବିପତ୍ର

ରିଜର୍ଭବ୍ୟାଙ୍କ ଅଫ ଇଣ୍ଡିଆ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଫାଇନାନ୍ସ କମ୍ପାନୀଗୁଡିକର ଲୋନ୍ କିସ୍ତି ଅଦାୟ ଛାଡ କରିବାକୁ ଘୋଷଣା କରିଛନ୍ତି। ସେହିପରି ଓଡିଶା ହାଉକୋର୍ଟ ମଧ୍ୟ ସମସ୍ତ ଫାଇନନ୍ସ କମ୍ପାନୀଗୁଡିକୁ ଜୁଲାଇ ୧୫ ପର୍ଯ୍ୟନ୍ତ କିସ୍ତି ଆଦାୟ ଉପରେ କଟକଣା ଜାରି କରିଛନ୍ତି। ଏହାସତ୍ତ୍ୱେ ଓଡିଶାର ୩୦ରୁ ଊର୍ଦ୍ଧ୍ୱ ଫାଇନାନ୍ସ କମ୍ପାନୀ ଲୋନ କିସ୍ତି ମହିଳା ସ୍ୱୟଂସହାୟକ ଗୋଷ୍ଠୀ(ଏସଏଚଜି)ଙ୍କଠାରୁ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ଆରଡିସିଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାପତିଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ରାଜେନ୍ଦ୍ର ପଣ୍ଡା ଓ ମନୋଜ ବିଷୋୟୀଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦ ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ ।

**ବିଶୃଙ୍ଖଳିତ ଆଚରଣ ଯୋଗୁ ଫାର୍ମାସିଷ୍ଟ ନିଲମ୍ବିତ**

ଝାରସୁଗୁଡ଼ା ଅଫିସ,୨୪।୬: ବିଶୃଙ୍ଖଳିତ ଆଚରଣ ଓ କର୍ତ୍ତବ୍ୟରେ ଅବହେଳା ପାଇଁ କିର୍ମିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବାଗଡିହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଶାନ୍ତନୁ ଜୟପୁରିଆଙ୍କୁ ନିଲମ୍ବନ କରାଯାଇଛି । ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଆଦେଶ ସଂଖ୍ୟା ୫୮୨୭ (୨୩।୦୬।୨୦୨୦)ରେ ଜୟପୁରିଆଙ୍କୁ ନିଲମ୍ବିତ କରାଯାଇଛି ।

## ସଂକ୍ଷେପରେ

### ଝାରସୁଗୁଡ଼ା ବିମାନ ବନ୍ଦରରେ ନୂଆ ନିର୍ଦ୍ଦେଶକ



**ଝାରସୁଗୁଡ଼ା ଅଫିସ, ୨୪।୬:** ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରର ନୂତନ ନିର୍ଦ୍ଦେଶକ ଭାବେ କିଶୋର କୁମାର ସେନାପତି ଗତ ୨୩ ତାରିଖରେ ଦାୟିତ୍ୱ ନେଇଛନ୍ତି । ଏମ. କରୁଣାକରନ ପୂର୍ବରୁ ଏହି ପଦବୀର ଭାରପ୍ରାପ୍ତ ଦାୟିତ୍ୱରେ ଥିଲେ । ଦାୟିତ୍ୱ ନେବା ପରେ ସେନାପତି କହିଛନ୍ତି, ମେଘୁଆ ପାଗ ସମୟରେ ବିମାନଗୁଡିକ ଉଡାଣ ଓ ଅବତରଣ ପାଇଁ ହେଉଥିବା ସମସ୍ୟାର ନିରାକରଣ ପାଇଁ ପଦକ୍ଷେପ ନିଆଯିବ। ବିମାନ ସଂଖ୍ୟା ବୃଦ୍ଧି କରାଯିବା ସହ ଅନ୍ୟ ସ୍ଥାନଗୁଡିକୁ ସଂଯୋଗ କରିବା ପାଇଁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି ।

### ବଲାଙ୍ଗୀରରେ ୧୫୪ ଛୁଇଁଲା କରୋନା ସଂକ୍ରମଣ

**ବଲାଙ୍ଗୀର ଅଫିସ, ୨୪।୬:** ବଲାଙ୍ଗୀର ଜିଲାରେ ମଙ୍ଗଳବାର ସୁଦ୍ଧା ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ଫଳରେ ଜିଲାର ସଂକ୍ରମିତ ସଂଖ୍ୟା ୧୫୪କୁ ବୃଦ୍ଧି ପାଇଛି। ସଂକ୍ରମିତ ଜଣକ ପାଟଣାଗଡ ବ୍ଲକ୍‌ର ବାଲିପଟା ପଞ୍ଚାୟତର ବୋଲି ଜଣାପଡିଛି। ଏହି ସଂକ୍ରମିତ ଜଣକ ତାମିଲନାଡୁରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ତାଙ୍କର ସ୍ୱାବ୍ ପରୀକ୍ଷା ପଜିଟିଭ ଆସିବା ପରେ ସେ କରୋନା ସଂକ୍ରମିତ ବୋଲି ଜଣାପଡିଥିଲା। ଏବେ ଜିଲାରେ ସୁସ୍ଥଙ୍କ ସଂଖ୍ୟା ୧୪୩କୁ ବୃଦ୍ଧି ପାଇଥିବାବେଳେ ମାତ୍ର ୧୧ ଜଣ ସଂକ୍ରମିତ ସ୍ରକିୟ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଝାରସୁଗୁଡ଼ାରେ ପୁଣି ୨୩ କରୋନା ପଜିଟିଭ୍

**ଝାରସୁଗୁଡ଼ା ଅଫିସ,୨୪।୬:** ଝାରସୁଗୁଡ଼ା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ବୁଧବାର ପୁଣି ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଉପରୋକ୍ତ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ରୋଗୀଙ୍କ ସଂଖ୍ୟା ୭୨ରେ ପହଞ୍ଚିଛି । ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧରେ ବ୍ରଜରାଜନଗରରେ ୧୬, ବେଲପାହାଡ଼ରେ ଜଣେ, ଲଖନପୁର ବ୍ଲକରେ ଜଣେ, ଝାରସୁଗୁଡ଼ାରେ ୩ଜଣ, କିର୍ମିରା ବ୍ଲକରେ ୨ଜଣ ଅଛନ୍ତି । ସଂକ୍ରମିତଙ୍କ ମଧରେ ଜଣେ ଫାର୍ମାସିଷ୍ଟ ଓ ୨ ଜଣ ସ୍ୱାବ୍ ସଂଗ୍ରହକାରୀ ରହିଛନ୍ତି । ଯାହା ଜିଲା ପ୍ରଶାସନର ଚିନ୍ତା ବଢ଼ାଇଛି। ସେହିପରି ଜଣେ ଆକ୍ରାନ୍ତ ଝାରସୁଗୁଡ଼ା ଏକତାଲି ସ୍ଥିତ ଏକ ବ୍ୟୁଟିପାର୍ଲରକୁ ଯାଇଥିବାରୁ ସେଠାକୁ ୭ ଦିନ ମଧ୍ୟରେ ଯାଇଥିବା ଲୋକମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ଅନୁରୋଧ କରାଯାଇଛି।

# ଟୋକନ ଗାଏବ, ଧାନ ସଂଗ୍ରହ ବନ୍ଦ

ବରଗଡ଼ ଅଫିସ୍,୨୪।୬



ଧାନ ବିକ୍ରି ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

- ବିକ୍ରି ହୋଇପାରୁ ନାହିଁ ଅମଳ ଧାନ
- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ
- ଧାନ ସଂଗ୍ରହ ଅବଧି ବୃଦ୍ଧି ଦାବି କଲେ

ବରଗଡ଼ ଜିଲାରେ ଏବେ ମଧ୍ୟ ଚାଷୀଙ୍କ ପାଖରେ ଧାନ ରହିଛି । ହେଲେ ପ୍ରଶାସନ ପକ୍ଷରୁ ମଙ୍ଗଳବାରଠାରୁ ଜିଲାର ମଣ୍ଡି ଗୁଡ଼ିକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବନ୍ଦ କରି ଦିଆଯାଇଛି। କେବଳ ସେତିକି ନୁହେଁ, ଧାନ ବିକ୍ରି କରିପାରି ନ ଥିବା ଅନେକ ଚାଷୀଙ୍କ ଟୋକନ ମଧ୍ୟ ଗାଏବ୍ ହୋଇଯାଇଛି । ଏହାକୁ ନେଇ ଚାଷୀ ଏବେ ଅଡୁଆରେ ପଡ଼ିଛନ୍ତି । ବିକ୍ରି କରି ପାରି ନ ଥିବା ଧାନକୁ କେଉଁଠି ବିକିବ, ସେହି ଚିନ୍ତା ଏବେ ଚାଷୀଙ୍କୁ ଘାରିଛି ।

ଏଭଳି ଅଭିଯୋଗ ନେଇ ବୁଧବାର ଜିଲାର ଅତାବିରା ଆରଏମସି ଅନ୍ତର୍ଗତ ପପଙ୍ଗା ୟାର୍ଡ଼ ଅଧୀନରେ ରହିଥିବା ବିଭିନ୍ନ ଗ୍ରାମର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ଦେଇଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଦୀର୍ଘ ୬ ମାସ ପରିଶ୍ରମ ପରେ ଧାନ ଅମଳ କରିଛନ୍ତି । ମାତ୍ର ଲକ୍ ଡାଉନ୍ କଟକଣା ଯୋଗୁ ଅମଳ ପ୍ରକ୍ରିୟା ବିଳମ୍ବିତ ହୋଇଥିବାରୁ ସେମାନେ ଧାନ ବିକ୍ରି କରିପାରି ନାହାନ୍ତି। ଅନ୍ୟପଟେ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବନ୍ଦ କରି ଦିଆଯାଇଥିବା ବେଳେ ସେମାନଙ୍କ ଟୋକନ ମଧ୍ୟ ଗାଏବ୍ ହୋଇଯାଇଛି। ଫଳରେ ଧାନ ବିକ୍ରି କରିବାରୁ ବଞ୍ଚିତ ରହିଥିବା ଚାଷୀମାନେ କହିଛନ୍ତି।

ସେହିପରି ଲକ୍ ଡାଉନ୍ କଟକଣା ସାଙ୍ଗକୁ କୃଷି ଶ୍ରମିକ ଅଭାବ, କାଳବୈଶାଖୀ ଏବଂ ବର୍ଷା ମଧ୍ୟ ଚାଷୀଙ୍କ ଧାନ ଅମଳକୁ ପ୍ରଭାବିତ କରିଥିଲା। ଅମଳ ପ୍ରକ୍ରିୟା ବିଳମ୍ବିତ ହେବା ସାଙ୍ଗକୁ ଚାଷୀଙ୍କ ଧାନ ନଷ୍ଟ ହୋଇଥିଲା। ଏଭଳି ପରିସ୍ଥିତିରେ ଚାଷୀ ଅମଳ ଧାନକୁ ବିକ୍ରି କରି ପାରି ନ ଥିବାରୁ ଧାନସଂଗ୍ରହ ପ୍ରକ୍ରିୟା ପୁଣି ଆରମ୍ଭ କରି ମଣ୍ଡିରେ ଧାନ ଗ୍ରହଣ (ଏରାଇଭାଲ) ଅବଧିକୁ ବୃଦ୍ଧି କରିବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଗୋବିନ୍ଦ କର୍ଣ୍ଣ, ଯୁବରାଜ ହୋତା, ଧନ ମହାକୁର, ରାମ କୁମାର ହୋତା, ଗୋବର୍ଦ୍ଧନ ରଣା, ସୁଦାମ ବେହେରା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଝିଅଙ୍କ ଅଭିଭାଷଣ ଭାଇରାଲ

**କହିଲେ ନବ ଦାସ ମୁଖ୍ୟମନ୍ତ୍ରୀ**

ଝାରସୁଗୁଡା ଅଫିସ, ୨୪।୬

ଝାରସୁଗୁଡା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କନଫରେନ୍ସ ହଲ୍‌ରେ ଗତ ସୋମବାର ନରସିଂହ ବିଷ୍ଣୁପ୍ରିୟା ସେବା ଟ୍ରଷ୍ଟ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କରୋନା ମୁକାବିଲାରେ ନିୟୋଜିତ ବିଭିନ୍ନ ସଂସ୍ଥାର କର୍ମକର୍ତ୍ତାଙ୍କୁ କୋଭିଡ୍ ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଝିଅ ତଥା ତାଙ୍କ ପ୍ରତିନିଧି ଦୀପାଳି ଦାସଙ୍କ ଅଭିଭାଷଣ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । କାରଣ ଏହି କାର୍ଯ୍ୟକ୍ରମରେ ଦୀପାଳି ନବ ଦାସଙ୍କୁ ମୁଖ୍ୟମନ୍ତ୍ରୀ ବୋଲି ସମ୍ବୋଧନ କରିଥିଲେ। ଯାହା ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ଲୋକେ ଥଟ୍ଟା ମଜା କରୁଛନ୍ତି । ଅନ୍ୟ ପକ୍ଷରେ କରୋନା ମୁକାବିଲା ସମୟରେ ବହୁ କଟକଣା ଅବଲମ୍ବନ କରି କୌଣସି ସଭା ସମିତିକୁ ସରକାର ଅନୁମତି ଦେଇନାହାନ୍ତି । ଏହି କାର୍ଯ୍ୟକ୍ରମରେ ମଧ ସାମାଜିକ ଦୂରତ୍ୱ ଅବଲମ୍ବନ କରାଯାଇ ନ ଥିବା ଦେଖିବାକୁ ମିଳିଥିଲା। ଏ ନେଇ କାର୍ଯ୍ୟକ୍ରମ ଆୟୋଜନ ସଂସ୍ଥାର କାହାରି ମତାମତ ମିଳିପାରି ନାହିଁ। ତେବେ ସଭାରେ ଅଳ୍ପ ସଂଖ୍ୟକ ଲୋକଙ୍କୁ ନେଇ ସାମାଜିକ ଦୂରତ୍ୱ ଅବଲମ୍ବନ କରି ସଭା କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଥିଲା ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି କହିଛନ୍ତି।

# ଅମାନିଆଙ୍କ ଯୋଗୁ ସଂକ୍ରମଣ ବୃଦ୍ଧି ଆଶଙ୍କା

**ବାଙ୍କିଘିର୍ଡି ଗ୍ରାମ କଣ୍ଟେନମେଣ୍ଟ ଜୋନ୍ ଘୋଷଣା**

ବିନିକା,୨୪।୬(ଡି.ଏନ୍.ଏ.)

୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ବାଙ୍କିଘିର୍ଡି ଗାଁକୁ ଗତ ୧୯ ତାରିଖ ଠାରୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି । ଏହାସତ୍ତ୍ୱେ କେତେଜଣ ଅମାନିଆ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରିବା ଦେଖିବାକୁ ମିଳୁଛି। ବୁଧବାର ପୂର୍ବାହ୍ନ ୧୧ଟାରେ ବାଙ୍କିଘିର୍ଡି ଗ୍ରାମକୁ ସଂଯୋଗ କରୁଥିବା ହନୁମାନ ବାବୁପାଲି–ରାମପୁର କେନାଲ ରାସ୍ତାରେ ବାହାର ଅଞ୍ଚଳର ୨ ଜଣ ଲୋକ ଆସି ସିଲ୍ ହୋଇଥିବା ରାସ୍ତା ପାର ହୋଇ ରାମପୁର ପଟକୁ ଯିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ସିଲ୍ ହୋଇଥିବା ରାସ୍ତାରେ ଜଗି ରହିଥିବା ପୋଲିସ ହାବୁଡରେ ପଡି ସେମାନେ ହଟହଟା ହୋଇଥିଲେ। ସେମାନେ ମୁହଁରେ ମାସ୍କ ମଧ ବାନ୍ଧି ନ ଥିଲେ । ବିନିକା ପୋଲିସ ଉଭୟଙ୍କୁ ଚେତାବନୀ ଦେଇ ଛାଡି ଦେଇଥିଲେ। ତେବେ ଏଭଳି ଅମାନିଆ ଲୋକଙ୍କ ଦ୍ୱାରା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ଥିବାରୁ ଅଞ୍ଚଳବାସୀ ଚିନ୍ତାରେ ଅଛନ୍ତି।

ସୂଚନାଯୋଗ୍ୟ ଯେ, ବାଙ୍କିଘିର୍ଡି ଗ୍ରାମର ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଏବଂ ୨ଜଣ ଆଶାକର୍ମୀଙ୍କର ସ୍ୱାବ୍ ରିପୋର୍ଟ ଗତ ଶନିବାର ପଜିଟିଭ୍ ଆସିଥିଲା । ଫଳରେ ଜିଲାପାଳ ମୋନୀଷା ବାନାର୍ଜୀ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଭାବରେ ଘୋଷଣା କରିଥିଲେ । ଯେହେତୁ ୩ କରୋନା ଯୋଦ୍ଧା ସଂକ୍ରମିତ ହେଲେ ,ଏଣୁ ଅଞ୍ଚଳବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ବାଙ୍କିଘିର୍ଡି ଗ୍ରାମକୁ ସଂଯୋଗ କରୁଥିବା ପ୍ରମୁଖ ଚାରୋଟି ରାସ୍ତାକୁ ସିଲ୍ କରି ଦିଆଯାଇଛି। ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅଞ୍ଚଳର ବିଭିନ୍ନ ସ୍ଥାନକୁ ସାନିଟରାଇଜେସନ କରାଯାଇଥିଲା। ସଂକ୍ରମିତମାନଙ୍କ ସମ୍ପର୍କରେ ଆସିଥିବା ୩୦ ଜଣଙ୍କର ସ୍ୱାବ୍ ନମୁନା ଇତିମଧ୍ୟରେ ସଂଗ୍ରହ ହୋଇ ସାରିଛି। ଆଗକୁ ଆହୁରି ମଧ ନମୁନା ସଂଗ୍ରହ କରାଯିବ । ଅପରପକ୍ଷରେ ଗ୍ରାମର ସମସ୍ତ ଦୋକାନ ବନ୍ଦ ରହିଛି । ଜରୁରୀ କାମ ନ ଥିଲେ କେହି ବାହାରକୁ ନ ବାହାରିବା ପାଇଁ ଗାଁ ଲୋକଙ୍କୁ ପୋଲିସ ବାରମ୍ବାର ଚେତାଇ ଦେଉଛି । ପୋଲିସ ରାସ୍ତାରେ ପ୍ରହରା ଦେଉଛି। ମାତ୍ର କେତେକ ଅମାନିଆ ଚିନ୍ତାର କାରଣ ହୋଇଛନ୍ତି।

# ପ୍ରେମିକାଙ୍କୁ ନେଇ ଥାନାରେ ଗଣ୍ଡଗୋଳ

ସମ୍ବଲପୁର,୨୪।୬(ବ୍ୟୁରୋ)

- ପ୍ରେମିକ ସମେତ ଜେଲଗଲେ ୩ ଭାଇ
- ଭିଡିଓ କରି ପୋଲିସକୁ ଧମକାଉ ଥିଲେ

ପ୍ରେମିକଙ୍କ ଘରେ ରହୁଥିବା ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାକୁ ନେଇ ସମ୍ବଲପୁର ଜିଲା ଯୁଯୁମୁରା ଥାନା ପରିସରରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା । ଥାନା ପରିସରରେ ପାଟିତୁଣ୍ଡ କରିବା, ପୋଲିସକୁ ହତ୍ୟା ଧମକ ଦେବା ଓ ଭିଡିଓ ଉତ୍ତୋଳନ କରିବା ଘଟଣାରେ ପ୍ରେମିକ ଓ ତାଙ୍କ ୨ ଭାଇଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ବାଗଦଫା ଗ୍ରାମର ସୁଶାନ୍ତ ଦୃତିଆଚାନ୍ଦ, ଡିଲେଶ୍ୱର ଦୃତିଆଚାନ୍ଦ ଓ ତାଙ୍କ କକା ପୁଅ ଭାଇ ଧର୍ମେନ୍ଦ୍ର ଦୃତିଆଚାନ୍ଦ। ଏନେଇ ଏକ ମାମଲା(ନଂ.୭୯/୨୦) ରୁଜୁ ହୋଇଛି । ବୁଧବାର ଅଭିଯୁକ୍ତମାନଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ସୂଚନା ଅନୁଯାୟୀ, ଧର୍ମେନ୍ଦ୍ରଙ୍କ ସହ ଗ୍ରାମର ଜଣେ ଯୁବତୀଙ୍କ ପ୍ରେମସମ୍ପର୍କ ଥିଲା । ଗତ ୯ ତାରିଖରୁ ଯୁବତୀ ଜଣଙ୍କ ନିଖୋଜ ଥିଲେ । ଏ ସଂକ୍ରାନ୍ତରେ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ପରେ ଜୁନ୍ ୨୨ରେ ଧର୍ମେନ୍ଦ୍ରଙ୍କ ଘରୁ ସମ୍ପୃକ୍ତ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଥିଲା । ଥାନାରେ ଆପୋସ ବୁଝାମଣା ପରେ ଯୁବତୀ ଜଣକ ମା'ବାପାଙ୍କ ସହ ଘରକୁ ଯାଇଥିଲେ । ଏହାକୁ ନେଇ ଥାନାରେ ଉଭୟ ପକ୍ଷ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସେହି ଦିନଠାରୁ ସମ୍ପୃକ୍ତ ଯୁବତୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଉ ଯୋଗାଯୋଗ ହୋଇପାରି ନ ଥିଲା । ଏଥିପାଇଁ ପୋଲିସକୁ ଦାୟୀ କରିଥିଲେ ଧର୍ମେନ୍ଦ୍ର । ମଙ୍ଗଳବାର ସେ ତାଙ୍କ ୨ ଭାଇଙ୍କ ସହିତ ଥାନାକୁ ଆସି ମୋ ପ୍ରେମିକାଙ୍କୁ କାହିଁକି ତାଙ୍କ ଘରକୁ ପଠାଇ ଦିଆଗଲା ବୋଲି ପ୍ରଶ୍ନ କରିଥିଲେ। ମୋତେ ଏ ବିଷୟରେ ଅବଗତ କରାଗଲା ନାହିଁ। ଶୀଘ୍ର ତାଙ୍କ ଫୋନ ନମ୍ବର ଓ ଠିକଣା ଦିଅ ବୋଲି ଧର୍ମେନ୍ଦ୍ର ପାଟି କରିଥିଲେ । ଯୁବତୀ ଜଣକ ପରିବାର ସହ ଯିବାକୁ ଇଚ୍ଛା କରିଥିଲେ। ଆଇନ ଅନୁସାରେ ତାଙ୍କୁ ତାଙ୍କ ପରିବାର ଲୋକଙ୍କ ସହ ଛଡାଗଲା ବୋଲି ପୋଲିସ ଅଧିକାରୀ କହିଥିଲେ । ଏଥିରେ ୩ ଭାଇ ଉତ୍ତେଜିତ ହୋଇ ଥାନା ଭିତରେ ଗଣ୍ଡଗୋଳ କରିଥିଲେ । ସେମାନେ ଥାନା ଅଧିକାରୀ ଆର.କେ.ବିଶ୍ୱାଳ ଓ ଅନ୍ୟ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ । କିଛି ସମୟ ଧରି ଥାନା ପରିସରରେ ଉତ୍ତେଜନା ଲାଗିରହିଥିଲା। ଏପରି ଘଟଣା ଚାଲିଥିବା ବେଳେ ଅଭିଯୁକ୍ତମାନେ ଥାନା ଭିତରେ ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ । ଏହା ଜାଣିବା ପରେ ପୋଲିସ ସେମାନଙ୍କ ମୋବାଇଲ ନେଇ ଭିଡିଓ ଡିଲିଟ କରିଥିଲା।

ସୂଚନାଯୋଗ୍ୟ, କିଛିମାସ ତଳେ ଯୁଯୁମୁରା ପୋଲିସ କେତେଜଣ ଲୋକଙ୍କ ସହ ଏକ ଦୋକାନରେ କଥା ହେଉଥିଲେ। ଏହି ଅଭିଯୁକ୍ତମାନେ ଭିଡିଓ ଶୁଟିଂ କରି ଭାଇରାଲ କରିଥିଲେ । କାଠ ମାଫିଆଙ୍କ ସହ ଡିଲ୍ କରାଯାଉଥିବା ନେଇ ସେମାନେ ଅଭିଯୋଗ କରିଥିଲେ । ଏହି ଘଟଣାରେ ୨ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଥାନା ଅଧିକାରୀଙ୍କୁ ବଦଳି କରାଯାଇଥିଲା ।

## ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

**ଦେବଗଡ଼,୨୪।୬(ଡି.ଏନ.ଏ.):** ଦେବଗଡ଼ ଜିଲା ବାରକୋଟ ଥାନା ପୋଲିସ ବେଆଇନ ଗଞ୍ଜେଇ ଚାଷ କରିବା ଅଭିଯୋଗରେ କାଦୋପଡା ନୂଆଁସାହିର ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ନିଜର ଚାଷଜମିକୁ ଲାଗିରହିଥିବା ସରକାରୀ ଜମିରେ ସମ୍ପୃକ୍ତ ବ୍ୟକ୍ତି ବେଆଇନ ଗଞ୍ଜେଇ ଚାଷ କରିଥିଲେ। ତେବେ ପୋଲିସ ଗଞ୍ଜେଇ ଗଛଗୁଡିକୁ ଉପାଡି ନଷ୍ଟ କରିଛି। ଦେବଗଡ ଏସ.ପି. ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ବାରକୋଟ ଥାନା ଭାରପ୍ରାପ୍ତ ଅଧିକାରୀ ରାଜେନ୍ଦ୍ର ମହାପାତ୍ର ସଦଳବଳ ସେଠାରେ ଚଢାଉ କରିଥିଲେ।

## ଫଟୋରେ ଖବର



ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁର ବୁଧବାର ମାଉସୀ ମା' ମନ୍ଦିରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

# କାମ ହୋଇନି, ଟଙ୍କା ଉଠିଛି

ବଡଗାଁ, ୨୪।୬ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଫୁଲବାରୀ ପଞ୍ଚାୟତର ବିର୍ସୁ ଗ୍ରାମରେ ଥିବା ନୂତନ ପୋଖରୀର ପଙ୍କ ଉଦ୍ଧାର ଓ ପାହାଚ ମରାମତି ପାଇଁ ୨୦୧୯–୨୦ ବର୍ଷରେ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ପଙ୍କ ଉଦ୍ଧାର ହୋଇନି କି ପାହାଚ ମରାମତି ବି କରାଯାଇନି, ଏ ବାବଦକୁ ଟଙ୍କା କିନ୍ତୁ ଉଠାଇ ନିଆଯାଇଛି। ଏହା ଜଣାପଡ଼ିବା ପରେ ଗ୍ରାମବାସୀ ଗତ ୧୬ ତାରିଖ ସୁନ୍ଦରଗଡ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏଣୁ ୨୦ ତାରିଖ ଏହାର ତଦନ୍ତ କରାଯାଇଥିଲା। ଏପ୍ରିଲ ୨୪ ଓ ମେ ୨୬ ତାରିଖ ଏହି କାମ ବାବଦରେ ଶ୍ରମିକ ଛୋଟୁ ବାଡା, ଉଷାବତୀ ବାଡା, ଚେମା ଖଡିଆ, ଜନ ଖଡିଆଙ୍କ ସହିତ ଆଉ କେତେକ ଶ୍ରମିକଙ୍କ ନାଁରେ ଟଙ୍କା ଉଠାଣ ହୋଇଥିବା ଗ୍ରାମବାସୀ ଜାଣିଲା ପରେ ଅଭିଯୋଗ କରିଥିଲେ। ତେବେ ଏ ସମ୍ପର୍କରେ ଏଇ ସହଦେବ ମୁଣ୍ଡାରୀଙ୍କୁ ପଚାରିବାରେ ସେ ଟଙ୍କା ଉଠିଥିବା ନେଇ କିଛି ଜାଣି ନ ଥିବା କହିଛନ୍ତି। ଏହି କାର୍ଯ୍ୟ ଦାୟିତ୍ୱରେ ଥିବା ଜେଇ ଏସ୍. ବେହେରା କିନ୍ତୁ କହିଛନ୍ତି ଯେ, ନୂତନ ପୋଖରୀର ଅର୍ଥ ଅନ୍ୟ କାମରେ ଲାଗିଛି। ଏହି ପଞ୍ଚାୟତର ଏମ୍‌ଜିଏନଆରଇଜିଏସର କାମ ଗୁଡିକରେ କାମ କରିଥିବା ଶ୍ରମିକ, ଅବସରପ୍ରାପ୍ତ କର୍ମଚାରୀ, ଦିବ୍ୟାଙ୍ଗଙ୍କ ନାମରେ ଟଙ୍କା ଉଠାଣ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷେ ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ ହୋଇଥିବା କାର୍ଯ୍ୟ ଗୁଡିକରେ ଦୁର୍ନୀତି ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ରହିଛି । ଏହି ପଞ୍ଚାୟତରେ ଜେଇଙ୍କ ଦ୍ୱାରା ମନମୁଖି କାର୍ଯ୍ୟକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଘରେ ପଶୁଛି ବର୍ଷାପାଣି, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୨୪।୬:** ବରଗଡ଼ ପୌର ପରିଷଦ ଅନ୍ତର୍ଗତ ଅମ୍ବାପାଲି ମାଧବପଡ଼ାରେ ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ବର୍ଷାହେଲେ ରାସ୍ତା କର୍ଦ୍ଦମାକ୍ତ ହୋଇପଡୁ ଥିବାରୁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ସେହିପରି ରାସ୍ତାର ବର୍ଷାପାଣି ଘର ଭିତରକୁ ପଶୁଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ବୁଧବାର ପଡ଼ାବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବର୍ଷାପାଣି ନିଷ୍କାସନ ପାଇଁ ରାସ୍ତାରେ ଡ୍ରେନ ନିର୍ମାଣ ସହିତ ରାସ୍ତା ଉନ୍ନତୀକରଣ କରିବାକୁ ସ୍ମାରକପତ୍ରରେ ସେମାନେ ଦାବି କରିଛନ୍ତି। ଏମ୍‌ଡ଼ି ନିଜାମଙ୍କ ସମେତ ସୁନୀତା ନାଗ, ମମତା ସିକନ୍ଦର, ମୀନା ନାଗ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ପ୍ରଥମ ବର୍ଷାରେ ଖଲନା ବ୍ରିଜ୍ ଭାଙ୍ଗିଲା



ଖଲନା ବ୍ରିଜ ଭାଙ୍ଗି ପଡିଛି।

**ଛତିଶଗଡ଼ ସହ ଯୋଗାଯୋଗ ବିଚ୍ଛିନ୍ନ**

ନୂଆପଡ଼ା ଅଫିସ,୨୪।୬

ଚଳିତ ବର୍ଷର ପ୍ରଥମ ବର୍ଷାରେ ନୂଆପଡା ଜିଲା ସଦର ମହକୁମାଠାରୁ ମାତ୍ର ୮କିମି ଦୂର ଓଡିଶା–ଛତିଶଗଡ଼ ସୀମାକୁ ସଂଯୋଗ କରୁଥିବା ଖଲନା ବ୍ରିଜ ଭାଙ୍ଗି ପଡିଛି । ଫଳରେ ୨ ରାଜ୍ୟ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଗତ ଦୁଇଦିନ ତଳେ ଲଗାଣ ବର୍ଷା ହେବା ଫଳରେ ଉକ୍ତ ବ୍ରିଜ ଭାଙ୍ଗି ପଡିଛି । ଏଥିରେ ନଦୀ ଦୁଇକଡରେ ଥିବା ବହୁ ଚାଷ ଜମି ବାଲିଚର ହୋଇଛି । ନଦୀତଳି ଅଞ୍ଚଳ ଲୋକେ ଛାତିଏ ପାଣିରେ ପଶି ପାରି ହେଉଛନ୍ତି । ବର୍ଷାରତ୍ତୁ ପୂର୍ବରୁ ପ୍ରଶାସନ ତରଫରୁ ବାରମ୍ବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଉଛି । ଏଥିପାଇଁ ପ୍ରସ୍ତୁତ ରହିବା ସହ ଦୁର୍ବଳ ବ୍ରିଜ୍ ଓ ନଦୀବନ୍ଧ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ ସବୁ ଫେଲ୍ ମାରୁଛି ବୋଲି ଅଭିଯୋଗ ହୋଇଛି ।

ଓଡ଼ିଶାର ଖଲନା ଏବଂ ଛତିଶଗଡ଼ର ଖଟିକୁ ସଂଯୋଗ କରୁଥିବା ରାସ୍ତାର ଗୁରୁତ୍ୱକୁ ବୁଝି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏକ ରାସ୍ତା ତିଆରି କରାଯାଇଛି। ସେହି ରାସ୍ତାର ମୁଖ୍ୟ ପୋଲଟି ବ୍ଲକ ଅନୁଦାନରୁ ସ୍ଥାନୀୟ ଠିକାଦାରମାନେ ନିର୍ମାଣ କରିଥିଲେ। ଉକ୍ତ ରାସ୍ତା ଦେଇ ଉଭୟ ରାଜ୍ୟର ୧୦ରୁ ଊର୍ଦ୍ଧ୍ୱ ଗ୍ରାମପଞ୍ଚାୟତ ଲୋକେ ଯାତାୟାତ କରିଥାନ୍ତି । ଆଜକୁ ୭ରୁ ୮ବର୍ଷ ତଳେ ନିର୍ମାଣ କରାଯାଇଥିବା ପୋଲଟି ପ୍ରତି ୨ରୁ ୩ ବର୍ଷ ପରେ ଭାଙ୍ଗି ପଡୁଥିବା ନଜିର ରହିଛି। ପରବର୍ତ୍ତୀ ସମୟରେ କେବଳ ସେହି ପୋଲକୁ ମରାମତି କରାଯାଇଥାଏ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁରେଶ ରଏ କହିଛନ୍ତି, ଏହା ଉପରେ ଆମେ ରିପୋର୍ଟ ସଂଗ୍ରହ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଇଛୁ । ଏଠାରେ ଏକ ବଡ ପୋଲ ନିର୍ମାଣ ପାଇଁ ଗତ ଫେବୃୟାରୀରେ ରାଜ୍ୟ ସରକାରଙ୍କୁ ରିପୋର୍ଟ କରାଯାଇଛି । ଖୁବ୍‌ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

# ୩୦ ଫୁଟ ତଳକୁ ଖସିଲା ଗାଡ଼ି

ମନମୁଣ୍ଡା,୨୪।୬(ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ମସିଣାପଡା ମେହେରୁଣି ପୋଲ ଆପ୍ରୋଚ୍ ମୋଡ଼ଣିରେ ବୁଧବାର ଅପରାହ୍ନରେ ଏକ ଗାଡି ୩୦ ଫୁଟ ତଳକୁ ଖସି ପଡିଛି । ଗାଡିଟି ବୌଦ୍ଧ ପଟରୁ ମନମୁଣ୍ଡା ଆଡକୁ ଦ୍ରୁତ ଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସି ବିଲରେ ପଡିଥିଲା । ଦୁର୍ଘଟଣାରେ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ପ୍ରକାଶଥାଉ କି, ଉକ୍ତ ସ୍ଥାନରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ପ୍ରାୟ ୨୦ ଜଣଙ୍କ ମୃତ୍ୟୁ ଘଟିଲାଣି ।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ମନମୁଣ୍ଡା,୨୪।୬(ଡି.ଏନ.ଏ.)

ମନମୁଣ୍ଡା ଥାନା ଅଧୀନ ବଡରାହାଯୋର ଗ୍ରାମର ସ୍ୱର୍ଗତ ଦୁଃଖ ନଇଙ୍କ ଏକମାତ୍ର ପୁଅ ସୁବାସ (୨୩)ଙ୍କ ମଙ୍ଗଳବାର ଅପରାହ୍ନରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ଘର ଆଗରେ ଥିବା ଆର୍ଥିଙ୍ଗ ତାର ସଂସ୍ପର୍ଶରେ ଆସି ସେ ଦୀର୍ଘ ସମୟ ଧରି ତଳେ ପଡି ରହିଥିଲେ । ପରିବାର ଲୋକେ ତାଙ୍କୁ ସୋନପୁର ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ରଥକୁ ନେଇ ଅଶାଳୀନ ମନ୍ତବ୍ୟ, ଜଣେ ଗିରଫ

ଭବାନୀପାଟଣା/କୋକସରା,୨୪।୬(ସ୍ୱ.ପ୍ର/ଡି.ଏନ୍.ଏ.)

**୨ ନାବାଳକ ଗଲେ ଜୁଭେନାଇଲ କୋର୍ଟ**

ରଥକୁ ନେଇ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ଦେବା ଘଟଣାରେ ପୋଲିସ ଚାରବାହାଲ ଗ୍ରାମର ସୁବଲ ସିଂ(୨୦)ଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି । ଏହି ଘଟଣାରେ ୨ ନାବାଳକଙ୍କୁ ଧରି ପୋଲିସ ଭବାନୀପାଟଣା ଜୁଭେନାଇଲ କୋର୍ଟକୁ ପଠାଇଛି। ସମସ୍ତଙ୍କ ବିରୋଧରେ ଥାନାରେ ଏକ ମାମଲା (ନଂ.୧୨୪/୨୦୨୦) ରୁଜୁ ହୋଇଛି । ପ୍ରକାଶ ଯେ, ରଥକୁ ନେଇ ଜଣେ ନାବାଳକ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏହାକୁ ବିରୋଧ କରି ମଙ୍ଗଳବାର ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଧର୍ମଗଡ଼ ପର୍ଶୁରାମ ସେନା ଓ ଭାଜପା ଯୁବ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ମୁକେଶ ଅଗ୍ରୱାଲ, ଉପସଭାପତି ହିମାଂଶୁ ଶେଖର ପଣ୍ଡା ଭବାନୀପାଟଣା ଟାଉନ ଥାନାରେ ଏତଲା ଦେଇଥିଲେ। ସମ୍ପୃକ୍ତ ନାବାଳକ କୋକସରା ଅଞ୍ଚଳର ହୋଇଥିବାରୁ କୋକସରା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। କୋକସରା ପୋଲିସ ଏହି ଘଟଣାରେ ତଦନ୍ତ କରି ଜଣେ ଯୁବକଙ୍କ ସମେତ ୨ ନାବାଳକଙ୍କୁ ଅଟକ ରଖିଥିଲା।

## ସଂକ୍ଷେପରେ

### ରାଜବାଟୀରେ ମିଶ୍ରଣ ପର୍ବ

ଦେବଗଡ଼,୨୪।୬(ଡି.ଏନ.ଏ.): ସମ୍ବଲପୁର ଏମ୍‌ପି ନୀତେଶ୍ ଗଙ୍ଗଦେବଙ୍କ ଉପସ୍ଥିତରେ ତିଳେଇବଣି ବ୍ଲକ୍ କଲଣ୍ଡା ପଞ୍ଚାୟତର ନାଏବ ସରପଞ୍ଚ ମାର୍କଣ୍ଡେୟ ନନ୍ଦଙ୍କ ସହ ଦର୍ପଣୀ ଦେହୁରୀ, ବୀଣା ପାତ୍ର, ରେବତୀ ଭୋଇ, ଝିଲି ପାତ୍ର, ସନ୍ଧ୍ୟାରାଣୀ ସାହୁ ଓ ପରମେଶ୍ୱର ବାଘଙ୍କ ସମେତ ୬ ଜଣ ୱାର୍ଡମେମ୍ବର ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରଖି ଭାଜପାରେ ଯୋଗ ଦେଇଛନ୍ତି। ଏହି ଅବସରରେ ଭାଜପା ପକ୍ଷରୁ ଦେବଗଡ଼ସ୍ଥିତ ବାମଣ୍ଡା ରାଜବାଟୀରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଗଙ୍ଗଦେବ ନିଜ ଆବାସିକ କାର୍ଯ୍ୟାଳୟରେ ସେମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ କଲଣ୍ଡା ପଞ୍ଚାୟତ କର୍ମୀ ରାଜେଶ ପାତ୍ର, ସ୍ୱରାଜ ପାତ୍ର, ଭଞ୍ଜ ବାଘ, ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ଯୋଗେଶ ପ୍ରଧାନ, ବିରଞ୍ଚି ନନ୍ଦ, ହିମାଂଶୁ ଶେଖର ପ୍ରଧାନ, ଦିଲୀପ ଗଙ୍ଗଦେବ, ମୁନା ସାହୁ, ସୁରୁ ପାତ୍ର, ସୁଧାଂଶୁ ପ୍ରଧାନ, ସୁନୀଲ ବର୍ମା ପ୍ରମୁଖ ଉପସ୍ଥିତ ରହି ନବାଗତ କର୍ମୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

### ଖବରଦାତାଙ୍କୁ ଆକ୍ରମଣ

ଲୋଇସିଂହା,୨୪।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ହୀରାପୁର ଛକରେ ସାରଙ୍ଗ ଭୋଇ ନାମକ ଜଣେ ଖବରଦାତାଙ୍କୁ ଆକ୍ରମଣ ହୋଇଛି। ଥାନାରେ ଲିଖିତ ଅଭିଯୋଗ ପରେ ଲୋଇସିଂହା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ କିଛି ବ୍ୟକ୍ତି ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଆବେଦନର ୨ ଘଣ୍ଟାରେ ମିଳିଲା ଜମିପଟ୍ଟା

ସମ୍ବଲପୁର,୨୪।୬(ବ୍ୟୁରୋ): ସମ୍ବଲପୁର ଜିଲା ମାନେଶ୍ୱର ତହସିଲରେ ବୁଧବାର ୨ ଜଣ ଜମି କ୍ରେତାଙ୍କୁ ଆବେଦନର ମାତ୍ର ୨ ଘଣ୍ଟାରେ ପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ରଶ୍ମିତା ନାଥ, ଅତିରିକ୍ତ ତହସିଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କ ଉପସ୍ଥିତିରେ ଆବେଦନକାରୀ ସ୍ମୃତିସ୍ମିଗ୍ଧା ମିଶ୍ର, ନୀଳା ମୁଣ୍ଡାଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଜମି ପଞ୍ଜୀକରଣ ହେବାର ୪୫ ଦିନରୁ ୯୦ ଦିନ ଭିତରେ ପଟ୍ଟା ପ୍ରଦାନ କରିବାର ନିୟମ ରହିଥିଲା । ହେଲେ ଅନେକ ସ୍ଥାନରେ ଆବେଦନକାରୀଙ୍କୁ ପଟ୍ଟା ପାଇବାରେ ବର୍ଷ ବର୍ଷ ଲାଗି ଯାଉଥିଲା। ଲୋକେ ନିରାଶ ହୋଇ ଲାଞ୍ଚ ଦେବାକୁ ମଧ ପଛାଉ ନ ଥିଲେ। ଏଣୁ ସ୍ୱଚ୍ଛତା ଆଣିବା ପାଇଁ ସରକାର ନିୟମରେ ପରିବର୍ତ୍ତନ କରିଛନ୍ତି।

# ହେଲାନି ଅଣ୍ଡର ବ୍ରିଜ୍ ନିର୍ମାଣ

କେସିଙ୍ଗା,୨୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହର ରେଳ ଫାଟକ ନିକଟରେ ଅଣ୍ଡର ବ୍ରିଜ ନିର୍ମାଣ ଦାବି କରି ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ଜାନୁୟାରୀ-ଫେବୃୟାରୀ ମାସରେ ୨୪ଦିନ ଧରି ଗଣଧାରଣା ଦିଆଯାଇଥିଲା । ଏହି ଦାବିକୁ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ କୁମାର ନାଏକ, ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ ସମେତ ଜିଲାର ବିଭିନ୍ନ ରାଜନୈତିକ ନେତା, ବ୍ୟବସାୟିକ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବ ଗୋଷ୍ଠୀଙ୍କ ସହିତ ସ୍ଥାନୀୟ ଲୋକେ ସମର୍ଥନ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ସେହି ବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇନାହିଁ । ଗଣଧାରଣା ସମୟରେ ବିଭାଗୀୟ ଅଧିକାରୀ ବ୍ରିଜ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପ୍ରତିଶ୍ରୁତିରେ ରହିଯାଇଛି।

ସୂଚନା ଅନୁଯାୟୀ, କେସିଙ୍ଗା ସହର ଏକ ବ୍ୟବସାୟିକ କେନ୍ଦ୍ରସ୍ଥଳ । ରେଳ ଫାଟକ ଦେଇ ପ୍ରତିଦିନ ପ୍ରାୟ ୧୮ ଘଣ୍ଟା ଯାନବାହନ ଚଳାଚଳ କରିଥାଏ । ହେଲେ ଟ୍ରେନ୍ ଯାତାୟାତ ସମୟରେ ଫାଟକ ପଡ଼ିଲେ ଯାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ହୁଏ । ଏଥିଯୋଗୁ ଗର୍ଭବତୀ, ପ୍ରସୂତି ଓ ରୋଗୀମାନେ


କେସିଙ୍ଗା ରେଳ ଫାଟକ ନିକଟରେ ଭିଡ଼ ।

ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ଫାଟକ ପଡିଥିବାରୁ ଡାକ୍ତରଖାନା ଯାଇପାରନ୍ତି ନାହିଁ । ରେଳ ଗୋଦାମରୁ ସିମେଣ୍ଟ, ସାର ଏବଂ କେସିଙ୍ଗା ଏଫ୍‌ସିଆଇ, ୱେର୍ ହାଉସରୁ ଚାଉଳ, ଗହମ, ମକା ପ୍ରଭୃତି ଅନ୍ୟ ରାଜ୍ୟକୁ ମାଲବାହୀ ଟ୍ରେନ୍ ଯୋଗେ ଚାଲାଣ ହୁଏ । ଫଳରେ ମାଲ୍ ବୋଝେଇ ଗାଡିଗୁଡିକ ଯାତାୟାତ କରୁଥିଲେ ମଧ୍ୟ ଫାଟକ ବନ୍ଦ ଯୋଗୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡିଥାଏ । ଏହି ସବୁ ସମସ୍ୟାକୁ ଦୃଷ୍ଟିରେ ରଖି ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ,

**କେସିଙ୍ଗା**
- ବିଭାଗୀୟ ପ୍ରତିଶ୍ରୁତିକୁ ୪ ମାସ ବିତିଲା
- କରୋନା କଟକଣା ଯୋଗୁ କାମ ହୋଇ ପାରୁନାହିଁ
- ୨୪ଦିନର ଧାରଣା ପରେ ମିଳିଥିଲା ପ୍ରତିଶ୍ରୁତି

ରେଳମନ୍ତ୍ରୀ, ଡିଆରଏମ୍‌ଙ୍କୁ ତୁରନ୍ତ ଅଣ୍ଡର ବ୍ରିଜ ନିର୍ମାଣ କରିବା ପାଇଁ ଦାବି କରାଯାଇଛି । ରାଜ୍ୟ ସରକାରଙ୍କ ୱାର୍କ୍ସ ଡିପାର୍ଟମେଣ୍ଟ ଚିଠି ନଂ. ୨୯୦୭/୧୪/୨/୨୦୨୦ ଆଦେଶକୁ ଭିତ୍ତିକରି କଳାହାଣ୍ଡି ଜିଲାପାଳ ଡ. ଗୋଭାଲି ପରାଗ ହର୍ସଦ, ତହସିଲଦାର ଗଣ୍ଡାରାମ ଖମାରୀ ପ୍ରମୁଖ ବ୍ରିଜ୍ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

ଏ ନେଇ କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀଙ୍କୁ ପଚାରିବାରୁ ଅଣ୍ଡର ବ୍ରିଜ ପାଇଁ ଟେଣ୍ଡର ହୋଇଯାଇଛି। ହେଲେ ଲକ୍‌ଡାଉନ ପାଇଁ ସେହି ପ୍ରକ୍ରିୟା ସ୍ଥଗିତ ରଖାଯାଇଛି । ଅଳ୍ପଦିନ ପରେ ତାହା କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି।

# କଲେଜ ଛାତ୍ରୀଛାତ୍ରଙ୍କୁ ଦେୟ ଛାଡ଼ କର

ବଲାଙ୍ଗୀର ଅଫିସ, ୨୪।୬

କରୋନା ସଂକ୍ରମଣ ଓ ମହାମାରୀ ଯୋଗୁ ପ୍ରତ୍ୟେକ ବର୍ଗର ଲୋକେ ଘୋର ଆର୍ଥିକ କ୍ଷତିଗ୍ରସ୍ତ ହୋଇଛନ୍ତି । ଏଭଳି ସମୟରେ ଛାତ୍ରୀଛାତ୍ରଙ୍କ ପାଠ ପଢା ମଧ ଅବ୍ୟବସ୍ଥିତ ହୋଇପଡିଛି। ଅଭିଭାବକମାନେ ବର୍ତ୍ତମାନ ସ୍ଥିତିରେ ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼ାଇବା ନେଇ ଚିନ୍ତାରେ ପଡିଛନ୍ତି। ଏଭଳି ସମୟରେ ସରକାର ତୁରନ୍ତ କଲେଜ ଛାତ୍ରୀଛାତ୍ରଙ୍କ ସମସ୍ତ ପ୍ରକାର ଦେୟ ଛାଡ କରିବାକୁ ଦାବି କରାଯାଇଛି। ବଲାଙ୍ଗୀର ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ବଲାଙ୍ଗୀର ବିଧାନସଭା ମଣ୍ଡଳୀ ସ୍ତରରେ ଥିବା ସମସ୍ତ କଲେଜରେ ଛାତ୍ରୀଛାତ୍ରଙ୍କ କଲେଜ ଦେୟ ଛାଡ ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦାବି କରାଯାଇଛି। ଜିଲା ଛାତ୍ର କଂଗ୍ରେସ ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଭେଟି ସମସ୍ତ ଛାତ୍ରୀଛାତ୍ରଙ୍କ କଲେଜ ଦେୟ ଛାଡ ପାଇଁ କଲେଜ ଅଧ୍ୟକ୍ଷଙ୍କୁ ଏକ ସ୍ମାରକପତ୍ର ଦେଇ ଦାବି ଜଣାଇଛନ୍ତି । କଲେଜ ଫି ଛାଡ ନ କଲେ ଛାତ୍ରୀଛାତ୍ର ଓ ଅଭିଭାବକ ଅସୁବିଧାରେ ପଡିଯିବେ। ଏଣୁ ପରିସ୍ଥିତିକୁ ଅନୁଧ୍ୟାନ କରି ତୁରନ୍ତ କଲେଜ ଫି ଛାଡ କରିବାକୁ ଦାବି କରିଛନ୍ତି। ସରକାର ଏହି ଦାବିକୁ ତୁରନ୍ତ କାର୍ଯ୍ୟକାରୀ ନ କଲେ ଛାତ୍ରୀଛାତ୍ର ବାଧ୍ୟ ହୋଇ ଆନ୍ଦୋଳନକୁ ହ୍ଲୋଇବେ ବୋଲି ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ମିଶ୍ର, ଶମ୍ଭୁ ସାହୁ, ସଚିନ ସାହୁ ଓ ଶଙ୍କର ବିଶି ଉପସ୍ଥିତ ଥିଲେ।

# ସମସ୍ତେ ଜନସେବା ପାଇଁ ଅଭିପ୍ରେତ ହେବା


ନୂତନ ବ୍ଲକ କୋଠାକୁ ମୁଖ୍ୟଅତିଥି ଫିତା କାଟି ଉଦ୍‌ଘାଟନ କରୁଛନ୍ତି ।

ନୂଆପଡ଼ା ଅଫିସ,୨୪।୬

ସରକାର ଲୋକଙ୍କ ଦୁଆରମୁହଁରେ ସେବା ଯୋଗାଇଦେବାକୁ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ଅଧିକାରୀମାନଙ୍କ ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଆମେ ସମସ୍ତେ ଜନସେବା ପ୍ରତି ଅଭିପ୍ରେତ ହେବା ଜରୁରୀ ବୋଲି ସ୍ଥାନୀୟ ପଞ୍ଚାୟତ ସମିତି ନୂତନ କୋଠାକୁ ଲୋକାର୍ପଣ କରି କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଏହା କହିଛନ୍ତି । ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ପଣ୍ଡା ମୁଖ୍ୟ ଅତିଥି, ବିଡିଓ ସୁବେଦାର ପ୍ରଧାନ, ଡେପୁଟି କଲେକ୍ଟର ଲୋପାମୁଦ୍ରା ସାମଲ, ସହକାରୀ ଯନ୍ତ୍ରୀ ସୀତାକାନ୍ତ ସାହୁ, ଜିଲା ସରପଞ୍ଚ ସଂଘ ସମ୍ପାଦକ ଭରତଲାଲ ରାଉତ, ଭୁବନେଶ୍ୱରୀ ଦଣ୍ଡସେନା, ଦୁକେଶ୍ୱର ଯାଦବ, ଅନନ୍ତ ରାମ ଶବର, ଧନୀରାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ବ୍ଲକ କୋଠା ଲୋକଙ୍କ ସେବାରେ ଉତ୍ସର୍ଗ କରାଯାଇଛି ବୋଲି ଏମ୍‌ପି ପଣ୍ଡା ଘୋଷଣା କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

# ନାତି ଫେରିବା ବାଟକୁ ଅନେଇଛନ୍ତି ବୃଦ୍ଧ ଦମ୍ପତି

ବିନିକା,୨୪।୬(ଡି.ଏନ୍.ଏ)

୪ ବର୍ଷ ହେଲା ଘର ଛାଡି କେଉଁଆଡେ ଚାଲିଯାଇଛି ବଡ଼ନାତି । ତା'ର ଫେରିବା ବାଟକୁ ଚାହିଁ ଦିନ ପରେ ଦିନ ଗଣୁଛନ୍ତି ଅଜାଆଇ । ଏମିତିକି ଏକରକମ ପାଗଳ ହୋଇ ୨୪ ବର୍ଷୀୟ ନାତିକୁ ଝୁରି ହେଉଛନ୍ତି ଏକ ବୃଦ୍ଧ ଦମ୍ପତି । ଏହି ଆଦିବାସୀ ଦମ୍ପତି ହେଲେ ଉତ୍ତମ ଭୁଏ (୬୫) ଓ ସାନ୍ତରା (୬୨)। ଘର ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମ ପଞ୍ଚାୟତର ସାରଙ୍ଗପାଲି ସଂହରାପଡାରେ । ପରିଣତ ବୟସରେ ମା' ଛେଉଣ୍ଡ ୨ ନାତିଙ୍କ ବୋଝ ବୋହୁଥିବା ବେଳେ ବଡନାତି ଚିନ୍ତା ସେମାନଙ୍କୁ ଘାରିଛି। ଏହି ଦମ୍ପତିଙ୍କର ଦୁଇ ଝିଅ । ସବିତା ଓ ସୌଦାମିନୀ। ଦୁହିଁଙ୍କ ବିବାହ ହୋଇ ସାରିଛି। ବଡଝିଅ ସବିତା ୨୫ ବର୍ଷ ତଳେ ବରଗଡ ଜିଲା ବରପାଲି ବ୍ଲକ ପାଟକୁଲୁଣ୍ଡା ଗ୍ରାମର ଚୈତନ୍ୟ ବେହେରାଙ୍କୁ ବିବାହ କରିଥିଲେ। ବିବାହର ବର୍ଷକ ପରେ ସେମାନଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ନେଇଥିଲା । ୧୩ ବର୍ଷ ପରେ ଚୈତନ୍ୟ ସ୍ତ୍ରୀଙ୍କୁ ନିର୍ଯାତନା ଦେବାରୁ ଗର୍ଭବତୀ ଥିବା ସବିତା ଶାଶୁଘର ଛାଡି ବାପଘରକୁ ଗତ କିଛି ବର୍ଷ ତଳେ ପଳାଇ ଆସିଥିଲେ । ବାପଘରକୁ ଆସିବାର ଅଳ୍ପ ଦିନ ପରେ ପୁଣି ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ । ସାନପୁଅକୁ ୨ ବର୍ଷ


ସାନନାତି ସହ ଅଜା ଆଇ ।

ହୋଇଥିବା ବେଳେ ସବିତା ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ହଠାତ୍ ଆରପାରିକୁ ଚାଲିଗଲେ । ସେହିଦିନ ଠାରୁ ଦୁଇ ନାତିଙ୍କ ଦାୟିତ୍ୱ ଉତ୍ତମ ଓ ସାନ୍ତରାଙ୍କୁ ନେବାକୁ ପଡିଥିଲା । ସୁଶାନ୍ତ ଏବେ ୯ମ ଶ୍ରେଣୀରେ ପାଠ ପଢୁଛନ୍ତି । ହେଲେ ଏହି ବୃଦ୍ଧ ଦମ୍ପତି କାମ କରିବାକୁ ପୂର୍ବପରି ସକ୍ଷମ ହୋଇ ପାରୁ ନ ଥିବାରୁ ଆଗକୁ ସୁଶାନ୍ତଙ୍କ ପାଠପଢା ବନ୍ଦ ହେବା ଆଶଙ୍କା ପ୍ରକାଶ ପାଇଛି । ଉତ୍ତମଙ୍କ ଜମିବାଡି କହିଲେ ମାତ୍ର ୭ଶହ ଡିସମିଲ ଚାଷଜମି । ତାହା ପୁଣି ଚାଷ ଅନୁପଯୋଗୀ । ଉତ୍ତମଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିବା ବେଳେ ତାଙ୍କ ସ୍ତ୍ରୀ ସାନ୍ତରାଙ୍କୁ ଏଯାଏ ଭତ୍ତା ମିଳି ପାରିନାହିଁ। ଫଳରେ ତେଲଲୁଣର ସଂସାର ବହୁ କଷ୍ଟରେ ଚଳାଇବାକୁ ପଡୁଛି । ଉଭୟ ମୂଲ ଲାଗି ଘର ଚଳାଉଥିବା ବେଳେ କରୋନା କଟକଣା ଜୀବନ ଦୁର୍ବିସହ କରି ଦେଇଛି। ଆଶା ଥିଲା ସୁମନ୍ତ ବଡ ହୋଇଯିବା ପରେ ସେମାନଙ୍କ କଷ୍ଟ କିଛିଟା ଲାଘବ ହେବ । ହେଲେ ସେ ଘର ଛାଡି ଗଲା ଦିନ ଠାରୁ ପରିବାରର ସମସ୍ତେ ଅସହାୟ ହୋଇ ପଡିଛନ୍ତି। ତାଙ୍କୁ ଖୋଜିବେ କେମିତି ସେହି ଚିନ୍ତାରେ ଅଛନ୍ତି।

# ଚେକ୍‌ଗେଟ୍ ଜଳ ନିଷ୍କାସନ କରାଯିବ

କୁଆଁରମୁଣ୍ଡା,୨୪।୬(ଡି.ଏନ.ଏ)

ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ହେଲା ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଲିଙ୍କ୍‌ରୋଡକୁ ସଂଯୋଗ କରୁଥିବା ୧୪୩ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଚେକ୍‌ଗେଟ୍ ଛକରୁ ବର୍ଷାଜଳ ନିଷ୍କାସନ ପାଇଁ ବୁଧବାର ସ୍ଥାନୀୟ ପ୍ରଶାସନ ତତ୍ପର ହୋଇ ଉଠିଛି। ଉକ୍ତ ସ୍ଥାନରେ ବର୍ଷାଜଳ ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ଯୋଗୁ ଲୋକେ ଅତିଷ୍ଠ ହୋଇପଡିଲେଣି। ଏ ନେଇ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ବୁଧବାର ଘଟଣାସ୍ଥଳରେ ପହଞ୍ଚି ବିଡିଓ, ତହସିଲଦାର ଓ ଏନ୍‌ଏଚ୍‌ଏଆଇ ଅଧିକାରୀଙ୍କୁ ଡକାଇବା ସହ ତୁରନ୍ତ ଉକ୍ତ ବର୍ଜ୍ୟଜଳ ନିଷ୍କାସନ ପାଇଁ ଜିଦ୍ ଧରିବାରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଅଡୁଆରେ ପଡିଯାଇଥିଲେ। ଫଳରେ ପୋଲିସ ଉପସ୍ଥିତିରେ ଚେକ୍‌ଗେଟ୍ ଛକରୁ ବର୍ଷାଜଳ ନିଷ୍କାସନ ନିମନ୍ତେ ନୂତନ ଡ୍ରେନ ନିର୍ମାଣ କରିବା ପାଇଁ ସରକାରୀ ଓ ବେସରକାରୀ ଜାଗା ଚିହ୍ନଟ କରାଯାଇ ତୁରନ୍ତ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ବିଧାୟକ ଓରାମଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଶାସନର ଏହି ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା ।

# ଏମ୍‌ସିଏଲ୍ ଗ୍ରାମୀଣ ବିକାଶରେ ଖର୍ଚ୍ଚ କରିବ ୯୮ ଲକ୍ଷ

ସମ୍ବଲପୁର, ୨୪।୬ (ବ୍ୟୁରୋ)

**ବିକଶିତ ହେବ ପଞ୍ଚଗାଁ ଗ୍ରାମପଞ୍ଚାୟତ**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଝାରସୁଗୁଡା ଜିଲା ପଞ୍ଚଗାଁ ଗ୍ରାମପଞ୍ଚାୟତ ଅଞ୍ଚଳରେ ଗ୍ରାମୀଣ ବିକାଶ ଲାଗି ୯୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବ । ଏହି ଅଞ୍ଚଳରେ ଆରସିସି ଡ୍ରେନ୍, ସିସି ରୋଡ, କମ୍ୟୁନିଟି ସେଣ୍ଟର, ମଣ୍ଡପ, ଲାଇବ୍ରେରୀ, ଶୌଚାଳୟ, ପଞ୍ଚଗାଁ ବସ୍‌ଷ୍ଟାଣ୍ଡରେ ବିଶ୍ରାମଗୃହ ସହ ପ୍ରତୀକ୍ଷାଳୟ, ଲୋକକଳା ପ୍ରଶିକ୍ଷଣ ପ୍ରେକ୍ଷାଳୟ ନିର୍ମାଣ ହେବ। ଏହାଦ୍ୱାରା ଅଞ୍ଚଳର ୧୮ ହଜାର ଜନସାଧାରଣ ଉପକୃତ ହେବେ । ଏହି ପ୍ରକଳ୍ପ କାର୍ଯ୍ୟ ଲଖନପୁର ପଞ୍ଚାୟତ ସମିତି ଜରିଆରେ ହେବ ବୋଲି ମହାନଦୀ କୋଇଲା କମ୍ପାନୀ ଜନସମ୍ପର୍କ ବିଭାଗ ଅଫିସରୁ ବୁଧବାର ସୂଚିତ କରାଯାଇଛି । ସୂଚନାଯୋଗ୍ୟ, ୨୦୧୯ ଅକ୍ଟୋବରରେ ଝାରସୁଗୁଡ଼ାରେ ହୋଇଥିବା ଆରପିଡିଏସି ବୈଠକରେ ଉପରୋକ୍ତ ପ୍ରକଳ୍ପଗୁଡିକୁ ନେଇ ଆଲୋଚନା ହୋଇଥିଲା ।

# ଚାଷୀ କୃଷିବୀମାରୁ ବଞ୍ଚିତ, ଆତ୍ମହତ୍ୟା ଚେତାବନୀ

ବଡ଼ଗାଁ, ୨୪।୬ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ସ୍ଥିତ ସମବାୟ ସମିତି (ଲ୍ୟାମ୍ପ୍ସ) କର୍ମଚାରୀଙ୍କ ଭୁଲ୍ ଯୋଗୁ ଜଣେ ଚାଷୀ କୃଷିବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି । ଚାଷ କ୍ଷତିର ବୀମା ଅର୍ଥ ନ ମିଳିଲେ ସେ ବିଷ ପିଇ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ଫୁଲବାରୀ ପଞ୍ଚାୟତ ଅଧୀନ ଚୁରିପୋଷ ଗ୍ରାମର ରସାନନ୍ଦ ସା ୨୦୧୮ ମସିହାରେ ବଡଗାଁ ଲ୍ୟାମ୍ପ୍ସରେ ଖରିଫ ଧାନଚାଷର କୃଷିବୀମା କରିଥିଲେ। ରସାନନ୍ଦ ୬୫ ହଜାର ୭୦୧ ଟଙ୍କା କରିଥିବା କୃଷି ଋଣରୁ ୧୯ ଶହ ଟଙ୍କା ବୀମା ବାବଦରେ ଲ୍ୟାମ୍ପ୍ସ କର୍ତ୍ତୃପକ୍ଷ କାଟି ରଖିଥିଲେ। ସେହିବର୍ଷ ଏହି ପଞ୍ଚାୟତରେ ୮୬ ପ୍ରତିଶତ ଧାନ ଚାଷ କ୍ଷତି ହୋଇଥିବା ରିପୋର୍ଟ ଦିଆଯାଇଥିଲା । ଫଳରେ ପଞ୍ଚାୟତର ଚାଷୀମାନେ କୃଷି ବୀମା ପାଇଥିଲେ । କିନ୍ତୁ ଚାଷୀ ରସାନନ୍ଦଙ୍କ ଗ୍ରାମ ଓ ପଞ୍ଚାୟତ ନାମ ଲ୍ୟାମ୍ପ୍ସ କର୍ମଚାରୀମାନେ ଭୁଲ ଲେଖି ପଠାଇଥିବାରୁ ସେ କୃଷି ବୀମା ପାଇବାରୁ ବଞ୍ଚିତ ହୋଇଥିଲେ । ଲ୍ୟାମ୍ପ୍ସ କର୍ତ୍ତୃପକ୍ଷଙ୍କ ଭୁଲ୍ ଯୋଗୁ ସେ ବୀମା ନ ପାଇବାରୁ ବାରମ୍ବାର ଲ୍ୟାମ୍ପ୍ସକୁ ଆସି ଜଣାଇଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଫଳରେ ସେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ ଏଆରସିଏସ ଏହାର ତଦନ୍ତ କରି ଉକ୍ତ ଚାଷୀଙ୍କୁ କ୍ଷତିପୂରଣ ବାବଦ ଅର୍ଥ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ବଡଗାଁ ଲ୍ୟାମ୍ପ୍ସ ଏମ୍‌ଡି ଭୋଳାନାଥ ପଟେଲଙ୍କୁ ପଚାରିବାରେ ସେ ଭୁଲ୍ ହୋଇଥିବା ସ୍ୱୀକାର କରି ଏହାର ସଂଶୋଧନ ପାଇଁ ୨ଥର ଚିଠି କରିଥିବା କହିଛନ୍ତି ।

# କେନ୍ଦ୍ର ଯୋଜନା ପ୍ରତି ଘରେ ପହଞ୍ଚାଇବାକୁ ଆହ୍ୱାନ

ସମ୍ବଲପୁର,୨୪।୬(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ଭାଜପା ନେତା ଓ କର୍ମକର୍ତ୍ତାଙ୍କ ସହ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି । କୁଚିଣ୍ଡା ଅଞ୍ଚଳରେ ଜଙ୍ଗଲଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ, ଆଦିବାସୀଙ୍କ ପାଇଁ ଜିଲା ଖଣିଜ ପାଣ୍ଠିର ବିନିଯୋଗ, ଏହି ଅଞ୍ଚଳରେ ଉତ୍ପାଦିତ ଲଙ୍କାକୁ ରାଜ୍ୟ ବାହାରେ ବିକ୍ରି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାକୁ ପ୍ରତି ଘରେ ପହଞ୍ଚାଇବାକୁ ସେ ଭାଜପା କର୍ମୀମାନଙ୍କୁ ଆହ୍ୱାନ କରିଛନ୍ତି।

କୁଚିଣ୍ଡା ଅଞ୍ଚଳରେ ଥିବା କୃଷି କ୍ଷେତ୍ରର ବିକାଶ ପାଇଁ ୧ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଆଗାମୀ ଦିନରେ କୁଚିଣ୍ଡା ଅଞ୍ଚଳର ସାମଗ୍ରିକ ବିକାଶ କରିବା ପାଇଁ କେନ୍ଦ୍ର ସରକାର ବଦ୍ଧପରିକର ଅଟନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ । ଏହି ଆଲୋଚନାରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, କୁଚିଣ୍ଡା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ବୃନ୍ଦାବନ ମାଝି, ଅଶ୍ୱିନୀ ମାଝି, ମାନସ ବକ୍ସି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ହିତାଧିକାରୀଙ୍କୁ ମିଳୁନି କିରୋସିନ

ବରଗଡ଼ ଅଫିସ୍,୨୪।୬

ବରଗଡ଼ ଜିଲା ଗୌରେନମୁଣ୍ଡା ପଞ୍ଚାୟତରେ କିରୋସିନ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି । ଗତ ୯ମାସ ମଧ୍ୟରେ ହିତାଧିକାରୀଙ୍କୁ ୭ମାସର କିରୋସିନ ମିଳି ନ ଥିବା ଅଭିଯୋଗ ହୋଇଛି । ସେହିପରି ଯେଉଁ ୨ମାସର କିରୋସିନ ମିଳିଛି, ତାହା ମଧ୍ୟ କମ୍ ପରିମାଣରେ ଦିଆଯାଇଛି ବୋଲି ହିତାଧିକାରୀମାନେ କହିଛନ୍ତି । ହିତାଧିକାରୀଙ୍କୁ କାର୍ଡ଼ ପିଛା ମାତ୍ର ଦେଢ଼ ଲିଟର ଲେଖାଏଁ କିରୋସିନ ଦେଇ ଲିଟର ପିଛା ୪୦ରୁ ୫୦ ଟଙ୍କା ଲେଖାଏଁ ନିଆଯାଇଛି। ଅନ୍ୟପଟେ ଟ୍ରାକ୍ଟର ଯୋଗେ କିରୋସିନ ଚୋରାଚାଲାଣ ହେଉଛି ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ଗତ ୧୭ତାରିଖରେ ଏଭଳି କିରୋସିନ ଚାଲାଣ ହେଉଥିଲା ଏବଂ


କିରୋସିନ ଅନିୟମିତତା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

ଏ ନେଇ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ପୋଲିସ କିରୋସିନ ବୋଝେଇ ଟ୍ରାକ୍ଟରକୁ ଜବତ କରିଥିବା ସେମାନେ କହିଛନ୍ତି । ଫଳରେ ସମ୍ପୃକ୍ତ ଡିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟଶନୁଷ୍ଠାନ ନେବା ସହିତ ହିତାଧିକାରୀମାନେ ଯେଭଳି ଠିକ୍ ଭାବେ କିରୋସିନ ପାଇପାରିବେ, ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ୱାର୍ଡ଼ସଭ୍ୟ ଉଜ୍ଜ୍ୱଳ ସାହୁ, ପ୍ରେମାନନ୍ଦ ମେହେର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।

# କ୍ରୀଡ଼ା ପ୍ରକଳ୍ପ ନିର୍ମାଣକୁ ବିରୋଧ

ସୁନ୍ଦରଗଡ଼,୨୪।୬(ଡି.ଏନ୍.ଏ.)

ସ୍ଥାନୀୟ ଭବାନୀ ଭବନ ଖେଳପଡ଼ିଆରେ ଜିଲାପ୍ରଶାସନ ପକ୍ଷରୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ହେବାକୁ ଥିବା କ୍ରୀଡା ପ୍ରକଳ୍ପ ନିର୍ମାଣକୁ ବିରୋଧ କରାଯାଇଛି । ଭବାନୀ ଶଙ୍କର ହାଇସ୍କୁଲ ପୁରାତନ ଛାତ୍ର ସଂଘ ଓ ଜିଲା ପ୍ରେସ୍ କ୍ଲବ ପକ୍ଷରୁ ଆପତ୍ତି ଉଠିଛି। ଏନେଇ ପୁରାତନ ଛାତ୍ରସଂଘ ଓ ଜିଲା ପ୍ରେସ୍‌କ୍ଲବ ପକ୍ଷରୁ ଜିଲାପାଳଙ୍କୁ ପୃଥକ୍ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରାଯାଇ ଏହାର ପୁନର୍ବିଚାର ପାଇଁ ଦାବି କରାଯାଇଛି ।

ଜିଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି । ଏହି କ୍ରମରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ଭବାନୀ ଭବନ ଖେଳପଡିଆରେ ବିବିଧ କ୍ରୀଡ଼ା ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଛି। ପ୍ରଶାସନର ଏଭଳି ଉଦ୍ୟମକୁ ସ୍ୱାଗତ କରାଯାଇଛି । ହେଲେ ସହର ମଝିରେ ଥିବା ଏହି ପଡିଆ ସହରବାସୀଙ୍କ ବହୁବିଧ କାମରେ ବ୍ୟବହୃତ ହେଉଥିବାରୁ ଏହି ନିର୍ମାଣକୁ ବିରୋଧ କରାଯାଇଛି । ଉଭୟ ଜିଲା ପ୍ରେସ୍ କ୍ଲବ ଓ ପୁରାତନ ଛାତ୍ର ସଂଘ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ଦର୍ଶାଯାଇଛି, ଭବାନୀ ଭବନ ପଡିଆଟି ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟର

**ସୁନ୍ଦରଗଡ଼**
- ପୁନର୍ବିଚାର ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର
- ଦାବି ପୂରଣ ନ ହେଲେ ଆଇନର ସହାୟତା ନେବାକୁ ଧମକ

ଖେଳପଡିଆ ଭାବେ ପରିଚିତ । ଉକ୍ତ ବିଦ୍ୟାଳୟର ଖେଳକୁଦ ସେଠାରେ ଆୟୋଜିତ ହୋଇଥାଏ। ଏପରିକି ଏହି ଖୋଲାପଡିଆରେ ସହରର ମହିଳାପୁରୁଷମାନେ ନିରାପଦ ଓ ସୁରକ୍ଷିତ ଭାବେ ପ୍ରାତଃ ଓ ସାନ୍ଧ୍ୟଭ୍ରମଣ ସହ ବ୍ୟାୟାମ କରିଥାନ୍ତି। ସହରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ସେହି ପଡ଼ିଆରେ ଅନୁଷ୍ଠିତ ହୋଇଆସୁଛି । ଏତଦ୍‌ବ୍ୟତୀତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ, ଜିଲା ସାଂସ୍କୃତିକ ମହୋତ୍ସବ, ଆଦିବାସୀ ଉତ୍ସବ, ବିଭିନ୍ନ ସରକାରୀ ସଚେତନତା କାର୍ଯ୍ୟକ୍ରମ, ନିଯୁକ୍ତି ମେଳା, ଚାଷୀ ସମ୍ମିଳନୀ ଆଦି ଉକ୍ତ ପଡ଼ିଆରେ ଆୟୋଜିତ ହୋଇଥାଏ । ସେଠାରେ ବିବିଧ କ୍ରୀଡା ପ୍ରକଳ୍ପ ନିର୍ମାଣ ହେଲେ ଏହି ପଡିଆ ସଙ୍କୁଚିତ ହୋଇଯିବ। ଏଣୁ ଏହି ପ୍ରକଳ୍ପକୁ ଭବାନୀପୁର କ୍ରୀଡା ଗ୍ରାମକୁ ସ୍ଥାନାନ୍ତର ପାଇଁ ଜିଲା ପ୍ରେସ୍ କ୍ଲବ ଦାବି କରିଛି । ସେହିପରି ପୁରାତନ ଛାତ୍ରସଂଘ ଏହି ପ୍ରକାର ନିର୍ମାଣ ବେଆଇନ ବୋଲି ଦର୍ଶାଇଛି।

ସୂଚନାଯୋଗ୍ୟ, ଉଚ୍ଚ ନ୍ୟାୟାଳୟ ୨୦୧୦ରେ ଆନନ୍ଦ ଚନ୍ଦ୍ର ନାଏକ ବନାମ ସୁନ୍ଦରଗଡ ଜିଲାପାଳଙ୍କ ଏକ ଆବେଦନର ଶୁଣାଣି କରି ୨୦୧୧ ଜାନୁୟାରୀ ୫ରେ ବିଦ୍ୟାଳୟ ଖେଳପଡିଆକୁ ଅନ୍ୟ କୌଣସି କାମରେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏପରି କି ସ୍କୁଲ ପଡିଆର ସୁରକ୍ଷା ଦାୟିତ୍ୱ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି ।

ଏ ସମ୍ପର୍କରେ ଭବାନୀ ଶଙ୍କର ଉଚ୍ଚବିଦ୍ୟାଳୟ ପୁରାତନ ଛାତ୍ରସଂଘର ଏକ ବୈଠକ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରାତନ ଛାତ୍ର ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଆଶୁତୋଷ ନାଏକ , ବିଧାୟିକା କୁସୁମ ଟେଟେ ,ସିଦ୍ଧାର୍ଥ ପଣ୍ଡା, ଡା. ହିମାଂଶୁ ଶେଖର ଷଡଙ୍ଗୀ , ଆଡଭୋକେଟ ସତ୍ୟଜିତ ପଣ୍ଡା , ଦେବେନ୍ଦ୍ର ଭିଡ୍ରିଆ, ଦୀନେଶ ଠାକୁର, ସେହେବାଜ ହୁସେନ୍ ପ୍ରମୁଖ ଯୋଗଦେଇ ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ପ୍ରଶାସନ ଏହାର ପୁନର୍ବିଚାର ନ କଲେ ପୁରାତନ ଛାତ୍ରସଂଘ ପରବର୍ତ୍ତୀ କାର୍ଯ୍ୟପନ୍ଥା ତଥା ଆଇନର ସହାୟତା ନେବ ବୋଲି ବୈଠକରେ ସ୍ଥିର ହୋଇଛି ।

## ସଂକ୍ଷେପରେ

### କଟୁରି ଚୋଟରେ ଯୁବକ ଗୁରୁତର

କଣିହାଁ, ୨୪।୬(ଡି.ଏନ.ଏ.): କଣିହାଁ ବ୍ଲକ ରେଙ୍ଗାଲି ଥାନା ଅର୍କିଳ ଗ୍ରାମରେ ମଙ୍ଗଳବାର ରାତିରେ ଦୋକାନ ବକେୟା ଟଙ୍କାକୁ ନେଇ ଗଣ୍ଡଗୋଳ ହୋଇଛି। ଏଥିରେ କଟୁରି ଆକ୍ରମଣରେ ଭବାନୀ ଶଙ୍କର ସାହୁ(୩୦) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଆଇଆଇସି ସରୋଜ କାନ୍ତ ସାମଲଙ୍କ ସୂଚନା ମୁତାବକ, ସେହି ଗ୍ରାମର ରାଜୁ ପ୍ରଧାନଙ୍କ ଏକ ରାଶନ ଓ କୁକୁଡା ମାଂସ ଦୋକାନ ଥିବାବେଳେ ମଙ୍ଗଳବାର ରାତିରେ ଭବାନୀ ସଉଦା ପାଇଁ ଯାଇଥିଲେ। ସେହି ସମୟରେ ବକେୟା ଟଙ୍କାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଉତ୍କ୍ଷିପ୍ତ ହୋଇ ରାଜୁ ମାଂସ କଟା କଟୁରିରେ ଭବାନୀଙ୍କୁ ଆକ୍ରମଣ କରିଥିଲେ। ଆହତଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ନଂ. ୮୧/୨୦ ଓ ରାଜୁଙ୍କ ବାପାଙ୍କ ଅଭିଯୋଗ କ୍ରମେ ନଂ.୮୦/୨୦ରେ ମାମଲା ରୁଜୁ କରାଯାଇଛି।

### ଚଢ଼ାଉ, ଦୋକାନ ବନ୍ଦ ନିର୍ଦ୍ଦେଶ

ବଇଣ୍ଡା, ୨୪।୬(ଡି.ଏନ.ଏ.): ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ବଇଣ୍ଡା ଛକଠାରେ ଥିବା ଅନେକ ଦୋକାନୀ କରୋନା କଟକଣା ମାନୁ ନ ଥିବା ଦେଖାଯାଇଛି। ଖବରପାଇ ବୁଧବାର କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ବଜାରରେ ଚଢ଼ାଉ କରି ଦୋକାନଗୁଡ଼ିକ ଯାଞ୍ଚ କରିଥିଲେ। ଏହି ସମୟରେ ଏକ ଲୁଗା ଦୋକାନରେ ବହୁ ଗ୍ରାହକ ଭିଡ଼ ଜମାଇଥିବାରୁ ତହସିଲ ପକ୍ଷରୁ ଦୋକାନକୁ ବନ୍ଦ କରି ଦିଆଯାଇଛି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଉକ୍ତ ଦୋକାନ ବନ୍ଦ ରଖିବାକୁ ତହସିଲ ପକ୍ଷରୁ ନିର୍ଦ୍ଦେଶ (ନୋଟିସ ନଂ. ୩୧୯୪/୨୪।୦୬।୨୦) ଦିଆଯାଇଛି।

### ପଥର ବୋଝେଇ ଟ୍ରାକ୍ଟର ଜବତ

ବଇଣ୍ଡା, ୨୪।୬(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ବାଦିବାହାଲ ଜଙ୍ଗଲରୁ ଚୋରାରେ ପଥର ଚାଲାଣ କରୁଥିବା ଏକ ଟ୍ରାକ୍ଟର (ନଂ. ଓଡି୧୯ଏ- ୧୮୩୦)କୁ ବୁଧବାର କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଚଢ଼ାଉ କରି ଜବତ କରିଛନ୍ତି। ଉକ୍ତ ଟ୍ରାକ୍ଟର ମାଲିକ ଦୁର୍ଯ୍ୟୋଧନ ପ୍ରଧାନଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ ପରେ ଗାଡ଼ିକୁ ଛଡା ଯାଇଥିବା ସୂଚନା ମିଳିଛି।

### ୪ ଜଣଙ୍କୁ ଜମି ପଟ୍ଟା ପ୍ରଦାନ

ଛେଣ୍ଡିପଦା,୨୪।୬(ସ୍ୱ.ପ୍ର.): ଛେଣ୍ଡିପଦା ତହସିଲରେ ବୁଧବାର ଗୋଟିଏ ଦିନରେ ପ୍ରଥମ ଥର ପାଇଁ ୪ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ତୁରନ୍ତ ପଟ୍ଟା ପ୍ରଦାନ ପାଇଁ ବିଜ୍ଞପ୍ତି ଜାରି ପରେ ରେଜିଷ୍ଟ୍ରର କରିବା ଦିନ ହିଁ ପ୍ରାଣବନ୍ଧୁ ବେହେରା, ନବକିଶୋର ଦେହୁରୀ,ଅରୁନ୍ଧତୀ ବେହେରା ଓ ଅନିମାରାଣୀ ସାହୁଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଆବଶ୍ୟକ ପଡିଲେ ଆହୁରି ଶୀଘ୍ର ପଟ୍ଟା ଯୋଗାଇ ଦିଆଯିବ ବୋଲି ତହସିଲଦାର ଡାନିଏଲ ଏକ୍କା ପ୍ରକାଶ କରିଛନ୍ତି।

### ଶାଗୁଆନ କାଠ ଜବତ

ଛେଣ୍ଡିପଦା,୨୪।୬(ସ୍ୱ.ପ୍ର.): ଜରପଡା ବନାଞ୍ଚଳ ପରା ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବୁଧବାର ବନବିଭାଗ ଚଢାଉ କରି ୭ଟି ଶାଗୁଆନ ଗଣ୍ଡି ଜବତ କରିଛି। କାଠ ମାଫିଆମାନେ ଜଙ୍ଗଲରୁ ଦୁଇଟି ଶାଗୁଆନ ଗଛ କାଟି କାଠ ଚୋରା ଚାଲାଣ ପାଇଁ ତଇଳାମାଳ ନିକଟରେ ରଖିଥିଲେ। ବିଶ୍ୱସ୍ତସୂତ୍ରରୁ ଖବରପାଇ ଜରପଡା ଫରେଷ୍ଟର ଦୀନବନ୍ଧୁ ନାୟକ, ଫରେଷ୍ଟର ଗତିକୃଷ୍ଣ ବେହେରା, ଗାର୍ଡ ବିଭୂତି ଦଳେଇ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନେ ବନକର୍ମଚାରୀଙ୍କୁ ଦେଖି ଫେରାର ହୋଇଯାଇଛନ୍ତି। ଜବତ କାଠର ମୂଲ୍ୟ ୪୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି।

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

କଣିହାଁ, ୨୪।୬(ଡି.ଏନ.ଏ.): କଣିହାଁ ବ୍ଲକ ବଡତ୍ରିବିଡା ପଞ୍ଚାୟତ ହରିଚନ୍ଦନପୁର ଗ୍ରାମର ସଫଳା(୫୦) ବୁଧବାର ଏକ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସକାଳେ ସେ ଜଙ୍ଗଲ ନିକଟସ୍ଥ ଚାଷ ଜମିକୁ ଯାଉଥିବାବେଳେ ଭାଲୁ ଆକ୍ରମଣ କରିଥିଲା। ପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଫରେଷ୍ଟର ସତ୍ୟାନନ୍ଦ ଧୀର କହିଛନ୍ତି, ବିଧିବଦ୍ଧ ଭାବେ ଅଭିଯୋଗ ହେବା ପରେ ବନ ବିଭାଗ ପକ୍ଷରୁ ଚିକିତ୍ସା ସହାୟତା ପ୍ରଦାନ କରାଯିବ।

# ଚାଷକୁ ନିଅଣ୍ଟ ଆଉଁଳୀ ପାଣି

- ପୋତିହେଲାଣି ପ୍ରକଳ୍ପ ଶାଖା କେନାଲ
- ମରାମତି ନିମନ୍ତେ ଦିଆଯାଉନି ଅର୍ଥ
- ଚାଷୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ଛେଣ୍ଡିପଦା,୨୪।୬(ସ୍ୱ.ପ୍ର.)

ବର୍ଷ ବର୍ଷ ଧରି ଯେଉଁ ଆଉଁଳୀ ପ୍ରକଳ୍ପ ପାଣିରେ ହଜାର ହଜାର ହେକ୍ଟର ଜମିରେ ଫସଲ ହେଉଥିଲା ତାହା ଉପରୁ ଚାଷୀ ଏବେ ଭରସା ତୁଟାଇବାକୁ ବସିଲେଣି। କାରଣ ଉକ୍ତ ପ୍ରକଳ୍ପରୁ ବାହାରିଥିବା କେନାଲର ବିଭିନ୍ନ ଶାଖା କେନାଲ ପୋତି ହୋଇପଡ଼ିଲାଣି। ଏ ନେଇ ଚାଷୀମାନେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ପୁନରୁଦ୍ଧାର କିମ୍ବା ମରାମତି ଦିଗରେ ଧ୍ୟାନ ଦିଆଯାଉ ନାହିଁ। ଫଳରେ ଆଉଁଳୀ ପାଣି ଏବେ ଚାଷକୁ ନିଅଣ୍ଟ ପଡୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି।

୧୯୬୪ ମସିହାରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଣଲୋଇ ପଞ୍ଚାୟତରେ ଆଉଁଳୀ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏହି ପ୍ରକଳ୍ପରୁ ଦୀର୍ଘ ୩୦ କିଲୋମିଟରରୁ ଊର୍ଦ୍ଧ୍ୱ କେନାଲ ନିର୍ମାଣ କରାଯିବା ସହିତ ୪ଟି ପାଣି ପଞ୍ଚାୟତ ମାଧ୍ୟମରେ ୨୨୭୧ ହେକ୍ଟର ଜମିକୁ ଜଳର ସୁବଣ୍ଟନ କରାଯାଉଥିଲା। ଫଳରେ କର୍ଣ୍ଣପାଳ, କଣଲୋଇ, ନୂଆଗାଁ, ଭାଲିଆସର, ଡଙ୍କାପାଳ, ମାରୁଡ଼ିପ, ତେଲିସାହି, ଜରିପାଳ ଆଦି ଅଞ୍ଚଳରେ ରବି ଋତୁରେ ୫୨୫ ହେକ୍ଟର ଓ ଖରିଫ ଋତୁରେ ୧୭୪୬ ହେକ୍ଟର ଜମିରେ ଚାଷ ହୋଇପାରୁଥିଲା। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ କରା ନ ଯିବାରୁ ମାଇନର, ସବ୍‌ମାଇନର ତଥା ଶାଖା କେନାଲଗୁଡିକ ପଙ୍କ, ମାଟି ଓ ବାଲି ଆଦିରେ ପୋତିହୋଇ ପଡିଛି। ଫଳରେ ପାଣି ପ୍ରବାହରେ ବାଧା ସୃଷ୍ଟି ହେଉଥିବା ଚାଷୀ ମହଲରେ ଅଭିଯୋଗ ହେଉଛି। ଅନେକ ସବ୍‌ମାଇନର କେନାଲର ତଳମୁଣ୍ଡରେ ଆବଶ୍ୟକ ଅନୁଯାୟୀ ପାଣି ପହଞ୍ଚୁ ନାହିଁ। ଏହାର ମରାମତି ନିମନ୍ତେ ଅଞ୍ଚଳବାସୀ ଦୀର୍ଘଦିନ ହେବ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ପାଣି ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ କହିଛନ୍ତି, ୮ବର୍ଷ ହେବ କେନାଲର ଜରୁରୀ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଟଙ୍କା ଆସୁନାହିଁ। ଯଦ୍ୱାରା ଜଳସେଚନ କରିବାରେ ଅସୁବିଧା ହେଉଛି। ଏପରିକି ପାଣି ପଞ୍ଚାୟତ ଶୀର୍ଷ ସମିତିର ବିନା ପରାମର୍ଶରେ ନିମ୍ନମାନର କେନାଲ ନିର୍ମାଣ କରାଯାଉଥିବାରୁ ମାଇନର କେନାଲରୁ ଶାଖା କେନାଲଗୁଡିକୁ ଠିକ୍ ଭାବେ ପାଣି ଯାଇପାରୁ ନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ଶୀର୍ଷ ସମିତିକୁ ଅନୁଦାନ ମିଳୁନାହିଁ। ଏ ସମ୍ପର୍କରେ ଜଳସେଚନ ଯନ୍ତ୍ରୀ ଦିଲୀପ କୁମାର ରଥ କହିଛନ୍ତି, ଏବେ କେନାଲର ମରାମତି ନିମନ୍ତେ ଶୀର୍ଷ ସମିତିକୁ ଅନୁଦାନ ଆସୁନାହିଁ। ଟଙ୍କା ଆସିଲେ ତୁରନ୍ତ ପ୍ରଦାନ କରାଯିବ ଏବଂ ମାଇନର ଓ ସବ୍‌ମାଇନର କେନାଲଗୁଡିର ମରାମତି କାର୍ଯ୍ୟ ଏକ ସପ୍ତାହ ମଧ୍ୟରେ ଶେଷ କରାଯିବ ବୋଲି ଯନ୍ତ୍ରୀ ରଥ ପ୍ରକାଶ କରିଛନ୍ତି।


ରକ୍ଷଣାବେକ୍ଷଣ ଅଭାବରୁ ଶାଖା କେନାଲରେ ପାଣି ଯାଉନାହିଁ।


ପୋତି ହୋଇପଡ଼ିଥିବା ଏକ ଶାଖା କେନାଲ।

# ରାସ୍ତା ମରାମତି କଲା ଠିକାସଂସ୍ଥା

**'ଧରିତ୍ରୀ' ପ୍ରଭାବ**

ବଇଣ୍ଡା, ୨୪।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ବନ୍ଧସାହିକୁ ସଂଯୋଗ କରୁଥିବା ଏକମାତ୍ର ମାଟିରାସ୍ତାକୁ ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଏକ ଠିକାସଂସ୍ଥା ଖୋଳି ଦେବାରୁ ସାହିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏ ନେଇ ବୁଧବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଉକ୍ତ ଠିକା ସଂସ୍ଥା ପକ୍ଷରୁ ଏହାର ମରାମତି କରାଇଥିବା ସୂଚନା ମିଳିଛି। ଏ ନେଇ ସରପଞ୍ଚ ଜଳଧର ସାହୁ, କୈଳାସ ପ୍ରଧାନ, ରଞ୍ଜନ ପ୍ରଧାନ, ହିମାଂଶୁ ପ୍ରଧାନ, କୁଳମଣି ପ୍ରଧାନ, ଧୋବେଇ ପ୍ରଧାନ, ଭାଜପା ନେତା ଅଜିତ ପଟ୍ଟନାୟକ ପ୍ରମୁଖ 'ଧରିତ୍ରୀ'କୁ ଧନ୍ୟବାଦ ଦେଇଛନ୍ତି।


ମରାମତି କରାଯାଇଥିବା ସାହି ରାସ୍ତା।

# 'ଗଣମାଧ୍ୟମ ଓ ସାମ୍ବାଦିକତା' ଅଡିଓ ସଂସ୍କରଣ ଲୋକାର୍ପିତ

ଢେଙ୍କାନାଳ ଅଫିସ, ୨୪।୬

ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ 'ଗଣମାଧ୍ୟମ ଓ ସାମ୍ବାଦିକତା'ର ଅଡିଓ ସଂସ୍କରଣ ଲୋକାର୍ପିତ ହୋଇଯାଇଛି। ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀଙ୍କ ପୁସ୍ତକର ଏହା ହେଉଛି ଅଡିଓ ସଂସ୍କରଣ। ଏଥିରେ ଗଣମାଧ୍ୟମ ଓ ସାମ୍ବାଦିକତା ବିଷୟରେ ବହୁ ଉପାଦେୟ ତଥ୍ୟ ରହିଛି। ସଂସ୍ଥାନର ଏକାଡେମିକ୍ ଆସିଷ୍ଟାଣ୍ଟ ପଦ୍ମଲୋଚନ ପ୍ରଧାନ ସ୍ୱର ସଂଯୋଜନା କରିଥିବାବେଳେ ବୈଷୟିକ ସହାୟତା କରିଛନ୍ତି କୋଅର୍ଡିନେଟର ବଦ୍ରିନାଥ ଜେନା। ଆଇଆଇଏମ୍‌ସିରେ ଦିବ୍ୟାଙ୍ଗ ପାଇଁ ଖୋଲାଯାଇଥିବା ସ୍ୱତନ୍ତ୍ର କେନ୍ଦ୍ର 'ଜ୍ୟୋତି'ରେ ଏହି ଅଡିଓ ସଂସ୍କରଣକୁ ସଂରକ୍ଷିତ କରି ରଖାଯିବ। ଦୃଷ୍ଟିବାଧିତଙ୍କ ପାଇଁ ଏହା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ସେମାନେ ଖବର ଲିଖନ ଶୈଳୀ, ଉନ୍ନୟନମୂଳକ ସାମ୍ବାଦିକତା, ଗ୍ରାମାଞ୍ଚଳ ସାମ୍ବାଦିକତା, ବିଜ୍ଞାପନ, ଲୋକସମ୍ପର୍କ ଓ ସାମାଜିକ ଗଣମାଧ୍ୟମ ଭଳି ବିଷୟରେ ବହୁ ତଥ୍ୟ ଜାଣିପାରିବେ।

# ଠିକା ଶ୍ରମିକ ଛଟେଇକୁ ବିରୋଧ

କଣିହାଁ/ଅନୁଗୋଳ ଅଫିସ, ୨୪।୬(ଡି.ଏନ.ଏ.)

ରାଷ୍ଟ୍ରାୟତ୍ତ କମ୍ପାନୀ ବିଏସ୍‌ଏନ୍‌ଏଲ୍‌ରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଠିକା ଶ୍ରମିକଙ୍କୁ ଆସନ୍ତା ମାସ ପହିଲାରୁ ଛଟେଇ ନିମନ୍ତେ ଜାରି ନିର୍ଦ୍ଦେଶନାମାକୁ ଏଆଇୟୁଟିୟୁସି କଣିହାଁ ବ୍ଲକ କମିଟି ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ବୁଧବାର କଣିହାଁସ୍ଥିତ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତୁରନ୍ତ ଉକ୍ତ ନିର୍ଦ୍ଦେଶନାମା ପ୍ରତ୍ୟାହାର କରି ଶ୍ରମିକଙ୍କ ଚାକିରି ସର୍ତ୍ତାବାଳୀ ସୁରକ୍ଷିତ ରଖିବା, ବକେୟା ମଜୁରି ପ୍ରଦାନ କରିବା ନେଇ ବିଏସ୍‌ଏନ୍‌ଏଲ୍ ଓଡ଼ିଶା ସର୍କଲର ସିଜିଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କଣିହାଁ ଏସ୍‌ଡିଓଙ୍କୁ ପ୍ରଦାନ କରାଯାଇଛି। କମିଟିର ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ବ୍ଲକ କମିଟି ସମ୍ପାଦକ ଟୁନା ନାଏକ, ସଙ୍ଗଠକ ଅଭୟ ନାଏକ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ। ସେହିପରି ଓଡ଼ିଶା ରାଜ୍ୟ ସମ୍ପାଦକ ଜୟସେନ ମେହେରଙ୍କ ନେତୃତ୍ୱରେ ଅନୁଗୋଳ ବିଏସ୍‌ଏନ୍‌ଏଲ୍ ଅଫିସ ଓ ଜିଲା ସମ୍ପାଦକ ବ୍ରଜବନ୍ଧୁ ସାହୁଙ୍କ ନେତୃତ୍ୱରେ ନାଲ୍‌କୋନଗର ସ୍ଥିତ ବିଏସ୍‌ଏନ୍‌ଏଲ୍ ଏଜିଏମ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ୱାର୍ଲ୍ଡ ଫେଡେରେଶନ ଅଫ୍ ଟ୍ରେଡ୍ ୟୁନିୟନ ଆହ୍ୱାନରେ ଏଆଇୟୁଟିୟୁସି କଣିହାଁ ବ୍ଲକ କମିଟି ପକ୍ଷରୁ ବର୍ଣ୍ଣ ବୈଷମ୍ୟବାଦୀ ଓ ବିଭେଦକାମୀ ରାଜନୀତି ବିରୋଧରେ ଏନ୍‌ଟିପିସି ବାଇପାସ୍ ଛକଠାରେ ବିକ୍ଷୋଭ କରାଯାଇଥିଲା। ଅନୁଗୋଳ ବସ୍‌ଷ୍ଟାଣ୍ଡ ଠାରେ ଏହି କାର୍ଯ୍ୟକ୍ରମରେ ଜିଲା ସିଆଇଟିୟୁର ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା, ରଞ୍ଜନ କୁମାର ନନ୍ଦ, ଉଦୟ ପାଢ଼ୀ, ବିଶ୍ୱନାଥ ସାହୁ, ଏଆଇସିସିଟିୟୁ ଅନୁଗୋଳ ଜିଲା ସଭାପତି ବସନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ଅନୁଗୋଳ ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖରେ ବିକ୍ଷୋଭ।

## ଫଟୋରେ ଖବର..


ଅନୁଗୋଳ ଶୈଳଶ୍ରୀକ୍ଷେତ୍ରସ୍ଥିତ ନାରାୟଣ ସାଗରରେ ବାଲଦର ପ୍ରତିବିମ୍ବ। (ଫଟୋ- ବୁବୁ)

# କାମ କରୁନି ପୋଲିସ ହେଲ୍ପଲାଇନ ନମ୍ବର

ଅନୁଗୋଳ ଅଫିସ, ୨୪।୬

ପୋଲିସ ହେଲ୍ପଲାଇନ ନମ୍ବର ୧୦୦ ଅନେକ ସମୟରେ ଅନୁଗୋଳରେ କାମ କରୁ ନ ଥିବା ସହରବାସୀ ଅଭିଯୋଗ କରୁଛନ୍ତି। ଗତ ୨ ଦିନରେ ୨ଟି ଘଟଣାରେ ପୋଲିସ ସହାୟତା ପାଇଁ ସେମାନେ ୧୦୦ ଡାଏଲ କରିଥିଲେ ମଧ୍ୟ ଫୋନ ଲାଗି ନ ଥିବା କହିଛନ୍ତି। ମଙ୍ଗଳବାର ସକାଳେ ଦ୍ରୁତଗତିରେ ଯାଉଥିବା ଟ୍ରକ୍ ଏକ ବାଛୁରୀକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକମାନେ ଗାଡି ଅଟକାଇବା ପରେ ମଦ୍ୟପାନ କରିଥିବା ଚାଳକ ଗାଳିଗୁଲଜ କରିଥିଲେ। ଏହାଦେଖି କେତେଜଣ ପୋଲିସ ସହାୟତା ପାଇଁ ୧୦୦ ଡାଏଲ କରିଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଫୋନ ଲାଗି ନ ଥିଲା। ସେହିପରି ବୁଧବାର ଚୋରି ଘଟଣା ଜଣାପଡ଼ିବା ପରେ ଶିମିଳିପଡାବାସୀ ପୋଲିସ ସହାୟତା ପାଇଁ ୧୦୦ ଡାଏଲ କରିଥିଲେ ହେଁ ଫୋନ ଲାଗି ନ ଥିବା କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି, କଣ୍ଟ୍ରୋଲ ରୁମ୍‌ରେ ୩ଟି ଫୋନ ରଖାଯାଇ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯାଉଛି। ୩ଟି ଫୋନରେ ଏକ ସଙ୍ଗରେ କଲ୍ ଆସିବା ବେଳେ ଅନ୍ୟ କଲ୍ ଧରିବାରେ ସମସ୍ୟା ଉପୁଜୁଛି। କିନ୍ତୁ କ୍ୱଚିତ୍ ସମୟରେ ଏପରି ଘଟଣା ଘଟୁଛି। ତେବେ ଲୋକଙ୍କ ଅଭିଯୋଗ ପାଇବା ପରେ ତୁରନ୍ତ ନିକଟସ୍ଥ ଥାନାକୁ ଅବଗତ କରାଯାଉଛି।

# ବାହୁଡ଼ାଯାତ୍ରା ଭଜନ ସମାରୋହ ବନ୍ଦ

ଢେଙ୍କାନାଳ ଅଫିସ, ୨୪।୬

ଢେଙ୍କାନାଳ ସହର ରଥଗଡ଼ାରେ ବାହୁଡା ଯାତ୍ରା ଅବସରରେ ହେବାକୁଥିବା ୩୧ତମ ଭଜନ ସମାରୋହ ବନ୍ଦ କରାଯାଇଛି। ବୁଧବାର କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସେହିପରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ହେଉଥିବା ଭଜନ ପ୍ରତିଯୋଗିତା ବାତିଲ କରାଯାଇଥିବା ମୁଖ୍ୟ ଉପଦେଷ୍ଟା ଶଶିମୌଳି ରଥ କହିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଜଣାଇ ଦିଆଯାଇଥିବା ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି ନୃସିଂହ ଚରଣ ବେହେରା, ଯୁଗ୍ମ ସମ୍ପାଦକ ବାବୁଲି ଦାସ ସୂଚନା ଦେଇଛନ୍ତି।

# ନବକୃଷ୍ଣ ଚୌଧୁରୀଙ୍କ ପୁଣ୍ୟତିଥି

ଅନୁଗୋଳ ଅଫିସ, ୨୪।୬

ଉତ୍କଳ ନବଜୀବନ ମଣ୍ଡଳ ଓ ବାଜି ରାଉତ ଛାତ୍ରାବାସ ପକ୍ଷରୁ ଶାନ୍ତିକୁଟୀରରେ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀର ଜିଲା ସମ୍ପାଦକ ଇଂ. ଧନେଶ୍ୱର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ଶ୍ରୀକାନ୍ତ ମିଶ୍ର ମୁଖ୍ୟଅତିଥି ଓ ଗଣଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ଧରଣୀଧର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ରାବାସ ସଭାପତି କୃଷ୍ଣା ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନବଜୀବନ ମଣ୍ଡଳର ସମ୍ପାଦକ ମୁରଲୀଧର ମୂଳିଆ, ଆନନ୍ଦ ଚନ୍ଦ୍ର ମହାପାତ୍ର, ଶିବରାମ ମିଶ୍ର, ସଦାନନ୍ଦ ପ୍ରଧାନ, ଶକ୍ତି ବେହେରା ପ୍ରମୁଖ ନବକୃଷ୍ଣଙ୍କ ସ୍ମୃତିଚାରଣ କରିଥିଲେ।

# ବାଲି ଟ୍ରକ୍, କଟର, ଜେସିବି ଜବତ

ଢେଙ୍କାନାଳ ଅଫିସ, ୨୪।୬

ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବାଲି ଟ୍ରକ୍, ପଥର କଟର ଏବଂ ଜେସିବି ଜବତ କରାଯାଇଛି। ଗଦାଶିଳା ଅଞ୍ଚଳରୁ ବେଆଇନ ଭାବେ ଟିପ୍ପର (ନଂ. ଓଡ଼ି ୧୪ ସି ୧୬୫୦)ରେ ବାଲି ଚାଲାଣ ହେଉଥିବା ସୂଚନା ପାଇ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ନେତୃତ୍ୱରେ ତହସିଲଦାର ସାଗରିକା ସାହୁ ସଦଳବଳ ଚଢ଼ାଉ କରିଥିଲେ। ଜବତ ଗାଡ଼ିକୁ ଖାରଗାଡ଼ିଆ ଫାଣ୍ଡି ପୋଲିସ ଜିମା ଦିଆଯାଇଛି। ସେହିପରି ବାଛୁରିବାଙ୍କସ୍ଥିତ ଏକ ବେଆଇନ ପଥର ଖଦାନରୁ ଏକ କଟର ଏବଂ ଜେସିବି ଜବତ କରାଯାଇଥିବା ଉପଜିଲାପାଳ ସୂଚନା ଦେଇଛନ୍ତି।


ଜବତ ବାଲି ବୋଝେଇ ଗାଡ଼ି।

# କୋଇଲା ଅନ୍‌ଲୋଡ୍‌କୁ ବିରୋଧ

ବଇଣ୍ଡା, ୨୪।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଗ୍ରାମରେ ହୋଇଥିବା କୋଇଲା ଡିପୋ ସ୍ଥାନାନ୍ତର ଦାବିରେ ଗତ ୧୨ ତାରିଖରୁ ଆନ୍ଦୋଳନ ଚାଲିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ। ଏଥିଯୋଗୁ ଛିଡା ହୋଇରହିଥିବା ଟ୍ରକ୍‌ଗୁଡିକ ବେସରକାରୀ ଜମିରେ କୋଇଲା ଅନ୍‌ଲୋଡ୍ କରୁଥିବାରୁ ବଣିନାଳୀ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବୁଧବାର ବଣିନାଳୀ ଗ୍ରାମବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ଗ୍ରାମ ସଭାପତି ମୂଳିଆ ପ୍ରଧାନଙ୍କ ନେତୃତ୍ୱରେ ବୈଠକ ବସିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କୋଇଲା ଅନ୍‌ଲୋଡ୍ ଯୋଗୁ ପ୍ରଦୂଷଣ ସମସ୍ୟା ବଢୁଛି। ତୁରନ୍ତ ତାହା ଅନ୍ୟତ୍ର ସ୍ଥାନାନ୍ତର କରା ନ କଲେ ଆନ୍ଦୋଳନ କରାଯିବ ବୋଲି ଜୁଲୁ ପ୍ରଧାନ, ଅକ୍ଷୟ ପ୍ରଧାନ, ମୋହନ ସାହୁ, ଶିଶିର ଦେହୁରୀ, ବସନ୍ତ ପ୍ରଧାନ, ଅନାଦି ଛତ୍ରିଆ, ସଞ୍ଜୟ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ ଖୁବ୍‌ଶୀଘ୍ର ଅଦାଲତର ଆଶ୍ରୟ ନିଆଯିବ ବୋଲି ଭାଜପା ଜିଲା ପୂର୍ବତନ ସଭାପତି ଭାଗିରଥୀ ପ୍ରଧାନ କହିଛନ୍ତି।


ଅନ୍‌ଲୋଡ୍ ହୋଇଥିବା କୋଇଲା।

# ୪ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

- ଶିମିଳିପଡ଼ାର ୩, ତାମ୍ରିତ କଲୋନୀର ଜଣଙ୍କ ଘରୁ ଚୋରି
- ଝରକା ଗ୍ରୀଲ୍ ତାଡ଼ି ନେଇଗଲେ ଲକ୍ଷାଧିକ ଟଙ୍କାର ଗହଣା
- ସନ୍ଧାନୀ କୁକୁର ସହାୟତାରେ ପୋଲିସର ତଦନ୍ତ ଆରମ୍ଭ

ଅନୁଗୋଳ ଅଫିସ, ୨୪।୬

ଅନୁଗୋଳ ଥାନା ଶିମିଳିପଡ଼ା ଅଞ୍ଚଳର ୩ଟି ଘରୁ ମଙ୍ଗଳବାର ରାତିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଛି। ସେହିପରି ବୁଧବାର ଭୋର ସମୟରେ ତାମ୍ରିତ କଲୋନୀ କାଳୀ ମନ୍ଦିର ନିକଟ ବିମଳା ନାଥଙ୍କ ଘରୁ ଚୋରି ହୋଇଛି। ଅଭିଯୋଗ ପାଇ ପୋଲିସ ସନ୍ଧାନୀ କୁକୁର ନେଇ ଶିମିଳିପଡ଼ାରେ ତଦନ୍ତ କରିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଶିମିଳିପଡ଼ା ବସନ୍ତ କଲୋନୀରେ ଭଡ଼ାରେ ରହୁଥିବା ବ୍ୟାଙ୍କ ଅଧିକାରୀ ଅଜିତ କୁମାର ପ୍ରଧାନଙ୍କ ଝରକା ଗ୍ରୀଲ୍ ତାଡ଼ି ଦୁର୍ବୃତ୍ତମାନେ ୧୦ ଗ୍ରାମର ୨ଟି ସୁନା ମୁଦି ସହ ନଗଦ ୧୦ ହଜାର ଟଙ୍କା ଚୋରି କରିଛନ୍ତି। ସେହିଭଳି ସିମେଣ୍ଟ ବ୍ୟବସାୟୀ ରବିନ ପ୍ରତାପ ଦାଶଙ୍କ ଘରୁ ୨ଟି ସୁନା ମୁଦି, ୨ଟି ଚେନ୍, ୨ଟି ମଙ୍ଗଳସୂତ୍ର ଓ ୪୦ ହଜାର ଟଙ୍କା ଚୋରି ହୋଇଛି। ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଶାନ୍ତନୁ ଭୂତିଆ ଘରେ ନ ଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ସୁନା ମୁଦି, ରୁପା ଓ ନଗଦ ୨୫ ହଜାର ଟଙ୍କା ଚୋରି କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ପୋଲିସ କହିଛି, ତଦନ୍ତ ଜାରି ରହିଛି। ଦୁର୍ବୃତ୍ତମାନଙ୍କୁ ଧରାଯିବା ପାଇଁ ଉଦ୍ୟମ କରାଯାଉଛି। ତେବେ ପୋଲିସର ଖାମଖିଆଲ ମନୋଭାବ ଓ ଠିକ୍ ଭାବେ ପାଟ୍ରୋଲିଂ କରାଯାଉ ନ ଥିବାରୁ ସହରରେ ଚୋରି ଘଟଣା ବୃଦ୍ଧି ପାଉଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।


ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

## ୨୬ରୁ ଜବରଦଖଲ ଉଚ୍ଛେଦ ଆରମ୍ଭ

ଜୟପୁର ,(ଡି.ଏନ.ଏ.)- କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ହୋଇଥିବା ଜମି ଜବରଦଖଲକୁ ଆସନ୍ତା ୨୬ରୁ ଉଚ୍ଛେଦ କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ପ୍ରଥମେ କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟ, ପୌରସଂସ୍ଥା କଲୋନି, ମହିଳା ଥାନା ପଛ ପାର୍ଶ୍ୱରେ ନୀଳକଣ୍ଠ ସାଗର ବନ୍ଧର ଜବରଦଖଲ ହୋଇଥିବା ଜମି ଉଚ୍ଛେଦ ହେବ। ସେହିପରି ସହରରେ ବିଭିନ୍ନ ସ୍ଥାନରେ ଜବରଦଖଲରେ ଥିବା ପୌରସଂସ୍ଥାର ମୂଲ୍ୟବାନ୍ ଜମିଗୁଡିକୁ ଚିହ୍ନଟ କରାଯାଇଛି। ଏହାକୁ ମଧ୍ୟ ଉଚ୍ଛେଦ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ କହିଛନ୍ତି।

### ସଂକ୍ଷେପରେ

## ଛତୁ ଖାଇ ୪ ଅସୁସ୍ଥ

ଝରିଗାଁ,୨୪।୬(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧଙ୍ଗଡ଼ାମାଲ ଗ୍ରାମରେ ବୁଧବାର ଛତୁ ଖାଇ ଗୋଟିଏ ପରିବାରର ୪ ଜଣ ଅସୁସ୍ଥ ହୋଇଛନ୍ତି। ସେମାନେ ହେଲେ ଚଇତୁ ସାନ୍ତା (୪୫), ତାଙ୍କ ସ୍ତ୍ରୀ ବିକ ସାନ୍ତା (୪୦), ଭଉଣୀ କୁସୁମ ସାନ୍ତା (୩୬) ଏବଂ ପୁଅ ଲାଇବନ ସାନ୍ତା(୨୪)। ସମସ୍ତଙ୍କୁ ଚିକିତ୍ସା ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଲାଇବନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବା ବେଳେ ଅନ୍ୟ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର ସନ୍ତୋଷ କୁମାର ପ୍ରଧାନ କହିଛନ୍ତି।

## ଘଣ୍ଟାକରେ ମିଳିଲା ଜମିପଟ୍ଟା

ନବରଙ୍ଗପୁର,୨୪।୬(ବି.ପ୍ର.)- ନବରଙ୍ଗପୁର ତହସିଲରେ ନୂଆ ଓଡ଼ିଶା ସର୍ଭେ ଏବଂ ଭୂବନ୍ଦୋବସ୍ତ ଆଇନ ବଳରେ ହିତାଧିକାରୀଙ୍କୁ ଘଣ୍ଟାକ ମଧରେ ଜମି ପଟ୍ଟା ମିଳିଛି। ସାନମସିଗାଁ ରାଜସ୍ୱ ସର୍କଲ ଅଧୀନ ମହୁଲପଦର ମୌଜାର ଘାସି ମାଳି ଏକ ଜମି କିଣିଥିଲେ। ଜମି କିଣିବା ପରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନ୍‌ଲାଇନରେ ତାଙ୍କର ସମସ୍ତ ପ୍ରମାଣପତ୍ର ଛଡ଼ାଯାଇଥିଲା । ଉକ୍ତ ଡକ୍ୟୁମେଣ୍ଟଗୁଡ଼ିକୁ ତହସିଲ ପକ୍ଷରୁ ଅନ୍‌ଲାଇନ ମାଧମରେ ତଦନ୍ତ କରିବା ପରେ ସବୁ କିଛି ଠିକ୍ ଥିବାର ପ୍ରମାଣ ମିଳିଥିଲା। ହିତାଧିକାରୀଙ୍କୁ ଡାକି ସୋମବାର ତାଙ୍କ ଜମି ପଟ୍ଟା ପ୍ରଦାନ କରାଯାଇଥିବା ତହସିଲଦାର ରବୀନ୍ଦ୍ର କୁମାର ରାଉତ କହିଛନ୍ତି। ଏହି ଜମି ପଟ୍ଟା ପ୍ରଦାନ ସମୟରେ ଅତିରିକ୍ତ ତହସିଲଦାର ଗୀତା ମୁର୍ମୁ ଉପସ୍ଥିତ ଥିଲେ।

## ମୃତକଙ୍କ ପରିବାରକୁ ଭେଟିଲା ବେଙ୍ଗଲି ସମାଜ

କାଲିମେଳା,୨୪।୬(ଡି.ଏନ.ଏ)- ମାଲକାନଗିରି ଜିଲା କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତର ଏମପିଭି-୭୭ ଗ୍ରାମରେ ୨୦ତାରିଖରେ ବାପାଙ୍କ ଶୁଦ୍ଧିକ୍ରିୟାର ୯ ଦିନରେ ବିଦ୍ୟୁତ୍ ଆଘାତରେ ପୁଅ ସୁଶାନ୍ତ ଗାଇନ(୩୫)ଙ୍କ ମୃତ୍ୟୁ ହୋଇଥିଲା। ଏନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଥିଲେ। ଜିଲାରେ ଥିବା ବେଙ୍ଗଲି ସମାଜର ଏମଭି-୭୨ ଜୋନ କମିଟି ସଦସ୍ୟ ମାନେ ମଙ୍ଗଳବାର ଏମପିଭି-୭୭ ଗ୍ରାମକୁ ଯାଇ ମୃତ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ପରିବାରକୁ ୫ହଜାର ୪ଶହ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଜୋନ କମିଟିର ଜେନାଲ ସଭାପତି ତପନ କୁମାର ମଣ୍ଡଳ, ଉପ ସଭାପତି ଧନୀନ ବିଶ୍ୱାସ,ରଞ୍ଜିତ ସରଦାର,ଶିବାନନ୍ଦ ହାଲଦାର, ଜୋନାଲ ସମ୍ପାଦକ ଅମିତ କୁମାର ବାଉଲ, ଜିଲା ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, ସୁବୋଧ ମିସ୍ତ୍ରୀ,ପ୍ରଭାଷ ହାଲଦାର, ମାନିକଲାଲ ବିଶ୍ୱାସ ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀ ସଂଘର୍ଷ ସମିତିର ବିକ୍ଷୋଭ



ଜୟପୁର,୨୪।୬(ନି. ପ୍ର.)- ଅବିଭକ୍ତ କୋରାପୁଟ ଜିଲାରେ କାର୍ଯ୍ୟରତ ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀ ସଂଘର୍ଷ ସମିତି ତରଫରୁ ବୁଧବାର କୋରାପୁଟ ସ୍ଥିତ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ କରାଯାଇଥିଲା। ବିଏସ୍‌ଏନ୍‌ଏଲ୍ ଠିକା କର୍ମଚାରୀଙ୍କୁ ୧୧ ମାସର ଦରମା ମିଳି ନ ଥିବାରୁ ସେମାନେ ବିକ୍ଷୋଭ କରିଥିଲେ। ସେହିଭଳି ୨୦୧୮ରୁ ଇପିଏଫ୍ ଡିପୋଜିଟ ହୋଇନାହିଁ। ୧୧ ମାସ ହେଲା ଦରମା ନ ପାଇ କର୍ମଚାରୀମାନେ ଭୋକ ଉପବାସରେ ରହୁଥିବା ବେଳେ କୋଭିଡ୍ ସମୟରେ ବି ଦରମା ମିଳି ନ ଥିବାରୁ ବହୁ କଷ୍ଟରେ ଧାରକରଜ କରି ପରିବାର ଚଳାଉଛନ୍ତି ବୋଲି ଠିକା କର୍ମଚାରୀ ଅଭିଯୋଗ କରିଥିଲେ । ଏଆଇୟୁଟିୟୁସିର ଆହ୍ୱାନକ୍ରମେ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଥାନା ପରିସରରେ ହାତ ବିଶୋଧନ ମେଶିନ ପ୍ରତିଷ୍ଠା

ମାଲକାନଗିରି,୨୪।୬(ଡି.ଏନ୍.ଏ.)- ମାଲକାନଗିରି ଜିଲା ରୋଟାରି କ୍ଲବ ପକ୍ଷରୁ ଆଦର୍ଶ ଟାଉନ୍ ଥାନା ପରିସରରେ ବୁଧବାର ଏକ ହାତ ବିଶୋଧନ ମେଶିନ ପ୍ରତିଷ୍ଠା କରାଯାଇଛି। ଥାନାକୁ ପ୍ରତ୍ୟହ ଶତାଧିକ ଲୋକ ବିଭିନ୍ନ ମାମଲା ନେଇ ଆସିଥାନ୍ତି। ନିଜ ହାତକୁ ବିଶୋଧନ କରିବା ଲାଗି ରୋଟାରି କ୍ଲବ ପକ୍ଷରୁ ଏହି ମେଶିନ ପ୍ରଦାନ କରାଯାଇଛି। ମେଶିନରେ ହାତ ନ ଲଗାଇ କେବଳ ମେଶିନ ତଳେ ହାତ ଦେଖାଇ ଦେଲେ ସାନିଟାଇଜ୍ ଲିକ୍ୟୁଇଡ୍ ହାତରେ ପଡିବ ବୋଲି କ୍ଲବ ସଭାପତି ସୁରେନ୍ଦ୍ରନାଥ ପାଢୀ କହିଛନ୍ତି। ମେଶିନ ପ୍ରତିଷ୍ଠା ସମୟରେ ଆଇଆଇସି ରାମପ୍ରସାଦ ନାଗ, ସୁଶାନ୍ତ ସାମଲ, ଜି. ଶ୍ୟାମବାବୁ ଦୋରା, ଈଶ୍ୱର ରାଓ, ମାଣିକ ଚନ୍ଦ୍ର ଚକ୍ରବର୍ତ୍ତୀ, ଲକ୍ଷ୍ମଣ ସାମଲ, ନବ ସାହୁଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଅସ୍ଥାୟୀ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

**ଜୟପୁର ,୨୪।୬(ଡି.ଏନ.ଏ.)**

କୋରାପୁଟ ଜିଲା ଜୟପୁରର ରାଜାରାଜୁଡ଼ା ସମୟର ରଥଯାତ୍ରା ପରମ୍ପରା ଅନୁଯାୟୀ ଗୁଣ୍ଡିଚାଯାତ୍ରା ପରଦିନ ରଥ ଟଣାଯାଇଥାଏ। ଏହି ପରମ୍ପରା ଅନୁଯାୟୀ ଚଳିତବର୍ଷ କରୋନା ସଂକ୍ରମଣ ଲାଗି ସହରରେ ରଥଯାତ୍ରା ପାଳନ ନ ହୋଇ ମନ୍ଦିର ପରିସରରେ କେବଳ ରୀତିନୀତି ସମ୍ପନ୍ନ ହୋଇଛି। ମନ୍ଦିର ପରିସରରେ ପ୍ରତୀକାତ୍ମକ ସ୍ୱରୂପ ୬ଫୁଟିଆ ରଥ ନିର୍ମାଣ କରାଯାଇ ଟଣାଯାଇଥିଲା। ବଲ୍ଲଭନାରାୟଣ ମନ୍ଦିରଠାରେ ଥିବା ପୁରାତନ ଜଗନ୍ନାଥ ମନ୍ଦିର ପ୍ରଥମ କକ୍ଷକୁ ଅସ୍ଥାୟୀ ଆଡପ ମଣ୍ଡପ କରାଯାଇ ସେଠାକୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବିଜେ କରାଯାଇଛି।



ଆଡପ ମଣ୍ଡପ ସମ୍ମୁଖରେ ତିନିଠାକୁରଙ୍କ ପୂଜାର୍ଚ୍ଚନା ।

ଦୀର୍ଘ ୨୮ ବର୍ଷ ପରେ ପୁରାତନ ମନ୍ଦିରକୁ ଅସ୍ଥାୟୀ ମଣ୍ଡପ ରୂପେ ବ୍ୟବହାର କରାଯାଇଛି। ପୂର୍ବରୁ ବଲ୍ଲଭ ନାରାୟଣ ମନ୍ଦିର ପରିସରରେ ପୁରାତନ ଜଗନ୍ନାଥ ମନ୍ଦିର ଥିଲା। ୧୯୮୫ରେ ନୂତନ ଭାବେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ତିନିଠାକୁର ବଲ୍ଲଭ ନାରାୟଣ ମନ୍ଦିରରୁ ଆସିଥିଲେ। ଅପରାହ୍ନ ସାଢେ ୪ଟାରେ ବିଧାୟକ ତାରାପ୍ରସାଦ ବାହିନୀପତି ରଥ ସମ୍ମୁଖରେ ନଡିଆ ଭାଙ୍ଗିବା ପରେ ପ୍ରତୀକ ରଥଟଣା ଆରମ୍ଭ ହୋଇଥିଲା । ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡି ପହଣ୍ଡିରେ ବଲ୍ଲଭ

### ୨୮ ବର୍ଷ ପରେ ପୁରୁଣା ମନ୍ଦିରରେ ବିଜେ

ନାରାୟଣ ମନ୍ଦିରସ୍ଥିତ ଅସ୍ଥାୟୀ ଆଡପ ମଣ୍ଡପକୁ ନିଆଯାଇଥିଲା। ସେଠାରେ ତିନିଠାକୁରଙ୍କୁ ଆଳତି ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ତହସିଲଦାର ତଥା ଦେବୋତ୍ତର ଅଧିକାରୀ ଅଶ୍ୱିନୀ ମହାପାତ୍ର, ଥାନା ଅଧିକାରୀ ବାଲେଶ୍ୱର ଗିଧି ଅତିରିକ୍ତ ଥାନା ଅଧିକାରୀ ରଘୁନାଥ ମାଝି, ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ, ଉପଦେଷ୍ଟା କମିଟିର ଅଧ୍ୟକ୍ଷ ଲାଲ ମୋହନ ମିଶ୍ର, କମିଟି ସଦସ୍ୟ ଏବଂ କେତେଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ଚିକିତ୍ସା ପରେ ଭିନ୍ନକ୍ଷମ ଶଶୀ ହେଲେ ସକ୍ଷମ

**ଦଶମନ୍ତପୁର,୨୪।୬(ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ଗଦିଖାଲ ଗ୍ରାମର ଗୟା ହୁଇକାଙ୍କ ଭିନ୍ନକ୍ଷମ ଝିଅ ଶଶୀ ହୁଇକା(୧୪) ଚିକିତ୍ସା ପରେ ଏବେ ସେ ଆଶାବାଡି ସହାୟତାରେ ଚଲାବୁଲା କରିପାରୁଛନ୍ତି। ନିକଟରେ ସେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଭତ୍ତା ପାଇଁ ଆବେଦନ କରିଛନ୍ତି। ଏହି ଅବସରରେ ବିଡିଓ ଡମ୍ବରୁଧର ମଲ୍ଲିକ ଶଶୀଙ୍କୁ ଏକ ହ୍ୱିଲ ଚେୟାର ଦେଇଛନ୍ତି।

ଶଶି ଜନ୍ମ ହେବାର ୨ ବର୍ଷ ପରେ ତାଙ୍କ ବାମଗୋଡ଼ର ପାଦଗଣ୍ଠିରେ ଛୋଟ ଏକ ଘା ହୋଇଥିଲା। ସେହି ଘା'ଟି ପାଚି ଫାଟିଯାଇ ଶରୀରରେ ମାଡିବାକୁ ଲାଗିଲା। ଫଳରେ



ଶଶୀଙ୍କୁ ମିଳିଥିବା ହ୍ୱିଲ ଚେୟାର।

ଶଶିଙ୍କ ଦୁଇଟିଯାକ ଗୋଡ଼ ସରୁ ହୋଇଯିବା ସହ ବେକ ଅଚଳ୍ ହୋଇପଡିଲା। ୧୫ ଦିନ ମଧ୍ୟରେ ସେ ପାଲଟି ଗଲେ ଭିନ୍ନକ୍ଷମ। ଅନେକ ଚିକିତ୍ସା କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ସର୍ବଦା ସେ ଶଯ୍ୟାଶାୟୀ ଥିଲେ। ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାକୁ ସାମାଜିକ କର୍ମୀ ଦିବସ କୁମାର ସାହୁ ଟୁଇଟ୍‌କରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରଶାସନକୁ ନିର୍ଦ୍ଦେଶ ପରେ ଶଶୀଙ୍କ ଚିକିତ୍ସା ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ରାଷ୍ଟ୍ରୀୟ ବାଲ୍ ସୁରକ୍ଷା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସକେ)ରେ ମ୍ୟାନେଜର ବିଭୁରଞ୍ଜନ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଶଶିଙ୍କ ପାଖରେ ପହଞ୍ଚି ତାଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଫଳରେ ସେ ଆଶାବାଡି ସହାୟତରେ ଚଲାବୁଲା କରିପାରୁଛନ୍ତି।



ଦାମନଯୋଡି ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ମତ୍ସ୍ୟ ଅବତାର ।

# ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତି ତିଆରି ବନ୍ଦ ଦାବି

**ଜୟପୁର ୨୪।୬ (ନି.ପ୍ର.)**

- କ୍ଷତିଗ୍ରସ୍ତ ହେଉଛନ୍ତି ସ୍ଥାନୀୟ ଚିତ୍ରଶିଳ୍ପୀ, କାରିଗର
- ୨ବର୍ଷ ହେଲା ଅନ୍ୟ ରାଜ୍ୟରୁ ଆସୁଛନ୍ତି ସେମାନେ
- କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ପ୍ଲାଷ୍ଟର ଅଫ୍ ପ୍ୟାରିସ ମୂର୍ତ୍ତି ତିଆରି ବନ୍ଦ କରିବାକୁ ଶନିବାର ଜୟପୁର ଚିତ୍ରକଳା କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ ଜୟପୁର ଉପ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ଉଲ୍ଲେଖ କରାଯାଇଛି ଯେ, ବାହାର ରାଜ୍ୟର ଶିଳ୍ପୀ ପ୍ରତିବର୍ଷ ଗଣେଶପୂଜା ଓ ସରସ୍ୱତୀପୂଜା ସମୟରେ ଜୟପୁର ଆସି ସହରର ଜାତୀୟ ରାଜପଥ କଡରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତି ସହ ଗଣେଶ ଓ ସରସ୍ୱତୀଙ୍କ ମୂର୍ତ୍ତି କରି ବିକ୍ରି କରୁଛନ୍ତି। ଫଳରେ ସ୍ଥାନୀୟ ଚିତ୍ରଶିଳ୍ପୀ କ୍ଷତିଗ୍ରସ୍ତ ହେଉଛନ୍ତି। ଗତ ୨ ବର୍ଷ ଧରି ବାହାର ରାଜ୍ୟର ଏହି ଶିଳ୍ପୀମାନେ ଆସି ଏଠାରେ ଏପରି କାରବାର ଜାରି ରଖିଛନ୍ତି। ସେମାନେ ମୂର୍ତ୍ତିରେ ରସାୟନଯୁକ୍ତ ପଦାର୍ଥ ବ୍ୟବହାରକରି ସ୍ଥାନୀୟ ଅଞ୍ଚଳକୁ ମଧ୍ୟ ପ୍ରଦୂଷିତ କରି ଚାଲିଛନ୍ତି ବୋଲି ଦାବିପତ୍ରରେ ଅଭିଯୋଗ କରାଯାଇଛି। ଆଗକୁ ଗଣେଶପୂଜା, ସରସ୍ୱତୀପୂଜା ଆସୁଛି। ଯଦି ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ଏହି ମୂର୍ତ୍ତିସବୁ ଗଢ଼ାଯାଏ ତେବେ ମାଟିରେ ମୂର୍ତ୍ତି ତିଆରି କରୁଥିବା କାରିଗର ଓ ଚିତ୍ରକରମାନେ ନିଜର ଜୀବିକା ହରାଇବେ । ଆଗୁଆ ପଦକ୍ଷେପ ନେଇ ରୋକ ଲଗାଇବାକୁ ଚିତ୍ରକଳା କମିଟି ଦାବି କରିଛି। ଯଦି ପ୍ରଶାସନ କିଛି ପଦକ୍ଷେପ ନ ନେବ ତେବେ ସ୍ଥାନୀୟ ଶିଳ୍ପୀ ତଥା କଳାକାରମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କମିଟି ସାଧାରଣ ସମ୍ପାଦକ ସୁଦାମ ମହାରଣା, ଗୋପ ସୁନ୍ଦର ପାଣିଗ୍ରାହୀ କହିଛନ୍ତି।

## ବୀରାଙ୍ଗନା ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ

**ମାଲକାନଗିରି,୨୪।୬(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତର ଗରେଇଗୁଡ଼ାଠାରେ ବୁଧବାର ବୀରାଙ୍ଗନା ରାଣୀ ଦୁର୍ଗାବତୀଙ୍କ ବଳିଦାନ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ସମ୍ମାନିତ ଅତିଥି ରୂପେ ସହକାରୀ ଜିଲାପାଳ ଜଗଦୀଶ କାର୍ତ୍ତମୀ ଯୋଗ ଦେଇଥିଲେ। ଜିଲା ଆଦିବାସୀ ସମାଜ ମହାସଂଘ ସଭାପତି ଘନଶ୍ୟାମ ମାଡକାମି, ଉପଦେଷ୍ଟା ଘେନୁ ମୁଦୁଲି, ମୁଖ୍ୟ ସଚେତକ ରବୀନ୍ଦ୍ରନାଥ ମାଡି, ଜିଲା ଆଦିବାସୀ କର୍ମଚାରୀ ସଂଘ ସଭାପତି ମାଡା ମାଡକାମି, ସମ୍ପାଦକ ହରିହର ପଡିଆମଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ବୀରାଙ୍ଗନା ରାଣୀ ଦୁର୍ଗାବତୀ ଜଣେ ନାରୀ ହୋଇ ୫୦୦ ବର୍ଷ ପୂର୍ବରୁ ଆଦିବାସୀଙ୍କ ଭବିଷ୍ୟତ ଚିନ୍ତା କରି ଆସୁଥିଲେ। ସର୍ବଦା ସେ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର, ନାରୀ ନିର୍ଯାତନା, ଶିଶୁ ସୁରକ୍ଷା, ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ପାଇଁ ସଂଗ୍ରାମ କରୁଥିଲେ। ସେ ମଧ୍ୟ ଅନ୍ତର୍ଜାତୀୟ ପାଠକଙ୍କ ପାଇଁ ଅନେକ ଲେଖା ସହଜ ଓ ସରଳ ଭାଷାରେ ଲେଖି ଜନତାଙ୍କୁ ଅବଗତ କରାଉଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

## ସହରର ନାଳନର୍ଦ୍ଦମା ସଫେଇ ନେଇ କଂଗ୍ରେସର ଦାବିପତ୍ର

**ଜୟପୁର,୨୪।୬ (ଡି.ଏନ.ଏ./ନି.ପ୍ର.)**

ଜୟପୁର ପୌରସଂସ୍ଥା ପକ୍ଷରୁ ନାଳନର୍ଦ୍ଦମା ସଫେଇ କରିବା ନେଇ ଟାଉନ କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କୁ ବୁଧବାର ପ୍ରଦାନ କରାଯାଇଛି । ବର୍ଷାଦିନ ପୂର୍ବରୁ ସହରରେ ପୌରସଂସ୍ଥା ପକ୍ଷରୁ ସଫେଇ କାର୍ଯ୍ୟ କରାଯାଉଥିଲା ।ମାତ୍ର ଚଳିତ ବର୍ଷ ଏହି କାର୍ଯ୍ୟ ହୋଇନାହିଁ। ନାଳନର୍ଦ୍ଦମା ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ବର୍ଷା ହେଲେ ଆବର୍ଜନା ପାଣିସାହିଓ ବସ୍ତିର ଘରଗୁଡିକରେ ପ୍ରବେଶ କରୁଛି। ତୁରନ୍ତ ସଫେଇ କରିବାକୁ କଂଗ୍ରେସ ଦାବି କରିଛି। ସ୍ମାରକପତ୍ର ପ୍ରଦାନ ବେଳେ ଟାଉନ କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି, ମହିଳା ସଭାନେତ୍ରୀ ନଳିନୀ ରଥ, କାନ୍ତ ପାଢୀ, ନିହାର ବିଶୋୟୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପୂର୍ବତନ କାଉନସିଲର ବାଦଲ ସାନ୍ତ୍ରାପାତ୍ର, ଯଶପାଲ ସିଂ, ମନୋଜ ବେହେରା ପାଲଟା କଂଗ୍ରେସର ଏପରି ଦାବି ବର୍ଷ ଦିନ ପୂର୍ବରୁ କରିବାର ଥିଲା ବୋଲି କହିଛନ୍ତି।

## ଦୂରସଞ୍ଚାର ନିଗମ ଅସ୍ଥାୟୀ କର୍ମଚାରୀଙ୍କ ବିକ୍ଷୋଭ



**ମାଲକାନଗିରି,୨୪।୬ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଭାରତ ସଞ୍ଚାର ନିଗମ କାର୍ଯ୍ୟାଳୟ ପରିସରରେ ବୁଧବାର ଅସ୍ଥାୟୀ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି। କର୍ମଚାରୀମାନେ ଦୀର୍ଘ ବର୍ଷ ହେଲା ନିଗମରେ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ କରା ନ ଯାଇ ବର୍ତ୍ତମାନ ନିଗମ ଛଟେଇ ପ୍ରକ୍ରିୟା ଆରମ୍ଭ କରିଛି। ଏହାକୁ ଅସ୍ଥାୟୀ କର୍ମଚାରୀମାନେ ବିରୋଧ କରିଛନ୍ତି। ମାଲକାନଗିରି ଜିଲାରେ ଭାରତ ସଞ୍ଚାର ନିଗମରେ ଅସ୍ଥାୟୀ କର୍ମଚାରୀମାନେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ଯଦି ସରକାର ଏହାକୁ ବନ୍ଦ କରିବା ନେଇ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କର୍ମଚାରୀ ପ୍ରମୋଦ କୁମାର ସେଠୀ, ଭିଲିଆନ୍ ଖଣ୍ଡପାଣିଙ୍କ ସହ ଅନ୍ୟମାନେ କହିଛନ୍ତି।

## ରାତି ୮ଟା ଯାଏ ଦୋକାନ ଖୋଲିବାକୁ ଅନୁମତି ମାଗିଲେ ବ୍ୟବସାୟୀ

**ରାୟଗଡ଼ା ଅଫିସ,୨୪।୬:**

କରୋନା ମୁକାବିଲା ପାଇଁ ଲକ୍‌ଡାଉନ୍ ଜାରି ରହିଛି। କାମଧନ୍ଦା ଓ ବ୍ୟବସାୟ ବନ୍ଦ ଯୋଗୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ରାୟଗଡ଼ାର ଜ୍ୟୋତି ମଲ୍ ଏବଂ ରାଣୀଗୁଡ଼ା ଫାର୍ମ ଛକଠାରେ ଉଠା ଦୋକାନ କରି ୬୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ପରିବାର ଚଳାଉଛନ୍ତି। ଲକ୍‌ଡାଉନ୍ ଯୋଗୁ ଏମାନଙ୍କର ଦୀର୍ଘଦିନ ଧରି ବ୍ୟବସାୟ ବନ୍ଦ ଥିଲା। ତେବେ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସନ୍ଧ୍ୟା ୫ଟା ଯାଏ ଦୋକାନ ଖୋଲିବାକୁ ଅନୁମତି ମିଳିଛି। ମାତ୍ର ଏହା ଯଥେଷ୍ଟ ନୁହେଁ, ରାତି ୮ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଅନୁମତି ଦେବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି। ଏନେଇ ସେମାନେ ପୂର୍ବରୁ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଦାବି ପୂରଣ ନ ହେବାରୁ ବୁଧବାର ଭେଟିବାକୁ ଆସିଥିଲେ। ଜିଲାପାଳ ଅନୁପସ୍ଥିତ ଥିବାରୁ ସେମାନେ ପୁଣି ଗୁରୁବାର ଭେଟିବାକୁ ଆସିବେ ବୋଲି କହିଛନ୍ତି। ଦାବି ପୂରଣ ନ ହେଲେ ବ୍ୟବସାୟୀମାନେ ଆତ୍ମାହୂତି ଦେବେ ପ୍ରକାଶ କରିଛନ୍ତି।

## ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

### ରାଶନ ବଣ୍ଟନରେ ଦୁର୍ନୀତି ଅଭିଯୋଗ

**କାଶୀନଗର,୨୪।୬(ଡି.ଏନ୍.ଏ.):**

ଗଜପତି ଜିଲା କାଶୀନଗର ଏନ୍‌ଏସି ଅଧୀନ ୩, ୭ ଓ ୮ ନଂ. ୱାର୍ଡରେ ରାଶନ ବଣ୍ଟନ କ୍ଷେତ୍ରରେ ଅନିୟମିତତା ଏବଂ ଦୁର୍ନୀତି ହୋଇଥିବା ହିତାଧିକାରୀ ଓ ଜନସାଧାରଣ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ବୁଧବାର ପୂର୍ବାହ୍ନରେ ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ କାଶୀନଗର ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୩ ନଂ. ୱାର୍ଡର ଡିଲର୍ କାର୍ଡଧାରୀଙ୍କୁ ନିୟମିତ ରାଶନ ଦେଉ ନାହାନ୍ତି। ଦୁର୍ନୀତି କରି ବିଭିନ୍ନ ଉପାୟରେ କାର୍ଡଧାରୀଙ୍କୁ ହଇରାଣ କରୁଥିବା ହିତାଧିକାରୀମାନେ କହିଛନ୍ତି। ସେହିପରି ୭ ଓ ୮ନଂ. ୱାର୍ଡ ଦାୟିତ୍ୱରେ ଥିବା ଗ୍ରୁପ୍ ବିରୋଧରେ ମଧ୍ୟ ଦୁର୍ନୀତି ଅଭିଯୋଗ କରିବା ସହ ସମ୍ପୃକ୍ତ ଡିଲର ଏବଂ ଗ୍ରୁପ୍‌କୁ ରାଶନ ବଣ୍ଟନ ଦାୟିତ୍ୱରୁ ବହିଷ୍କାର କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଯୋଗାଣ ନିରୀକ୍ଷକ ସଞ୍ଜୟ ମଲ୍ଲିକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ରିପୋର୍ଟ ଦାଖଲ ହୋଇ ନ ଥିବା ଜଣାପଡ଼ିଛି।

## କୁରାଢ଼ି ମାଡ଼ରେ ସ୍ତ୍ରୀ ଜୀବନ ଗଲା: ସ୍ୱାମୀ ଗିରଫ

**ଗୁଣପୁର,୨୪।୬ (ଡି.ଏନ୍.ଏ.)**

ସ୍ୱାମୀଙ୍କ କୁରାଢ଼ି ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତ ଅଧୀନ ରାଇଗଡ଼ା ଗ୍ରାମରେ ମଙ୍ଗଳବାର ରାତିରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଚନ୍ଦ୍ର ଶବର ସ୍ତ୍ରୀ କୁମାରିଙ୍କୁ କୁରାଢ଼ି ସାହାଯ୍ୟରେ ମୁଣ୍ଡକୁ ହାଣିଦେଇଥିବା ଜଣାପଡ଼ିଛି। ଖବର ପାଇ ବୁଧବାର ସକାଳେ ଗୁଣପୁର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ସ୍ୱାମୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ଅପରାହ୍ନରେ ପୋଲିସ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ତଦନ୍ତରୁ ଜଣାପଡ଼ିଛି। ଏ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ଅବଧି ନବୀକରଣ ନେଇ ଦ୍ୱନ୍ଦ୍ୱରେ କର୍ମଚାରୀ

**ନବରଙ୍ଗପୁର,୨୪।୬(ବି.ପ୍ର.)**

 କୋଭିଡ୍ ମୁକାବିଲା ପାଇଁ ନବରଙ୍ଗପୁର ଜିଲାରେ ୩ ମାସ ପାଇଁ ନିଯୁକ୍ତି ପାଇଥିବା କର୍ମଚାରୀ ଅବଧି ନବୀକରଣକୁ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି। ଜିଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ ଆୟୁଷ ଡାକ୍ତର, ୨୦ ଷ୍ଟାଫ୍‌ନର୍ସ, ୭ ଜଣ ଲାବ୍ ଟେକ୍ନିସିଆନ, ୧୫ ଜଣ ଫାର୍ମାସିଷ୍ଟ, ୩୪ ପୁରୁଷ ସ୍ୱାସ୍ଥ୍ୟକର୍ମୀ ୩ ମାସ ପାଇଁ ନିଯୁକ୍ତି ପାଇଛନ୍ତି । ଜୁନ୍ ୩୦ ତାରିଖ ପରେ ଏହି କର୍ମଚାରୀଙ୍କ ଅବଧି ଶେଷ ହେଉଛି । ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର,

### କୋଭିଡ୍ ପାଇଁ ୩ ମାସିଆ ନିଯୁକ୍ତି ପାଇଥିଲେ

ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ମୋବାଇଲ ହେଲ୍‌ଥରେ ନିୟୋଜିତ ରହି କାର୍ଯ୍ୟ କରି ଆସୁଛନ୍ତି । ନିଯୁକ୍ତି ପାଇଥିବା କର୍ମଚାରୀ ଓ ଡାକ୍ତରଙ୍କ ଅବଧି ବଢ଼ିବ ନା ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି । ଅନ୍ୟପକ୍ଷେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରକାରଙ୍କୁ ଅବଧି ବଢ଼ାଇବା ପାଇଁ ଚିଠି ହୋଇଛି । ସରକାରଙ୍କ ନିର୍ଦ୍ଦେଶ ଅପେକ୍ଷାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ରହିଛି।

## ମେଶିନ ଯୋଗେ କାର୍ଯ୍ୟ ହେଉଥିବା ଅଭିଯୋଗ




ଖବରଦାତା ସମ୍ମିଳନୀରେ ଶିଶିର ଗମାଙ୍ଗ ସୂଚନା ଦେଉଛନ୍ତି।

**ଗୁଣପୁର,୨୪।୬(ଡି.ଏନ୍.ଏ.)**

- ଅଧ୍ୟକ୍ଷାଙ୍କ ଇସ୍ତଫା ଦାବି କଲେ ଶିଶିର
- ସ୍ଥାନୀୟ ଲୋକେ କାମ ପାଉନାହାନ୍ତି
- ନିର୍ମାଣ ହୋଇଥିଲା ୧କି.ମି.ରୁ ଊର୍ଦ୍ଧ୍ୱ ମାଟିରାସ୍ତା

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଟିକିରି ପଞ୍ଚାୟତ ଅଧୀନ ତଜଲଠାରମୁଣ୍ଡା ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବତନ ରାଜ୍ୟ ସମ୍ପାଦକ ଶିଶିର ଗମାଙ୍ଗ ଆୟୋଜିତ ଖବରଦାତା ସମ୍ମିଳନୀରେ ଏପରି ଅଭିଯୋଗ କରିଛନ୍ତି। ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହୋଇଥିବା କାର୍ଯ୍ୟରେ ଅନିୟମିତତା ହୋଇଥିବା ସେ କହିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ତଜଲଠାରମୁଣ୍ଡା ପର୍ଯ୍ୟନ୍ତ ଏକ କିମିରୁ ଊର୍ଦ୍ଧ୍ୱ ମାଟିରାସ୍ତା ନିର୍ମାଣ କରାଯାଇଛି। ଏଥିରେ ଶ୍ରମିକଙ୍କୁ ନିୟୋଜିତ କରା ନ ଯାଇ ମେଶିନ ଲଗାଇ କରାଯାଇଛି। ସୋମବାର ଉକ୍ତ ଅଞ୍ଚଳ ଗସ୍ତ ସମୟରେ ଲୋକମାନେ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଗମାଙ୍ଗ କହିଛନ୍ତି। ଏହି କାର୍ଯ୍ୟ ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗଙ୍କ ପଞ୍ଚାୟତ ମଧ୍ୟରେ ହୋଇଛି। ଉକ୍ତ କାର୍ଯ୍ୟରେ ଦୁର୍ନୀତି ହୋଇଛି। ଅଧ୍ୟକ୍ଷା ଏହାର ତଦନ୍ତ କରନ୍ତୁ ନଚେତ୍ ଇସ୍ତଫା ଦିଅନ୍ତୁ ବୋଲି ଗମାଙ୍ଗ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଏମ୍‌ପି ହେମା ଗମାଙ୍ଗ, ଫାଲ୍‌ଗୁନୀ ଶବର, ଗୋପାଳକୃଷ୍ଣ ଦେଓପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବ୍ଲକ ଅଧ୍ୟକ୍ଷାଙ୍କୁ ପଚାରିବାରୁ ସେ କହିଲେ ଯେ, ଏହି ରାସ୍ତା କାର୍ଯ୍ୟରେ କୌଣସି ଦୁର୍ନୀତି ହୋଇନାହିଁ। ମେଶିନରେ ମଧ୍ୟ କାମ ହୋଇ ନ ଥିବା ସେ କହିଥିଲେ।

## ଗଜପତିରେ ପୁଣି ୭୬ କରୋନା ପଜିଟିଭ

**ପାରଳାଖେମୁଣ୍ଡି,୨୪।୬(ସ୍ୱ.ପ୍ର.)**

ଗଜପତି ଜିଲାରେ ବୁଧବାର ୭୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଆର୍.ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ୭୬ ଜଣଙ୍କୁ ମିଶାଇ ବର୍ତ୍ତମାନ ଗଜପତିରେ ୩୫୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନୂତନ ଭାବେ ଚିହ୍ନଟ ହୋଇଥିବା ୭୬ଜଣଙ୍କ ମଧ୍ୟରୁ ତାମିଲନାଡୁରୁ ୨୩ଜଣ, ଆନ୍ଧ୍ରପ୍ରଦେଶରୁ ୧୬, ତେଲଙ୍ଗାନାରୁ ୨୮ ଓ ତ୍ରିପୁରାରୁ ଜଣେ ପ୍ରବାସୀ ଗଜପତି ଜିଲାକୁ ଫେରିଥିଲେ । ସେମାନଙ୍କ ସହ ୮ଜଣ କଣ୍ଟେନମେଣ୍ଟ ଜୋନ୍‌ରୁ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ବୋଲି ଜିଲାପାଳ ଅନୁପମ ସାହା ଏକ ଭିଡିଓ ବାର୍ତ୍ତାରେ ଜଣାଇଛନ୍ତି ।

## ମହିଳାଙ୍କ ମୃତଦେହ ଉଦ୍ଧାର

**ଜୟପୁର,୨୪।୬ (ନି.ପ୍ର.)**

ଜୟପୁର ଟାଉନଥାନା ପୋଲିସ ବୁଧବାର ଜାତୀୟ ରାଜପଥ-୨୬ର ଖ୍ରୀଷ୍ଟିଆନ ପେଟା ଛକଠାରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ପ୍ରତିଦିନ ମହିଳା ଜଣକ ଆଖପାଖ ଅଞ୍ଚଳରେ ଭିକ୍ଷାବୃତ୍ତି କରି ଚଳୁଥିଲେ। ସକାଳେ ସେ ଖ୍ରୀଷ୍ଟିଆନ ପେଟା ଛକ ନିକଟରେ ବସି ରହିଥିଲେ। ସନ୍ଧ୍ୟାରେ ପ୍ରବଳ ବର୍ଷା ହେବାରୁ ବର୍ଷାରେ ଭିଜି ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ନିମ୍ନମାନର ପୋଲ ନିର୍ମାଣ, ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ରାୟଗଡ଼ା ଅଫିସ,୨୪।୬:**

ରାୟଗଡ଼ା ଜିଲା କେରେଡ଼ା ପଞ୍ଚାୟତ ଅନ୍ତର୍ଗତ ହାଟ ଶେଷଖାଲ ଓ ଖିଲିମିସଗୁଡ଼ା ଗ୍ରାମ ମଧ୍ୟରେ ସଂଯୋଗ ପାଇଁ ନାଗାବଳୀ ନଦୀ ଉପରେ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି କାର୍ଯ୍ୟ ନିମ୍ନମାନର କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ କାମ କରାଯାଉ ନ ଥିବା ସେମାନେ କହିଛନ୍ତି। ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ସେମାନେ କହିଛନ୍ତି। ପରେ ଗ୍ରାମବାସୀ ଏ ନେଇ ଡେମୋକ୍ରାଟିକ୍ ୟୁଥ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଡିୱାଇଏଫ୍‌ଆଇ)ର



ହୋଇଥିବା ନିମ୍ନମାନର କାର୍ଯ୍ୟ ।

ଜିଲା ଆବାହକ ଦୋରା କଣ୍ଡାଗରିଙ୍କୁ ଜଣାଇଥିଲେ। ବୁଧବାର ଗ୍ରାମବାସୀ ଏବଂ କଣ୍ଡାଗରି ମିଳିତଭାବେ ଜିଲାପାଳଙ୍କୁ ଭେଟି ଜଣାଇବା ସହ ନିର୍ମାଣ କାର୍ଯ୍ୟର ତଦନ୍ତ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ପୋଲ ନିର୍ମାଣ ହେଲେ ପ୍ରାୟ ୧୨ ଖଣ୍ଡ ଗ୍ରାମର ଲୋକ ଉପକୃତ ହେବେ। କିନ୍ତୁ ନିମ୍ନମାନର କାମ ଯୋଗୁ ପୋଲ ଭୁଶୁଡ଼ିପଡ଼ିବା ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଜୁନ୍ ୨୫/୨୦୨୦ Thursday, June 25/2020

## ସଂକ୍ଷେପରେ

### ୩୩ ବର୍ଷରେ ମେସି

**ନୂଆଦିଲ୍ଲୀ,୨୪।୬:** ଫୁଟବଲ ସୁପରଷ୍ଟାର ତଥା ଆର୍ଜେଣ୍ଟିନା ଷ୍ଟ୍ରାଇକର ଲିଓନେଲ ମେସି ବୁଧବାର ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ମାତ୍ର ୧୭ ବର୍ଷ, ୩ ମାସ ଓ ୨୨ ଦିନରେ ମେସି ବାର୍ସିଲୋନ ପାଇଁ ପଦାର୍ପଣ କରିବାରୁ ସୁଯୋଗ ପାଇଥିଲେ। ୨୦୦୪-୦୫ ସେସନରେ ମେସି ବାର୍ସିଲୋନା ବି' ଟିମ୍‌ରେ ସାମିଲ ହେବାକୁ ପ୍ରମୋଶନ ପାଇଥିଲେ। ଏଫସି ବାର୍ସିଲୋନା ତରଫରୁ ସେ ପ୍ରଥମଥର ପାଇଁ ଲା ଲିଗା ଖେଳି ଲିଗ୍ ପଦାର୍ପଣ କରିଥିଲେ। ଏସ୍ପାନ୍ୟୋଲ ତରଫରୁ ଏହି ମ୍ୟାଚ୍ ଖେଳିଥିଲେ। ସର୍ବକନିଷ୍ଠ ଖେଳାଳିଭାବେ ସେ ବାର୍ସିଲୋନା ଫାର୍ଷ୍ଟ ଦଳ ତରଫରୁ କୌଣସି ଅଫିସିଆଲ ମ୍ୟାଚ୍ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାର୍ସିଲୋନା ତରଫରୁ ପ୍ରତିନିଧିତ୍ୱ କରି ମେସି ୧୦ଟି ଲା ଲିଗା ଟାଇଟଲ ହାସଲ କରିଛନ୍ତି। ଆର୍ଜେଣ୍ଟିନାର ରୋସାରିଓରେ ୧୯୮୭ ଜୁନ୍ ୨୪ ତାରିଖରେ ଜନ୍ମଗ୍ରହଣ କରିଥିଲେ। ବିଶ୍ୱ ଅନ୍ୟତମ ଶ୍ରେଷ୍ଠ ଫୁଟବଲର ଭାବେ ପରିଗଣିତ ହେଉଥିବା ମେସି ୨୦୦୫ରେ ଅଲବାସେଟେ ବିପକ୍ଷରେ ସିନିୟର ବାର୍ସିଲୋନା ଦଳ ପାଇଁ ପ୍ରଥମ ଗୋଲ ସ୍କୋର କରିଥିଲେ। ୧୦ଟି ଲା ଲିଗା ଟାଇଟଲକୁ ବାଦ୍ ଦେଲେ ମେସି ୪ଟି ୟୁଇଏଫ୍ଏ ଚାମ୍ପିୟନ୍ସ ଲିଗ୍ ଓ ୬ଟି କୋପା ଡେଲ ରେ ଟାଇଟଲ ମଧ ଜିତିଛନ୍ତି। ଲା ଲିଗାରେ ସେ ସର୍ବାଧିକ ୩୬ଟି ହ୍ୟାଟ୍ରିକ୍ ଗୋଲ ସ୍କୋର କରିଛନ୍ତି। ନିଜର ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ବାର୍ସିଲୋନା ତରଫରୁ ସେ ଏପର୍ଯ୍ୟନ୍ତ ୭୨୨ଟି ମ୍ୟାଚ୍ ଖେଳି ୬୨୯ ଗୋଲ ସ୍କୋର କରିଛନ୍ତି।

# 'ଓଡ଼ିଶା ଏଫ୍‌ସି'ରେ ଓଡ଼ିଆଙ୍କୁ ଉପେକ୍ଷା

**କଟକ ଅଫିସ,୨୪।୬**

ଦେଶର ଏକ ପ୍ରମୁଖ ଫୁଟବଲ କ୍ଲବ ଭାବେ ପରିଚୟ ପାଇଛି 'ଓଡ଼ିଶା ଏଫ୍‌ସି'। ପେସାଦାର ଲିଗ୍ ଆଇଏସ୍ଏଲ ଟୁର୍ନାମେଣ୍ଟରେ ଏହି କ୍ଲବର ସ୍ଥାନ ମଧ ସ୍ୱତନ୍ତ୍ର। ହେଲେ ଓଡ଼ିଶାର ନାମକୁ ବ୍ୟବହାର ଓ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଭେନ୍ୟୁ ଭାବେ ବ୍ୟବହାର କରୁଥିବା ଏହି କ୍ଲବରେ ରାଜ୍ୟ ପ୍ରତିଭାଙ୍କୁ ଦେଖିବାକୁ ମିଳୁନାହିଁ। ଲଗାତର ଭାବେ ଓଡ଼ିଶା ଖେଳାଳିଙ୍କୁ ଉପେକ୍ଷା କରାଯାଉଛି ବୋଲି ରାଜ୍ୟର ଅନେକ ଫୁଟବଲ ଖେଳାଳି ଅଭିଯୋଗ କରିଛନ୍ତି। ଆଗାମୀ ସଂସ୍କରଣ ନିମନ୍ତେ ଓଡ଼ିଶା ଏଫ୍‌ସି ପ୍ରସ୍ତୁତି ଆରମ୍ଭ କରି ସାରିଲାଣି । ତଥାପି, ରାଜ୍ୟର ପ୍ରତିଭାବାନ ଖେଳାଳିଙ୍କ ପ୍ରତି ଦୃଷ୍ଟି ଦିଆଯାଉ ନଥିବା ଅଭିଯୋଗରେ ଦର୍ଶାଯାଇଛି।

ଭାରତର ପ୍ରମୁଖ ଫୁଟବଲ କ୍ଲବ ଗୁଡ଼ିକରେ ଓଡ଼ିଆ ଖେଳାଳିଙ୍କର ଦବ୍‌ଦବା ରହିଥିଲା। ଏହି ଉଦାହରଣର ତାଲିକା ମଧ ଖୁବ ଲମ୍ବା। ରାଜ୍ୟର ଅନେକ ଖେଳାଳି ପୂର୍ବରୁ ଦେଶର ପ୍ରମୁଖ ଫୁଟବଲ କ୍ଲବ ଗୁଡ଼ିକରୁ ପ୍ରତିନିଧିତ୍ୱ କରିଛନ୍ତି। ଆର୍.ପି ସିଂ, ଭବାନୀ ମହାନ୍ତି ମୋହନ ବାଗନରୁ, ଅକ୍ଷୟ ଦାସ, ଗୋପବନ୍ଧୁ ସାହୁ ଇଷ୍ଟ ବେଙ୍ଗଲରୁ, ସେଖ୍ ମନଜୁର, ଇମ୍ରାନ ମହମ୍ମଡାନ ସ୍ପୋର୍ଟିଂରୁ, ରାକେଶ ଓରାମ ମୁମ୍ବାଇ ସିଟି ଏଫସିରୁ, ସେହନବାଜ ଚେନ୍ନାଇ ସିଟି ଏଫ୍‌ସିରୁ, ସରୋଜ ପ୍ରଧାନ ରୟାଲ ୱାଙ୍ଗଡୋହ ଏଫ୍‌ସିରୁ, ଚନ୍ଦ୍ରମୟ ଶେଖର ବେହେରା ସାଲଗାଓକାର ଏଫସିରୁ, ନିପେନ୍ଦ୍ର କୁମାର ଦାସ ଭାରତୀ ସଂଘରୁ, ପଙ୍କଜ ସୋନା ଚର୍ଚ୍ଚିଲ ଏଫ୍‌ସିରୁ, ବାଜି ହେମ୍ବ୍ରମ ମହମ୍ମଡାନ ସ୍ପୋର୍ଟିଂରୁ ପ୍ରତିନିଧିତ୍ୱ କରିଛନ୍ତି । ଆହୁରି ଅନ୍ୟ କିଛି ପ୍ରତିଭାବାନ ଖେଳାଳି ମଧ ବିଭିନ୍ନ କ୍ଲବରୁ ପେସାଦାର ଫୁଟବଲ ଟୁର୍ନାମେଣ୍ଟରେ ଭାଗ ନେଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶା ଏଫ୍‌ସି ଗଠନ ହେବା ପରେ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲା। ଇତି ମଧ୍ୟରେ ଗୋଟିଏ ବର୍ଷ ବିତି ସାରିଲାଣି । ହେଲେ ଓଡ଼ିଆ ପ୍ରତିଭାମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉନି ବୋଲି ଅଭିଯୋଗ ହେଉଛି। ୨୦୧୪ ମସିହା ଜୁଲାଇ ୧୬ରେ ଆରମ୍ଭ ହୋଇଥିବା ଏହି କ୍ଲବର ନାମ ଥିଲା ଦିଲ୍ଲୀ ଡାଇନାମସ୍। ଏବେ ଓଡ଼ିଶା ନାମରେ ନାମିତ ହୋଇଥିବା ଏହି କ୍ଲବରେ ଓଡ଼ିଶାର ପ୍ରତିଭାଙ୍କୁ ସୁଯୋଗ ଦେବାକୁ ଦାବି ହେଉଛି।

ଜଣେ ପୂର୍ବତନ ଫୁଟବଲ ଖେଳାଳି ନିଜ ନାମ ଗୋପନ ରଖି କହିଛନ୍ତି, ଏବେ ଓଡ଼ିଶା ଏଫ୍‌ସି କ୍ଲବରେ ଯେଉଁ ଦୁଇଜଣ ଓଡ଼ିଆ ଖେଳାଳି ଅଛନ୍ତି ବୋଲି ଆମେ ଗର୍ବ ଅନୁଭବ କରୁଛେ ସେମାନେ କେବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ନାହାନ୍ତି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାର ପ୍ରଦର୍ଶନ ଜାତୀୟ ଟୁର୍ନାମେଣ୍ଟ ଗୁଡ଼ିକରେ ପ୍ରଭାବଶାଳୀ ରହିଛି । ବିଶେଷକରି ଯୁବ ଖେଳାଳିମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ତଥାପି ସେମାନଙ୍କୁ କାହିଁକି କ୍ଲବରେ ସାମିଲ କରାଯାଉନାହିଁ ତାହା ସମସ୍ତଙ୍କୁ ବିସ୍ମିତ କରୁଛି ବୋଲି ସେ ପ୍ରକାଶ କରିଛନ୍ତି।

### ସାମିଲ ହେଲେ ଆଇଜାକ୍, ପଲ

ଓଡ଼ିଶା ଏଫ୍‌ସିରେ ଦୁଇ ଯୁବ ତାରକାଙ୍କୁ ଚୁକ୍ତି ଭିତ୍ତିରେ ବୁଧବାର ସାମିଲ କରାଯାଇଛି। ଏମାନେ ହେଲେ ଭି.ଆଇଜାକ୍ ଓ ଆର୍. ପଲ୍। ଉଭୟ ଆଇଜାକ୍ ଓ ପଲ ଗତ ଆଇଏସ୍ଏଲ୍ ସଂସ୍କରଣରେ ଆଇଜଲ୍ ଏଫ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ୨୧ବର୍ଷୀୟ ପଲ ମିଜୋରାମରେ ଜନ୍ମ ଗ୍ରହଣ କରିଛନ୍ତି। ଏହି ଦକ୍ଷ ମିଡ୍‌ଫିଲ୍ଡର ଜଣଙ୍କ ଆଇଜଲ ଏଫ୍‌ସି ସିନିୟର ଓ ୧୮ବର୍ଷରୁ କମ୍ ଦଳରୁ ଖେଳିଛନ୍ତି। ତାଙ୍କୁ ୩ ବର୍ଷ ନିମନ୍ତେ ଚୁକ୍ତିରେ ଅଣାଯାଇଛି। ୧୯ବର୍ଷୀୟ ଆଇଜାକ ଆଗାମୀ ୪ବର୍ଷ ଧରି ଓଡ଼ିଶା ଏଫ୍‌ସି କ୍ଲବରୁ ଦେଖିବାକୁ ମିଳିବେ। ବେଙ୍ଗାଲୁରୁରେ ଜନ୍ମିତ ଏହି ୱିଙ୍ଗର ଜଣଙ୍କ ବେଙ୍ଗାଲୁରୁ ଏଫ୍‌ସି ୧୮ବର୍ଷରୁ କମ୍ ଦଳରୁ ମଧ ଖେଳିଛନ୍ତି।


ଭି.ଆଇଜାକ୍


ଆର୍. ପଲ୍

### ଯୁଥ୍ ଲିଗ୍‌ରେ ସୁଯୋଗ ରହିଛି

ଓଡ଼ିଶା ଏଫସି ପକ୍ଷରୁ ଯୁବ ପ୍ରତିଭା ବାଛିବା ପାଇଁ ରାଜ୍ୟରେ ୪ଥର ସ୍କାଉଟିଂ କ୍ୟାମ୍ପ ଆୟୋଜିତ ହୋଇଛି। କଟକ ଓ ରାଉରକେଲାରେ ଥରେ ଲେଖାଏ ଓ ଭୁବନେଶ୍ୱରରେ ୨ଥର ଏହି କ୍ୟାମ୍ପ କରାଯାଇଛି । ତେଣୁ ଆଗାମୀ ଦିନରେ ହେବାକୁ ଥିବା ଯୁଥ ଲିଗ୍‌ରେ କିଛି ଓଡ଼ିଆ ମୁହଁ ଓଡ଼ିଶା ଏଫ୍‌ସିରୁ ଦେଖିବାକୁ ମିଳିବେ ବୋଲି ଆଶା କରାଯାଉଛି।

# ଜୋକୋଭିଚ୍‌ଙ୍କୁ ସମାଲୋଚନା

**ବେଲଗ୍ରେଡ, ୨୪।୬:** ବିଶ୍ୱର ନମ୍ବରଓ୍ୱାନ ଟେନିସ ତାରକା ନୋଭାକ ଜୋକୋଭିଚ୍ ଏବେ ବିଭିନ୍ନ ମହଲରୁ ସମାଲୋଚନାର ଶିକାର ହେବାରେ ଲାଗିଛନ୍ତି। ସେ ଆଡ୍ରିଆ ଟୁର୍ ଟେନିସ ଟୁର୍ନାମେଣ୍ଟ ଆୟୋଜନ କରିବାରୁ ଅଧିକ ଖେଳାଳି କରୋନା ଭାଇରସରେ ସଂକ୍ରମିତ ହେଲେ ବୋଲି କୁହାଯାଇଛି। ଏକାଧିକ ଟୁଇଟ କରି ଜୋକୋଭିଚ୍‌ଙ୍କୁ ଦାୟିତ୍ୱହୀନ କହିବା ସହ ତୀବ୍ର ସମାଲୋଚନା କରିଛନ୍ତି ନିକ୍ କିର୍ଗିଓସ। ଆଡ୍ରିଆ ଟୁର୍‌ରେ ଭାଗ ନେଇଥିବା ବିଶ୍ୱର କେତେକ ଖେଳାଳି ଗତ କିଛି ଦିନ ମଧ୍ୟରେ କରୋନାରେ ସଂକ୍ରମିତ ହୋଇଛନ୍ତି। ଭିଡିଓରୁ ଦେଖା ଯାଉଛି ଯେ ଟୁର୍ନାମେଣ୍ଟ ସମୟରେ ସାମାଜିକ ଦୂରତ୍ୱ ରଖାଯାଇ ନ ଥିଲା। ଭେନ୍ୟୁରେ ଦର୍ଶକ ମଧ ଭରପୂର ଥିଲେ। ଖେଳାଳିମାନେ ନାଇଟକ୍ଲବ ଏବଂ ବାସ୍କେଟବଲ୍ କୋର୍ଟକୁ ମଧ ଯାଇଥିଲେ। ବ୍ରିଟେନ ଟେନିସ ତାରକା ଆଣ୍ଡି ମୁରେ ମଧ ଜୋକୋଭିଚ୍‌ଙ୍କୁ ସମାଲୋଚନା ତାଲିକାରେ ସାମିଲ ହୋଇଛନ୍ତି। ଏହା ଟେନିସର ଭାବମୂର୍ତ୍ତିରେ ଆଞ୍ଚ ଆଣିଛି ବୋଲି ସେ କହିଛନ୍ତି। ମୁରେ ଗତ ମଙ୍ଗଳବାର ଲଣ୍ଡନରେ ଏକ ପ୍ରଦର୍ଶନ ଟୁର୍ନାମେଣ୍ଟ ଖେଳିବା ସହ ଟେନିସ କୋର୍ଟକୁ ଓହ୍ଲାଇଛନ୍ତି। ସେଠାରେ ସରକାରଙ୍କ ସମସ୍ତ ନୀତିନିୟମ ପାଳନ କରାଯାଉଛି। ''କେତେ ଲୋକ ପଜିଟିଭ୍ ଆସିଲେ ସେଥିରେ ମୁଁ ବିସ୍ମିତ ନୁହେଁ, ଖେଳାଳିମାନେ ଯେପରି ପାର୍ଟିରେ ଯୋଗଦେଲେ ଏବଂ ସାମାଜିକ ଦୂରତ୍ୱ ନିୟମକୁ ଉଲଂଘନ କରାଗଲା ତାହା ଠିକ୍ ନୁହେଁ'' ବୋଲି ମୁରେ କହିଛନ୍ତି। ନାଓମି ଓସାକା, ଟେନିସ କିମ୍ବଦନ୍ତୀ ମାର୍ଟିନା ନାଭ୍ରାତିଲୋଭା ମଧ ଖେଳାଳିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜୋକୋଭିଚ୍, ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ୩ ଖେଳାଳି କରୋନା ଭାଇରସରେ ସଂକ୍ରମିତ ହୋଇଛନ୍ତି ।



### ଦୁଃଖ ପ୍ରକାଶ କଲେ ନୋଭାକ୍

ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଜୋକୋଭିଚ୍। ମୁଁ ଏବଂ ଆୟୋଜକମାନେ ମିଶି ଯାହା କରିଛୁ ତାହା ଭୁଲ ଥିଲା ବୋଲି ସେ କହିଛନ୍ତି। ବେଲଗ୍ରେଡ ଓ ଚଦାରରେ ଅନୁଷ୍ଠିତ ଟୁର୍ନାମେଣ୍ଟର ମ୍ୟାଚ ସମୟରେ ପ୍ରତିଦିନ ୪୦୦୦ ଦର୍ଶକ ଭେନ୍ୟୁରେ ଉପସ୍ଥିତ ହେଉଥିଲେ। ଆଡ୍ରିଆ ଟୁର୍ ଟେନିସ ଟୁର୍ନାମେଣ୍ଟକୁ ଉପଭୋଗ କରିଥିବା ଦର୍ଶକମାନଙ୍କୁ ସେ କରୋନା ଟେଷ୍ଟ କରାଇବା ପାଇଁ ଅନୁରୋଧ କରିଛନ୍ତି।

# ସଚିନଙ୍କୁ ପଛରେ ପକାଇଲେ ଦ୍ରାବିଡ


ସଚିନ ତେନ୍ଦୁଲକର ଓ ରାହୁଲ ଦ୍ରାବିଡ୍।

- ଭାରତର ସର୍ବୋତ୍ତମ ଟେଷ୍ଟ ବ୍ୟାଟ୍ସମ୍ୟାନ ପାଇଁ ଭୋଟିଂ
- ୱିଜଡେନ ପକ୍ଷରୁ ହୋଇଥିଲା ଅନ୍‌ଲାଇନ୍ ପୋଲ୍
- କୋହଲିଙ୍କୁ ହରାଇ ଗାଭାସ୍କର ତୃତୀୟ

**ନୂଆଦିଲ୍ଲୀ, ୨୪।୬**

କିଏ ଭାରତର ସର୍ବୋତ୍ତମ ଟେଷ୍ଟ ବ୍ୟାଟ୍ସମ୍ୟାନ, ଏହାକୁ ନେଇ ଅନେକ ସମୟରେ ବିତର୍କ ରହି ଆସିଛି। ଗତ ୫୦ ବର୍ଷର ଭାରତୀୟ ଟେଷ୍ଟ କ୍ରିକେଟକୁ ନେଇ ନିକଟରେ ୱିଜଡେନ ଇଣ୍ଡିଆ ପକ୍ଷରୁ ଏକ ଅନ୍‌ଲାଇନ୍ ପୋଲ୍ କରାଯାଇଥିଲା। ଭୋଟିଂରେ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ 'ଦି ୱାଲ୍' ରାହୁଲ ଦ୍ରାବିଡ ଭାରତର ସର୍ବୋତ୍ତମ ଟେଷ୍ଟ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଛନ୍ତି। ଫେସବୁକ୍ ମାଧ୍ୟମରେ ହୋଇଥିବା ଏହି ଭୋଟିଂର ଅନ୍ତିମ ଚରଣ ମୁକାବିଲା ଦୁଇ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ହୋଇଥିଲା। ଏଥିରେ ୧୧୪୦୦ ପ୍ରଶଂସକ ଭାଗ ନେଇଥିଲେ। ଦ୍ରାବିଡ୍ ପ୍ରଥମେ ପଛରେ ପଡ଼ିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ଅଳ୍ପ ଭୋଟରେ ସଚିନଙ୍କୁ ପରାସ୍ତ କରିଥିଲେ। ଦ୍ରାବିଡଙ୍କୁ ୫୨ ପ୍ରତିଶତ ଭୋଟ ମିଳିଥିବା ୱିଜଡେନ ସୂତ୍ରରୁ ପ୍ରକାଶ। ୧୯୯୬ରୁ ୨୦୧୧ ମଧ୍ୟରେ ଦ୍ରାବିଡ ୧୬୪ଟି ଟେଷ୍ଟ ଖେଳି ୧୩୨୮୮ ରନ ସ୍କୋର କରିଥିଲେ। ତାଙ୍କ ଆଭରେଜ ଥିଲା ୫୨.୩୧। ଅନ୍ୟପକ୍ଷରେ ସଚିନ ୧୯୮୯ରୁ ୨୦୧୩ ମଧ୍ୟରେ ୨୦୦ ଟେଷ୍ଟ ଖେଳି ୫୩.୭୮ ଆଭରେଜରେ ୧୫୯୨୧ ରନ ସ୍କୋର କରିଥିଲେ। ଦ୍ରାବିଡ ୩୬ ତୁଳନାରେ ସଚିନ ୫୧ଟି ଟେଷ୍ଟ ଶତକ ହାସଲ କରିଥିଲେ।

ପରିସଂଖ୍ୟାନ ଦୃଷ୍ଟିରୁ ସଚିନ ବହୁ ଆଗରେ ରହିଛନ୍ତି। ମାତ୍ର ୩ ନମ୍ବର ସ୍ଥାନରେ ଆସି ଭାରତକୁ ଅନେକ ସମୟରେ ବିପଦ ସ୍ଥିତିରୁ ଉଦ୍ଧାର କରିଥିବା ଦ୍ରାବିଡ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି। ଶୀଘ୍ର ଉଇକେଟ ପଡ଼ିଯିବା ସ୍ଥିତିରେ ଦ୍ରାବିଡ ଅନେକ ଥର ଭାରତକୁ ସଙ୍କଟରୁ ମୁକୁଳାଇଛନ୍ତି। ବିଦେଶ ମାଟିରେ ଦ୍ରାବିଡ ୯୪ଟି ଟେଷ୍ଟ ଖେଳି ୫୩.୦୩ ଆଭରେଜରେ ୭୬୯୦ ରନ ସଂଗ୍ରହ କରିଛନ୍ତି। ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜରେ ସେ ୬୪ଟି ଟେଷ୍ଟ ଖେଳି ୫୨.୦୦ ଆଭରେଜ ରଖି ପାରିଛନ୍ତି। ସଚିନ ବିଦେଶ ମାଟିରେ ୧୦୬ ଟେଷ୍ଟ ଖେଳି ୫୪.୭୪ ଆଭରେଜରେ ୮୭୦୫ ରନ କରିଛନ୍ତି। ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜରେ ୫୬ଟି ଟେଷ୍ଟରୁ ତାଙ୍କ ଆଭରେଜ ହେଉଛି ୪୯.୭୯। ୧୬ ଜଣ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ନେଇ ଏହି ଭୋଟିଂ ଅନୁଷ୍ଠିତ ହୋଇଥିଲା। ସଚିନ, ଦ୍ରାବିଡ, ସୁନୀଲ ଗାଭାସ୍କର ଓ ବିରାଟ କୋହଲି ଅନ୍ତିମ ୪ ମଧ୍ୟରେ ସ୍ଥାନ ପାଇଥିଲେ। ସେମିଫାଇନାଲର ରୂପ ନେଇଥିବା ଏହି ପର୍ଯ୍ୟାୟରେ ଗାଭାସ୍କରଙ୍କୁ ହରାଇ ଦ୍ରାବିଡ ଓ କୋହଲିଙ୍କୁ ହରାଇ ସଚିନ ଫାଇନାଲରେ ପ୍ରବେଶ କରିଥିଲେ। ଦୁଇ ପରାଜିତ ବ୍ୟାଟ୍ସମ୍ୟାନ ଗାଭାସ୍କର ଓ କୋହଲିଙ୍କ ମଧ୍ୟରେ ପୁଲ୍ ହୋଇଥିଲା। ପ୍ଲେ-ଅଫ୍ ଭୋଟିଂରେ କୋହଲିଙ୍କୁ ଅଳ୍ପ ବ୍ୟବଧାନରେ ପଛରେ ପକାଇ ଗାଭାସ୍କର ତୃତୀୟ ସ୍ଥାନ ହାସଲ କରିଥିଲେ।

### ଟ୍ରେନିଂକୁ ଫେରିଲେ ଈଶାନ୍ତ

**ନୂଆଦିଲ୍ଲୀ,୨୪।୬:** କରୋନା ପାଇଁ ୩ ମାସ ପରେ ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା ଟ୍ରେନିଂକୁ ଫେରିଛନ୍ତି। ମଙ୍ଗଳବାର ଏ ନେଇ ସେ ନିଜ ଇନ୍‌ଷ୍ଟଗ୍ରାମ୍ ଆକାଉଣ୍ଟରେ ଫଟୋ ଓ ଭିଡିଓ ପୋଷ୍ଟ କରିଛନ୍ତି। କେତୋଟି ବେସିକ୍ ଟ୍ରେନିଂ କରିବା ସହ ସେ ୱାର୍ମ ଅପ୍ ଡ୍ରିଲ୍ କରିଥିଲେ। ପୂର୍ବରୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ମଧ ଟ୍ରେନିଂକୁ ଫେରିବା ନେଇ ସୂଚନା ଦେଇଥିଲେ। ଈଶାନ୍ତ ଭାରତ ପାଇଁ ୯୭ ଟେଷ୍ଟ ଖେଳି ୨୯୭ ଉଇକେଟ ହାସଲ କରିଛନ୍ତି।

# ସାକିବଙ୍କ ଅବସୋସ

**ନୂଆଦିଲ୍ଲୀ,୨୪।୬(ପି.ଟି.):** ନିଜର ମୂର୍ଖତାପୂର୍ଣ୍ଣ ତ୍ରୁଟି ପାଇଁ ବାଂଲାଦେଶ ତାରକା ଅଲରାଉଣ୍ଡର ସାକିବ ଅଲ ହାସନ ଅବଶୋସ ଜାହିର କରିଛନ୍ତି। ଜଣେ ଭାରତୀୟ ବୁକି ତାଙ୍କୁ ଦୁର୍ନୀତି କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ସେ ଏହାକୁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)କୁ ନ ଜଣାଇ ଭୁଲ କରିଥିଲେ। ଯାହା ଫଳରେ ତାଙ୍କୁ ଗୋଟିଏ ବର୍ଷ ବାସନ୍ଦର ସମ୍ମୁଖୀନ ହେବାକୁ ପଡିଛି ବୋଲି ସାକିବ କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅବସରରେ ତାଙ୍କୁ ଦୀପକ ଅଗ୍ରୱାଲ ନାମକ ଜଣେ ବୁକି ଦୁର୍ନୀତି ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ ସେ ଏ ନେଇ ଆଇସିସିକୁ ଅବଗତ କରାଇ ନ ଥିଲେ। ଫଳରେ ତାଙ୍କୁ ବାସନ୍ଦ କରାଯାଇଥିଲା। ବୁକି ଦେଇଥିବା ପ୍ରସ୍ତାବକୁ ହାଲୁକା ଭାବେ ଗ୍ରହଣ କରିଥିଲି। ଦୁର୍ନୀତି ନିବାରଣର ଜଣେ କର୍ମଚାରୀଙ୍କୁ ଏ ନେଇ ସବୁ କହିଥିଲି ଓ ସେ ମଧ ସବୁ ଜାଣିଥିଲେ ବୋଲି 'କ୍ରିକ୍‌ବଜ୍ ଇନ୍ କନଭର୍ସେସନ'ରେ ସାକିବ୍ ହର୍ଷ ଭୋଗ୍‌ଲେଙ୍କୁ କହିଥିଲେ।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ